THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

♦VOLUME- 43 ♦ISSUE-212 ♦WEDNESDAY ♦28 JANUARY 2026 ♦PAGE-12 ♦₹ 7.00

SAMBALPUR

♦ବର୍ଷ-୪୩ ♦ସଂଖ୍ୟା-୨୧୨ ♦ବୁଧବାର ♦୨୮ ଜାନୁଆରୀ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦




କଳିଙ୍ଗ ଲାନ୍ସର୍ସ ଚାମ୍ପିଅନ୍

▶ପୃଷ୍ଠା ୧୨ ଦେଖନ୍ତୁ...

# ଆଜିଠାରୁ ସଂସଦର ବଜେଟ ଅଧିବେଶନ

■ ନୂଆଦିଲ୍ଲୀ, ୨୭।୧ (ଏଜେନ୍ସି): ଆସନ୍ତାକାଲି ସଂସଦର ବଜେଟ ଅଧିବେଶନ ଆରମ୍ଭ ହେବାକୁ ଯାଉଛି । ଏପ୍ରିଲ ୨ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଧିବେଶନରେ ଆସନ୍ତା ଫେବ୍ରୁଆରୀ ପହିଲାରେ ସରକାର ୨୦୨୬-୨୭ ବର୍ଷ ଲାଗି ବଜେଟ ଉପସ୍ଥାପନ କରିବେ । ସଂସଦର ଉଭୟ ଗୃହର ମିଳିତ ଅଧିବେଶନରେ ରାଷ୍ଟ୍ରପତିଙ୍କ ଅଭିଭାଷଣରୁ ବଜେଟ ଅଧିବେଶନ ଆରମ୍ଭ ହେବ ।

ଏହି ଅଧିବେଶନ କିପରି ସୁରୁଖୁରରେ ଚାଲିପାରିବ, ତା ଉପରେ ଆଲୋଚନା ପାଇଁ ସରକାର ଆଜି ସର୍ବଦଳୀୟ ବୈଠକ ଡାକିଥିଲେ । ବୈଠକରେ ବିଭିନ୍ନ ଦଳର ୨୮ ଜଣ ପ୍ରତିନିଧି ଯୋଗ ଦେଇଥିଲେ । ୟୁପିଏ ଅମଳର ମନରେଗା (ଜି-ରାମ-ଜି), ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସଆଇଆର), ଭାରତର ବୈଦେଶିକ ନୀତି ଏବଂ ୟୁଜିସି ବିବାଦ ଉପରେ ସ୍ୱତନ୍ତ୍ର ଆଲୋଚନା କରିବାକୁ ବିରୋଧୀ ଦଳର ପ୍ରତିନିଧି ଦାବି କରିଥିଲେ । ମାତ୍ର ଏଥିପାଇଁ ସରକାର ରାଜି ହୋଇନଥିଲେ । ସରକାର ସ୍ପଷ୍ଟ କରିଦେଇଥିଲେ ଯେ ବଜେଟ ଅଧିବେଶନରେ କେବଳ ବଜେଟ ସଂକ୍ରାନ୍ତ ପ୍ରସଙ୍ଗ ଉପରେ ହିଁ ଆଲୋଚନା ହେବ । ବିରୋଧୀ ଦଳ ସେମାନଙ୍କର ପ୍ରସଙ୍ଗ ରାଷ୍ଟ୍ରପତିଙ୍କ ଭାଷଣ ଉପରେ ଆଗତ ଧନ୍ୟବାଦ ପ୍ରସ୍ତାବ ▶ପୃଷ୍ଠା-୭



ବିରୋଧୀଙ୍କ ଜିରାମ୍‌ଜି, ଏସ୍‌ଆଇଆର୍ ଆଲୋଚନା ଦାବିକୁ ସରକାରଙ୍କ ପ୍ରତ୍ୟାଖ୍ୟାନ

# ଆଉ ଫିଲ୍ମ ପାଇଁ ଗୀତ ଗାଇବେନି ଅରିଜିତ୍

■ ମୁମ୍ବଇ, ୨୭।୧ (ଏଜେନ୍ସି): ବଲିଉଡର ସୁପ୍ରସିଦ୍ଧ ଗାୟକ ଅରିଜିତ ସିଂହ ନିଜ ପ୍ରଶଂସକଙ୍କୁ ବଡ଼ ଝଟ୍‌କା ଦେଇଛନ୍ତି । ସାମାଜିକ ଗଣମାଧ୍ୟମରେ ସେ ଆଉ କୌଣସି ଫିଲ୍ମ ପାଇଁ ଗୀତ ଗାଇବେନି ବୋଲି ଘୋଷଣା କରି ତାଙ୍କ ପ୍ରଶଂସକଙ୍କୁ ସ୍ତବ୍ଧ କରିଛନ୍ତି । ଅରିଜିତ ଲେଖିଛନ୍ତି ଯେ 'ସମସ୍ତଙ୍କୁ ନବ ବର୍ଷର ଶୁଭେଚ୍ଛା । ଏତେ ବର୍ଷ ହେଲା ଭଲ ପାଇବା ଦେଉଥିବାରୁ ଅଶେଷ ଅଶେଷ ଧନ୍ୟବାଦ । ଏବେ ଆଉ ପ୍ରଚ୍ଛଦପଟ ଗାୟକ ଭାବେ କୌଣସି ଗୀତ ଗାଇବି ନାହିଁ ବୋଲି ଖୁସିର ସହ ଜଣାଇବାକୁ ଚାହୁଁଛି । ଏହି ଯାତ୍ରାକୁ ଏଠାରେ ଶେଷ କରୁଛି । ଏହି ଯାତ୍ରା ବହୁତ ଭଲ ଥିଲା । ଭଗବାନ ବହୁତ ଦୟା କରିଛନ୍ତି । ହଠାତ ଅରିଜିତଙ୍କ ଏହି ଘୋଷଣାକୁ ନେଇ ସାରା ଦେଶର ସଂଗୀତପ୍ରେମୀଙ୍କ ମଧ୍ୟରେ ନିରାଶା ସୃଷ୍ଟି କରିଛି । ଏପରିକି ତାଙ୍କ କିଛି ପ୍ରଶଂସକ 'ଆକାଉଣ୍ଟ ହ୍ୟାକ ହୋଇଯାଇଛି କହିଦିଅ' ବୋଲି ଅରିଜିତଙ୍କୁ ଅନୁରୋଧ କରିଛନ୍ତି । ତେବେ ଅରିଜିତ ସ୍ପଷ୍ଟ କରିଛନ୍ତି ଯେ ସେ ସଙ୍ଗୀତ ବନ୍ଦ କରିବେ ନାହିଁ । ଆଗକୁ ଛୋଟ ମୋଟ କଳାକାର ଭାବେ ଶିଖିବା ଜାରି ରଖିବେ । କିଛି ପଡ଼ି ରହିଥିବା କାମକୁ ସମ୍ପୂର୍ଣ୍ଣ କରିବେ । ଏଥିରୁ କିଛି ଚଳିତ ବର୍ଷ ମୁକ୍ତିଲାଭ କରିପାରେ । ଭଲ ସଙ୍ଗୀତର ପ୍ରଶଂସକ ହୋଇଥିବାରୁ ନିଜ କାମ ଜାରି ରଖିବି ।



# ଭାରତ-ଇୟୁ ଐତିହାସିକ ବାଣିଜ୍ୟ ଚୁକ୍ତି

## ବଜାର ପାଇବ ଭାରତୀୟ ଉତ୍ପାଦ; ଶସ୍ତା ହେବ ୟୁରୋପୀୟ ସାମଗ୍ରୀ

- ୨୭ ୟୁରୋପୀୟ ରାଷ୍ଟ୍ର ସହ ଚୁକ୍ତିନାମା ୨୦୨୭ ମସିହାରୁ ଲାଗୁ
- ୯୪୨୫ ଭାରତୀୟ ସାମଗ୍ରୀ ଉପରୁ ଟିକସ କମାଇବ ୟୁରୋପ
- କାର୍ ଟିକସ ୧୨୦ରୁ ୧୦%, ମଦ ୧୫୦%ରୁ ୨୦%କୁ ଖସିବ
- ଚୁକ୍ତିକୁ 'ମଦର ଅଫ୍ ଅଲ୍ ଟ୍ରେଡ୍ ଡିଲ' କହିଲେ ପ୍ରଧାନମନ୍ତ୍ରୀ ମୋଦୀ



■ ନୂଆଦିଲ୍ଲୀ, ୨୭।୧ (ଏଜେନ୍ସି): ଦୀର୍ଘ ଦୁଇ ଦଶନ୍ଧିର ଆଲୋଚନା ପରେ ଭାରତ ଓ ୟୁରୋପୀୟ ରାଷ୍ଟ୍ର ସଂଘ(ଇୟୁ) ମଧ୍ୟରେ ସ୍ୱାକ୍ଷରିତ ହୋଇଛି ଐତିହାସିକ ବାଣିଜ୍ୟ ଚୁକ୍ତି । ବିଶ୍ୱର ସର୍ବବୃହତ୍ ବଜାର ଭାରତ ଓ ଦ୍ୱିତୀୟ ସର୍ବବୃହତ୍ ବଜାର ୟୁରୋପ ମଧ୍ୟରେ ଏହି ଚୁକ୍ତିକୁ 'ମଦର ଅଫ୍ ଅଲ୍ ଟ୍ରେଡ୍ ଡ଼ିଲ' ବୋଲି କୁହାଯାଉଛି । ଜାନୁଆରୀ ୨୭ ତାରିଖରେ ଭାରତ ୨୭ ୟୁରେପୀୟ ଦେଶ ସହ ମୁକ୍ତ ବାଣିଜ୍ୟ ଚୁକ୍ତି କରିଛି । ଏହି ମୁକ୍ତ ବାଣିଜ୍ୟ ଚୁକ୍ତିନାମା (ଏଫ୍‌ଟିଏ)ଅନୁଯାୟୀ, ଅନେକ ପ୍ରମୁଖ କ୍ଷେତ୍ରରେ ଆମଦାନୀ ଶୁଳ୍କ ହ୍ରାସ ପାଇବ । ୟୁରୋପୀୟ ଦେଶରୁ ଆମଦାନୀ ହେଉଥିବା ମଦ, ଖାଦ୍ୟ ସାମଗ୍ରୀ, ରାସାୟନିକ ପଦାର୍ଥ, ଯନ୍ତ୍ରପାତି, ଔଷଧ, ମହାକାଶ ଏବଂ ଅଟୋମୋବାଇଲ୍ ଯନ୍ତ୍ରାଂଶରୁ ଶୁଳ୍କ ହ୍ରାସ ହେବ ଏବଂ ଭାରତରେ ଏହା କମ୍ ମୂଲ୍ୟରେ ଉପଲବ୍ଧ ହେବ । ଅନ୍ୟପକ୍ଷରେ ଭାରତୀୟ ଉତ୍ପାଦ ପାଇଁ ୟୁରୋପରେ ଅଧିକ ବଜାର ସୃଷ୍ଟି ହେବ । ଦେଶରୁ ୟୁରୋପୀୟ ରାଷ୍ଟ୍ର ସମୂହକୁ ରପ୍ତାନୀ ହେଉଥିବା ପ୍ରାୟ ୯୯% (୯୪୨୫ ସାମଗ୍ରୀ) ଉପରୁ ୟୁରୋପୀୟ ସମୁଦାୟ ଟିକସ ହ୍ରାସ କରିବ କିମ୍ବା ସମ୍ପୂର୍ଣ୍ଣ ବିଲୋପ କରିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାକୁ ଭାରତ ଇତିହାସର ସବୁଠାରୁ ବଡ଼ ବାଣିଜ୍ୟ ଚୁକ୍ତି ବୋଲି ବର୍ଣ୍ଣନା କରିଛନ୍ତି । ଜାନୁଆରୀ ୨୭ ତାରିଖରେ ୟୁରୋପୀୟ ରାଷ୍ଟ୍ର ସମୂହର ୨୭ ଦେଶ ସହ ହୋଇଥିବା ଚୁକ୍ତି ୨୦୨୭ରୁ ଲାଗୁ ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପସ୍ଥିତିରେ ୟୁରୋପୀୟ କମିଶନ ଅଧ୍ୟକ୍ଷ ଉର୍ସୁଲା ଭନ୍ ଡେର ଲେଏନ୍ ଏବଂ ୟୁରୋପୀୟ ପରିଷଦର ଅଧ୍ୟକ୍ଷ ଆଣ୍ଟୋନିଓ କୋଷ୍ଟା ଭାରତ-ଇୟୁ ମୁକ୍ତ ବାଣିଜ୍ୟ ଚୁକ୍ତି (ଏଫ୍‌ଟିଏ) ଉପରେ ଆଲୋଚନା ଶେଷ କରି ଘୋଷଣାପତ୍ରରେ ସ୍ୱାକ୍ଷର କରିଛନ୍ତି । ଏହି ଚୁକ୍ତି ଅନୁଯାୟୀ, ଭାରତକୁ ଆସୁଥିବା ବିଦେଶୀ ମଦ ଓ ବିୟର (ୟୁରୋପୀୟ ରାଷ୍ଟ୍ର ପ୍ରସ୍ତୁତ) ଶୁଳ୍କ ହ୍ରାସ ହେବ । ବର୍ତ୍ତମାନ ୧୫୦ % ଆମଦାନୀ ଶୁଳ୍କ ୨୦% ପର୍ଯ୍ୟନ୍ତ ହ୍ରାସ ପାଇପାରେ ବୋଲି ଆକଳନ କରାଯାଉଛି । ସେହିପରି ଅଲିଭ୍ ତେଲ, ମାର୍ଜାରିନ୍ ଏବଂ ଅନ୍ୟାନ୍ୟ ଭେଜିଟେବଲ ଅଏଲ ଉପରେ ଶୁଳ୍କ ହ୍ରାସ କିମ୍ବା ବନ୍ଦ ହେବ । ଏହାଛଡା ଇୟୁ ଖାଇବା ତେଲ ଉପରେ ଶୁଳ୍କ ମଧ୍ୟ ସମ୍ପୂର୍ଣ୍ଣ ଭାବରେ ହଟାଇବ । ଚୁକ୍ତି ପରେ ଭାରତକୁ ଇୟୁଠାରୁ ୫୦୦ ନିୟୁତ ୟୁରୋ ସହାୟତା ମିଳିବ । ଇୟୁ ଭାରତରେ ଗ୍ରୀନହାଉସ୍ ଗ୍ୟାସ୍ ନିର୍ଗମନ ହ୍ରାସ କରିବାରେ ସାହାଯ୍ୟ କରିବ । ▶ପୃଷ୍ଠା-୭

# ସାରା ଦେଶରେ ୟୁଜିସି ନିଆଁ




- ନୂଆ ନିୟମକୁ ବିରୋଧ କରି ବିଭିନ୍ନ ସ୍ଥାନରେ ବିକ୍ଷୋଭ
- ସୁପ୍ରିମକୋର୍ଟରେ ପହଞ୍ଚିଲା ମାମଲା
- କୌଣସି ଭେଦଭାବ ହେବ ନାହିଁ: ସରକାର

■ ନୂଆଦିଲ୍ଲୀ, ୨୭।୧ (ଏଜେନ୍ସି): ସାରା ଦେଶରେ ସାଧାରଣ ବର୍ଗର ଛାତ୍ରଛାତ୍ରୀ ଏବଂ ଲୋକେ ରାସ୍ତାକୁ ଓହ୍ଲାଇଛନ୍ତି । ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି)ର ନୂଆ ନିୟମକୁ ବିରୋଧ କରି ଜୋରଦାର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଏହାକୁ ଦୃଷ୍ଟିରେ ରଖି ନୂଆଦିଲ୍ଲୀସ୍ଥିତ ୟୁଜିସି ମୁଖ୍ୟାଳୟ ବାହାରେ ସୁରକ୍ଷା ବୃଦ୍ଧି କରାଯାଇଛି । ବିକ୍ଷୋଭକାରୀଙ୍କୁ କ୍ୟାମ୍ପସ ଭିତରକୁ ନ ଛାଡ଼ିବା ପାଇଁ ବ୍ୟାରିକେଡ ଲଗାଯାଇଛି । ଉତ୍ତର ପ୍ରଦେଶର ଲକ୍ଷ୍ନୌ, ରାଏବରେଲି, ବାରାଣସୀ, ମିରଟ, ପ୍ରୟାଗରାଜ ଓ ସୀତାପୁରରେ ଛାତ୍ରଛାତ୍ରୀ, ଯୁବକ ଓ ବିଭିନ୍ନ ସଂଗଠନ ବିଭିନ୍ନ ସ୍ଥାନରେ ବିକ୍ଷୋଭରେ ସାମିଲ ହୋଇଛନ୍ତି । ନୂଆ ନିୟମ ଯୋଗୁଁ ସାଧାରଣ ବର୍ଗର ଛାତ୍ରଛାତ୍ରୀ ସର୍ବାଧିକ କ୍ଷତିଗ୍ରସ୍ତ ହେବେ ବୋଲି ସେମାନେ ଅଭିଯୋଗ କରିଛନ୍ତି । ଏହି ନିୟମର ଅପବ୍ୟବହାରର ଅଧିକ ସମ୍ଭାବନା ରହିଥିବାରୁ ସେମାନଙ୍କ ପାଇଁ ଜୀବନ କଷ୍ଟକର ହୋଇପଡ଼ିବ । ତେବେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସଫେଇ ଦେବାକୁ ଯାଇ କହିଛନ୍ତି ଯେ କାହା ସହ ଅତ୍ୟାଚାର କିମ୍ବା ଭେଦଭାବ ମଧ୍ୟ ହେବ ନାହିଁ । ଏହି ଆଇନର ଅପବ୍ୟବହାର କରିପାରିବା ଲାଗି କାହାରିକୁ ଅଧିକାର ଦିଆଯିବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି । ସୂଚନା ଅନୁଯାୟୀ, ଜାନୁଆରି ୧୩ରେ ୟୁଜିସି ନୂଆ ନିୟମର ବିଜ୍ଞପ୍ତି ଜାରି କରିଥିଲା । ଏହାର ନାମ 'ଉଚ୍ଚ ଶିକ୍ଷା ପ୍ରତିଷ୍ଠାନରେ ସମାନତା ପ୍ରୋତ୍ସାହନ ନିୟମାବଳୀ, ୨୦୨୬' ରହିଛି । ଏହା ଅଧୀନରେ କଲେଜ ଓ ବିଶ୍ୱବିଦ୍ୟାଳୟରେ ଜାତିଭିତ୍ତିକ ଭେଦଭାବକୁ ରୋକିବା ପାଇଁ ସ୍ୱତନ୍ତ୍ର କମିଟି, ହେଲ୍‌ପଲାଇନ ନମ୍ବର ଓ ମନିଟରିଂ ଟିମ୍ ଗଠନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହି ଟିମ୍ ଏସ୍‌ସି, ଏସ୍‌ଟି ଓ ଓବିସି ଛାତ୍ରଛାତ୍ରୀଙ୍କ ଅଭିଯୋଗକୁ ବିଶେଷ ଭାବରେ ତଦାରଖ କରିବ । ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ ଉଚ୍ଚଶିକ୍ଷା ଅନୁଷ୍ଠାନଗୁଡ଼ିକରେ ନିରପେକ୍ଷତା ଓ ▶ପୃଷ୍ଠା-୭

# ଆଜି ଓଡ଼ିଶା ବନ୍ଦ

■ ଭୁବନେଶ୍ୱର, ୨୭।୧ (ସମିସ): ରାଜ୍ୟରେ ଧାନ ମଣ୍ଡି ଓ ଧାନ ବିକ୍ରିରେ ଅବ୍ୟବସ୍ଥା, ଟୋକନ ଯାତନା, ମଣ୍ଡିରେ କଟନିଛଟନି, ୧୫୦ କ୍ୱିଣ୍ଟାଲ ବିକ୍ରି ପରେ ୮୦୦ ଟଙ୍କା ଇନ୍‌ପୁଟ୍ ସବସିଡ଼ି ଦିଆ ନ ଯିବା, ପ୍ରଦୂଷଣ ନାମରେ ସାଧାରଣ ଲୋକଙ୍କଠାରୁ ହଜାର ହଜାର ଟଙ୍କାର ଜୋରିମାନା ଆଦାୟ, ସ୍ମାର୍ଟ ମିଟର ବ୍ୟବସ୍ଥା ସହ ଚାଷୀ ନେତାମାନଙ୍କ ଉପରେ ଗୁଣ୍ଡାଙ୍କ ଦ୍ୱାରା ଉପମୁଖ୍ୟମନ୍ତ୍ରୀଙ୍କ ଆକ୍ରମଣର ପ୍ରତିବାଦରେ ବୁଧବାର ନବ ନିର୍ମାଣ କୃଷକ ସଂଗଠନ ଦେଇଛି ଓଡ଼ିଶା ବନ୍ଦ ଡ଼କରା । ସକାଳ ୬ଟାରୁ ୨ଟା ପର୍ଯ୍ୟନ୍ତ ଓଡ଼ିଶା ବନ୍ଦର ଡାକରା ଦିଆଯାଇଥିବା ବେଳେ ଏହି ବନ୍ଦକୁ ରାଜ୍ୟ କଂଗ୍ରେସ ସମେତ ସିପିଆଇ ଓ ସିପିଆଇ(ଏମ୍)ଙ୍କ ସମେତ ଅନେକ ସଂଗଠନ ସମର୍ଥନ ଜଣାଇଛନ୍ତି । ଏହାସହିତ ଚାଷୀଙ୍କ ସମସ୍ୟା ଯୋଗୁଁ ସଂଗଠନ ରାଜରାସ୍ତାକୁ ଓହ୍ଲାଇଥିବାରୁ ବିଜେଡି ସଂଗଠନକୁ ସାଧୁବାଦ ଜଣାଇଛି ।

ନବ ନିର୍ମାଣ କୃଷକ ସଂଗଠନର ଡାକରାକୁ କଂଗ୍ରେସ ଓ ବାମ ଦଳଙ୍କ ସମର୍ଥନ, ବିଜେଡିର ସାଧୁବାଦ

'ଓଡ଼ିଶା ବନ୍ଦ' ଡାକରାକୁ ସଫଳ କରିବା ପାଇଁ ନବନିର୍ମାଣ ଯୁବ ଛାତ୍ର ସଂଗଠନ କଟକ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ କାର୍, ବାଇକ୍ ରାଲି ମାଧ୍ୟମରେ ଶାନ୍ତିପୂର୍ଣ୍ଣ ପ୍ରଚାର କରି ଓଡ଼ିଶା ବନ୍ଦକୁ ସମର୍ଥନ ▶ପୃଷ୍ଠା-୭

# ରାଜ୍ୟ ସରକାରଙ୍କୁ 'ପ୍ରଦୂଷଣ' ଝଟ୍‌କା

## ଚାଲାଣ ବକେୟା ଥିଲେ ବି ହୋଇପାରିବ ପିୟୁସିସି

■ କଟକ, ୨୭ ।୧ (ସମିସ): ଗାଡ଼ିର ବୈଧ ପ୍ରଦୂଷଣ ପ୍ରମାଣପତ୍ର (ପିୟୁସିସି) ନଥିଲେ ପେଟ୍ରୋଲ କଟକଣା ଓ ବକେୟା ଚାଲାଣ ପଇଠ ନକଲେ ପ୍ରମାଣପତ୍ର ଦିଆନଯିବା ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ଲାଗିଛି ଅଦାଲତୀ ଝଟ୍‌କା । ପ୍ରଦୂଷଣ ପ୍ରମାଣପତ୍ର ପାଇଁ ଗାଡ଼ି ମାଲିକଙ୍କୁ ବକେୟା ଚାଲାଣ ଭରିବାକୁ ପଡ଼ିବ ବୋଲି ପରିବହନ ବିଭାଗ କରିଥିବା ଯୁକ୍ତିକୁ ହାଇକୋର୍ଟ ଅଗ୍ରାହ୍ୟ କରିଛନ୍ତି । ପ୍ରଦୂଷଣ ପ୍ରମାଣପତ୍ର ପାଇଁ ବକେୟା ଚାଲାଣ ଭରିବା ପାଇଁ ଗାଡ଼ି ମାଲିକଙ୍କୁ ବାଧ୍ୟ କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ କହିଛନ୍ତି । ଏଥିସହ ଏନେଇ ରହିଥିବା ଦ୍ୱନ୍ଦ୍ୱକୁ 'ବାହନ' ପୋର୍ଟାଲରେ ସଂଶୋଧନ କରିବା ପାଇଁ ଆଜି ରାଜ୍ୟ ପରିବହନ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ । ସ୍ନିଗ୍ଧା ପାତ୍ରଙ୍କ ପକ୍ଷରୁ ରୁଜୁ ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଏହି ପ୍ରସଙ୍ଗରେ ରାଜ୍ୟ ସରକାର ଓ ପରିବହନ କମିସନର ପରବର୍ତ୍ତୀ ଶୁଣାଣି ସୁଦ୍ଧା ଜବାବ ଦାଖଲ ପାଇଁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି । ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଫେବ୍ରୁଆରୀ ୩କୁ ଧାର୍ଯ୍ୟ କରାଯାଇଛି ।



ପେଟ୍ରୋଲ କଟକଣା ସମ୍ପର୍କିତ ନିଷ୍ପତ୍ତି ପ୍ରତ୍ୟାହାର ହୋଇଥିବା ଜଣାଇଲେ ସରକାର

ସେହିଭଳି ପିୟୁସିସି ନ ଥିଲେ ପେଟ୍ରୋଲ ପାଇଁ ମନା କରାଯିବ ନାହିଁ । ପୂର୍ବରୁ ପ୍ରଦୂଷଣ ପ୍ରମାଣପତ୍ର ନଥିଲେ ପେଟ୍ରୋଲ ମନା ସମ୍ପର୍କିତ ପରିବହନ ବିଭାଗର ବିବାଦୀୟ ନିଷ୍ପତ୍ତି ପ୍ରତ୍ୟାହାର କରାଯାଇଛି ବୋଲି ଆଜି ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) ପକ୍ଷରୁ ହାଇକୋର୍ଟଙ୍କୁ ଅବଗତ କରାଯାଇଛି । ଏ ସଂକ୍ରାନ୍ତରେ ସମସ୍ତ ତୈଳ ବିତରକ କମ୍ପାନୀମାନଙ୍କୁ ସାନି ଚିଠି ଜାରି କରାଯାଇଛି । ତେବେ ସେମାନେ ଗାଡ଼ି ଚାଳକଙ୍କୁ ସଚେତନ କରିବେ ବୋଲି ଉକ୍ତ ଚିଠିରେ କୁହାଯାଇଛି ।

ମାମଲାରୁ ପ୍ରକାଶ ଯେ ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରାଯାଇ ବୈଧ ପିୟୁସି ପ୍ରମାଣପତ୍ର ନଥିଲେ ପେଟ୍ରୋଲ ନ ଦେବା ପାଇଁ ତୈଳ କମ୍ପାନୀଗୁଡ଼ିକୁ ଚିଠି କରାଯାଇଥିଲା । ପରିବହନ ▶ପୃଷ୍ଠା-୭

## ଦେବଗଡ଼ରେ ଶିଶୁକନ୍ୟାକୁ ଦୁଷ୍କର୍ମ

# ଲୋକେ ଆତଙ୍କିତ, ବିଚଳିତ: ନବୀନ

■ ଭୁବନେଶ୍ୱର, ୨୭।୧ (ସମିସ): ଦେବଗଡ଼ରେ ଜନୈକ ଶିଶୁକନ୍ୟା ଦୁଷ୍କର୍ମର ଶିକାର ହେବାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ଦେଶ ୭୭ତମ ଗଣତନ୍ତ୍ର ଦିବସ ପାଳନ କରୁଥିବାବେଳେ ଦେବଗଡ଼ରେ ୫ ବର୍ଷର ଶିଶୁକନ୍ୟା ଦୁଷ୍କର୍ମର ଶିକାର ହେବା ଅତ୍ୟନ୍ତ ଦୁଃଖଦ ଓ ସ୍ପର୍ଶକାତର ବିଷୟ ବୋଲି ସେ କହିଛନ୍ତି ।

ସାମାଜିକ ଗଣମାଧ୍ୟମ ଏକ୍ସରେ ଉଲ୍ଲେଖ କରି ନବୀନ କହିଛନ୍ତି, ପ୍ରତିଦିନ ରାଜ୍ୟରେ ବଢୁଥିବା ଦୁଷ୍କର୍ମ ପରି ବୀଭତ୍ସ ଘଟଣା ଓ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ସାଧାରଣ ଜନତାଙ୍କୁ ଆତଙ୍କିତ ଏବଂ ବିଚଳିତ କରୁଛି । ସାଧାରଣତନ୍ତ୍ର ଦିବସରେ ସମୃଦ୍ଧ, ବିକଶିତ ଓଡ଼ିଶା ▶ପୃଷ୍ଠା-୭



- ଅତ୍ୟନ୍ତ ଦୁଃଖଦ ଓ ସ୍ପର୍ଶକାତର ବିଷୟ
- କଠୋର କାର୍ଯ୍ୟାନୁଷ୍ଠାନ ଦାବି


SIKSHA 'O' ANUSANDHAN
SAAT-2026
Empowering students for a brighter future
B.TECH PROGRAMMES IN EMERGING COMPUTING
- Computer Science and Engineering (AI and ML)
- Computer Science and Engineering (Cyber Security)
- Computer Science and Engineering (Data Science)
- Computer Science and Engineering (Internet of Things)

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in


# ନାମକୁ ମାତ୍ର 'ସ୍ୱୟଂଶାସିତ' ମାନ୍ୟତା ହରାଇଲେଣି ୨୯ରୁ ୨୭

■ ଭୁବନେଶ୍ୱର, ୨୭ ।୧ (ସମିସ): ସ୍ୱୟଂଶାସିତ କଲେଜ ଦାବି କରୁଥିବା ରାଜ୍ୟର ଦୁଇ ଡ଼ଜନରୁ ଊର୍ଦ୍ଧ୍ୱ କଲେଜ ମାନ୍ୟତା ହରାଇ ସାରିଲେଣି । ତଥାପି ନିଜକୁ ସ୍ୱୟଂଶାସିତ ବୋଲି ଏହି କଲେଜଗୁଡ଼ିକ ଦାବି କରୁଛନ୍ତି । ବିଡ଼ମ୍ବନା ହେଉଛି କେବଳ ୨ଟି କଲେଜକୁ ଛାଡ଼ି ୨୯ରୁ ୨୭ଟି କଲେଜ ଏବେ କେବଳ ସ୍ୱଘୋଷିତ 'ସ୍ୱୟଂଶାସିତ' ହୋଇ ରହିଛନ୍ତି । ବୈଧ ମାନ୍ୟତା ପ୍ରମାଣପତ୍ର ଅବଧି ଶେଷ ହୋଇ ଯାଇଥିବାରୁ ବସ୍ତୁତଃ ଏହି କଲେଜଗୁଡ଼ିକୁ ସ୍ୱୟଂଶାସିତ କୁହାଯାଇ ପାରିବ ନାହିଁ । ଯାହାକୁ ନେଇ ଛାତ୍ର ଓ ଅଭିଭାବକମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି । କିଛି ଶିକ୍ଷାବିତ୍ ଏହି ଭୟଙ୍କର ଶୈକ୍ଷିକ ଠକେଇ ବିରୋଧରେ ଅଦାଲତ ଯିବାକୁ ସଜବାଜ ହୋଇଛନ୍ତି ।

ସୂଚନା ଅନୁସାରେ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ମୋଟ୍ ୨୯ ସ୍ୱୟଂଶାସିତ ରହିଛି । ତନ୍ମଧ୍ୟରୁ ୨୭ ଟି ଅର୍ଥାତ ୯୩% ମହାବିଦ୍ୟାଳୟର ମାନ୍ୟତା ସରି ଯାଇଛି । ଏପରିକି ସବୁଠୁ ପ୍ରତିଷ୍ଠିତ ବକ୍ସି ଜଗବନ୍ଧୁ ବିଦ୍ୟାଧର (ବିଜେବି) କଲେଜ ସମେତ ଉତ୍କଳ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଦକ୍ଷିଣ ଓଡ଼ିଶା ବିଶ୍ୱବିଦ୍ୟାଳୟ, ଫକୀରମୋହନ ବିଶ୍ୱବିଦ୍ୟାଳୟ ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ମୋଟ୍ ୨୭ ଟି କଲେଜର ମାନ୍ୟତା ଅବଧି ଶେଷ ହୋଇଥିବା ଜଣାପଡ଼ିଛି ।

- ୬ ପ୍ରମୁଖ ବିଶ୍ୱବିଦ୍ୟାଳୟ ଓ ବିଜେବି କଲେଜର ନାହିଁ ସ୍ୱୟଂଶାସିତ ମାନ୍ୟତା
- ପରୀକ୍ଷା ଓ ପରିଚାଳନାର ବୈଧତାକୁ ନେଇ ଅଭିଭାବକ ମହଲରେ ପ୍ରଶ୍ନ
- ଅଧ୍ୟକ୍ଷ ଓ ପରୀକ୍ଷା ନିୟନ୍ତ୍ରକଙ୍କ ନେଇ ଉଚ୍ଚଶିକ୍ଷା ବିଭାଗର ଜରୁରୀ ବୈଠକ

ସ୍ୱୟଂଶାସିତ ମାନ୍ୟତା ସରିଯାଇଥିବା ରାଜ୍ୟର ୩୬ଟି ଉଚ୍ଚଶିକ୍ଷା ଓ ବୈଷୟିକ ଶିକ୍ଷାନୁଷ୍ଠାନର ତାଲିକା ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ଜାରି କରିବା ପରେ ଉଚ୍ଚଶିକ୍ଷା ବିଭାଗର ଚେତା ପଶିଛି । ୨୯ ଟି ସ୍ୱୟଂଶାସିତ ମହାବିଦ୍ୟାଳୟ ମଧ୍ୟରୁ ୨୭ ଟିର ମାନ୍ୟତା ନବୀକରଣ କରିବାକୁ ବିଭାଗ ଜରୁରୀ ବୈଠକ ମଧ୍ୟ ଡ଼ାକିଛନ୍ତି । କିଛି ମହାବିଦ୍ୟାଳୟ ମାନ୍ୟତା ନବୀକରଣ ପାଇଁ ଆବେଦନ କରିଥିବାବେଳେ ଅନେକ ଦୀର୍ଘ ବର୍ଷ ଧରି ଆବେଦନ କରୁ ନାହାନ୍ତି । ମାନ୍ୟତା ନ ଥିବା ସତ୍ତ୍ୱେ ସ୍ୱୟଂଶାସିତ ଭାବେ ପରୀକ୍ଷା ପରିଚାଳନା କରୁଥିବାରୁ ଏହି ପରୀକ୍ଷାର ବୈଧତା ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ୟୁଜିସି କିଛି କଠୋର ନିଷ୍ପତ୍ତି ନେଲେ ରାଜ୍ୟର ଲକ୍ଷାଧିକ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ପ୍ରତି କଳା ବାଦଲ ଛାଇଯିବାର ▶ପୃଷ୍ଠା-୭

# ମହାକାଳେଶ୍ୱର ମନ୍ଦିରରେ ଭିଆଇପି ବ୍ୟବସ୍ଥାକୁ ବଜାୟ ରଖିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୨୭।୧ (ଏଜେନ୍ସି): ବାବା ମହାକାଳଙ୍କ ମନ୍ଦିରରେ ଥିବା ଭିଆଇପି ଦର୍ଶନ ପ୍ରଥାକୁ ସୁପ୍ରିମ୍‌କୋର୍ଟ କାଏମ ରଖିଛନ୍ତି। ଏହା ବିରୋଧରେ ଦାଏର ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ମଧ୍ୟପ୍ରଦେଶ ହାଇକୋର୍ଟ ଦେଇଥିବା ରାୟକୁ ଚ୍ୟାଲେଞ୍ଜ କରି ଏହି ଆବେଦନ କରାଯାଇଥିଲା। ଏହା କୋର୍ଟଙ୍କ କାର୍ଯ୍ୟ ନୁହେଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ମହାକାଳେଶ୍ୱରର ମନ୍ଦିରର ଗର୍ଭଗୃହରେ ସାଧାରଣ ଓ ଭିଆଇପି ଭକ୍ତଙ୍କ ମଧ୍ୟରେ ଭେଦଭାବ ନ କରି ଦର୍ଶନ ପାଇଁ ସମସ୍ତ ଭକ୍ତଙ୍କୁ ସମାନ ସୁଯୋଗ ପ୍ରଦାନ କରିବାକୁ ଆବେଦନକାରୀ ଦର୍ପଣ ଅବସ୍ଥିଙ୍କ ଦାବି କରିଥିଲେ। ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ, ଜଷ୍ଟିସ୍ ଆର୍ ମହାଦେବନ୍ ଓ ଜଷ୍ଟିସ୍ ଜୟମାଲ୍ୟ ବାଗଚୀଙ୍କ ଖଣ୍ଡପୀଠ ମାମଲାର ଶୁଣାଣି କରି କହିଥିଲେ ଯେ ଯେଉଁମାନେ ଏଭଳି ଆବେଦନ ଦାଖଲ କରନ୍ତି ସେମାନେ ପ୍ରକୃତ ଭକ୍ତ ନୁହନ୍ତି। କୋର୍ଟ ଏଭଳି ପ୍ରସଙ୍ଗରେ ନିର୍ଦ୍ଦେଶାବଳୀ କିମ୍ବା ନୀତି ସ୍ଥିର କରିବା ଅନୁଚିତ। ଆବେଦନକାରୀଙ୍କ ଓକିଲ ବିଷ୍ଣୁ ଜୈନଙ୍କ ଯୁକ୍ତି ଶୁଣିବା ପରେ କୋର୍ଟ ଏହି ଆବେଦନକୁ ଖାରଜ କରିଦେଇଥିଲେ। ଆବେଦନକାରୀଙ୍କୁ ସରକାରୀ କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରିବାକୁ କୋର୍ଟ ଅନୁମତି ଦେଇଥିଲେ। ଶୁଣାଣି ସମୟରେ ଜୈନ କହିଥିଲେ ଯେ ଗର୍ଭଗୃହରେ କାହାକୁ ପ୍ରବେଶ ପାଇଁ ସମାନ ନୀତି ରହିବା ଉଚିତ। ମହାକାଳକୁ ଆସୁଥିବା ପ୍ରତ୍ୟେକ 'ଭିଆଇପି' ଓ ସାଧାରଣ ବ୍ୟକ୍ତିଙ୍କର ଗର୍ଭଗୃହରେ ପ୍ରବେଶ କରିବା ଓ ଦେବତାଙ୍କୁ ଜଳଲାଗି କରିବାର ଅଧିକାର ରହିବା ଉଚିତ। ତେବେ ପ୍ରଧାନ ବିଚାରପତିଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ ଜୈନଙ୍କ ଯୁକ୍ତିରେ ସନ୍ତୁଷ୍ଟ ହୋଇ ନ ଥିଲେ।

# ଦୁଃସ୍ୱପ୍ନ ପାଲଟିଲା ମନାଲି



**ଗାଡ଼ି ଭିତରେ ୨୪ ଘଣ୍ଟା ହେଲା ଫସି ରହିଛନ୍ତି ପର୍ଯ୍ୟଟକ**

ମନାଲି, ୨୭।୧ (ଏଜେନ୍ସି): ବରଫ ଆଚ୍ଛାଦିତ ଧଳା ପାହାଡ଼ ଦେଖିବାକୁ ବହୁ ଆଶା ନେଇ ଯାଇଥିବା ଯାତ୍ରୀଙ୍କ ପାଇଁ ହିମାଚଳ ପ୍ରଦେଶର ମନଲା ଦୁଃସ୍ୱପ୍ନ ପାଲଟି ଯାଇଛି। ପର୍ଯ୍ୟଟକଙ୍କ ସହିତ ଗାଡ଼ି ମୋଟର ସଂଖ୍ୟା ବଢୁଥିବାରୁ ମନାଲିରେ ପ୍ରବେଶ କରିବା କଷ୍ଟସାଧ୍ୟ ହୋଇଯାଇଛି। ସଦ୍ୟ ତୁଷାରପାତ ମଧ୍ୟରେ ହିମାଚଳ ହିମ ଆଚ୍ଛାଦିତ ହୋଇଥିବାବେଳେ ପର୍ଯ୍ୟଟକ ୨୪ ଘଣ୍ଟା ହେଲା ରାସ୍ତାରେ ଫସି ରହିଛନ୍ତି। ସେମାନେ ନା ଆଗକୁ ଯାଇ ପାରୁଛନ୍ତି ନା ପଛକୁ। ଦିଲ୍ଲୀ, ଗୁରୁଗ୍ରାମ, ଚଣ୍ଡିଗଡ଼ରୁ ଯାଇଥିବା ଅନେକ ଲୋକ ଗାଡ଼ି ଭିତରେ ଫସି ରହି ଟ୍ରାଫିକ ଫାଙ୍କା ହେବାକୁ ଅପେକ୍ଷା କରିଛନ୍ତି। ଜାତୀୟ ରାଜପଥ ଜାମ ଥିବାବେଳେ ହୋଟେଲଗୁଡ଼ିକ ବି ଫାଙ୍କା ନାହିଁ। ପ୍ରବଳ ତୁଷାରପାତ ମନାଲୀର ଜୀବନଯାତ୍ରାକୁ ଠପ୍ କରିଦେଇଛି। ଫଳରେ ଶହ ଶହ ପର୍ଯ୍ୟଟକ ଭୀଷଣ ଶୀତରେ ଥରୁଛନ୍ତି। ରାସ୍ତାଗୁଡ଼ିକରେ ଦୁଇ ଫୁଟ ଉଚ୍ଚର ବରଫ ଜମି ରହିଛି। ଏଥିପାଇଁ ବୁଲାଣି ପାର୍ କରିବାରେ ସମସ୍ୟା ହେଉଛି। ଜାତୀୟ ରାଜପଥରେ ୮ ରୁ ୧୦ କିମି ପର୍ଯ୍ୟନ୍ତ ଜାମ ଲାଗିଛି। ସ୍ଥିତିକୁ ଦେଖି ପର୍ଯ୍ୟଟକ ଗାଡ଼ିରୁ ବାହାରି ବରଫରେ ଚାଲି ଚାଲି ଯାଉଥିବା ଦେଖାଯାଉଛି। ମୌଳିକ ସୁବିଧାର ଅଭାବ ସଙ୍କଟକୁ ଆହୁରି ଜଟିଳ କରିଦେଇଛି। ଜଣେ ପର୍ଯ୍ୟଟକ କହିଛନ୍ତି ଯେ ଶନିବାର ସନ୍ଧ୍ୟାରୁ ଆମେ ଏଠାରେ ଫସି ରହିଛୁ।

# ସଂଖ୍ୟା ନ ଲେଖିବାରୁ ଚାରି ବର୍ଷର ଝିଅକୁ ମାରିଦେଲା ବାପା

ଚଣ୍ଡିଗଡ଼, ୨୭।୧ (ଏଜେନ୍ସି): ହରିୟାଣା ଫରିଦାବାଦରୁ ହୃଦୟ ବିଦାରକ ଘଟଣା ସାମ୍ନାକୁ ଆସିଛି। ପାଠ ଲେଖି ପାରିଲାନି ବୋଲି ଚାରି ବର୍ଷର ଶିଶୁକନ୍ୟାକୁ ବାପା ପିଟିପିଟି ହତ୍ୟା କରିଛି। ଏହି ଶିଶୁକନ୍ୟ ୧ରୁ ୫୦ ପର୍ଯ୍ୟନ୍ତ ସଂଖ୍ୟା ଲେଖିବାରେ ବିଫଳ ହୋଇଥିଲା। ଫଳରେ ବାପା ରାଗିଯାଇ ତାକୁ ବେଲଣା ବାଡ଼ିରେ ଆକ୍ରମଣ କରିଥିଲା। ସୂଚନା ମିଳିବା ପରେ ପୁଲିସ ଅଭିଯୁକ୍ତ ବାପାକୁ ଗିରଫ କରି ତଦନ୍ତ ଆରମ୍ଭ କରିଛି। ମୃତ ଶିଶୁକନ୍ୟାର ନାମ ବଂଶିକା ବୋଲି ଜଣାପଡିଛି। ସୂଚନା ଅନୁଯାୟୀ ବାପା କୃଷ୍ଣ ଜୟସ୍ୱାଲ (୩୧) ଝିଅକୁ ଘରେ ପାଠ ପଢ଼ାଉଥିଲେ। ସଂଖ୍ୟା ଠିକ୍ ଭାବରେ ଲେଖି ନପାରିବାରୁ କୃଷ୍ଣ ଉତ୍ତ୍ୟକ୍ତ ହୋଇ ଶିଶୁର ମୁଣ୍ଡକୁ ବେଲେଣା ବାଡ଼ିରେ ମାଡ଼ ମାରିଥିଲେ। ଏଥିରେ ଗଭୀର ଆଘାତ ଲାଗିବାରୁ ତାଙ୍କୁ ଡାକ୍ତରଖାନାକୁ ନିଆ ଯାଇଥିଲା। ମାତ୍ର ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ। ପରେ ଦୋଷ ଲୁଚାଇବା ପାଇଁ ଅଭିଯୁକ୍ତ କୃଷ୍ଣ ମିଛ କାହାଣୀ ରଚିଥିଲା। ଝିଅ ଖେଳୁଥିବା ସମୟରେ ସିଡ଼ିରୁ ଖସିପଡ଼ି ଆହତ ହୋଇଛି ବୋଲି ସେ ପତ୍ନୀ ରଞ୍ଜିତା ଏବଂ ଡାକ୍ତରଙ୍କୁ କହିଥିଲେ। ମାତ୍ର ୭ ବର୍ଷର ପୁଅ ମାଆଙ୍କୁ ସବୁ ସତ କହି ଦେଇଥିଲା।

# ଅଭିନେତା ବିଜୟଙ୍କୁ ଝଟ୍‌କା

ଚେନ୍ନଇ, ୨୭।୧ (ଏଜେନ୍ସି):ଦକ୍ଷିଣ ଭାରତୀୟ ସୁପରଷ୍ଟାର ବିଜୟ ଥଲପତିଙ୍କୁ ବଡ଼ ଝଟ୍‌କା ଲାଗିଛି। ତାଙ୍କର ଶେଷ ତଥା ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ର 'ଜନ ନାୟଗନ'ର ମୁକ୍ତିଲାଭ ନେଇ ଏବେ ବି ସଂଶୟ ଜାରି ରହିଛି। ଏହି ଚଳଚ୍ଚିତ୍ରକୁ ସେଣ୍ଟ୍ରାଲ ବୋର୍ଡ ଅଫ୍ ଫିଲ୍ମ ସାର୍ଟିଫିକେଟ୍ (ସିବିଏଫ୍‌ସି)କୁ ଚଳଚ୍ଚିତ୍ରକୁ ୟୁଏ ସାର୍ଟିଫିକେଟ୍ ପ୍ରଦାନ ପାଇଁ ଏକକ ଖଣ୍ଡପୀଠ ଦେଇଥିବା ନିର୍ଦ୍ଦେଶକୁ ଆଜି ମାଡ୍ରାସ ହାଇକୋର୍ଟ ରଦ୍ଦ କରିଦେଇଛନ୍ତି। ମୁଖ୍ୟ ବିଚାରପତି ମନୀନ୍ଦ୍ର ମୋହନ ଶ୍ରୀବାସ୍ତବ ଏବଂ ବିଚାରପତି ଜି. ଅରୁଲ ମୁରୁଗାନଙ୍କ ଡିଭିଜନ ବେଞ୍ଚ ମାମଲାକୁ ପୁଣି ଥରେ ଏକକ ବିଚାରପତିଙ୍କ ନିକଟକୁ ପଠାଇ ଦେଇଛନ୍ତି। ସେନ୍ସର ବୋର୍ଡକୁ ପକ୍ଷ ଉପସ୍ଥାପନ କରିବା ପାଇଁ ପୂର୍ଣ୍ଣ ସୁଯୋଗ ଦିଆଯିବା ଉଚିତ ଥିଲା ବୋଲି ଖଣ୍ଡପୀଠ କହିଛନ୍ତି।

# ଆମେରିକାରେ ତୁଷାର ଝଡ଼: ୩୦ ମୃତ

ୱାଶିଂଟନ, ୨୭।୧ (ଏଜେନ୍ସି): ତୁଷାର ଝଡ଼ ଆମେରିକାକୁ ବରଫ ଚାଦରରେ ଢାଙ୍କି ଦେଇଛି। ଶୁଳ୍କ ଲଗାଇ ଅନ୍ୟ ଦେଶ ଉପରେ ଦାଉ ସାଧିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ଏହି ପ୍ରାକୃତିକ ବିପର୍ଯ୍ୟୟରୁ ଜନସାଧାରଣଙ୍କୁ ସୁରକ୍ଷା ଦେଇପାରୁ ନାହାନ୍ତି। ଏହା ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ଭୀଷଣ ଶୀତ ଏବଂ ତୁଷାର ଝଡ଼ରେ ୩୦ ଜଣଙ୍କ ଜୀବନ ଗଲାଣି। ସ୍ଥିତି ଏପରେ ହୋଇଛି ଯେ ଲୋକେ ଘରୁ ବାହାରିବାକୁ ଭୟ କରୁଛନ୍ତି। ପ୍ରାୟ ୨୧ କୋଟି ଲୋକ ତଥା ଦୁଇ ତୃତୀୟାଂଶ ଆମେରିକୀୟ ରବିବାରଠାରୁ ଆରମ୍ଭ ହୋଇଥିବା ଏହି ଝଡ଼ରେ ପ୍ରଭାବିତ ହୋଇଛନ୍ତି। ଏହାକୁ ଦେଖି ରାଷ୍ଟ୍ରପତି ୨୦ ରାଜ୍ୟ ଏବଂ ରାଜଧାନୀ ୱାଶିଂଟନ ଡିସିରେ

**■ ଅନ୍ଧାରରେ ୭ ଲକ୍ଷ ଘର**
**■ ୮ ହଜାର ବିମାନ ବାତିଲ**

ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଛନ୍ତି। ଅଧିକାଂସ ରାଜ୍ୟର ତାପମାତ୍ରା ବିୟୁକ୍ତ ୪୫ ଡିଗ୍ରୀ ପର୍ଯ୍ୟନ୍ତ ପହଞ୍ଚି ଯାଇଛି। ଜାତୀୟ ପାଣିପାଗ ସେବା (ଏନଡବ୍ଲ୍ୟୁଏସ) ସୂଚନା ଅନୁଯାୟୀ, ଏହି ଝଡ଼ ପ୍ରାୟ ୩,୨୨୦ କିମି ଅଞ୍ଚଳରେ ବ୍ୟାପିଛି। ଦୁଇ-ତୃତୀୟାଂଶ ଆମେରିକୀୟ ଏହି ଝଡ଼ ଦ୍ୱାରା ପ୍ରଭାବିତ ହୋଇଛନ୍ତି। ବିମାନ ଚଳାଚଳ ବ୍ୟାହତ ହୋଇଛି। ପ୍ରମୁଖ ବିମାନ ବନ୍ଦରଗୁଡ଼ିକରେ ଅନେକ ବିମାନକୁ ବାତିଲ କରିବାକୁ ପଡ଼ିଛି। ଏହି ସପ୍ତାହ ଶେଷରେ ଆଉ ଏକ ଆର୍କଟିକ୍ ବିସ୍ଫୋରଣ ଘଟିବାକୁ ଯାଉଥିବାରୁ ନୂଆ ଶୀତଝଡ଼ରେ ବିମାନଶିଳ୍ପ ଅଧିକ ବ୍ୟାହତ ହେବାର ସମ୍ଭାବନା ରହିଛି। ଏବେ ଦେଶର ଅନେକ ଅଞ୍ଚଳରେ ୧୨ ରୁ ୨୦ ଇଞ୍ଚର ବରଫ ଗଦା ହୋଇ ରହିଛି। ରାଜପଥ ବନ୍ଦ ହୋଇଯାଇଛି। ବିମାନ ବାତିଲ କରାଯାଇଥିବାବେଳେ ସ୍କୁଲ ଛୁଟି କରିଦିଆଯାଇଛି।ସୋମବାର ସନ୍ଧ୍ୟା ସୁଦ୍ଧା ପ୍ରାୟ ୭୦୦,୦୦୦ ଘର ବିନା ବିଦ୍ୟୁତ୍ ରହିଛି। ସୋମବାର ସାରା ଦେଶରେ ୮,୦୦୦ ରୁ ଅଧିକ ବିମାନ ବାତିଲ କରାଯାଇଥିଲା। ଶୁକ୍ରବାରଠାରୁ ୩୧,୦୦୦ ରୁ ଅଧିକ ବିମାନ ବାଧାପ୍ରାପ୍ତ ହୋଇଛି।




ରବିବାର ୧୦,୮୦୦ ରୁ ଅଧିକ ବିମାନ ବାତିଲ କରାଯାଇଥିଲା। ବିମାନ ବାତିଲ ଏବଂ ବିଳମ୍ବ ସମସ୍ୟା ଅନେକ ଦିନ ପର୍ଯ୍ୟନ୍ତ ଲାଗି ରହିପାରେ ବୋଲି କୁହାଯାଉଛି।

ସୂଚନା ଅନୁଯାୟୀ, ମାସାଚୁସେଟ୍ସ ଏବଂ ଓହିଓରେ ରାସ୍ତାରୁ ବରଫ ହଟାଉଥିବା ଗାଡ଼ି ଚଢ଼ିଯିବାରୁ ଦୁଇଜଣ ବ୍ୟକ୍ତି ମୃତ୍ୟୁବରଣ କରିଥିଲେ। ଆର୍କାନସାସ୍ ଓ ଟେକ୍ସାସରେ ସ୍ଲେଡିଂ ଦୁର୍ଘଟଣା ଘଟିଛି। ପୁଲିସ ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର କରିଛି। ନ୍ୟୁୟର୍କ ସହରରେ ତୁଷାର ଝଡ଼ ଆଠ ଜଣଙ୍କ ଜୀବନ ନେଇଛି। ଝଡ଼ ପ୍ରଭାବରେ ଗଛର ଡାଳ ଭାଙ୍ଗିଥିବା ବିଦ୍ୟୁତ ତାର ଛିଡ଼ି ଯାଇଛଇ ବିଦ୍ୟୁତ୍ ପୁନରୁଦ୍ଧାର ପାଇଁ କିଛି ଦିନ ଲାଗିପାରେ ବୋଲି ଅଧିକାରୀମାନେ ଚେତାବନୀ ଦେଇଛନ୍ତି। ତୁଷାର ଝଡ଼ରେ ଟେନେସି ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଥିଲା। ରବିବାର ଅପରାହ୍ନ ସୁଦ୍ଧା ପ୍ରାୟ ୩,୩୭,୦୦୦ ଘର ଏବଂ ବ୍ୟବସାୟ ବିଦ୍ୟୁତ୍ ବିନା ରହିଛି।

# ସରକାର-ଶଙ୍କରାଚାର୍ଯ୍ୟଙ୍କ ବିବାଦ ବଢୁଛି

ପ୍ରୟାଗରାଜ, ୨୭।୧ (ଏଜେନ୍ସି): ଶଙ୍କରାଚାର୍ଯ୍ୟ ସ୍ୱାମୀ ଅବିମୁକ୍ତେଶ୍ୱରାନନ୍ଦ ଏବଂ ମାଘ ମେଳା ପ୍ରଶାସନ ମଧ୍ୟରେ ଚାଲିଥିବା ବିବାଦ ସରକାରଙ୍କ ପାଇଁ ସମସ୍ୟା ପାଲଟି ଯାଇଛି। ଏହାକୁ ନେଇ ସରକାରରେ ଫାଟ ସୃଷ୍ଟି ହୋଇଛି। ଗୋଟିଏ ଗୋଷ୍ଠୀ ଶଙ୍କରାଚାର୍ଯ୍ୟଙ୍କ ସମର୍ଥନରେ ବାହାରିଥିବାବେଳେ ଅନ୍ୟ ଏକ ଗୋଷ୍ଠୀ ପ୍ରଶାସନକୁ ସମର୍ଥନ କରୁଛି। ଏହାକୁ ନେଇ ଅଡୁଆ ଖିଅ ବଢ଼ିବାରେ ଲାଗିଛି। ଶଙ୍କରାଚାର୍ଯ୍ୟଙ୍କ ସମର୍ଥନରେ ଜଣେ ସରକାରୀ ଅଧିକାରୀ

**■ ପ୍ରମାଣ ମାଗି ପ୍ରଶାସନ ମର୍ଯ୍ୟାଦା ଭାଙ୍ଗିଛି: ଉମା ଭାରତୀ**
**■ ମୁଖ୍ୟମନ୍ତ୍ରୀ ଯୋଗୀଙ୍କୁ ଏହା କହିଦିଅନ୍ତୁ: ଶଙ୍କରାଚାର୍ଯ୍ୟ**
**■ ଅବିମୁକ୍ତେଶ୍ୱରାନନ୍ଦଙ୍କ ସମର୍ଥନରେ ଫଳାହାରୀ ବାବା**
**■ ରକ୍ତରେ ଲେଖିଲେ ଚିଠି**
**■ ମୁଖ୍ୟମନ୍ତ୍ରୀଙ୍କ ସମର୍ଥନରେ ଅଧିକାରୀଙ୍କ ଇସ୍ତଫା**



ଇସ୍ତଫା ଦେଇଥିବାବେଳେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ସମର୍ଥନ କରି ଅନ୍ୟ ଜଣେ ଅଧିକାରୀ ପଦ ଛାଡ଼ିଛନ୍ତି। ଏହି ବିବାଦର ଫାଇଦା ଉଠାଇ ଶଙ୍କରାଚାର୍ଯ୍ୟଙ୍କ ମୁହଁରେ ନିଜର ପ୍ରଶଂସା ଶୁଣି ଉପ-ମୁଖ୍ୟମନ୍ତ୍ରୀ କେଶବ ମୌର୍ଯ୍ୟ ମୁଖ୍ୟମନ୍ତ୍ରୀ ହେବାକୁ ସ୍ୱପ୍ନ ଦେଖୁଛନ୍ତି। ମାତ୍ର ଯୋଗୀଙ୍କ ପ୍ରଶାସନ ନିଇଁବାକୁ ନା ଧରୁନାହାନ୍ତି। ଏବେ ବିଜେପିର ଫାୟାର ବ୍ରାଣ୍ଡ ନେତ୍ରୀ ଉମା ଭାରତୀ ଶଙ୍କରାଚାର୍ଯ୍ୟଙ୍କ ସମର୍ଥନରେ ବାହାରିଛନ୍ତି। ସେ କହିଛନ୍ତି ଯେ ଶଙ୍କରାଚାର୍ଯ୍ୟଙ୍କୁ ପ୍ରମାଣ ମାଗି ପ୍ରଶାସନ ମର୍ଯ୍ୟାଦା ଭାଙ୍ଗିଛି। ସ୍ୱାମୀ ଅବିମୁକ୍ତେଶ୍ୱରାନନ୍ଦ ମଧ୍ୟ ଏହାର ଜବାବ ଦେଇଛନ୍ତି। ଏହି କଥା ଯୋଗୀଙ୍କୁ ଜଣାଇଦେବାକୁ ଉମାଙ୍କୁ କହିଛନ୍ତି।

ଏହା ମଧ୍ୟରେ ଶ୍ରୀକୃଷ୍ଣ ଜନ୍ମଭୂମି ମନ୍ଦିର ମାମଲାର ମୁଖ୍ୟ ଆବେଦନକାରୀ ଦିନେଶ ଫଳାହାରୀ ବାବା ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ରକ୍ତରେ ଚିଠି ଲେଖିଛନ୍ତି। ସେ ଦାବି କରିଛନ୍ତି ଯେ ଗଙ୍ଗାରେ ଅବିମୁକ୍ତେଶ୍ୱରାନନ୍ଦଙ୍କୁ ସମ୍ମାନଜନକ ସ୍ନାନ ପାଇଁ ବ୍ୟବସ୍ଥା କରାଯାଉ। ଅଧିକାରୀମାନଙ୍କୁ କ୍ଷମା ମାଗିବାକୁ ନିର୍ଦ୍ଦେଶ ଦିଆଯାଉ। ସୂଚନା ଅନୁଯାୟୀ, ମାଘ ମେଳା ପ୍ରଶାସନ ଏବଂ ଶଙ୍କରାଚାର୍ଯ୍ୟଙ୍କ ମଧ୍ୟରେ ୧୦ ଦିନ ଧରି ଚାଲିଥିବା ବିବାଦ ଅମଲାତନ୍ତ୍ର ପର୍ଯ୍ୟନ୍ତ ପହଞ୍ଚିଛି। ଅଯୋଧ୍ୟାର ଜିଏସଟି ଡେପୁଟି କମିଶନର ପ୍ରଶାନ୍ତ କୁମାର ସିଂହ ଯୋଗୀଙ୍କ ସମର୍ଥନରେ ଇସ୍ତଫା ଦେଇଛନ୍ତି। ସେ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ ପାଇଁ ଶଙ୍କରାଚାର୍ଯ୍ୟ ବ୍ୟବହାର କରିଥିବା ଅପମାନଜନକ ଭାଷାରେ ସେ ଆଘାତ ପାଇଛନ୍ତି। ଆଉ ଏହି ଅପମାନ ସେ ସହ୍ୟ କରିପାରିବେ ନାହିଁ। ଅନ୍ୟପଟେ ଅଯୋଧ୍ୟା କ୍ୟାଣ୍ଟନମେଣ୍ଟ ଧାମର ପରମହଂସ ମହାରାଜ କହିଛନ୍ତି ଯେ ଅବିମୁକ୍ତେଶ୍ୱରାନନ୍ଦ ଏବଂ ସତୁଆ ବାବା ମାଘ ମେଳାକୁ ବଦନାମ କରିଛନ୍ତି। ଉଭୟଙ୍କୁ ମାଘ ମେଳାରେ ପ୍ରବେଶ କରିବାରୁ ନିଷେଧ କରାଯିବା ଉଚିତ। ଶଙ୍କରାଚାର୍ଯ୍ୟଙ୍କ ବିରୋଧରେ ଜାତୀୟ ସୁରକ୍ଷା ଆଇନ (ଏନଏସଏ) ଅନୁଯାୟୀ ମାମଲା ରୁଜୁ କରାଯିବା ଉଚିତ।

ଏହା ପୂର୍ବରୁ ବରେଲିର ସିଟି ମାଜିଷ୍ଟ୍ରେଟ୍ ଅଲଙ୍କାର ଅଗ୍ନିହୋତ୍ରୀ ଅବିମୁକ୍ତେଶ୍ୱରାନନ୍ଦଙ୍କ ସମର୍ଥନରେ ଇସ୍ତଫା ଦେଇଛନ୍ତି। ଆଜିର ଲଢ଼େଇ ହିନ୍ଦୁ ଏବଂ ମୁସଲମାନ କିମ୍ବା ବ୍ରିଟିଶ ଏବଂ ଭାରତୀୟଙ୍କ ମଧ୍ୟରେ ନୁହେଁ, ବରଂ ନକଲି ଏବଂ ପ୍ରକୃତ ହିନ୍ଦୁଙ୍କ ମଧ୍ୟରେ ବୋଲି ସେ କହିଛନ୍ତି। ଅନ୍ୟପଟେ ଦ୍ୱାରକା ଶାରଦା ପୀଠର ଶଙ୍କରାଚାର୍ଯ୍ୟ ସ୍ୱାମୀ ସଦାନନ୍ଦ ସରସ୍ୱତୀ କହିଛନ୍ତି ଯେ ଅବିମୁକ୍ତେଶ୍ୱରାନନ୍ଦଙ୍କ ସମର୍ଥନରେ ତିନି ଜଣ ଶଙ୍କରାଚାର୍ଯ୍ୟ ଅଛନ୍ତି। ତାଙ୍କ ପ୍ରମାଣପତ୍ର ଦାବି କରିବାକୁ ପ୍ରଶାସନ କିଏ? ଏହାର କୌଣସି ଅଧିକାର ନାହିଁ। ପ୍ରଶାସନ ନିରୀହ ବ୍ରାହ୍ମଣମାନଙ୍କୁ ଯେଉଁ ନିର୍ମମତା ସହିତ ଆକ୍ରମଣ କରିଛି ତାହା ଅତ୍ୟନ୍ତ ନିନ୍ଦନୀୟ।

## ସାଧାରଣତନ୍ତ୍ର ଦିବସ ପାଳିତ

# ବିଶ୍ୱ ଦେଖିଲା ଭାରତର ଶକ୍ତି




ନୂଆଦିଲ୍ଲୀ, ୨୭।୧ (ଏଜେନ୍ସି): ଦେଶବାସୀ ବହୁ ଉତ୍ସାହର ସହ ୭୭ତମ ସାଧାରଣତନ୍ତ୍ର ଦିବସ ପାଳନ କରିଛନ୍ତି। ଏହି ଅବସରରେ ଦିଲ୍ଲୀର କର୍ତ୍ତବ୍ୟ ପଥରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପତାକା ଉତ୍ତୋଳନ କରିଛନ୍ତି। ଏହି ଅବସରରେ ଗ୍ରୁପ କ୍ୟାପ୍‌ଟେନ ଶୁଭାଂଶୁ ଶୁକ୍ଳାଙ୍କୁ ଅଶୋକ ଚକ୍ରରେ ସମ୍ମାନିତ କରିଥିଲେ। ପ୍ରଥମ ଥର ପାଇଁ ସାଧାରଣତନ୍ତ୍ର ଦିବସରେ ଦୁଇ ମୁଖ୍ୟ ଅତିଥି ହୋଇଛନ୍ତି। ୟୁରୋପୀୟ ପରିଷଦର ଅଧ୍ୟକ୍ଷ ଆଣ୍ଟୋନିଓ କୋଷ୍ଟା ଏବଂ ୟୁରୋପୀୟ କମିଶନର ଅଧ୍ୟକ୍ଷା ଉର୍ସୁଲା ଭାନ ଡେରେ ଲେୟନ ଭାରତର ନିମନ୍ତ୍ରଣ ରକ୍ଷା ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଦୁଇ ମୁଖ୍ୟ ଅତିଥିଙ୍କ ସହ ରାଷ୍ଟ୍ରପତି ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ରାଷ୍ଟ୍ରପତି ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଏଠାରେ ରାଷ୍ଟ୍ରପତିଙ୍କୁ ୨୧ ତୋପ ସଲାମୀ ଦିଆଯାଇଥିଲା। ପରେଡ୍‌ରେ ରାଷ୍ଟ୍ରପତି ଅଭିବାଦନ ଗ୍ରହଣ କରିଥିଲେ। ଏହି ପରେଡରେ ଭାରତର ଶକ୍ତି ଏବଂ ସାମର୍ଥ୍ୟ ପ୍ରଦର୍ଶନ କରାଯାଇଥିଲା। ଭାରତର ବିକାଶ ଯାତ୍ରା, ସାଂସ୍କୃତିକ ବିବିଧତା, ସ୍ୱର୍ଣ୍ଣିମ ଇତିହାସ ଏବଂ ସାମରିକ ଶକ୍ତି ସାରା ବିଶ୍ୱ ଦେଖିଥିଲା।

ପ୍ରାୟ ୯୦ ମିନିଟ୍ ଧରି ଚାଲିଥିବା ପରେଡ୍‌ରେ ତିନି ସେନା ନିଜ ଶକ୍ତି ପ୍ରଦର୍ଶନ କରିଥିଲା। ରାଫେଲ୍, ଜାଗୁଆର, ମିଗ-୨୯, ସୁଖୋଇ, ସି-୧୩୦ ଓ ସି-୨୯୫ ବିମାନ ଗର୍ଜନ କରିଥିଲା। ଏହି ବିମାନ ସିନ୍ଦୁର, ବଜ୍ରାଙ୍ଗ, ଅର୍ଜନ ଏବଂ ପ୍ରହାର ଗଠନ କରିଥିଲେ। ପ୍ରଥମ ଥର ପାଇଁ ହାଇପରସୋନିକ୍ କ୍ଷେପଣାସ୍ତ୍ରର ଝଲକ ଦେଖିବାକୁ ମିଳିଥିଲା। ପାକିସ୍ତାନ ସୀମାରେ ନିୟୋଜିତ ବାକ୍ଟ୍ରିୟାନ୍ ଓଟମାନଙ୍କୁ ମଧ୍ୟ ପରେଡ୍‌ରେ ସାମିଲ କରାଯାଇଥିଲା। ପ୍ରଥମ ଥର ପାଇଁ ଦୁଇଟି କୁଜ ବିଶିଷ୍ଟ ଓଟ ଏବଂ ଶାଗୁଣା ପରେଡରେ ସାମିଲ ହୋଇଥିଲେ। ଏହି ପରେଡରେ ୧୭ ରାଜ୍ୟରୁ ତିରିଶ ପ୍ରଜ୍ଞାପନ ମେଢ଼ ଅଂଶଗ୍ରହଣ କରିଥିଲା। ଭୈରବ ବାଟାଲିଅନ୍ ପ୍ରଥମ ଥର ପାଇଁ ସାହସିକତା ପ୍ରଦର୍ଶନ କରିଥିଲା। ମହିଳା ଅଗ୍ନିବୀରମାନେ ବାୟୁସେନା ମାର୍ଚ୍ଚିଂ ବ୍ୟାଣ୍ଡରେ ଅଂଶଗ୍ରହଣ କରିଥିଲେ। ଉତ୍ତରାଖଣ୍ଡ ନିର୍ଦ୍ଦେଶାଳୟ ସିନିୟର ୱିଙ୍ଗ ଗାର୍ଲ୍ସର କମାଣ୍ଡର ସିନିୟର ଅଣ୍ଡର ଅଫିସର ମାନସୀ ବିଶ୍ୱକର୍ମା ୧୪୮ ଜଣ ବାଳିକା କ୍ୟାଡେଟଙ୍କ ଏକ ଏ୍‌ନସିସି କଣ୍ଟିଜେଣ୍ଟର ନେତୃତ୍ୱ ନେଇଥିଲେ। ମହିଳା ଯବାନ ଚଳନ୍ତା ବାଇକରେ ୧୮ ଫୁଟର ଉଚ୍ଚ ସିଡ଼ି ଚଢ଼ି କଳାକୌଶଳ ପ୍ରଦର୍ଶନ କରିଥିଲେ। ପ୍ରଧାନମନ୍ତ୍ରୀ ମୋଦୀ ଦୁଇ ଅତିଥିଙ୍କୁ ବିଭିନ୍ନ ରାଜ୍ୟର ପ୍ରଜ୍ଞାପନ ମେଢ ବିଷୟରେ ବୁଝାଉଥିବା ଦେଖା ଯାଇଥିଲା। ଅନ୍ୟପଟେ ବିରୋଧୀ ନେତାଙ୍କ ପାଇଁ ବସିବା ବ୍ୟବସ୍ଥାକୁ ନେଇ କଂଗ୍ରେସ ସରକାରଙ୍କୁ ପ୍ରଶ୍ନ ଉଠାଇଛି। ବିରୋଧୀ ନେତା ରାହୁଲ ଗାନ୍ଧୀ ଏବଂ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖାର୍ଗେଙ୍କ ସମେତ ବିରୋଧୀ ନେତାମାନଙ୍କୁ ପଛରେ ବସାଇ ସରକାର ଅପମାନିତ କରିଛନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଛି। ଏହାର ଜବାବରେ କଂଗ୍ରେସ ୨୦୧୪ ମସିହାର ଏକ ଫଟୋ ସେୟାର କରିଛି। ଏହି ଫଟୋରେ ବିରୋଧୀ ନେତା ଲାଲକୃଷ୍ଣ ଆଡଭାନୀ ଆଗ ଧାଡ଼ିରେ ବସିଥିବା ଦେଖାଯାଇଛି।

# ଆମେରିକାକୁ ପରମାଣୁ ସୂଚନା ବିକିଥିଲେ ଚୀନ୍ ଜେନେରାଲ



ୱାସିଂଟନ, ୨୭।୧ (ଏଜେନ୍ସି): ରାଷ୍ଟ୍ରପତି ସି ଜିନପିଙ୍ଗଙ୍କୁ ହଟାଇବା ପାଇଁ ଷଡ଼ଯନ୍ତ୍ର କରିଥିବା ଚୀନ୍‌ର କେନ୍ଦ୍ରୀୟ ସାମରିକ କମିଶନ (ସିଏମସି)ର ଉପାଧ୍ୟକ୍ଷ ଝାଙ୍ଗ୍ ୟୁସିଆଙ୍କ ବିରୋଧରେ ତଦନ୍ତ ଆରମ୍ଭ ହୋଇଛି। ସେ ଚୀନ୍‌ର ପରମାଣୁ ଅସ୍ତ୍ରଶସ୍ତ୍ର ସମ୍ପର୍କିତ ଗୁପ୍ତ ସୂଚନା ଆମେରିକାକୁ ଲିକ୍ କରିଥିବା ଅଭିଯୋଗ ଲାଗିଛି। ଏହାକୁ ନେଇ ଗତ ୨୪ ତାରିଖରେ ଝାଙ୍ଗ୍‌ଙ୍କୁ ତାଙ୍କ ପଦରୁ ହଟାଇ ଦିଆଯାଇଥିଲା। ଚୀନ୍‌ର ପ୍ରତିରକ୍ଷା ମନ୍ତ୍ରଣାଳୟ ତାଙ୍କ ଉପରେ ଶୃଙ୍ଖଳା ଏବଂ ଆଇନର ଗମ୍ଭୀର ଉଲ୍ଲଂଘନ କରିଥିବା ଅଭିଯୋଗ ଲଗାଇଛି। ସିଏମସି ଭିତରେ ଏକ ଗୋଷ୍ଠୀ ଗଠନ କରିବା ଏବଂ ଦଳ ମଧ୍ୟରେ ବିଭାଜନ ସୃଷ୍ଟି କରିବାର ମଧ୍ୟ ଅଭିଯୋଗ ତାଙ୍କ ବିରୋଧରେ ଲାଗିଛି। ରିପୋର୍ଟ ଅନୁଯାୟୀ, ଚୀନ୍ ଜାତୀୟ ପରମାଣୁ ନିଗମର ପୂର୍ବତନ ମହାପ୍ରବନ୍ଧକ ଗୁଜୁନ୍ ଝାଙ୍ଗ୍‌ଙ୍କ ବିରୋଧରେ ପ୍ରମାଣ ପ୍ରଦାନ କରିଛନ୍ତି। କମ୍ୟୁନିଷ୍ଟ ପାର୍ଟି ଫାଟ ସୃଷ୍ଟି ପାଇ ଉଦ୍ୟମ କରିଥିବାରୁ ଗୁଜୁନ୍‌ଙ୍କ ବିରୋଧରେ ମଧ୍ୟ ତଦନ୍ତ କରାଯାଉଛି।

ସୂଚନା ଅନୁଯାୟୀ, ଜିନପିଙ୍ଗଙ୍କୁ କ୍ଷମତାଚ୍ୟୁତ କରିବାର ଷଡ଼ଯନ୍ତ୍ର ପଛରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ହାତ ରହିଛି। ଜିନପିଙ୍ଗଙ୍କୁ କ୍ଷମତାରୁ ହଟାଇବା ପାଇଁ ତାଙ୍କର ବିଶ୍ୱସ୍ତ ଶୀର୍ଷ ଜେନେରାଲଙ୍କ ସହ ଟ୍ରମ୍ପ ଗୁପ୍ତ ବୁଝାମଣା କରିଥିଲେ। ସେ ବେଜିଂର ପରମାଣୁ ଗୁପ୍ତ ତଥ୍ୟ ଆମେରିକା ଦେଇଥିବା କୁହାଯାଉଛି। ଏବେ ବିସ୍ତାରବାଦୀ ଚୀନ୍ ଆଉ ଜଣେ ବିସ୍ତାରବାଦୀଙ୍କ ଫାସରେ ପଡ଼ି ଯାଇଛନ୍ତି। ଟ୍ରମ୍ପ ତାଙ୍କ ଗୁପ୍ତଚରଙ୍କୁ ସି ଜିନପିଙ୍ଗଙ୍କ ନିକଟରେ ରଖିଛନ୍ତି। ଆମେରିକାର ଗୁପ୍ତଚର ସଂସ୍ଥା ସିଆଇଏ ଚୀନ୍‌ରେ ବଡ଼ ଅଭିଯାନ ଆରମ୍ଭ କରିଛି। ଜିନପିଙ୍ଗଙ୍କ କ୍ଷମତା ଏଥିରେ ଫସିଯାଇଛି। ଜିନପିଙ୍ଗ ବିରୋଧରେ ବିଦ୍ରୋହର ବହ୍ନି ଉଠିବାରେ ଲାଗିଛି। ଶୀର୍ଷ ଚୀନ୍ ଜେନେରାଲ ଝାଙ୍ଗ ୟୁସିଆ ଜିନପିଙ୍ଗଙ୍କ ପାଇଁ କଣ୍ଟା ପାଲଟିଛନ୍ତି। ସେ ସିଆଇଏ ସହିତ ସମ୍ପର୍କ ରଖିଛନ୍ତି। ଏହାକୁ ଆଧାର କରି ଚୀନ୍ ତଦନ୍ତ ଚଳାଇଛି। ସବୁ କିଛି ପଦାରେ ପଡ଼ିଯିବ ବୋଲି କାହାକୁ କିଛି ସୂଚନା ଦିଆଯାଉ ନାହିଁ।ଜିନପିଙ୍ଗଙ୍କୁ କ୍ଷମତାଚ୍ୟୁତ କରିବା ପାଇଁ ସେ ଆମେରିକାର ନିର୍ଦ୍ଦେଶରେ କାମ କରୁଥିବା ଅଭିଯୋଗ ହୋଇଛି। ଟ୍ରମ୍ପ ଚୀନ୍‌ର ପରମାଣୁ କାର୍ଯ୍ୟକ୍ରମର ପ୍ରତ୍ୟେକ ଗୁପ୍ତ ବିବରଣୀ ହାସଲ କରିବାକୁ ଚାହୁଁଛନ୍ତି। ୟୁସିଆ ଏହି ଯୋଜନାର ଅଂଶ ହୋଇପାରନ୍ତି। ତାଙ୍କ ମାଧ୍ୟମରେ ଆମେରିକା ଏକ ବଡ଼ ରଣନୀତି ଉପରେ କାମ କରୁଥିବା କୁହାଯାଉଛି।

# ୟୁଜିସି ଆଇନକୁ ବିରୋଧ:ମାଜିଷ୍ଟ୍ରେଟଙ୍କ ଇସ୍ତଫା, ସାଂସଦଙ୍କୁ ଚୂଡ଼ି ପଠାଇଲେ ବିରୋଧୀ

ବରେଲି, ୨୭।୧ (ଏଜେନ୍ସି): ୟୁଜିସିର ନୂଆ ଆଇନ ଏବଂ ଶଙ୍କରାଚାର୍ଯ୍ୟ ଅବିମୁକ୍ତେଶ୍ୱରାନନ୍ଦଙ୍କ ଶିଷ୍ୟଙ୍କୁ ମାଡ଼ ମାରିବା ଘଟଣାକୁ ବିରୋଧ କରି ଉତ୍ତର ପ୍ରଦେଶର ପିସିଏସ୍ ଅଧିକାରୀ ଅଲଙ୍କାର ଅଗ୍ନିହୋତ୍ରୀ ସାଧାରଣତନ୍ତ୍ର ଦିବସରେ ଇସ୍ତଫା ଦେଇଛନ୍ତି। ସେ ଇସ୍ତଫାକୁ ନେଇ ୫ ପୃଷ୍ଠାର ଚିଠି ମଧ୍ୟ ଲେଖିଥିଲେ। ସରକାରଙ୍କଠାରୁ ମୋହ ଭଙ୍ଗ ହୋଇଥିବା କହିଥିଲେ। ଏହା ପରେ ସେ ସନ୍ଧ୍ୟାରେ ଜିଲ୍ଲାପାଳ ଅବିନାଶ ସିଂହଙ୍କୁ ଭେଟିବାକୁ ଯାଇଥିଲେ। ମାତ୍ର ସେଠାରେ ତାଙ୍କୁ ଭେଟିବାକୁ ଦିଆଯାଇ ନ ଥିଲା। ସେଠାରୁ ବାହାରିବା ପରେ ଅଗ୍ନିହୋତ୍ରୀ କହିଥିଲେ ଯେ ଜିଲ୍ଲାପାଳଙ୍କ ବାସଭବନରେ ତାଙ୍କୁ ୪୫ ମିନିଟ ପର୍ଯ୍ୟନ୍ତ ବନ୍ଦୀ କରି ରଖାଯାଇଥିଲା। ଏସଏସପି କହିବାରୁ ଛାଡ଼ି ଦିଆଯାଇଥିଲା। ତେବେ ଏଡିଏମ ଏହି ଅଭିଯୋଗକୁ ଖଣ୍ଡନ କରିଦେଇଛନ୍ତି। ଅନ୍ୟପଟେ ଅଗ୍ନିହୋତ୍ରୀଙ୍କୁ ସରକାର ନିଲମ୍ବନ କରିଦେଇଛନ୍ତି। ତାଙ୍କ ବିରୋଧରେ ବିଭାଗୀୟ ଯାଞ୍ଚ ନିର୍ଦ୍ଦେଶ ଦିଆଯାଇଛି। ମାତ୍ର ଏ ପର୍ଯ୍ୟନ୍ତ ତାଙ୍କ ଇସ୍ତଫାକୁ ମଞ୍ଜୁର କରାଯାଇ ନାହିଁ। ତଦନ୍ତ ଶେଷ ହେବା ପରେ ସରକାର ଇସ୍ତଫା ସ୍ୱୀକାର କରିବେ ବୋଲି କୁହାଯାଉଛି। ଏବେ ବରେଲି କମିସନର ମାମଲାର ତଦନ୍ତ କରୁଛନ୍ତି। ସରକାର ଅଗ୍ନିହୋତ୍ରୀଙ୍କ ଗାଡ଼ି ପ୍ରତ୍ୟାହାର କରି ନେଇଛନ୍ତି। ସେ ମଙ୍ଗଳବାର ସକାଳେ ମଧ୍ୟ ଜିଲ୍ଲପାଳଙ୍କୁ ଭେଟିବାକୁ ଯାଇଥିଲେ। ସାକ୍ଷାତ କରିବାକୁ ନ ଦେବାରୁ ସେ ଦୁଇ ଘଣ୍ଟା ପର୍ଯ୍ୟନ୍ତ କଲେକ୍ଟରେଟ ବାହାରେ ଧାରଣା ଦେଇଥିଲେ।

ଏହା ମଧ୍ୟରେ ସେ ମଧ୍ୟରାତ୍ରିରେ ସରକାରୀ ବାସଭବନ ଖାଲି କରି କାହାକୁ ଦାୟିତ୍ୱ ହସ୍ତାନ୍ତର ନକରି ସହର ଛାଡି ଚାଲିଯାଇଥିବା କୁହାଯାଇଥିଲ। ପ୍ରଶାସନ ପାଖରେ ତାଙ୍କର ନୂଆ ଠିକଣା ବିଷୟରେ କୌଣସି ସୂଚନା ନ ଥିଲା। ସେ ସୋମବାର ମଧ୍ୟରାତ୍ରି ପ୍ରାୟ ସାଢ଼େ ୧୨ଟା ସରକାରୀ ବାସଭବନରୁ ଅଧିକାଂଶ ଜିନିଷପତ୍ର ବାହାର କରି ଚାଲିଯାଇଥିଲେ। ଅଗ୍ନିହୋତ୍ରୀ କହିଛନ୍ତି ଯେ ଇସ୍ତଫା ପ୍ରତ୍ୟାହାର କରିବି ନାହିଁ। ସରକାରରୁ ମୋହଭଙ୍ଗ ହୋଇଯାଇଛି। ମୋତେ ଆଗକୁ କ'ଣ କରିବାକୁ ହେବ ତାହା ସମାଜ ସ୍ଥିର କରିବ। ୟୁପିରେ ରାଷ୍ଟ୍ରପତି ଶାସନ ଲଗାଇବାକୁ ସେ ଦାବି କରିଛନ୍ତି। ଏହା ପୂର୍ବରୁ ସେ ବିଳମ୍ବିତ ରାତିରେ ଶଙ୍କାରାଚାର୍ଯ୍ୟଙ୍କ ସହ ଫୋନରେ କଥା ହୋଇଥିଲେ। ସମ୍ପୂର୍ଣ୍ଣ ସନାତନୀ ସମାଜ ତାଙ୍କ ଉପରେ ପ୍ରସନ୍ନ ଥିବା କହିଥିଲେ। ଯେଉଁ ପଦ ଆପଣଙ୍କୁ ସରକାର ଦେଇଥିଲେ ତାଠାରୁ ବଡ଼ ପଦେ ଧର୍ମ କ୍ଷେତ୍ରରେ ଆପଣଙ୍କୁ ଦିଆଯିବ ବୋଲି କହିଥିଲେ।

ଏହି ମାମଲାରେ ଚୁପ ରହିଥିବାରୁ ରାଏବରେଲିରେ ବିଜେପି କୃଷକ ନେତା ରମେଶ ବାହାଦୂର ସିଂହ ଓ ଗୋରକ୍ଷା ଦଳର ସଭାପତି ମହେନ୍ଦ୍ର ପାଣ୍ଡେ ସାଧାରଣ ବର୍ଗର ସାଂସଦଙ୍କ ନିକଟକୁ ଚୂଡ଼ି ପଠାଇଛନ୍ତି। ୟୁଜିସିର ଏହି ନିୟମକୁ କଥାବାଚକ କୁମାର ବିଶ୍ୱାସ ୟୁଜିସିର ତୀବ୍ର ସମାଲୋଚନା କରିଛନ୍ତି।





ସାଧାରଣତନ୍ତ୍ର ଦିବସ ଅବସରରେ ଗାନ୍ଧୀମାର୍ଗରେ ପରେଡ୍



ଶଙ୍ଖ ଭବନରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଜାତୀୟ ପତାକା ଉତ୍ତୋଳନ କରୁଛନ୍ତି

# ରାଜଧାନୀରେ ବୋମା ବିସ୍ଫୋରଣ

## ମା', ସାଙ୍ଗ, ବାନ୍ଧବୀ ସହ ଜେଲ ଫେରନ୍ତା ଯୁବକ ଗୁରୁତର



ଭୁବନେଶ୍ୱର, ୨୭।୧(ସମିସ): ଏୟାରଫିଲ୍ଡ ଥାନା ସୁନ୍ଦରପଦା ଆଜାଦ୍ ନଗର ଅଞ୍ଚଳରେ ବୋମା ଭିଡିଲା ବେଳେ ଘଟିଛି ବିସ୍ଫୋରଣ। ବୋମା ଭିଡୁଥିବା ଯୁବକ, ତାଙ୍କ ମା ଓ ୨ ସାଙ୍ଗଙ୍କ ସମେତ ମୋଟ ୪ ଜଣ ଗୁରୁତର ଆହତ ହୋଇଛନ୍ତି। ଆହତଙ୍କୁ ଚିକିତ୍ସା ପାଇଁ ପ୍ରଥମେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା, ପରେ ସେମାନଙ୍କୁ ଏକ ଘରୋଇ ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ଓ ପୁଲିସ ତଦନ୍ତ ଆରମ୍ଭ କରିଛନ୍ତି। ଆହତଙ୍କ ମଧ୍ୟରେ ସେହେନୱାଜ୍ ମଲ୍ଲିକ, ତାଙ୍କ ମା', ବାନ୍ଧବୀ ଓ ବନ୍ଧୁ ବନ୍ଧୁ ଅମୀୟ ରଞ୍ଜନ ମଲ୍ଲିକ ଥିବା ସୂଚନା ମିଳିଛି ।

ମିଳିଥିବା ସୂଚନା ମୁତାବକ, ସେହେନୱାଜ୍ ଆଜାଦ୍ ନଗର ଅଞ୍ଚଳରେ ରେହେନୁମା ମଞ୍ଜିଲ୍ ନାମକ ଏକ ୫ ମହଲା ବିଶିଷ୍ଟ ଘରେ ରହୁଥିଲେ। ତଳ ମହଲାଗୁଡ଼ିକୁ ଭଡ଼ାରେ ଦେଇଥିବାବେଳେ ସବୁଠୁ ଉପର ମହଲା ଓ ଛାତକୁ ସେମାନେ ବ୍ୟବହାର କରୁଥିଲେ। ମଙ୍ଗଳବାର ସନ୍ଧ୍ୟାରେ ରେହେନୁମା ମଞ୍ଜିଲ୍‌ରୁ ଅଚାନକ ବହୁ ଜୋରରେ ଶବ୍ଦ ହୋଇଥିଲା। ଏତେ

- ପୂର୍ବରୁ କର୍ପୋରେଟରକୁ ଖଣ୍ଡାରେ ଆକ୍ରମଣ କରିଥିଲେ
- ସ୍କର୍ପିଓ ଗାଡ଼ିକୁ ବୋମାମାଡ଼ କରିଥିଲେ।

ଜୋରରେ ଶବ୍ଦ ଶୁଣି କୋଠାରେ ରହୁଥିବା ଅନ୍ୟ ଅନ୍ତେବାସୀ, ସ୍ଥାନୀୟ ଲୋକେ ଘରୁ ବାହାରିକୁ ବାହାରି ଆସିଥିଲେ। ଏହାର କିଛି ସମୟ ପରେ ଆହତମାନେ ରକ୍ତାକ୍ତ ଅବସ୍ଥାରେ ଜଣ ଜଣ କରି ବାହାରକୁ ବାହାରିଥିଲେ। ସେହେନୱାଜ୍ ଏବଂ ଅମୀୟଙ୍କ ହାତ ଫାଟି ଯାଇଥିବା ବେଳେ ତାଙ୍କ ମା ଓ ବାନ୍ଧବୀ ମଧ୍ୟ ଆହତ ହୋଇଥିବା ସୂଚନା ମିଳିଛି।

ତେବେ ବୋମା ବିସ୍ଫୋରଣ ଘଟଣାକୁ ଲୁଚାଇବାକୁ ଆହତଙ୍କ ପକ୍ଷରୁ ପୁଲିସ ଏବଂ ଅଗ୍ନିଶମ ବିଭାଗକୁ ପ୍ରଥମେ ଗ୍ୟାସ୍ ସିଲିଣ୍ଡର ଫାଟିଲା ବୋଲି ଖବର ଦିଆଯାଇଥିଲା। ପୁଲିସ ଘଟଣାସ୍ଥଳରେ ପହଁଞ୍ଚିଲା ପରେ ପରିସ୍ଥିତି ଭିନ୍ନ ଥିଲା। ବୋମା ବିସ୍ଫୋରଣ ହୋଇଥିବା ୫ମ ମହଲା ଛାତ ପାଣି ଟାଙ୍କି ନିକଟରେ ବାରୁଦ, ବୋମା ଭିଡ଼ିବା ସାମଗ୍ରୀ ଏବଂ ଲୁହା କଣ୍ଟା ଏବଂ କାଚ ଗୁଣ୍ଡ ଦେଖିବାକୁ ମିଳିଥିବା। ଏହାପରେ ସାଇଣ୍ଟିଫିକ୍ ଟିମ୍‌କୁ ଖବର ଦିଆଯାଇଥିଲା। ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ନମୁନା ସଂଗ୍ରହ କରିଛି। ଭୁବନେଶ୍ୱର ଡିସିପି ଜଗମୋହନ ମିନା ବୋମା ଭିଡ଼ିବା ବେଳେ ବିସ୍ଫୋରଣ ହୋଇଥିବା ନେଇ ସୂଚନା ଦେଇଥିଲେ।

ଡିସିପିଙ୍କ କହିବା ଅନୁଯାୟୀ ସେହେନୱାଜ୍ ଜଣେ ଅଭ୍ୟାସଗତ ଅପରାଧୀ। ତାଙ୍କ ନାମରେ ମୈତ୍ରିବିହାର ଏବଂ ନୟାପଲ୍ଲୀ ପୁଲିସ ଥାନାରେ ଏକାଧିକ ଅପରାଧୀକ ମାମଲା ରହିଛି। ସେ ଖଣ୍ଡଗିରି ଅଞ୍ଚଳରେ ଏକ ସ୍କର୍ପିଓ ଗାଡ଼ିକୁ ବୋମାମାଡ଼ କରିବା ସହ କର୍ପୋରେଟରକୁ ଖଣ୍ଡାରେ ଆକ୍ରମଣ କରିଥିଲେ। ହତ୍ୟା ଉଦ୍ୟମ, ଅସ୍ତ୍ରଶସ୍ତ୍ର ଜନିତ ମାମଲା ରହିଛି। ସେ ଏଥିପାଇଁ ପୂର୍ବରୁ ଜେଲ୍ ଯାଇ ଜାମିନରେ ଫେରିଛନ୍ତି। ତେବେ ସେ କେତେଦିନ ହେବ ବୋମା ଭିଡୁଥିଲେ। ବୋମା ପ୍ରସ୍ତୁତ କରିବାକୁ ଆବଶ୍ୟକ ସରଞ୍ଜାମ ସେ କେଉଁଠୁ ଆଣୁଥିଲେ। ତାଙ୍କ ଠାରୁ କିଏ କିଏ ବୋମା କିଣୁଥିଲା। କେଉଁ ଅପରାଧୀକ ଗୋଷ୍ଠୀ ସହ ତାଙ୍କର ସମ୍ପୃକ୍ତି ରହିଛି। ରାଜଧାନୀରେ ବିଗତ ଦିନରେ ହୋଇଥିବା ଏକାଧିକ ବୋମା ବିସ୍ଫୋରଣ ସହ କଣ ତାଙ୍କର ସମ୍ପୃକ୍ତି ରହିଛି କି ନାହିଁ, ସେ ସମ୍ପର୍କରେ ପୁଲିସ ତଦନ୍ତ ଆରମ୍ଭ କରିଛି। ତାଙ୍କ ଘରକୁ କେଉଁମାନେ ଆସୁଥିଲେ ତାହା ସିସିଟିଭି ଫୁଟେଜ୍ ଯାଞ୍ଚ କରାଯିବା ଅନ୍ୟ ଅନ୍ତେବାସୀଙ୍କୁ ପୁଲିସ ପଚରାଉଚରା ଚଳାଇଛି।

ଏହି ବିଲ୍ଡିଂରେ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଲୋକେ ଭଡ଼ାରେ ରହୁଥିଲେ। ସେମାନେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ବୋମା ବିସ୍ଫୋରଣ ପରେ ଅନ୍ୟ ଅନ୍ତୋବାସୀ ଆତଙ୍କିତ ହୋଇପଡ଼ିଛନ୍ତି। ଅନ୍ୟପକ୍ଷରେ ବୋମା ଭିଡିବା କଥା ସାମ୍ନାକୁ ଆସିଲା ପରେ ଘର ମାଲିକ ଏବେ ପୁଲିସ ସ୍କାନରେ। ଘର ମାଲିକ ବାହାରେ ରହୁଥିବାରୁ ତାଙ୍କୁ ଯୋଗାଯୋଗ କରାଯାଇଛି।

# 'ଓଡ଼ିଶା', 'ଲୋକ', 'ଜନତା', 'କଂଗ୍ରେସ'କୁ ନେଇ ନୂଆ ଦଳ

ଭୁବନେଶ୍ୱର,୨୭।୧(ସମିସ): ମୋକିମ୍ ଗଢ଼ିବେ ନୂଆ ଦଳ। ପୂର୍ବରୁ ସେ ଏ ସମ୍ପର୍କରେ ଘୋଷଣା କରିଥିବାବେଳେ ଏବେ ଏହାର ନାମକୁ ନେଇ ସେ ସୂଚନା ଦେଇଛନ୍ତି। ତାଙ୍କର ନୂଆ ଦଳରେ 'ଓଡ଼ିଶା' ଓ 'କଂଗ୍ରେସ' ତିନିଟି ଶବ୍ଦ ନିଶ୍ଚିତ ରହିବ। ତେବେ ଏଥିରେ 'ଜନତା' ଓ 'ଲୋକ' ମଧ୍ୟରୁ ଗୋଟିଏ ଶବ୍ଦ ଯୋଡ଼ାଯାଇ ପାରେ। ତେଣୁ ମୋକିମ୍‌ଙ୍କ ନୂଆ ଦଳର ନାମ 'ଓଡ଼ିଶା ଜନତା କଂଗ୍ରେସ' ବା 'ଓଡ଼ିଶା ଲୋକ କଂଗ୍ରେସ' ରହିପାରେ ବୋଲି ଆଲୋଚନା ଚାଲିଛି। ନିଜେ ମୋକିମ୍ ମଧ୍ୟ ଏ ସମ୍ପର୍କରେ ସୂଚନା ଦେଇଛନ୍ତି ଓ ମଙ୍ଗଳବାର ନୂଆ ରାଜନୈତିକ ଦଳର ସମ୍ଭାବନାକୁ ସ୍ପଷ୍ଟ କରିବା ସହ ମାର୍ଚ୍ଚରେ ଏହାର ମୂଳଦୁଆ ପଡ଼ିପାରେ ବୋଲି କହିଛନ୍ତି ।

**ମାର୍ଚ୍ଚରେ ମୂଳଦୁଆ ପକାଇବେ ମୋକିମ୍**

ସେ କହିଛନ୍ତି ଏହି ଦଳ ଓଡ଼ିଶା କୈନ୍ଦ୍ରୀକ ଦଳ ହେବ। ଏଥିପାଇଁ ଓଡ଼ିଶା ନାମ ରହିବ। ଏହାସହିତ ଧର୍ମନିରପେକ୍ଷତା ଆଦର୍ଶରେ ଆମେ ରହିଥିବାରୁ କଂଗ୍ରେସ ନାମ ମଧ୍ୟ ପାର୍ଟିର୍ରେ ରହିବ। ତେଣୁ ଉପରୋକ୍ତ ଦୁଇଟି ନାମକୁ ନେଇ ଚର୍ଚ୍ଚା ଚାଲିଛି। ନୂଆ ଦଳ ଓଡ଼ିଆ ଲୋକଙ୍କ ପାଇଁ କାମ କରିବ। ସମସ୍ତଙ୍କୁ ସାଙ୍ଗରେ ନେଇ ଚାଲିବୁ। ଏହା ଲୋକଙ୍କ ଦଳ ହେବ। ବିଭିନ୍ନ ଦଳର ନେତା ଦଳ ଛାଡୁଛନ୍ତି ଓ କେହି କେହି ନିଲମ୍ବିତ ହେଉଛନ୍ତି। ଯେଉଁମାନେ ଆମ ସହିତ ରହିବାକୁ ଚାହିଁବେ, ଆମେ ସେମାନଙ୍କୁ ଗ୍ରହଣ କରିବୁ। ଅନେକ ନେତା ଆମ ସହିତ ଯୋଗାଯୋଗରେ ଅଛନ୍ତି। ବହୁ ସଂଖ୍ୟାରେ ଯୁବ ନେତାମାନେ ଆମ ସହିତ ଯୋଗାଯୋଗରେ ଅଛନ୍ତି ବୋଲି ମୋକିମ୍ କହିଛନ୍ତି। ଆସନ୍ତା ୩୦ ତାରିଖରେ ମୋକିମ୍ ଫାଉଣ୍ଡେସନ ପକ୍ଷରୁ ଏକ ମହିଳା ସମାବେଶ କରାଯିବ। ଏହାପରେ ଆସନ୍ତା ୫ ତାରିଖରେ ଏକ କୃଷକ ସମାବେଶ କହିବ। ଏହି ବୈଠକ ସମାବେଶ ମାଧ୍ୟମରେ ଦଳର ରାଜନୈତିକ ଏଜେଣ୍ଡା ତିଆରି ହେବ। ଅନ୍ୟପଟେ ତାଙ୍କ ଝିଅ ତଥା କଂଗ୍ରେସ ବିଧାୟକ ସୋଫିଆ ଫିର୍ଦ୍ଦୋସ ତାଙ୍କର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବା ପ୍ରସଙ୍ଗରେ ମହମ୍ମଦ ମୋକିମ କହିଛନ୍ତି, ସୋଫିଆ ଫିର୍ଦ୍ଦୋସ "ମୋକିମ ଫାଉଣ୍ଡେସନ'ର ଅନ୍ୟତମ ଟ୍ରଷ୍ଟି। ଯେତେବେଳେ "ମୋକିମ ଫାଉଣ୍ଡେସନ'ର କୌଣସି କ୍ରୀଡ଼ା କାର୍ଯ୍ୟକ୍ରମ ହେଉଛି ବା ଯୁବ ବା ମହିଳା ସମାବେଶ ହେଉଛି, ଓଡ଼ିଶା ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସେ ଟ୍ରଷ୍ଟି ହିସାବରେ ଯୋଗ ଦେଉଛନ୍ତି। ମୋର କୌଣସି ରାଜନୈତିକ ବ୍ୟାପାରରେ କିମ୍ବା ରାଜନୀତିକ ବୈଠକରେ ସୋଫିଆ ଆଦୌ ଯୋଗ ଦେଉ ନାହାନ୍ତି।

## ବାସୁଦେବପୁର-ଧାମରା ରାସ୍ତା ମରଣଯନ୍ତା

# ଚାପିଦେଲା ଲୁହାବୋଝେଇ ଟ୍ରକ୍: ୨ ମୃତ

ଭଦ୍ରକ/ବାସୁଦେବପୁର, ୨୭।୧(ସମିସ): ଭଦ୍ରକ ଜିଲ୍ଲା ବାସୁଦେବପୁର-ଧାମରା ରାସ୍ତା ମରଣଯନ୍ତା ପାଲଟିଛି। ନିୟମିତ ଭାବେ ଏଠାରେ ଦୁର୍ଘଟଣା ଘଟି ଜୀବନ ଯାଉଛି। ଗତ ୨୨ ତାରିଖରେ ବାଇକ୍ ଦୁର୍ଘଟଣାରେ ୨ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ସୋମବାର ରାତିରେ ପୁଣି ଏହି ରାସ୍ତା ୨ଜଣଙ୍କ ମୁଣ୍ଡ ନେଇଛି। ରାତି ପ୍ରାୟ ୧୧ଟା ବେଳେ ପାରାପୋଖରୀ ଛକରେ ଏକ ଲୁହା ବୋଝେଇ ଟ୍ରକ୍ ଧକ୍କାରେ ୨ ବାଇକ୍ ଆରୋହୀ ପ୍ରାଣ ହରାଇଛନ୍ତି। ମୃତକଦ୍ୱୟ ହେଲେ, ଯାଜପୁର ଜିଲ୍ଲା ସୁକିନ୍ଦା ଥାନା ଅଧୀନସ୍ଥ ବୈରିମାଳ ଗାଁର ଚିନ୍ମୟ ମଲ୍ଲିକ ଓ ଦୀପକ ରାଉତ। ସେମାନେ ସ୍ଥାନୀୟ ଅଞ୍ଚଳରେ ଜେସିବି ଡ୍ରାଇଭର୍ ଭାବେ କାର୍ଯ୍ୟ କରୁଥିବା ଜଣାଯାଇଛି। ସୂଚନାନୁସାରେ ଦୁହେଁ ଏକ ବାଇକ୍‌ରେ ବିରସ ଛକରୁ ବାସୁଦେବପୁର ଆଡ଼କୁ ଆସୁଥିଲେ। ଏହି ସମୟରେ ଏକ ଟ୍ରକ୍‌ଟି ତାଙ୍କୁ ଧକ୍କା ଦେଇ ଫେରାର୍ ହୋଇଯାଇଥିଲା। ଗୁରୁତର ଅବସ୍ଥାରେ ଦୁହିଁଙ୍କୁ ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲେ ହେଁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପାଇଁ ୨ ମୃତଦେହକୁ ବାସୁଦେବପୁର ଡାକ୍ତରଖାନାରେ ରଖାଯାଇଛି। କସିଆ ସାମୁଦ୍ରିକ ଥାନା ପୁଲିସ ଘଟଣାର ତଦନ୍ତ ଜାରି ରଖିଛି।

## ■ କାଳହେଲା ଓଭରଟେକ୍

# ପିକ୍-ଅପ୍ ଧକ୍କାରେ ୨ ମୃତ

ପଟ୍ଟାଙ୍ଗି, ୨୭।୧(ସମିସ): କୋରାପୁଟ ଜିଲ୍ଲା ପଟ୍ଟାଙ୍ଗି ଥାନା ଅନ୍ତର୍ଗତ କୁନ୍ଦୁଲି ଆଞ୍ଚଳିକ ହାଇସ୍କୁଲ ସମ୍ମୁଖରେ ପିକ୍-ଅପ୍ ଧକ୍କାରେ ୨ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତାହତମାନଙ୍କର ପରିଚୟ ମିଳିପାରି ନଥିଲେ ହେଁ ସେମାନଙ୍କ ଘର ଆନ୍ଧ୍ରପ୍ରଦେଶ ରାଜ୍ୟର ଆରୁକୁ ଅଞ୍ଚଳରେ ହୋଇଥିବା କୁହାଯାଉଛି। ସୂଚନା ଅନୁଯାୟୀ, ଯୁବକମାନେ ଏକ ବାଇକ୍‌ରେ ୨୬ ନମ୍ବର ଜାତୀୟ ରାଜପଥରେ ପଟ୍ଟାଙ୍ଗି ଦେଇ କୁନ୍ଦୁଲି ଆଡ଼କୁ ଯାଉଥିବା ବେଳେ ଏହି ଅଘଟଣ ଘଟିଥିଲା। ଦ୍ରୁତଗାମୀ ଏକ ବସ୍‌କୁ ଓଭରଟେକ୍ କରିବା ବେଳେ ସାମ୍ନାରୁ ଆସୁଥିବା ଏକ ପିକ୍-ଅପ୍ ସେମାନଙ୍କୁ ମୁହାଁମୁହିଁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଦୁଇଜଣଙ୍କୁ କୁନ୍ଦୁଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ସେମାନଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ହୋଇଯାଇଥିଲା। ଅନ୍ୟ ଜଣଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି। ଘଟଣାସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଶବଦ୍ୱୟକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ପୁଲିସ ତାଙ୍କ ପରିବାର ସହ ଯୋଗାଯୋଗ କରିବାକୁ ଚେଷ୍ଟା ଚଳାଇଛି।

# ପୁଣି ଗୋଟିଏ ମାଈହାତୀର ମୃତ୍ୟୁ



ମୁରିବାହାଲ, ୨୭।୧(ସମିସ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ରେଞ୍ଜ ଅଧୀନ ଚଲକି ପଞ୍ଚାୟତର ଜାମଲିସର ଗ୍ରାମ ନିକଟସ୍ଥ ଏକ ଡୁଙ୍ଗୁରି ନିକଟରେ ମଙ୍ଗଳବାର ଏକ ଅସୁସ୍ଥ ମାଇ ହାତୀର ମୃତ୍ୟୁ ଘଟିଛି। ହାତୀଟିର ବୟସ ପ୍ରାୟ ୧୯/୨୦ବର୍ଷ ହେବ। ଖବର ପାଇ ଏସିଏଫ ମୁରାରୀ ପଣ୍ଡା, ଭବାନୀପାଟଣାରୁ ଆରସିସିଏଫ ସଂଘମିତ୍ରା ଭୋଇ, ମୁରିବାହାଲ ରେଞ୍ଜର ଶିବ ପ୍ରସାଦ ନାଏକ, ବିଦ୍ୟୁତ୍ ବିଭାଗ ସେକ୍ସନ ଅଫିସର ତପନ ପ୍ରଧାନ, ଗୁଡିଘାଟ ଇନ୍‌ଚାର୍ଜ ଅଜିତ୍ ତରିଆ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଶବକୁ ବ୍ୟବଚ୍ଛେଦ ପରେ ସେଠାରେ ପୋତି ଦିଆଯାଇଛି। ସୂଚନାଯୋଗ୍ୟ, ମୁରିବାହାଲ ରେଞ୍ଜ ଅଞ୍ଚଳରେ ଦେଢ଼ବର୍ଷ ହେବ ୩/୪ଟି ଦଳରେ ପ୍ରାୟ ୧୦୦ଟି ହାତୀ ବୁଲୁଛନ୍ତି। ଏମାନେ ଫସଲ ନଷ୍ଟ କରିବା ସହ ଘରଦ୍ୱାର ଭାଙ୍ଗୁଛନ୍ତି। ଅପରପକ୍ଷେ, ହାତୀ ଆକ୍ରମଣରେ ୨ ଜଣଙ୍କ ଜୀବନ ମଧ୍ୟ ଗଲାଣି।

# ଗାଁ ଦାଣ୍ଡରେ ଦମ୍ପତିଙ୍କୁ ନିସ୍ତୁକ ମାଡ଼

ଭଦ୍ରକ, ୨୭।୧ (ସମିସ): ଜମିରେ ଇଟା ରଖିବାକୁ କେନ୍ଦ୍ର କରି ବଚସାରୁ ଗାଁ ଦାଣ୍ଡରେ ଦମ୍ପତିଙ୍କୁ ନିସ୍ତୁକ ମାଡ଼। ଭଦ୍ରକ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଅର୍ଣ୍ଣପାଳ ଗ୍ରାମରେ ଗତ ସୋମବାର ଏଭଳି ଏକ ଘଟଣା ଘଟିଛି। ଏହାର ଏକ ଭିଡିଓ ଜୋରସୋର୍‌ରେ ଭାଇରାଲ ହେବାରେ ଲାଗିଛି।



**ଭିଡିଓ ଭାଇରଲ୍**

ଅପରପକ୍ଷେ, ଏନେଇ ଅଭିଯୋଗ ଆଧାରରେ ଭଦ୍ରକ ଗ୍ରାମାଞ୍ଚଳ ଥାନା ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଆକ୍ରମଣର ଶିକାର ଦମ୍ପତି ହେଲେ, ଗ୍ରାମର ଉର୍ବଶୀଲତା ଜେନା ଓ ତାଙ୍କ ସ୍ୱାମୀ ପ୍ରଶାନ୍ତ କୁମାର ନାୟକ। ପଡ଼ୋଶୀ ଦେବୀପ୍ରସାଦ ଦାସ ଉର୍ବଶୀଲତାଙ୍କ ଜମିରେ ୧୫ ଦିନ ପାଇଁ ଇଟା ରଖିବେ ବୋଲି କହିଥିଲେ। ଏଥିରେ ଉର୍ବଶୀଲତା ବି ରାଜି ହୋଇଯାଇଥିଲେ। କିନ୍ତୁ, ଦୀର୍ଘଦିନ ପରେ ବି ସେ ଜମିରୁ ଇଟା ନ ଉଠାଇବାରୁ ଉର୍ବଶୀଲତା ଓ ତାଙ୍କ ସ୍ୱାମୀ ଏ ସଂପର୍କରେ ଦେବୀପ୍ରସାଦଙ୍କୁ କହିଥିଲେ। ଏହାକୁ ନେଇ ଦୁଇ ପକ୍ଷ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଦେବୀ ଓ ତାଙ୍କ ପରିବାରଲୋକ ଗାଁ ଦାଣ୍ଡରେ ଦମ୍ପତିଙ୍କୁ ନିସ୍ତୁକ ପିଟିଥିଲେ।

# ଯୁବକଙ୍କୁ ବୀଭତ୍ସ ହତ୍ୟା

## ଗୁଳି କରି ମୁଣ୍ଡରେ ପଥର ଛେଚିଦେଲେ

ମୁନିଗୁଡ଼ା, ୨୭।୧(ସମିସ): ଗୁଳି କରି ଘାଇଲା କରିବା ପରେ ଖଣ୍ଡା, କାତିରେ ହାଣିବା ସହ ମୁଣ୍ଡରେ ପଥର ଛେଚି ମାରିଦେଲେ। ରାୟଗଡ଼ା ଜିଲ୍ଲା ଅମ୍ବାଦଳା ଥାନା ଅଞ୍ଚଳରେ ଏପରି ଏକ ବୀଭତ୍ସ ହତ୍ୟାକାଣ୍ଡ ଘଟିଛି। ହତ୍ୟାର ଶିକାର ଯୁବକଜଣଙ୍କ ହେଲେ, ଅମ୍ବାଦଳା ରେଲୱେସାହିର ସୀମାଞ୍ଚଳ ସାହୁ ଓରଫ୍ ବୁଲୁ ବୟସ (୪୭)। ରେଲଷ୍ଟେସନ୍ ଗେଷ୍ଟ ହାଉସ୍ ନିକଟ ରାସ୍ତାକଡ଼ରୁ ତାଙ୍କ

- ପୁଲିସ ଓ ସାଇଣ୍ଟିଫିକ ଟିମ୍‌ର ତଦନ୍ତ
- ଖୋକା, ୨ ଗୁଳି ସମେତ ଖଣ୍ଡା, କାତି ଜବତ

ରକ୍ତ ଜୁଡୁବୁଡୁ ମୃତଦେକୁ ପୁଲିସ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଦୁର୍ବୃତ୍ତମାନେ ତାଙ୍କୁ ହତ୍ୟା କରିବା ବେଳେ ତାଙ୍କ ପାପୁଲିକୁ ହାଣି ଦେଇଥିଲେ। ଘଟଣାସ୍ଥଳରୁ ତାଙ୍କର ଅଧାକଟା ପାପୁଲି ଜବତ ହୋଇଛି। ଏନେଇ ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଘଟଣାସ୍ଥଳରୁ ପୁଲିସ ଗୋଟିଏ ଖୋକା, ଦୁଇଟି ଗୁଳି, ଗୋଟିଏ କାତି ଓ ଗୋଟିଏ ଖଣ୍ଡା ଜବତ କରିଛି।

ସୂଚନାନୁଯାୟୀ, ଶନିବାର ସକାଳୁ ସୀମାଞ୍ଚଳ ଘରୁ କେଉଁଆଡ଼େ ବାହାରି ଯାଇଥିଲେ। କିନ୍ତୁ ଆଉ ଫେରିନଥିଲେ। ଆଜି ସକାଳୁ ତାଙ୍କ ମୃତଦେହ ରେଲୱେ ଗେଷ୍ଟ ହାଉସ୍ ନିକଟରେ ପଡ଼ିଥିବା ଦେଖି କିଛି ସ୍ଥାନୀୟ ଲୋକ ପୁଲିସକୁ ଖବର ଦେଇଥିଲେ। ଖବର ପାଇ ଅମ୍ବାଦଳା ଓ ରେଳବାଇ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ବିଷମକଟକ ଏସ୍‌ଡିପିଓ ସନ୍ତୋଷିନୀ ଓରାମଙ୍କ ସମେତ ଆମ୍ବଦଳା ଥାନା ଅଧିକାରୀ କଳ୍ପନା ବେହେରା ଓ ସାଇଣ୍ଟିଫିକ୍ ଟିମ୍ ସଦଳବଳେ ପହଞ୍ଚି ତଦନ୍ତ କରିଥିଲେ। ଅପରାଧୀଙ୍କୁ ଧରିବାକୁ ପୁଲିସ ସନ୍ଧାନୀ କୁକୁରର ମଧ୍ୟ ସାହାଯ୍ୟ ନେଇଥିଲା।



ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ହତ୍ୟାକାଣ୍ଡ ବୋଲି ସ୍ପଷ୍ଟ ହୋଇଛି। କିଛି ଦୁର୍ବୃତ୍ତ ବନ୍ଧୁକରୁ ଗୁଳି କରି ପ୍ରଥମେ ବୁଲୁଙ୍କୁ ଘାଇଲା କରିବା ପରେ ଖଣ୍ଡା ଓ କାତିରେ ଆଖିବୁଜା ତାଙ୍କ ଶରୀରର ବିଭିନ୍ନ ସ୍ଥାନକୁ ହାଣି ପକାଇଥିଲେ। ପରେ ତାଙ୍କ ମୁଣ୍ଡରେ ପଥର ଛେଚି ହତ୍ୟା କରିଥିବା ସନ୍ଦେହ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏହା ଆହୁରି ସ୍ପଷ୍ଟ ହେବ ବୋଲି ପୁଲିସ କହିଛି। ତେବେ କିଏ ଓ କେଉଁ କାରଣରୁ ତାଙ୍କୁ ହତ୍ୟା କରିଛି, ସେନେଇ ପୁଲିସ ତଦନ୍ତ ଚଳାଇଛି। ଉଲ୍ଲେଖଯୋଗ୍ୟ, ସୀମାଞ୍ଚଳଙ୍କ ନାମରେ ରାୟଗଡ଼ା ସମେତ ଅନ୍ୟ କିଛି ଜିଲ୍ଲାରେ ଆପରାଧିକ ମାମଲା ରହିଛି।

## ରତ୍ନଭଣ୍ଡାର ମାମଲା

# ତଦନ୍ତ କମିସନଙ୍କ ରିପୋର୍ଟ ଉପସ୍ଥାପନ ହୋଇନଥିବା ନେଇ ହାଇକୋର୍ଟଙ୍କ ଉଦ୍‌ବେଗ

କଟକ,୨୭।୧(ସମିସ): ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ରତ୍ନଭଣ୍ଡାର ମରାମତି ଓ ଚାବି ହଜିବା ପ୍ରସଙ୍ଗରେ ରୁଜୁ ଜନସ୍ୱାର୍ଥ ମାମଲାର ଆଜି ଶୁଣାଣି କରିଛନ୍ତି ହାଇକୋର୍ଟ। ତେବେ ରତ୍ନଭଣ୍ଡାର ଚାବି ହଜିବା ଘଟଣାରେ ଗଠିତ ହୋଇଥିବା ଜଷ୍ଟିସ୍ ରଘୁବୀର ଦାଶ ତଦନ୍ତ କମିସନଙ୍କ ରିପୋର୍ଟକୁ ଅଦ୍ୟାବଧି ବିଧାନସଭାରେ ଉପସ୍ଥାପନ କରାଯାଇ ନଥିବା ନେଇ ଅଦାଲତ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଅନ୍ୟପଟରେ ରତ୍ନଭଣ୍ଡାରର ଅଳଙ୍କାର ଗଣତିମଣତି ପାଇଁ ଏକ ଡ୍ରାଫ୍ଟ ଏସ୍‌ଓପି (ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡିଓର) ପ୍ରସ୍ତୁତ ହୋଇସାରିଥିବା ବେଳେ ରାଜ୍ୟ ସରକାରଙ୍କ ଅନୁମୋଦନ ପରେ ଚୂଡ଼ାନ୍ତ ଏସ୍‌ଓପି ଖୁବ୍‌ଶୀଘ୍ର ପ୍ରସ୍ତୁତ କରାଯିବ ବୋଲି ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଆଜି ହାଇକୋର୍ଟଙ୍କୁ ଅବଗତ କରିଛନ୍ତି। ଏଥିପାଇଁ ନିର୍ଦ୍ଧାରିତ ସମୟସୀମା ଧାର୍ଯ୍ୟ କରିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ଦିଲ୍ଲୀପ କୁମାର ବରାଳଙ୍କ ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ଦେଇଛନ୍ତି। ଆଡଭୋକେଟ ଜେନେରାଲଙ୍କ ପକ୍ଷରୁ ଦାଖଲ ଜବାବରେ ଦର୍ଶାଯାଇଛି ଯେ ଶ୍ରୀମନ୍ଦିର ରତ୍ନଭଣ୍ଡାରର ଉଭୟ ଭିତର ଓ ବାହାର ମରାମତି କାମ ସମ୍ପୂର୍ଣ୍ଣ କରାଯାଇ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନକୁ ହସ୍ତାନ୍ତର କରାଯାଇସାରିଛି। ଜଷ୍ଟିସ ବିଶ୍ୱନାଥ ରଥଙ୍କ ଅଧ୍ୟକ୍ଷତାରେ ଗଠିତ ୯ଜଣିଆ କମିଟିଙ୍କ ତତ୍ତ୍ୱାବଧାନରେ ରତ୍ନଭଣ୍ଡାର ଖୋଲାଯିବା ସହ ରତ୍ନ ଅଳଙ୍କାରକୁ ଷ୍ଟ୍ରଙ୍ଗରୁମରେ ରଖାଯାଇଛି। ରତ୍ନଭଣ୍ଡାର ଅଳଙ୍କାର ଗଣତିମଣତି ପ୍ରକ୍ରିୟା ପାଇଁ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆର ସହାୟତା ପାଇଁ ସରକାର ପଦକ୍ଷେପ ନେଉଛନ୍ତି। ଗତ ୧୯୭୮ରେ ଶେଷଥର ପାଇଁ ହୋଇଥିବା ଭିତର ରତ୍ନଭଣ୍ଡାର ଗଣତି ପ୍ରକ୍ରିୟା ପ୍ରାୟ ଏକ ବର୍ଷ ଲାଗିଥିଲା ବୋଲି ଅଦାଲତଙ୍କୁ ଅବଗତ କରାଇଥିଲେ ଆଡଭୋକେଟ୍ ଜେନେରାଲ।

## ଚାଷୀ ପ୍ରତାରଣାକୁ ତୀବ୍ର ବିରୋଧ

# ଫେବୃଆରୀ ୨ରୁ ଜିଲ୍ଲାସ୍ତରରେ ବିଜେଡିର ବିକ୍ଷୋଭ

ଭୁବନେଶ୍ୱର,୨୭।୧(ସମିସ): ରାଜ୍ୟର ୭୦ ପ୍ରତିଶତରୁ ଅଧିକ ଜନସଂଖ୍ୟା ଜୀବିକା ପାଇଁ କୃଷି ଉପରେ ନିର୍ଭର କରୁଛନ୍ତି; କିନ୍ତୁ ଆଜି ଓଡ଼ିଶାରେ ଚାଷୀମାନେ ହତାଶ। ଚାଷୀ ସମାଜ ବିହନ ଯୋଗାଣ, ସାର ଯୋଗାଣ ଏବଂ ଧାନ ସଂଗ୍ରହ କ୍ଷେତ୍ରରେ ଏପରି ଘୋର ଅନ୍ୟାୟର ସମ୍ମୁଖୀନ ହେଉଛନ୍ତି, ଯାହା ଓଡ଼ିଶାର ଇତିହାସରେ ପୂର୍ବରୁ କେବେ ଦେଖାଯାଇ ନଥିଲା । ଓଡ଼ିଶାର ଚାଷୀ ସମାଜ ସହିତ ସର୍ବଦା ବିଜେଡି ରହିଛି। ନବ ନିର୍ମାଣ କୃଷକ ସଂଗଠନ ଚାଷୀ ହିତରେ ପଦକ୍ଷେପ ନେଉଥିବାରୁ ତାଙ୍କୁ ସାଧୁବାଦ ବୋଲି ବିଜେଡି ପକ୍ଷରୁ କୁହାଯାଇଛି।

ମଙ୍ଗଳବାର ବିଜେଡି ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି କହିଛନ୍ତି ଯେ ସମଗ୍ର ଓଡ଼ିଶାରେ ଚାଷୀମାନେ ରାଜରାସ୍ତାରେ ଅଛନ୍ତି । ଓଡ଼ିଶାର ଉପକୂଳରୁ ଉପାନ୍ତ ପର୍ଯ୍ୟନ୍ତ ଚାଷୀମାନେ ବିଭିନ୍ନ ସମସ୍ୟା ପାଇଁ ବିଜେପି ସରକାର ବିରୋଧରେ ଆନ୍ଦୋଳନ କରୁଛନ୍ତି। ବିଜେଡି ପ୍ରତିଷ୍ଠା ହେବା ପରଠାରୁ ସର୍ବଦା ଚାଷୀ ସଶକ୍ତିକରଣ ପାଇଁ ପ୍ରତିବଦ୍ଧ ଏବଂ ସବୁବେଳେ ଚାଷୀଙ୍କ ସହିତ ଛିଡ଼ା ହୋଇଛି।



ପଶ୍ଚିମ ଓଡ଼ିଶା ଏବଂ ଅନ୍ୟାନ୍ୟ ସ୍ଥାନରେ ବିଜେଡି ଚାଷୀମାନଙ୍କ ପାଇଁ ସର୍ବଦା ରାଜରାସ୍ତାରେ ଲଢ଼େଇ କରୁଛି । ମଣ୍ଡିରେ ଅନିୟମିତତା ଏବଂ ଓଡ଼ିଶାରେ ଚାଷୀମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାକୁ ନେଇ ନବ ନିର୍ମାଣ କୃଷକ ସଂଗଠନ ଚାଷୀ ମାନଙ୍କ ସ୍ୱାର୍ଥରେ ଯେଉଁ ଆନ୍ଦୋଳନର ଡକରା ଦେଇଛି, ତାହା ଚାଷୀ ହିତକର ପଦକ୍ଷେପ । ବିଜେଡି ଏହି ପଦକ୍ଷେପକୁ ସାଧୁବାଦ ଜଣାଇବା ସହିତ ବିଜେଡି ଚାଷୀମାନଙ୍କ ହିତରେ ନିଜର ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଜାରି ରଖିବ ବୋଲି ସେ କହିଛନ୍ତି।

**ରାଜଧାନୀରେ ଚାଷୀ ସମାବେଶ ଫେବୃଆରୀ ୨୪ରେ**

ସେ ପୁଣି କହିଛନ୍ତି ଯେ ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବିଜେଡି ରାଜ୍ୟରେ କୃଷକମାନଙ୍କ ସମସ୍ୟା ଓ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତିର ପ୍ରତିବାଦରେ ଆସନ୍ତା ଫେବୃଆରୀ ୨ରୁ ୧୭ ତାରିଖ ପର୍ଯ୍ୟନ୍ତ ରାଜ୍ୟର ପ୍ରତିଟି ଜିଲ୍ଲାରେ ବିକ୍ଷୋଭ ପ୍ରଦର୍ଶନ କରାଯିବ । ଏହାପରେ ୨୪ ତାରିଖ ଦିନ ରାଜଧାନୀ ଭୁବନେଶ୍ୱର ଠାରେ ଏକ ବିଶାଳ ପ୍ରତିବାଦ ସଭା ଆୟୋଜନ ହେବ ବୋଲି ବିଜେଡି ପକ୍ଷରୁ ସୂଚନା ଦିଆଯାଇଛି । ସେ ଆହୁରି ମଧ୍ୟ କହିଥିଲେ ଯେ ଚଳିତ ବର୍ଷ ରାଜ୍ୟରେ ପ୍ରଥମଥର ପାଇଁ ଧାନ ସଂଗ୍ରହ ବ୍ୟବସ୍ଥା ସମ୍ପୂର୍ଣ୍ଣ ରୂପେ ବିପର୍ଯ୍ୟସ୍ତ ହୋଇ ପଡିଛି । ରାଜ୍ୟରେ ଚଳିତ ବର୍ଷ ୧୯ ଲକ୍ଷ ୬୬ ହଜାର ୧୮୧ ଜଣ ଚାଷୀ ପଞ୍ଜିକୃତ ହୋଇଥିବା ବେଳେ ଏପର୍ଯ୍ୟନ୍ତ ମାତ୍ର ୩୦ ପ୍ରତିଶତ ଚାଷୀଙ୍କ ଠାରୁ ନିର୍ଦ୍ଧାରିତ ୭୩ ଲକ୍ଷ ମେଟ୍ରିକ ଟନରୁ ମାତ୍ର ୨୬ ଲକ୍ଷ ମେଟ୍ରିକ ଟନ୍ ଅର୍ଥାତ୍ ୩୫ ପ୍ରତିଶତ ଧାନ କିଣା ଯାଇଛି । ବିଜେପି ସରକାର ୪୦୮୩ଟି ଧାନ ସଂଗ୍ରହ କେନ୍ଦ୍ର ଖୋଲିବା ପାଇଁ ଯୋଜନା କରିଥିଲେ, ହେଲେ ବର୍ତ୍ତମାନ ସୁଦ୍ଧା କେବଳ ୨୮୯୩ଟି ଧାନ ସଂଗ୍ରହ କେନ୍ଦ୍ର ଖୋଲିପାରିଛି। ବିନା କଟନି ଛଟନିରେ ଧାନ କିଣା ହେବ ବୋଲି ବିଜେପି ସରକାର ପ୍ରତିଶ୍ରୁତି ଦେଇଥିଲା । ମାତ୍ର ମଣ୍ଡି ଖୋଲିବାରେ ଅହେତୁକ ବିଳମ୍ବ ହେବାରୁ କ୍ଷୁଦ୍ର ଚାଷୀମାନେ ଅଭାବୀ ବିକ୍ରି କରିବାକୁ ବାଧ ହେଉଛନ୍ତି ବୋଲି ଡ. ମହାନ୍ତି କହିଛନ୍ତି।

# ବିଜେଡିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ




ଭବାନୀପାଟଣା,୨୭ ।୧ (ସମିସ): ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ମେଦିନୀପୁରସ୍ଥିତ ଏକ ଫାର୍ମହାଉସଠାରେ କଳାହାଣ୍ଡି ବିଜେଡିର ପରିବର୍ଦ୍ଧିତ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି ।

ଲାଞ୍ଜିଗଡ଼ ବିଧାୟକ ତଥା ଜିଲ୍ଲା ସଭାପତି ପ୍ରଦୀପ କୁମାର ଦିଶାରୀଙ୍କ ନେତୃତ୍ୱରେ ୫୧ଜଣ ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ, ବରିଷ୍ଠ ନେତୃମଣ୍ଡଳୀ ଏବଂ ଛାମୁଆ ସଂଗଠନର ସଭାପତିମାନେ ଯୋଗଦେଇ ଥିଲେ । ଏହି କାର୍ଯ୍ୟକ୍ରମରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଭର୍ଚୁଆଲ ବାର୍ତ୍ତାରେ ଲୋକେ ଏବେ ବି ବିଜେଡିକୁ ଭଲ ପାଉଛନ୍ତି ଏବଂ ଏହା ଆମର ଶକ୍ତି ବୋଲି କହିଥିଲେ । ବୈଠକରେ ଡବଲ ଇଞ୍ଜିନ ସରକାରରେ କୃଷକ ମାନଙ୍କ ପ୍ରତି ହେଉଥିବା ଅନ୍ୟାୟ ଓ ରାଜ୍ୟ ସରକାରଙ୍କ ଚାଷୀ ମାରଣନୀତି ପ୍ରତିବାଦରେ ଆଗାମୀ ଫେବୃୟାରୀ ୩ ତାରିଖ ଦିନ କଳାହାଣ୍ଡି ବିଜେଡି ତରଫରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବ ବୋଲି ନିଷ୍ପତ୍ତି ନିଆଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବିଜେଡି ସଭାପତି ପ୍ରଦୀପ କୁମାର ଦିଶାରୀ, ପୂର୍ବତନ ମନ୍ତ୍ରୀ ତଥା ଜୁନାଗଡ଼ ବିଧାୟକ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର, ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂହଦେଓ, ପୂର୍ବତନ ବିଧାୟକ ମହୋଷଧି ବାଗ, ଦୁଷ୍ମନ୍ତ ନାଏକ, ଗୋବର୍ଦ୍ଧନ ଦାଶ, ଜିତେନ୍ଦ୍ର ମଶାନ୍ତି, ଜିଲ୍ଲା ଉପସଭାପତି ଜୀତେନ୍ଦ୍ର ନାରାୟଣ ସିଂହଦେଓ, ପ୍ରଦୀପ ମୁଣ୍ଡ, ଧର୍ମେନ୍ଦ୍ର ନାଏକ, ବରିଷ୍ଠ ବିଜେଡି ନେତା ଭବାନୀଶଙ୍କର ମିଶ୍ର, ନଗରପାଳ ବିଷ୍ଣୁ ପ୍ରଧାନ, ମୁନା ମହାନ୍ତି, ବଦ୍ରିନାରାୟଣ ପଟ୍ଟନାୟକ, ମହିଳା ସଭାନେତ୍ରୀ ଲଳିତା ନାଏକ, ପୂର୍ବତନ ନଗରପାଳ ଆଦିତ୍ୟ ନନ୍ଦ, ଯୁବନେତା ଅବିନାଶ ଠାକୁର, ରାଜ୍ୟ ଯୁବ ଉପସଭାପତି ମନିନ୍ଦ୍ର ମହାନ୍ତି, ବରିଷ୍ଠ ଉପସଭାପତି ମଣ୍ଟୁ ନାଏକ, କେସିଙ୍ଗା ଏନ୍ଏସି ଅଧକ୍ଷ ନୃପରାଜ ଯାଦବ, ପ୍ରଶାନ୍ତ ନାଏକ, ସାମନ୍ତ ଖମାରୀ, ମହିଳା ନେତ୍ରୀ ସବିତା ପ୍ରଧାନ, ପୂର୍ବତନ ନଗରପାଳ ସଂଯୁକ୍ତା ବେହେରା, ଧବଳେଶ୍ୱର ମହାପାତ୍ର, ସଚ୍ଚିଦାନନ୍ଦ ମହାକୁଡ଼, କ୍ଷିରସିନ୍ଧୁ ନାଏକ, ସେନାପତି ନାଏକ, ତ୍ରିଲୋଚନ ପାଣିଗ୍ରାହୀ, ମାଣିକ୍ୟ ନାଏକ, ଆଶୁତୋଷ ପୁରୋହିତ, ମହେଶ ସାହୁ, ଶିବା ସାହୁ, ପରମାନନ୍ଦ ମାଝୀ, ଉତ୍ପଳ ଦାସ, ପିତବାସ ବେହେରା, ମାନସ ସିନ୍ଦୂର, ମିଟୁ ପାତ୍ର, ଭୋଳାନାଥ ନାଗ, ତଥା ସମସ୍ତ ଜିଲ୍ଲା ପରିଷଦ ସଦସ୍ୟ ଉପସ୍ଥିତ ଥିଲେ ।

## ହାତୀକୁ ୩୨ଖଣ୍ଡ କରି ପୋତିବା ପ୍ରସଙ୍ଗ

# କାହା ତୁଣ୍ଡରୁ ସତ କଥା ବାହାରୁନି

ଭବାନୀପାଟଣା:୨୭ ।୧(ସମିସ):

କନ୍ଧମାଳ ଜିଲ୍ଲାରେ ଗତ ୫ ତାରିଖରେ ଏକ ହାତୀର ମୃତ୍ୟୁ ଘଟିଥିଲା ସତ କିନ୍ତୁ ମୃତହାତୀର ଶରୀରର ମୁଖ୍ୟ ଅଂଶ ସବୁ କଳାହାଣ୍ଡି ଅଣାଯାଇଥିବା କାରଣରୁ ଦୁଇ ଜିଲ୍ଲାରେ ଘଟଣାକୁ ନେଇ ସମସ୍ତଙ୍କ ମନରେ ଉଦ୍‌ବେଗ ପ୍ରକାଶ ପାଇଛି । ମାମଲାର ଚର୍ଚ୍ଚିତ ଚରିତ୍ର ରୂପେ ଡେପୁଟି ରେଞ୍ଜର ବିନୟ କୁମାର ବିଶି ଯେଉଁ ବିଭତ୍ସ କାଣ୍ଡ ଘଟାଇ ଫେରାର ହୋଇଛନ୍ତି ତାହା ସହଜରେ ହଜମ କରିବା କଷ୍ଟଦାୟକ । କଳାହାଣ୍ଡିରେ ଏକ ଲୋକକଥା ଅଛି "ହାତୀ ମାରି କୁଲା ଢ଼ାପବା" । ହାତୀକୁ ସାମାନ୍ୟ ଗୋଟିଏ କୁଲା ଦ୍ୱାରା ଘୋଡ଼ାଇ ରଖିବା କେବେ ସମ୍ଭବ ନୁହେଁ । ଏତେବଡ଼ ବନ୍ୟପ୍ରାଣୀ ହାତୀ ମରିବା ଘଟଣାକୁ ଯେତେ ଲୁଚାଇବାକୁ ଅପଚେଷ୍ଟା କଲେ ମଧ ତାହା ଧରାପଡ଼ିବା ନିଶ୍ଚିତ । କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବନଖଣ୍ଡର ବେଲଘର ରେଞ୍ଜ ଅଞ୍ଚଳର ଝିରିପାଣି ନିକଟ ସିମିଲିପଦର୍ ମୁଣ୍ଡୁଟି ଜଙ୍ଗଲରେ ଗୋଟିଏ ହାତୀର ମୃତ୍ୟୁ ହୋଇଛି । ଏକ ନର୍ସରୀ ପାଖରେ ହାତୀର ମୃତଦେହର କିଛି ଅଂଶ ଉଦ୍ଧାର ହେବା ବିଷୟ ଚହଳ ପଡ଼ିଯାଇଥିଲା । ଗତକାଲି ସାଧାରଣତନ୍ତ୍ର ଦିବସ ଅବସରରେ ପତାକା ଉତ୍ତୋଳନ ପରେ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ, ଶ୍ରମ ଏବଂ କର୍ମଚାରୀ ବୀମା ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଗଣମାଧମକୁ କହିଥିଲେ ବେଲଘର ହାତୀ ମୃତ୍ୟୁକୁ ଗୁରୁତର ସହ ରାଜ୍ୟ ସରକାର ନେଇଛନ୍ତି । ଶୂନ୍ୟ ସହନଶୀଳତାକୁ ଲୋକଙ୍କ ସରକାର ବିଶ୍ୱାସ କରୁଛନ୍ତି । ସରକାର ଶୂନ୍ୟ ସହନଶୀଳ କଥା ନକହି



ପ୍ରତିକ୍ରିୟାଶୀଳ ହେବା ସମୟ ଆସିଛି । ଘଟଣାକ୍ରମରେ ଦେଖିଲେ ପ୍ରଥମରୁ ଗତ ୧୪ତାରିଖରେ ଡିଏଫ୍‌ଓ ଘନଶ୍ୟାମ ହାତୀ ମରିଥିବା ସମ୍ପର୍କରେ ଜଣାଇଥିଲେ । ଆରସିସିଏଫ୍ ବିଶ୍ୱନାଥ ନିଲନବରଙ୍କ ନିର୍ଦ୍ଦେଶକ୍ରମେ ଗତ ୧୭/୧୮ ଦୁଇଦିନ ଧରି

- ■ ଶୂନ୍ୟ ସହନଶୀଳତାର ବିକୃତ ପ୍ରତିଫଳନ
- ■ ବିଦ୍ୟୁତ୍ ସ୍ପର୍ଶ ହିଁ ହାତୀ ମୃତ୍ୟୁର କାରଣ: ବନବିଭାଗ
- ■ ବିଦ୍ୟୁତ୍ ସ୍ପର୍ଶଜନିତ ମୃତ୍ୟୁ ସମ୍ପର୍କରେ କେହି ସୂଚନା ଦେଇନାହାନ୍ତି : ବିଦ୍ୟୁତ୍ ବିଭାଗ
- ■ ଏସିଏଫ୍‌ଙ୍କ ମିଛ ରିପୋର୍ଟକୁ ସତ ପ୍ରମାଣିତ କରିବାକୁ ଯାଇ ଫସିଲେ କି ଡେପୁଟି ରେଞ୍ଜର?



ମହାନ୍ତଙ୍କ ନିର୍ଦ୍ଦେଶ କ୍ରମେ ଏସ ସି ଏଫ୍ ସୂର୍ଯ୍ୟକାନ୍ତ ବେହେରା ଘଟଣାସ୍ଥଳକୁ ଯାଇ ଫେରିବା ପରେ ଡିଏଫ୍‌ଓଙ୍କୁ ଲିଖିତ ରିପୋର୍ଟ ଦେଇଥିଲେ ଯେ କୌଣସି ପରିସ୍ଥିତିରେ ହାତୀ ମରିନାହିଁ କେବଳ ଏକ ଗୁଜବ । ପରବର୍ତ୍ତୀ ପର୍ଯ୍ୟାୟରେ ଗଣମାଧମରେ ଖବର ପ୍ରକାଶ ପାଇବା ପରେ ଜଣେ ନୂଆ ଚରିତ୍ର ରୂପେ ଉଭାହେଲେ ଗୁମା ପଞ୍ଚାୟତର ସରପଞ୍ଚ ସଞ୍ଜୁ ମଲ୍ଲିକ । ସେ ପୁଣି ଡିଏଫ୍‌ଓଙ୍କୁ ଲିଖିତ ଆକାରରେ ଉକ୍ତ ଅଞ୍ଚଳକୁ ଗସ୍ତକରିଥିଲେ ଡିଏଫ୍‌ଓ ଶ୍ରୀ ମହାନ୍ତ । ଏବଂ ହାତୀ ମୃତ୍ୟୁ ଖବର ଗୁଜବ ନୁହେଁ ସତ । ଆର୍‌ସିସିଏଫ୍ ବାଲିଗୁଡ଼ାରେ ପହଞ୍ଚି ପ୍ରଥମେ ଦାୟିତ୍ୱରେ ଥିବା ଡେପୁଟି ରେଞ୍ଜରଙ୍କୁ ନିଲମ୍ବିତ କରିଦେଇ ଥିଲେ । ୧୯ ତାରିଖରେ ଜେଟିଏଫ୍ ଟିମ୍ ବେଲଘର ଅଞ୍ଚଳରେ ପହଞ୍ଚି ଅନୁସନ୍ଧାନ କରିବା ସହିତ ସାମ୍ପଲ୍ ସଂଗ୍ରହକରି ଫେରିଥିଲେ । ଏଥି ପୂର୍ବରୁ ଡେପୁଟି ରେଞ୍ଜର ନିଜ ସ୍କ୍ୱାର୍ଡ ଟିମର ୮ଜଣଙ୍କୁ ଧରି ହାତୀ ଶରୀରର ଅଧାରୁ ଅଧିକ ନିଜ ଗ୍ରାମ କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକର ତହଁସିର ଗ୍ରାମ ନିକଟରେ ସାତଫୁଟ ଗାତ କରି ହାତୀର ଦେହାବଶେଷ ପୋତିଦେଇ କେଉଁଆଡେ ଫେରାର ମାରିଛନ୍ତି । ବନ ବିଭାଗ ଅଧିକାରୀମାନେ ଜଣେ ଡ୍ରାଇଭରକୁ କରି ଜେଲ ପଠାଇ ଏବେ ପ୍ରମାଦ ଗଣୁଛନ୍ତି । କାହାକୁ କିଏ କେମିତି ଏହି ମାମଲାରୁ ଉଦ୍ଧାର କରିବେ । ସବୁଠାରୁ ବଡ଼ କଥା ପ୍ରଥମେ କିଏ କିଛି କହୁନଥିଲେ । ଏବେ ଯାହା କହୁଛନ୍ତି ସବୁ ମିଛ ପ୍ରମାଣିତ ହେଉଛି । ପ୍ରଥମେ ଏସସିଏଫ୍ ମିଛ କହିଲେ । ସାମ୍ବାଦିକ ସମ୍ମିଳନୀରେ ଆର୍‌ସିସି ଏଫ୍ ମଧ ହାତୀର ମୃତ୍ୟୁ ବିଦ୍ୟୁତ୍ ସ୍ପର୍ଶଜନିତ ବୋଲି ଯାହା କହିଲେ ତାହାକୁ ବିଦ୍ୟୁତ୍ ବିଭାଗର ଦାୟିତ୍ୱସମ୍ପନ୍ନ ଯନ୍ତ୍ରୀମାନେ ମାନିବାକୁ ପ୍ରସ୍ତୁତ ନାହାଁନ୍ତି । ବିଦ୍ୟୁତ୍ ବିଭାଗ ନିର୍ବାହୀ ଯନ୍ତ୍ରୀ କହିଲେ ଆମେ କେହି ଜାଣିନୁ ଯାହା ଏବେ ଶୁଣୁଛୁ । ହାତୀ କିମ୍ବା ଯେକୌଣସି ବନ୍ୟପ୍ରାଣୀ ବିଦ୍ୟୁତ୍ ଆଘାତରେ ମରିଗଲେ ବନ ବିଭାଗ ଆମକୁ ଚିଠି ମାଧମରେ ଜଣାଇବା ନିୟମ ରହିଛି । କିନ୍ତୁ ଆଜି ସୁଦ୍ଧା କେହି ବିଦ୍ୟୁତ୍ ବିଭାଗ ସହିତ ଯୋଗାଯୋଗ କରିନାହାନ୍ତି । ଦ୍ୱିତୀୟରେ ସେ ବିଭାଗର ଏସଡିଓ କହିଲେ ଯେ ସେମାନେ ପୂର୍ବରୁ ଗୋଟେ ଚିଠି କରିଥିଲେ ବେଲଘର ଅଞ୍ଚଳରେ ହାତୀଙ୍କ ଗତିବିଧି ରହିଛି । ତେଣୁ ଆମେ ବିଦ୍ୟୁତ୍ ସଂଯୋଗ କାଟି ଦେଇଥିଲୁ । ଗତ ୫ ତାରିଖରେ ଉକ୍ତ ଅଞ୍ଚଳରେ ବିଦ୍ୟୁତ୍ ସରବରାହ ବ୍ୟବସ୍ଥା ବନ୍ଦ ଥିଲା । ତେଣୁ ହାତୀର ମୃତ୍ୟୁ ବିଦ୍ୟୁତ୍ ଆଘାତରେ ହେଲା କିପରି ବୋଲି ବିଦ୍ୟୁତ୍ ବିଭାଗ ଯନ୍ତ୍ରୀମାନେ ଓଲଟା ପ୍ରଶ୍ନ କରୁଛନ୍ତି । ଗତକାଲି ଜଙ୍ଗଲ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଭବାନୀପାଟଣା ଓ କେସିଙ୍ଗାଠାରେ ଗଣମାଧମକୁ କହିଛନ୍ତି ହାତୀ ମୃତ୍ୟୁ ମାମଲାରେ କେହି ବର୍ତ୍ତିବେନି । ଡେପୁଟି ରେଞ୍ଜର ପାତାଳ କି ସ୍ୱର୍ଗରେ ଲୁଚିଲେ ବି ଖୋଜି ବାହାର କରାହେବ । ଯେଉଁମାନେ ସଂପୃକ୍ତ ଦରକାର ପଡ଼ିଲେ ସମ୍ପତ୍ତି ବ୍ୟାଜପ୍ତ ହେବା ଓ ଚାକିରିରୁ ବହିଷ୍କାର ମଧ ହୋଇପାରନ୍ତି । ମନ୍ତ୍ରୀ ସବୁ କହିଗଲେ କିନ୍ତୁ ହାତୀ ମୃତ୍ୟୁପରେ କାହିଁକି କେସିଙ୍ଗା ନିକଟରେ ଖଣ୍ଡଖଣ୍ଡ କରି ପୋତାଗଲା ସେ ସମ୍ପର୍କରେ ମୁହଁ ଖୋଲିଲେ ନାହିଁ କି ପୋତାଯାଇଥିବା ଅଞ୍ଚଳକୁ ଯାଇ ନ ଥିଲେ । ଏତେବଡ ଘଟଣାରେ କ୍ରିମିନାଲ କେସ୍ କାହିଁକି ଏଯାବତ୍ ହୋଇପାରିନି ତାହା ଜଣାପଡ଼ିନାହିଁ । ଆର୍‌ସିସିଏଫ୍‌ଙ୍କ ଠାରୁ ତଳିଆ କର୍ମଚାରୀଙ୍କ ଯାଏଁ କାହା ତୁଣ୍ଡରୁ ସତକଥା କଣ ଜାଣିବା ମୁସ୍କିଲ ହୋଇପଡ଼ିଛି । ପ୍ରଥମରୁ ଏସସିଏଫ୍ ଶ୍ରୀ ବେହେରା ଡିଏଫ୍‌ଓଙ୍କୁ ହାତୀର ମୃତ୍ୟୁ ହୋଇନାହିଁ କେବଳ ଗୁଜବ ବୋଲି ଯେଉଁ ରିପୋର୍ଟ ଦେଇଥିଲେ ତାହାକୁ ଆଧାରକରି ତଳରୁ ଉପର ଯାଏଁ ସତ ମିଛର ସତରଞ୍ଜି ଖେଳ ଚାଲିଥିବା ପ୍ରକୃତିପ୍ରେମୀ ମତ ରଖିଛନ୍ତି ।

# ସଗୌରବେ ସବୁଠି ଉଡ଼ିଲା ତ୍ରିରଙ୍ଗା





ଭବାନୀପାଟଣା,୨୭ ।୧(ସମିସ): କଳାହାଣ୍ଡି ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ସ୍ଥାନୀୟ ରିଜର୍ଭ ପୁଲିସ ପଡିଆଠାରେ ପାଳିତ ହୋଇଯାଇଛି । ଏହି ଅବସରରେ ସହରରେ ପ୍ରାତଃ ରାମଧୁନ, ପ୍ରଭାତଫେରୀ, ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ରିଜର୍ଭ ପୁଲିସ ପଡ଼ିଆଠାରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ, ଶ୍ରମ ଏବଂ କର୍ମଚାରୀ ରାଜ୍ୟ ବୀମା ଗଣେଶରାମ ସିଂ ଖୁଣ୍ଟିଆ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରି ମିଳିତ ପରେଡ ପରିଦର୍ଶନ ଓ ଅଭିବାଦନ ଗ୍ରହଣ କରିଥିଲେ । ମୁଖ୍ୟ ଅତିଥି ମନ୍ତ୍ରୀ ତାଙ୍କ ବକ୍ତବ୍ୟରେ ସାଧରଣତନ୍ତ୍ର ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ଉଲ୍ଲେଖ କରି ସ୍ୱାଧୀନତା ସଂଗ୍ରାମୀ, ମହାମନୀଷୀଙ୍କ ସ୍ମୃତିଚାରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଜିଲ୍ଲାସ୍ତରୀୟ ମିଳିତ ପରେଡ ଉତ୍ସବରେ ପୁଲିସ ବାହିନୀ , ହୋମଗାର୍ଡଙ୍କ ସହିତ ବିଭିନ୍ନ ଶିକ୍ଷାନୁଷ୍ଠାନର ସିନିୟର ଏନ.ସି.ସି , ଜୁନିଅର ଏନ.ସି.ସି, ସ୍କାଉଟ, ଗାଇଡ , ଜୁନିଅର ରେଡକ୍ରସ , ସିନିୟର ସିଭିଲିଏନ , ଜୁନିଅର ସିଭିଲିଏନ , ପୁଲିସ ବ୍ୟାଣ୍ଡ ଦଳ ସହ ସର୍ବମୋଟ ୪୩ଟି ଦଳ ଅଂଶଗ୍ରହଣ କରି ଆକର୍ଷଣୀୟ ପରେଡ ପ୍ରଦର୍ଶନ କରିଥିଲେ । ଏଥିରେ ବରିଷ୍ଠ ବିଭାଗର ଶ୍ରେଷ୍ଠ ଏନ୍‌ସିସି ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ (ନାଭାଲ), କନିଷ୍ଠ ବିଭାଗର ଶ୍ରେଷ୍ଠ ଏନ.ସି.ସି କେନ୍ଦ୍ରୀୟ ବିଦ୍ୟାଳୟ (ନାଭାଲ), ଶ୍ରେଷ୍ଠ ସ୍କାଉଟ୍ସ ବାଳଗୋପାଳ ସେବା ନିକେତନ, ଶ୍ରେଷ୍ଠ ଗାଇଡ୍ କିସ୍ ଆବାସିକ ବିଦ୍ୟାଳୟ, ଶ୍ରେଷ୍ଠ ଜୁନିଅର ରେଡକ୍ରସ୍ ସିଟିଜେନ ଇଂଲିଶ ମିଡିୟମ୍ ସ୍କୁଲ, ଶ୍ରେଷ୍ଠ ବରିଷ୍ଠ ସିଭିଲିଏନ ବିମଳା କନଭେଣ୍ଟ ସ୍କୁଲ, ଶ୍ରେଷ୍ଠ କନିଷ୍ଠ ସିଭିଲିଏନ ଶାସ୍ତ୍ରୀଜୀ ଶିକ୍ଷା ନିକେତନ , ଶ୍ରେଷ୍ଠ ବରିଷ୍ଠ ପ୍ଲାଟୁନ କମାଣ୍ଡର ଶୁଭ୍ରାଂଶୁ ଶେଖର ସାହୁ , ଶ୍ରେଷ୍ଠ ଲିଟିଲ କମାଣ୍ଡର ନୂପୁର ପାତ୍ର, ସେହିପରି ଶାରୀରିକ କ୍ରୀଡା କୌଶଳରେ ପ୍ରଥମ ଶାସ୍ତ୍ରୀଜୀ ଶିକ୍ଷା ନିକେତନ, ଦ୍ୱିତୀୟ କୁଂଫୁ ଫେଡରେଶନ, ତୃତୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସ୍ଥାନ ଅଧିକାର କରି ମୁଖ୍ୟ ଅତିଥିଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଶ୍ରେଷ୍ଠ ବିବେଚିତ ବ୍ୟକ୍ତିବିଶେଷଙ୍କୁ ମଧ ମୁଖ୍ୟ ଅତିଥିଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା । ମୁଖ୍ୟ ଅତିଥି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନରେ ଯାଇ ରକ୍ତଦାନ ଶିବିରର ଉଦ୍‌ଘାଟନ କରିଥିଲେ । ଏହି ସବୁ କାର୍ଯ୍ୟକ୍ରମରେ ସାଂସଦ କଳାହାଣ୍ଡି ମାଳବିକା ଦେବୀ, ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ , ଆରକ୍ଷୀ ଅଧିକ୍ଷକ ନାଗରାଜ ଦେବରକୋଣ୍ଡା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବଇତୁରା ଦୀପ , ଡି.ଏଫ୍.ଓ (ଉତ୍ତର) ରମେଶ କୁମାର ବିଷ୍ଣୋଇ, ଡି.ଏଫ୍.ଓ (ଦକ୍ଷିଣ) ଆର କଲାଇ ବାନନ୍, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଜିଲ୍ଲା ଅଧିକାରୀ ଡ. ନିହାରେନ୍ଦ୍ର ପଣ୍ଡା, ଯୁଗଳ କିଶୋର ପୋଡ, ବିଭିନ୍ନ ବିଭାଗୀୟ ପଦାଧୀକାରୀ, ବରିଷ୍ଠ ନାଗରିକ, ଜନପ୍ରତିନିଧି, ଗଣମାଧମର ପ୍ରତିନିଧି ପ୍ରମୁଖ ଯୋଗଦେଇଥିଲେ । ପରେ ମୁଖ୍ୟଅତିଥି ମାନ୍ୟବର ମନ୍ତ୍ରୀ କେସିଙ୍ଗା ପି.ଏମ୍.ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିଲେ । ଜିଲ୍ଲାପାଳ ପାୱାର ସଚିନ ପ୍ରକାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାଂସଦ ମାଳବିକା ଦେବୀ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ସଚିବ ଅନୁପମ ସାହା, ଯୁଗଳ କିଶୋର ପୋଢ, ଅଧକ୍ଷ ଏନ.ଏ.ସି କେସିଙ୍ଗା ନୃପରାଜ ଯାଦବ, ଚନ୍ଦନ ସେନାପତି, ଜିଲ୍ଲା ଶିକ୍ଷାଧୀକାରୀ ରାଧାକାନ୍ତ ଛତ୍ରୀଙ୍କ ସମେତ ବିଡିଓ, ତହସିଲଦାର , ଜନପ୍ରତିନିଧି ପ୍ରମୁଖ ଯୋଗ ଦେଇଥିଲେ । ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନଙ୍କ ଅଧକ୍ଷତାରେ ଦୁର୍ଯ୍ୟୋଧନ ଭୋଇ, ବିବେକାନନ୍ଦ ମହାନନ୍ଦ, ହଳଧର ନିଆଲ, ରମେଶ ଚନ୍ଦ୍ର ପାଢ଼ୀ, ରୂପସିଂ ରାଉତ, ଡ. ଅଜୟ ମିଶ୍ର, ଡ.ଉମେଶ ଚନ୍ଦ୍ର ଶତପଥୀ ଯୋଗଦେଇ ଥିଲେ । ପରିଚାଳନାରେ ହେମନ୍ତ କୁମାର ମୁଣ୍ଡ , ବିରଞ୍ଚି ନାରାୟଣ ମୁଣ୍ଡ , ରବି ପ୍ରସାଦ କାନୁନଗୋ, ଶୁଭେନ୍ଦୁ ବେହେରା, ଚିତ୍ତରଞ୍ଜନ କର ପ୍ରମୁଖ ସହଯୋଗ କରିଥିଲେ ।

**ଜୟପାଟଣା :** କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ କଂଗ୍ରେସ କମିଟି ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ଏଥିରେ ଅବସରପ୍ରାପ୍ତ ଶିକ୍ଷକ ତ୍ରିନାଥ ପଟ୍ଟନାୟକ ମୁଖଅତିଥି ଭାବେ ଯୋଗଦେଇ ପତାକା ଉତ୍ତଳନ କରିଥିବାବେଳେ କମିଟିର ସଭାପତି ସୁଶୀଲ କୁମାର ନାଏକ, ପୂର୍ବତନ ସଭାପତି ଗଙ୍ଗାଧର ପାତ୍ର, ରୁଦ୍ରପ୍ରସାଦ ପାଣିଗ୍ରାହୀ, ମଳୟ ପଣ୍ଡା, ପୁରୋଷତ୍ତମ ମାଝୀ, ନେତ୍ରମଣୀ ନାଗ, ଶ୍ୟାମ ପାଢ଼ୀ, ସନ୍ୟାସୀ ନାଗ, ନୂତନ ଶବର, କ୍ଷେତ୍ର ଶବର, ମଳୟ ପଣ୍ଡା, ଗଣପତିଦେବ ଦାସ, ଜବ୍ର ନାଏକ ସୁଶାନ୍ତ ନାଏକ ପ୍ରମୁଖ ଉପସ୍ଥିତ ଥିଲେ ।

**ଗୋଲାମୁଣ୍ଡା :** ଗୋଲାମୁଣ୍ଡା ବ୍ଲକର ବିଭିନ୍ନ ସରକାରୀ ଏବଂ ବେସରକାରୀ କାର୍ଯ୍ୟାଳୟରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ସହିଦ ବିଜେନ୍ଦ୍ରନାଥ ରାଉତ ପାର୍କ, ଜଗନ୍ନାଥ ମନ୍ଦିର ଅଗଣା, ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ, ପୁଲିସ ଷ୍ଟେସନ, ତହସିଲ ଅଫିସ, ଅଗ୍ନିଶମ କାର୍ଯ୍ୟାଳୟ, ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ, ରେଞ୍ଜ ଅଫିସ, ଗୋଷ୍ଠୀ କୃଷି ଅଫିସ, ଗୋଷ୍ଠୀ ଉଦ୍ୟାନ କାର୍ଯ୍ୟାଳୟ, ଗୋଷ୍ଠୀ ପ୍ରାଣୀ ଚିକିତ୍ସା କାର୍ଯ୍ୟାଳୟ, ସମସ୍ତ ସ୍କୁଲ ଏବଂ ଅଙ୍ଗନବାଡ଼ି କେନ୍ଦ୍ର, ଡାକ୍ତରଖାନା ସମେତ ପ୍ରତ୍ୟେକ ପଞ୍ଚାୟତ କାର୍ଯ୍ୟାଳୟ ପ୍ରମୁଖ ସ୍ଥାନରେ ପତାକା ଉତ୍ତୋଳନ କରାଯାଇଥିଲା ।

**କର୍ଲାମୁଣ୍ଡା :** କର୍ଲାମୁଣ୍ଡା ବ୍ଲକର ବିଭିନ୍ନ ଅନୁଷ୍ଠାନରେ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ବ୍ଲକ୍‌ସ୍ତରୀୟ ଉତ୍ସବରେ ବିଡିଓ ସୁଚରିତା ମୁଗ୍ରୀ, ତହସିଲଦାର ଅରୁଣ ବର୍ଗେ, କର୍ଲାମୁଣ୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ମନୋଜ ମିଶ୍ର ଜାତୀୟ ପତାକା ଉତ୍ତୋଳନ କରିଥିଲେ । ପଞ୍ଚାୟତସ୍ତରୀୟ ସାଧାରଣତନ୍ତ୍ର ଦିବସରେ ସରପଞ୍ଚ ସେବତୀ ରଣା ଜାତୀୟ ପତାକା ଉତ୍ତୋଳନ କରିଥିବାବେଳେ ଜଗନ୍ନାଥ ଡିଗ୍ରୀ କଲେଜର ଅଧକ୍ଷ ଗଦାଧର ପଧାନ ମୁଖ୍ୟବକ୍ତା ଭାବେ ଯୋଗଦେଇ ଥିଲେ । ବରିଷ୍ଠ ସାମ୍ବାଦିକ ନରୋତ୍ତମ ସେଲମା ସଂଯୋଜନା କରିଥିବା ବେଳେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଦେବରାଜ ରଣା ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ରିଷିଡ଼ା ଫାଣ୍ଡିରେ ଫାଣ୍ଡିଅଧିକାରୀ ମନୁଆ ବିଡ଼ିକା, ରିଷିଡା ପାର୍କରେ ଗ୍ରାମ ଉନୟନ କମିଟି ସଭାପତି ନାରାୟଣ ରଣା, ସ୍ୱାଭିମାନ ମଞ୍ଚରେ ଡ. ହିମାଂଶୁ ଶେଖର ରଣା, ଜ୍ୟୋତି ବିକାଶ ଯୁବକ ସଂଘରେ ସଭାପତି ଫକୀର ଚରଣ ସାହୁ, ରାଜସ୍ୱ କାର୍ଯ୍ୟାଳୟରେ ରାଜସ୍ୱ ନିରୀକ୍ଷକ ଥବିର ଭୋଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ ।

**ଲାଞ୍ଜିଗଡ଼:** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକର ବିଭିନ୍ନସ୍ଥାନରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ଲାଞ୍ଜିଗଡ଼ ସ୍ଥିତ ହାଇସ୍କୁଲ ପଡିଆଠାରେ ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ ବ୍ଲକ ମେଡିକାଲ ଅଫିସର ଡ. ଭବାନୀ ଶଙ୍କର ଲେଙ୍କା ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ଲାଞ୍ଜିଗଡ ସରକାରୀ ଉଚ୍ଚ ବିଦ୍ୟାଳୟର ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ଶିକ୍ଷକ ବିନୋଦ ବାତ୍ରା, ସମ୍ମାନିତ ଅତିଥି ଲାଞ୍ଜିଗଡ଼ ସରପଞ୍ଚ ସରସ୍ୱତୀ ମୁଣ୍ଡା, ଅବସରପ୍ରାପ୍ତ ଏବିଇଓ ଗୋପବନ୍ଧୁ ପୁଷ୍ଟି, ଲାଞ୍ଜିଗଡ଼ ପୂର୍ବତନ ସରପଞ୍ଚ ଚନ୍ଦ୍ରଧ୍ୱଜ ପେଶନିଆ, ଉମାକାନ୍ତ ବେଣୁପାଣି, ଜମ୍ବେଶ୍ୱର ମାଝୀ, ଅଶୋକ ପଟ୍ଟନାୟକ, ଧବଳେସ୍ୱର ପୁରୋହିତ, କ୍ଷମାନିଧି ମହାଖୁଡ଼ ପ୍ରମୁଖ ମଞ୍ଚାସିନ ଥିଲେ । ବିଶ୍ୱନାଥପୁର ଠାରେ ବିଡିଓ ଶଶାଙ୍କ ପାତ୍ର ଅଧକ୍ଷତାରେ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ସାଧାରଣତନ୍ତ୍ର ଦିବସ ପାଳନ କରାଯାଇଛି । ଏଥିରେ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରି ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ । ସମ୍ମାନିତ ଅତିଥି ଭାବେ କମଳା ପାତ୍ର, ରୁେଷିଆ ମେହେର, ତୁଳସୀ ରାମ ଶବର, ପ୍ରତିପ ଘଢେଇ, ଅଜିତ ପ୍ରାଧନୀ, ରଘୁବୀର ନାଗ, ବି.ତିରୁପତି ପାତ୍ର, ମନୋହର ପାଲ, ଜଗଦିଶ ବେନିଆ, ସୁଜତା ମଲ୍ଲିକ, ପ୍ରମୁଖ ମଞ୍ଚାସିନ ଥିଲେ । ଲାଞ୍ଜିଗଡ ବ୍ଲକର ଲାଞ୍ଜିଗଡ ଜେ.ଏମ.ଏଫ.ସି. କୋର୍ଟ ପରିସରଠାରେ ବିଚାରପତି ନାଜେଦା ଖାତୁନ, ବେଦାନ୍ତ ଲିମିଟେଡ ପରିସରରେ ସିଇଓ ପ୍ରଣବ ଭଟ୍ଟାଚାର୍ଯ୍ୟ ପତାକା ଉତ୍ତୋଳନ କରିଥିଲେ ।



**ଥୁଆମୂଳ ରାମପୁର :** ଥୁଆମୂଳ ରାମପୁର ବ୍ଲକର ବିଭିନ୍ନ ସ୍ଥାନରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ବ୍ଲକ ସଦର ମହକୁମାର ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ବିଡିଓ ଧ୍ରୁବ ଚରଣ ମୁଦୁଲି ଜାତୀୟ ପତାକା ଉତ୍ତୋଳନ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ସାଂସଦ ପ୍ରତିନିଧି ପବିତ୍ର ନାଏକ, ବିଷ୍ଣୁ ନାଏକ ଉପସ୍ଥିତ ଥିଲେ । ସେହିପରି ଜେ.ଏମ୍.ଏଫ୍.ସି ପରିସରରେ ମାଜିଷ୍ଟ୍ରେଟ ତାରିଣୀ ପ୍ରସାଦ ସାହୁ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ତହସିଲଦାର ସତ୍ୟ ସନାତନ ପାଣିଗ୍ରାହୀ, ଥାନା ପରିସରରେ ଥାନା ଅଧିକାରୀ କୈବଲ୍ୟ ସେଠ୍, କର୍ଲାପାଟ ଥାନାର ଭାରପ୍ରାପ୍ତ ଥାନା ଅଧିକାରୀ ଶ୍ରୀକାନ୍ତ କୋଲାକା ପତାକା ଉତ୍ତୋଳନ କରିଥିଲେ ।

**ମ.ରାମପୁର :** ଦୁର୍ଗା ମାଧବ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ସାଧାରଣ ତନ୍ତ୍ର ଦିବସ ପାଳିତ ହୋଇ ଯାଇଛି । ଏଥିରେ ବିଡିଓ ଶରତ ସେଠୀ ପତାକା ଉତ୍ତୋଳନ କରିଥିଲେ । ଅଧକ୍ଷା ମନ୍ଦାକିନୀ ସିଂହ ଦେଓ, ମ,ରାମପୁର ସରପଞ୍ଚ ବୀଣାପାଣି ସାହୁ, ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ଆଚାରୀ ଉପସ୍ଥିତ ଥିଲେ । ଜାତୀୟ ସଙ୍ଗୀତ ଦୁର୍ଗା ମାଧବ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ମାନେ ପରିବେଷଣ କରିଥିଲେ ।

## 'ଶ୍ରେଷ୍ଠ ନିର୍ବାଚନ ଜିଲ୍ଲା ପୁରସ୍କାର' ସମର୍ପିତ କଲେ ଜିଲ୍ଲାପାଳ

ନୂଆପଡ଼ା : ନୂଆପଡ଼ା ଜିଲ୍ଲା ସଦର ମହକୁମାରେ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ଏହି ଉତ୍ସବରେ ଜିଲ୍ଲାପାଳ ମଧୁସୂଦନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଜାତୀୟ ପତାକା ଉତ୍ତୋଳନ ପୂର୍ବକ ସାମୂହିକ ପରେଡରେ ଅଭିଭାବାଦନ ଗ୍ରହଣ କରି ନୂଆପଡା ଜିଲ୍ଲାକୁ ମିଳିଥିବା ଶ୍ରେଷ୍ଠ ନିର୍ବାଚନ ଜିଲ୍ଲା ପୁରସ୍କାରକୁ ଜିଲ୍ଲାବାସୀଙ୍କ ଉଦ୍ଦେଶ୍ୟରେ ସମର୍ପିତ କରିଥିଲେ । ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅମ୍ରିତ ପାଲ ସିଂଙ୍କ ସହ ମଞ୍ଚରେ ୩୨ ଟି ଦଳର ମିଳିତ ପରେଡର ଅଭିବାଦନ ଗ୍ରହଣ କରିଥିଲେ । ଏହି ଅବସରରେ ଜିଲ୍ଲାର ବିଭିନ୍ନ ବିଭାଗ ପକ୍ଷରୁ ପ୍ରଜ୍ଞାପନ ମେଢ଼ ପ୍ରଦର୍ଶନ କରାଯାଇଥିଲା ।



ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ଏହି ସାଧାରଣତନ୍ତ୍ର ଦିବସ ସମାରୋହ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ପରେ ଜିଲ୍ଲାପାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଠାରେ ଆୟୋଜିତ ରକ୍ତଦାନ ଶିବିର ଉଦ୍‌ଘାଟନ କରିଥିଲେ । ସନ୍ଧ୍ୟାରେ ଜିଲ୍ଲା ସଂସ୍କୃତି ପରିଷଦ ଆନୁକୂଲ୍ୟରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ "ଭାରତୀୟମ' ସ୍ଥାନୀୟ କଲ୍ୟାଣ ମଣ୍ଡପରେ ଆୟୋଜନ କରାଯାଇଥିଲା । ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶ ମହରା ଏହାର ଆୟୋଜନ କରିଥିଲେ । ଜିଲ୍ଲା ଆରକ୍ଷୀ ଅଧିକ୍ଷକ, ଅତିରିକ୍ତ ଜିଲ୍ଲାପାଳ ସୁବାସ ଚନ୍ଦ୍ର ରଇତ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପ ଜିଲ୍ଲାପାଳ ସୁର୍ମୀ ସୋରେନ୍, ଏପିଡି କ୍ଷମାନିଧି ଭୋଇ ପ୍ରମୁଖ ଏହି ସାଧାରଣତନ୍ତ୍ର ଦିବସର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ । ରାଜେନ୍ଦ୍ର ପ୍ରସାଦ ବଢେଇ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମାକାନ୍ତ ବିଶ୍ୱାସ, ଶିକ୍ଷକ ଶଙ୍କର୍ଷଣ ପୁରୋହିତ, ସହାୟକ ରାଜେଶ ରଞ୍ଜନ ବହିଦାର ପ୍ରମୁଖ ସହାୟତା କରିଥିଲେ ।

# ପୋଲ ଉପରେ ପିଟି ହୋଇ ଜଳିଗଲା କାର୍

ନୂଆପଡ଼ା,୨୭ ।୧(ସମିସ): ନୂଆପଡ଼ା ଜିଲ୍ଲା ଧରମବନ୍ଧା ଥାନା ଆମାନାରା ପଞ୍ଚାୟତ ପାଁୱାରତୋଲା ଗାଁ ନିକଟରେ ପୋଲରେ ପିଟି ହୋଇ ଜଳି ଯାଇଛି ଏକ କାର୍ । ଏଥିରେ ଥିବା ଦୁଇଜଣ ଯୁବକ ଗୁରୁତର ଭାବେ ଆହତ ହୋଇଛନ୍ତି । ଏମାନଙ୍କୁ ପ୍ରଥମେ ନୂଆପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ମହାସମୁନ୍ଦ ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ସୂଚନା ଅନୁଯାୟୀ ସ୍ଥାନୀୟ ପାୱାରତୋଲା ଗାଁର ରାମୁ ସାହୁ(୨୮) ଓ ଚନ୍ଦ୍ର ଶେଖର ଦଣ୍ଡସେନା(୩୨) ଛତିଶଗଡ଼ସ୍ଥିତ କୋମାଖାନ ଥାନା ନର୍ଲା ଗାଁର ଏକ ଫାର୍ମ ହାଉସରେ କାମ କରନ୍ତି । ଦୁହେଁ ନିଜ ମାଲିକଙ୍କୁ ଛୁଟି ମାଗି ନିଜ ଗାଁ ପାୱାରତୋଲା ଗାଁକୁ ଆସିଥିଲେ । ଆଜି ସକାଳେ ୯ଟା ସମୟରେ ଦୁହେଁ ନିଜ ଗାଁରୁ ବାହାରି ସାରାବଙ୍ଗ ପଟକୁ ଆସୁଥିବା ସମୟରେ ଏକ ପୋଲରେ କାର୍‌ଟି ଘଷି ହୋଇ ଅଳ୍ପ ଦୂରକୁ ଚାଲିଯାଇ ହଠାତ ଗାଡିରେ ନିଆଁ ଲାଗି ଯାଇଥିଲା ।

ନିକଟରେ କ୍ଷେତରେ ଥିବା ଜଣେ ଚାଷୀ ଦାଶ ମାଝୀ ଦୁର୍ଘଟଣା ପରେ ଦୌଡ଼ି ଆସି ସେମାନଙ୍କୁ ରଫା ସାହାଯ୍ୟରେ ଗେଟ ଖୋଲି ବାହାର କରିଥିଲେ । ପରେ ସ୍ଥାନୀୟ ଲୋକଙ୍କ ସାହାଯ୍ୟରେ ତାଙ୍କୁ ପ୍ରଥମେ ଜିଲ୍ଲା ମୁଖ୍ୟଚିକିତ୍ସ୍ୟାଳୟ ଏବଂ ପରେ ଛତିଶଗଡ଼ ମହାଶମୁନ୍ଦ ଏକ ଘରୋଇ ହସ୍ପିଟାଲକୁ ନେଇ ଭର୍ତ୍ତି କରିଥିଲେ ।

# ବ୍ରିଜ୍ ଖୁଣ୍ଟରେ ପିଟିହେଲା ବାଇକ୍; ଜଣେ ମୃତ

ଲାଞ୍ଜିଗଡ଼,୨୭ ।୧(ସମିସ): ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ ଥାନା ଅଧୀନ ଭାଟଗୁଡ଼ା ନିକଟରେ ବାଇକ୍ ଭାରସାମ୍ୟ ହରାଇ ବ୍ରିଜର ଏକ ଖୁଣ୍ଟରେ ପିଟି ହେବାରୁ ଜଣକର ମୃତ୍ୟୁ ଘଟିଛି ।

ମୃତକ ଛତ୍ରପୁର ଗ୍ରାମର ସବାକର ନାଏକ (୩୮) । ସୂଚନା ଅନୁସାରେ ସବାକର ସୋମବାର ସନ୍ଧ୍ୟାରେ ଛତ୍ରପୁରରୁ ମସ୍କାପଦର ଗ୍ରାମକୁ କୌଣସି କାମରେ ବାଇକରେ ଯାଉଥିବା ବେଳେ ଭାଟଗୁଡ଼ା ନିକଟସ୍ଥ ଶିବମନ୍ଦିର ପାଖରେ ଥିବା ପୋଲର ଏକ ଖୁଣ୍ଟରେ ପିଟିହୋଇଥିସେ । ଦୁର୍ଘଟଣା ପରେ ରାସ୍ତା ଉପରୁ ଛିଟିକି ତଳେ ପଡିଯାଇ ଗୁରୁତର ହୋଇଥିଲେ ।

ଲାଞ୍ଜିଗଡ଼ ଥାନାଧିକାରୀ ଯଶୋବନ୍ତ ହିଆଲଙ୍କ ନେତୃତ୍ୱରେ ଏଏସ୍‌ଆଇ ବଳଭଦ୍ର ଗଉଡ଼ ଘଟଣାସ୍ଥଳରେ ପହଞ୍ଚି ଲାଞ୍ଜିଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ । ଡାକ୍ତର ସେଠାରେ ସବାକର ନାଏକକୁ ମୃତ ଘୋଷଣା କରିଥିଲେ । ଏନେଇ ଲାଞ୍ଜିଗଡ଼ ଥାନାରେ ଏକ ମାମଲା ରୁଜୁକରି ତଦନ୍ତ କରିଥିଲେ ।






୭୭ତମ ସାଧାରଣତନ୍ତ୍ର ଦିବସ

# ସ୍ୱାଧୀନତା ସଂଗ୍ରାମୀ ଓ ଆମ୍ବେଦକରଙ୍କୁ ମନେପକାଇଲେ

## ରାଉରକେଲା ଇସ୍ପାତ କାରଖାନା

**ରାଉରକେଲା, ୨୭।୧(ସମିସ):** ରାଉରକେଲା ଇସ୍ପାତ କାରଖାନା(ଆର୍‌ଏସ୍‌ପି) ଆନୁକୂଲ୍ୟରେ ଇସ୍ପାତ ଷ୍ଟାଡିୟମଠାରେ ୭୭ତମ ସାଧାରଣତନ୍ତ୍ର ଦିବସ ପଳିତ ହୋଇଛି। ପ୍ରାୟ ୨୦୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଓ ଆରଏସ୍‌ପି କର୍ମଚାରୀ ଏଥିରେ ଅଂଶଗ୍ରହଣ କରିଥିଲେ। ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ମୁଖ୍ୟ ଅତିଥି ରୂପେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଜ୍ଞାନଜ୍ୟୋତି ପବ୍ଲିକ ସ୍କୁଲ ରାଉରକେଲା ବ୍ୟାଣ୍ଡର ତାଳେ ତାଳେ ୬୧ଟି ଦଳ ପରେଡ ପ୍ରଦର୍ଶିତ କରିଥିଲେ। ଏହି ପରେଡରେ ସହରର ବିଭିନ୍ନ ଶିକ୍ଷାନୁଷ୍ଠାନର ଏନସିସି, ସ୍କାଉଟ ଓ ଗାଇଡ୍ସ, ସିଭିଲିଆନ ଗ୍ରୁପ୍, ସିଆଇଏସଏଫ ବାହିନୀ, ଆରଏସପିର ଅଗ୍ନିଶମ ଦଳ ଓ ସେଲ ହକି ଏକାଡେମୀ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ସିଆଇଏସଏଫ ଡିଆଇଜି ରତନ କୁମାର ମଞ୍ଚାସୀନ ଥିଲେ। ଶ୍ରୀ ବର୍ମା 'ବନ୍ଦେ ମାତରମ୍'ର ୧୫୦ତମ ବାର୍ଷିକୀ ଉପରେ ଆଲୋକପାତ କରିବା ସହ ୧୮୧୭ ମସିହାର ଐତିହାସିକ ପାଇକ ବିଦ୍ରୋହ, ବୀର ବାଜି ରାଉତଙ୍କ ପରି ଶହୀଦଙ୍କ ଠାରୁ ଆରମ୍ଭ କରି ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ପର୍ଯ୍ୟନ୍ତ ସ୍ୱାଧୀନତା ଆନ୍ଦୋଳନରେ ଓଡ଼ିଶାର ଅଗ୍ରଣୀ ଭୂମିକା ବିଷୟରେ ଉଲ୍ଲେଖ କରିଥିଲେ। ଏହି ଅବସରରେ ଡିଆଇସି ସିଆଇଏସଏଫ କର୍ମୀଙ୍କୁ 'ଅତି ଉତ୍କୃଷ୍ଟ' ଓ 'ଉତ୍କୃଷ୍ଟ' ସମ୍ମାନ, ଆର୍‌ଏସ୍‌ପି ଅଧିକାରୀଙ୍କୁ ଜବାହାର ପୁରସ୍କାର, ଆର୍‌ଏସ୍‌ପି ଗୌରବ ପୁରସ୍କାର ଓ ଶ୍ରେଷ୍ଠ ପ୍ୟାରେଡ ଦଳ ପୁରସ୍କାର ପ୍ରଦାନ କରିଥିଲେ। ସେହିପରି ସେକ୍ଟର-୨୨ ମିନି ଷ୍ଟାଡିୟମଠାରେ ଆୟୋଜିତ ଏକ ଅନୁରୂପ ଉତ୍ସବରେ ଡିଆଇସି ଜାତୀୟ ପତାକା ଉତ୍ତୋଳନ କରି ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ୩୬ ଟି ପରେଡ ଦଳ ପରେଡ ପ୍ରଦର୍ଶନ କରିଥିଲେ। ଡିଆଇସି ଶ୍ରେଷ୍ଠ ପ୍ରଦର୍ଶନକାରୀ ପରେଡ ଦଳଗୁଡିକୁ ପୁରସ୍କୃତ କରିଥିଲେ। ଡିଆଇସି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବିଦ୍ୟାଳୟ ଜୁନିୟର ବାଳକ ଓ ବୀର୍ସା ମୁଣ୍ଡ ଆଦର୍ଶ ଉଚ୍ଚ ବିଦ୍ୟାଳୟ ବାଳିକା ଦଳଙ୍କୁ ୧୦ ହଜାର ଟଙ୍କାର ସ୍ୱତନ୍ତ୍ର ପୁରସ୍କାର ରାଶି ଓ ଟ୍ରଫି ପ୍ରଦାନ କରିଥିଲେ। ଏସଏସଆରଭି ଇସ୍ପାତ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ସେକ୍ଟର-୨୨ର ଛାତ୍ରଛାତ୍ରୀ ଆକର୍ଷଣୀୟ ପ୍ୟାରେଡ ବ୍ୟାଣ୍ଡ ପରିବେଷଣ କରିଥିଲେ। ଏହି ଅବସରରେ ଦୀପିକା ମହିଳା ସଂଘତିର ଅଧ୍ୟକ୍ଷା ନମ୍ରତା ବର୍ମା, ଏମଡି ସିଏମଏଲଓ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିକେ ଗିରି, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମ୍‌ପି ସିଂହ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଲ ଚୌଧୁରୀ, ଦୀପିକା ମହିଳା ସଂଘତିର ଉପାଧ୍ୟକ୍ଷା ସ୍ମିତା ଗିରି, ରୀତା ରାଣୀ, ବନ୍ଦନା ସିଂହ, ନବନୀତା ପାଲଚୌଧୁରୀ, କାରଖାନାର ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଆରଏସପି ସମାଜ ମଙ୍ଗଳ ବିଭାଗ ଦ୍ୱାରା ଅନ୍ୟ ବିଭାଗମାନଙ୍କର ସହଯୋଗରେ ଆୟୋଜିତ ହୋଇଥିଲା। " ସେହିପରି ଦୀପିକା ମହିଳା ସଂଘତି ଆନୁକୂଲ୍ୟରେ ସେକ୍ଟର-୨ ସ୍ଥିତ ଦୀପିକା ଇସ୍ପାତ ଜାଗୃତି ସଂସ୍ଥାନଠାରେ ଗଣତନ୍ତ୍ର ଦିବସ ପାଳିତ ହୋଇଥିଲା। ନମ୍ରତା ବର୍ମା ଉତ୍ସବରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ସଂଘତିର ଉପାଧ୍ୟକ୍ଷାଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।










ସ୍ଥାନୀୟ ଉଦିତନଗର ପଡ଼ିଆଠାରେ ଜାତୀୟ ଦିବସ ପାଳନ କମିଟି ପକ୍ଷରୁ ୭୭ତମ ସ୍ୱାଧୀନତା ଦିବସ ପାଳିତ ହୋଇଛି। ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ସଚିନ ରାମଚନ୍ଦ୍ର ଯାଧବ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ସେ ଭାରତର ସମ୍ବିଧାନ ପ୍ରଣେତା ବାବା ଭୀମରାଓ ଆମ୍ବେଦକର ଓ ସ୍ୱାଧୀନତା ସଂଗ୍ରାମୀଙ୍କ ତ୍ୟାଗ ଓ ବଳିଦାନକୁ ମନେପକାଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ରାଉରକେଲାର ସାମାଜିକ ଚଳଣି ଓ ଭାଇଚାରା ଉପରେ ଉଲ୍ଲେଖ କରିବା ସହ ରାଉରକେଲା ମହାନଗର ନିଗମ ଦ୍ୱାରା ସହରରେ ସ୍ୱଚ୍ଛତା ଦିଗରେ କରାଯାଉଥିବା ବିଭିନ୍ନ ପଦକ୍ଷେପର ପ୍ରଶଂସା କରିଥିଲେ। ୨୦୨୩ ରେ ପୁରୁଷ ହକି ବିଶ୍ୱକପ୍, ହକି ପ୍ରୋଲିଗ, ହକି ଇଣ୍ଡିଆ ଲିଗ ରାଉରକେଲାରେ ସଫଳତାର ସହିତ ଆୟୋଜନ ପରେ ରାଉରକେଲା କ୍ରୀଡା ହବ୍ ହୋଇପାରିଛି। ରାଉରକେଲାର ଖେଳାଳି ଜାତୀୟ ତଥା ଅନ୍ତର୍ଜାତୀୟସ୍ତରରେ ଦେଶର ପ୍ରତିନିଧିତ୍ୱ କରି ସୁନ୍ଦରଗଡ଼ ଜିଲ୍ଲା ସହିତ ରାଉରକେଲା ପାଇଁ ଗୌରବ ଆଣିଛନ୍ତି ବୋଲି ସେ କହିଥିଲେ। ରିଜର୍ଭ ପୁଲିସର ସମିତ ସାମଲଙ୍କ ନେତୃତ୍ୱରେ ହୋଇଥିବା ପରେଡରେ ମୋଟ ୫୨ ଦଳ ଅଂଶ ଗ୍ରହଣ କରିଥିଲେ। କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କ୍ରୀଡ଼ା ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ରାଉରକେଲା ଡିଆଇଜି ବ୍ରିଜେଶ କୁମାର ରାୟ, ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମ ଆୟୁକ୍ତ ଦୀନା ଦସ୍ତଗୀର୍, ରାଉରକେଲା ଆରକ୍ଷୀ ଅଧିକ୍ଷକ ନିତେଶ ୱାଧୱାନି, ପାନପୋଷ ଉପଜିଲ୍ଲାପାଳ ବିଜୟ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ରାଉରକେଲା ମୁଖ୍ୟଜେଲର ଅନ୍ତେବାସୀ ଓ ସରକାରୀ ଚିକିତ୍ସାଳୟର ରୋଗୀମାନଙ୍କୁ ଫଳ ଓ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ଜିଲ୍ଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ସୀମା ଫାତିମା ଏକ୍କା ଓ ଶ୍ରୀକାନ୍ତ ଷଡଙ୍ଗୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

**ଲହୁଣିପଡ଼ା:** ଲହୁଣିପଡ଼ା ବ୍ଲକ କାର୍ଯ୍ୟାଳୟରେ ୭୭ତମ ସାଧାରଣତନ୍ତ୍ର ଦିବସ ପାଳନ କାର୍ଯ୍ୟକ୍ରମରେ ବିଡିଓ ଅନୁରାଗ ମିଶ୍ର ଜାତୀୟ ପତାକା ଉତ୍ତୋଳନ କରିଥିଲେ। ତହସିଲ କାର୍ଯ୍ୟାଳୟରେ ବବୁଲ ପେରେଇ ତହସିଲଦାର ପତାକା ଉତ୍ତୋଳନ କରିଥିଲେ। ଏହାସହ ଥାନା, ଡାକ୍ତରଖାନା, ପୋଷ୍ଟ ଅଫିସ, ବ୍ୟାଙ୍କ, ସିଡିପିଓ ଅଫିସ, ବିଇଓ ଅଫିସ, କୃଷି ବିଭାଗ, ରାଜାମୁଣ୍ଡା ସ୍ଥିତ ବନ ବିଭାଗ ରେଞ୍ଜ ଅଫିସ, କେନ୍ଦୁପତ୍ର ବିଭାଗର ରେଞ୍ଜ ଅଫିସ, ଜଳ ଯୋଗାଣ, ମୃତ୍ତିକା ସଂରକ୍ଷଣ, ଉଦ୍ୟାନ ବିଭାଗ, ସରକାରୀ ଅନୁଷ୍ଠାନ ଓ ବେସରକାରୀ ଅନୁଷ୍ଠାନ ଗୁଡିକରେ ୭୭ତମ ସାଧାରଣ ତନ୍ତ୍ର ଦିବସ ପାଳନ କରାଯାଇଥିବା ବେଳେ ପ୍ରାଥମିକ, ଉଚ୍ଚ ପ୍ରାଥମିକ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଏକାଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ସମେତ ବିଭିନ୍ନ ଉଚ୍ଚ ବିଦ୍ୟାଳୟ, ଓ ମହାବିଦ୍ୟାଳୟ ଗୁଡ଼ିକରେ ମଧ୍ୟ ପତାକା ଉତ୍ତୋଳନ କରାଯାଇଥିଲା। ରାଜାମୁଣ୍ଡ ସ୍ଥିତ ବିଜେପି କାର୍ଯ୍ୟାଳୟରେ ରାଉରକେଲା ସାଙ୍ଗଠନିକ ଜିଲ୍ଲା ସଭାପତି ପୂର୍ଣ୍ଣିମା କେରେକେଟା ମୁଖ୍ୟଅତିଥି ଭାବରେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଲହୁଣିପଡ଼ା ମଣ୍ଡଳ ସଭାପତି ପୂର୍ଣ୍ଣଚନ୍ଦ୍ର ଓରାମ, ଜିଲ୍ଲା ସମ୍ପାଦକ ଅଭିରାମ ମହାକୁଡ଼ଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ। ବିଜୁ ଜନତା ଦଳ ତରଫରୁ ଲହୁଣିପଡ଼ା ସ୍ଥିତ ଗାନ୍ଧୀ ଛକରେ ଆୟୋଜିତ କାର୍ଯ୍ୟକ୍ରମରେ ବଣାଇ ବିଜେଡି ଜିଲା କାର୍ଯ୍ୟକାରୀ ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ ଯୋଗଦେଇଥିଲେ। ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ରଣଜିତ କିଷାନ, ଜିଲା ପରିଷଦ ଜୁଲିଆନି କାଣ୍ଡି, ସରପଞ୍ଚ, ସମିତି ସଭ୍ୟ ଲକ୍ଷ୍ମୀ କିଷାନ, ଅଶୋକ ବେହେରା, ସହଯୋଗ ସଭାପତି ଉମେଶ ରାୟ, ଲ୍ୟାମ୍ପସ ସଭାପତି କିଶୋର ଚନ୍ଦ୍ର ନାଏକଙ୍କ ସମେତ ବିଜେଡିର କର୍ମକର୍ତ୍ତା ଯୋଗଦେଇ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।ସାଧାରଣତନ୍ତ୍ର ଦିବସ ଉପଲକ୍ଷେ କେତେକ ସ୍ଥାନରେ କ୍ରୀଡା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ସୁନ୍ଦରଗଡ଼ ସଦର ମହକୁମାଠାରେ ୭୭ତମ ସାଧାରଣତନ୍ତ୍ର ଦିବସ ପାଳନ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ।ଜିଲ୍ଲାପାଳ ଡ. ମହାପାତ୍ର ସମ୍ବିଧାନରେ ଭାରତକୁ ଏକ ଗଣତାନ୍ତ୍ରିକ, ଧର୍ମନିରପେକ୍ଷ, ସମାଜବାଦୀ, ସାଧାରଣତନ୍ତ୍ର ରାଷ୍ଟ୍ର ଭାବେ ଗ୍ରହଣ କରିବା ସହିତ ପ୍ରତ୍ୟେକ ନାଗରିକଙ୍କୁ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ କ୍ଷେତ୍ରରେ ସମାନ ସୁବିଧା ସୁଯୋଗ ଯୋଗାଇ ଦେବାର ବ୍ୟବସ୍ଥା ରହିଛି ବୋଲି କହିଥିଲେ। ସୁନ୍ଦରଗଡ଼ ଜିଲ୍ଲାକୁ ଆହୁରି ସରସ ସୁନ୍ଦର ଓ ସମୃଦ୍ଧ କରିବା ଦିଗରେ ଆଗଭର ହେବାକୁ ସେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସୁନ୍ଦରଗଡ଼ ଏସ୍‌ପି ଅମ୍ରିତପାଲ କୌର ସମ୍ମନିତ ଅତିଥି ଭାବେ ଯୋଗ ଦେଇ ମିଳିତ ପରେଡର ଅଭିଭାଦନ ଗ୍ରହଣ କରିଥିଲେ। ବିଭିନ୍ନ ଶିକ୍ଷାନୁଷ୍ଠାନରୁ ୩୩ ଗୋଟି ଦଳ ପରେଡରେ ଭାଗ ନେଇଥିଲେ। ଶ୍ରେଷ୍ଠ ବିବେଚିତ ପ୍ୟାରେଡ ଦଳଙ୍କୁ ପୁରସ୍କୃତ କରାଯାଇଥିଲା। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସାର୍ଥକ ସ୍କୁଲ, ଆସ୍ଥା ଗୃହ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ଜିଲ୍ଲା କାରାଗାରର ଅନ୍ତେବାସୀଙ୍କୁ ମୁଖ୍ୟଅତିଥି ଫଳ ଓ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ପରେ ସ୍ଥାନୀୟ ଜିଲ୍ଲା କ୍ରୀଡ଼ା ସଂସଦ ପଡ଼ିଆଠାରେ ଜିଲ୍ଲା ପ୍ରଶାସନ, ଗଣମାଧ୍ୟମ ଓ ବାର ଆସୋସଏସନ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ସୂରଜ ପଟ୍ଟନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ପୂର୍ତ୍ତ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଅମିତ୍ କୁମାର ଟୁଡୁ, ସୁନ୍ଦରଗଡ଼ ଆଇଟିଡିଓ ଧୀରେନ୍ଦ୍ର ସେଠୀ, ସଦର ତହସିଲଦାର କୁଳମଣି ରଣବିଡ଼ା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ସକାଳେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଡ଼ାକବାଜି ଯନ୍ତ୍ର ମାଧ୍ୟମରେ ରାମଧୁନ୍ ପରିବେଷଣ କରାଯାଇଥିଲା। ସହର ମଧ୍ୟରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରାଯାଇଥିଲା।






ରାଉରକେଲା ଷ୍ଟିଲ ମଜଦୂର ୟୁନିୟନ ପକ୍ଷରୁ ସି -୨୯, ସେକ୍ଟର -୫ କାର୍ଯ୍ୟାଳୟରେ ୭୭ତମ ସାଧାରଣ ତନ୍ତ୍ର ଦିବସ ପାଳିତ ହୋଇଯାଇଛି। ସଂଗଠନର ଉପସଭାପତି କୈଳାଶ ଚନ୍ଦ୍ର ନାୟକ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ସେଠୀ ସାଧାରଣତନ୍ତ୍ର ଦିବସର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଉପଦେଷ୍ଟା ସଦାନନ୍ଦ ସାହୁ ସମ୍ବିଧାନ ପ୍ରଣେତା ଡ. ବିଆର୍ ଆମ୍ବେଦକରଙ୍କ ଉପରେ ବିସ୍ତୃତ ଆଲୋଚନା କରିଥିଲେ। କାର୍ଯ୍ୟକାରୀ ସଭାପତି ପ୍ରଦୋଷ ମହାନ୍ତି ଆଗାମୀ ଯୁବପିଢ଼ି ଆମ୍ବେଦକରଙ୍କ ନୀତି ଆଦର୍ଶର ଆଗକୁ ବଢ଼ିବା ସହିତ ସମ୍ବିଧାନକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ଆହ୍ୱାନ ଦେଇଥିଲେ। ଅରୁଣ କୁମାର ବିଶ୍ୱାଳ, ସୁଧାଂଶୁ ସୁତାରଙ୍କ ସହିତ ଅନ୍ୟମାନେ ଉପସ୍ଥିତ ଥିଲେ। ଶେଷରେ ସ୍କୁଲ ପିଲାମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା।

**ବଣାଇଁ:** ବଣାଇଁ ଉପଖଣ୍ଡସ୍ତରୀୟ ୭୭ତମ ସାଧାରଣତନ୍ତ୍ର ଦିବସ ସ୍ଥାନୀୟ ରାଜା ଧରଣୀଧର ବହୁମୁଖୀ ପଡ଼ିଆଠାରେ ପାଳିତ ହୋଇଯାଇଛି। ବଣାଇଁ ଉପଜିଲ୍ଲାପାଳ ଅକ୍ଷୟ ପିଲ୍ଲେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ପରେ ବିଭିନ୍ନ ସ୍କୁଲ କଲେଜରୁ ଆସିଥିବା ମୋଟ ୧୯ ଟି ପରେଡ୍ ଟ୍ରୁପ ପରେଡ ପ୍ରଦର୍ଶନ କରିଥିଲେ। ପ୍ରାତଃ ୪ଟା ୩୦ ସମୟରେ ରାମଧୂନ୍ ଗାନ କରାଯାଇ ସହର ପରିକ୍ରମା କରାଯିବା ସହିତ ବିଜୁ ପଟ୍ଟନାୟକ, ଗୋପବନ୍ଧୁ ଦାସ ଓ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟଅତିଥି ମାଲ୍ୟାର୍ପଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ପୁରସ୍କାର ବିତରଣ କରିଥିଲେ। ବଣାଇଁ ବିଡ଼ିଓ ଦିବ୍ୟଶଙ୍କର ଜୟପୁରିଆ, ଏସିଏଫ ରବିକାନ୍ତ ମୀନା, ଡେପୁଟି କଲେକ୍ଟର ସ୍ୱାଗତିକା ଦଳପତି ଓ ଶିବାଙ୍ଗି ଆନନ୍ଦ, ସହକାରୀ ଜିଲ୍ଲାପାଳ କୁଳମଣି ଧଳ, ବଣାଇଁ ମହାବିଦ୍ୟାଳୟର ଅଧ୍ୟକ୍ଷ ଜେନା ମଣି ସାହୁ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପୁଷ୍ପାଞ୍ଜଳି ସାହୁଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଶେଷରେ ପ୍ରଶାସନ ଓ ପ୍ରେସ୍ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଶାସନ ଏକାଦଶ ବିଜେତା ହୋଇଥିଲା। ଦୌଡି ଟଣା ଖେଳରେ ବନଖଣ୍ଡ ଏକାଦଶ ବିଜେତା ହୋଇଥିଲା। ପ୍ରଧାନ ଶିକ୍ଷକ ଅନ୍ତର୍ଯ୍ୟାମୀ ରଣା ମଞ୍ଚ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ୟାଙ୍କ କର୍ମଚାରୀଙ୍କ ଧର୍ମଘଟ

ରାଉରକେଲା, ୨୭।୧(ସମିସ): ସପ୍ତାହରେ ୨ ଦିନ ଛୁଟି ଦାବିରେ ରାଉରକେଲାର ବିଶ୍ରା ଛକ ସ୍ଥିତ ଏସବିଆଇ ମୁଖ୍ୟ ଶାଖା ସମ୍ମୁଖରେ ୟୁନାଇଟେଡ୍ ଫୋରମ୍ ଅଫ୍ ବ୍ୟାଙ୍କ ଏମ୍ପ୍ଲୋଇଜ୍ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ହୋଇଥିଲା। ଫଳରେ ଗ୍ରାହକମାନେ ହଇରାଣ ହୋଇଥିଲେ। ଅନ୍ୟ ଆର୍ଥିକ ପ୍ରତିଷ୍ଠାନ ଗୁଡ଼ିକରେ ସପ୍ତାହରେ ୨ ଛୁଟି ରହିଥିବା ବେଳେ ବ୍ୟାଙ୍କ ମାନଙ୍କରେ ମଧ୍ୟ ଏହି ସୁବିଧା ଲାଗୁ କରିବାକୁ କର୍ମଚାରୀମାନେ ଦାବି କରିଥିଲେ। ତେବେ ସରସ୍ୱତୀ ପୂଜା, ମାସ ଶେଷ ଶନିବାର, ରବିବାର ଓ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ୪ ଦିନ ଲଗାତାର ବ୍ୟାଙ୍କ୍ ବନ୍ଦ ରହିଥିଲା। ଧର୍ମଘଟ ଯୋଗୁଁ ମୋଟ ୫ ଦିନ ବ୍ୟାଙ୍କ ବନ୍ଦ ହେବା ଯୋଗୁଁ ବିଭିନ୍ନସ୍ତରରେ ଗ୍ରାହକମାନେ ବ୍ୟାଙ୍କ୍ ଜନିତ ସମସ୍ୟାର ସମ୍ମୁଖୀନ ହୋଇଥିବା ଦେଖିବାକୁ ମିଳିଛି।

**ବଣାଇଁ:** ସପ୍ତାହକ ଦୁଇ ଦିନ ଛୁଟି ତଥା ପାଞ୍ଚ ଦିନିଆ କାର୍ଯ୍ୟ ଦିବସ ଦାବିରେ ବଣାଇଁ ଷ୍ଟେଟ ବ୍ୟାଙ୍କ ସମେତ ବିଭିନ୍ନ ବ୍ୟାଙ୍କ ଗୁଡ଼ିକ ବନ୍ଦ ରହିଥିଲା। ଧର୍ମଘଟ ପାଇଁ ବ୍ୟାଙ୍କ ସେବା ବନ୍ଦ ହେବା ଯୋଗୁଁ ସୂଚନା ନ ପାଇ ଦୂର ଦୂରାନ୍ତରରୁ ଆସିଥିବା ଗ୍ରାହକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଥିଲା।

## କାର୍ ଧକ୍କାରେ ପାଚେରୀ ଭାଙ୍ଗିଲା

**ରାଉରକେଲା, ୨୭।୧(ସମିସ):** କାର ଧକ୍କାରେ ସେକ୍ଟର -୮ ଡି ବ୍ଲକ ଅଞ୍ଚଳରେ ୨ଟି ଘରର ପାଚେରୀ ଭାଙ୍ଗି ଯାଇଥିବା ସେକ୍ଟର -୭ ଥାନାରେ ଅଭିଯୋଗ ହୋଇଛି। ଗତକାଲି ରାତିରେ ଏକ କାର ଦ୍ରୁତ ବେଗରେ ଆସି ପାଚେରୀକୁ ଧକ୍କା ଦେଇ ନିକଟରେ ଥିବା ଏକ ଅଟୋକୁ ଘୋଷାଡି ନେଇଥିଲା। ଦୁର୍ଘଟଣା ପରେ ଚାଳକ ଗାଡ଼ି ନେଇ ଫେରାର ହୋଇଯାଇଥିଲେ। ବେପରୁଆ ଗାଡ଼ି ଚାଳନା ଯୋଗୁଁ ଦୁର୍ଘଟଣା ଘଟିଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଗାଡ଼ିର ନମ୍ବର ପ୍ଲେଟ ଘଟଣା ସ୍ଥଳରେ ପଡ଼ିଥିବା ବେଳେ ତାହାକୁ ନେଇ ତଦନ୍ତ ଜାରି ରହିଥିବା ପୁଲିସ ସୂଚନା ଦେଇଛି।

## ହାଇୱା ଧକ୍କାରେ ଜଣେ ଗୁରୁତର

**ଲହୁଣିପଡ଼ା, ୨୭।୧(ସମିସ):** ଲହୁଣିପଡ଼ା ଥାନା ଲଲେଇଛକ ନିକଟରେ ଏକ ହାଇୱା ଧକ୍କାରେ ଜଣେ ସାଇକଲ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ଆହତ ଜଣକ କାଳିଆ ହୁଳି ଗ୍ରାମର ବୋଲି ଜଣାପଡ଼ିଛି। ଖବର ଲେଖାହେବା ସୁଦ୍ଧା ଆହତଙ୍କ ପରିଚୟ ମିଳିପାରି ନାହିଁ। ଲଲେଇ ଛକ ଦେଇ ସେ ଘରକୁ ଫେରୁଥିବା ବେଳେ ଛକ ନିକଟରେ ହାଇୱ ଓଡି ୧୪ ଏ ଜେ ୦୮୬୬ ତାଙ୍କୁ ଧକ୍କା ଦେଇଥିବା ଜଣାପଡ଼ିଛି। ସ୍ଥାନୀୟ ଲେକେ ଗୁରୁତରଙ୍କୁ ବଣାଇଁ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି।

## ରାସ୍ତାତଳକୁ ଖସିଲା ବାଇକ; ଜଣେ ମୃତ

**ଲହୁଣିପଡ଼ା, ୨୭।୧(ସମିସ):** ଲହୁଣିପଡ଼ା ଥାନା ସାଲେଇଡିହ ଗ୍ରାମ ଲହୁଣିପଡ଼ା ମହାବିଦ୍ୟାଳୟ ସମ୍ମୁଖ ଟ୍ରନି ପାଖରେ ଭାରସାମ୍ୟ ହରାଇ ରାସ୍ତାତଳକୁ ଖସି ଏକ ଗଛରେ ବାଇକ ଧକ୍କା ହେବାରୁ ବାଇକ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ବିହାର ରାଜ୍ୟର ଭୋଜପୁର ଜିଲ୍ଲା ଚାରପୋଖରୀ ଥାନା ସିଆଡିହି ଗ୍ରାମର ଅମରଜିତ କୁମାର (୩୧) ବୋଲି ଜଣାପଡ଼ିଛି। ସେ ଗତ ୨୬ ତାରିଖରେ କୌଣସି କାମରେ ବାଇକ ଓଡି ୧୪ ଏ ଏଫ ୮୦୯୦ ଯୋଗେ ସାଲେଇଡିହ ପଟେ ଯାଇ ଲହୁଣିପଡ଼ା ପଟେ ଫେରୁଥିବା ବେଳେ ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି। ଲହୁଣିପଡ଼ା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଶବକୁ ଜବତ କରି ତଦନ୍ତ ଚଳାଇଛି।

# ହକର୍ସ ଆସୋସିଏସନ୍‌ର ବନ୍ଧୁମିଳନ

**ରାଉରକେଲା, ୨୭।୧(ସମିସ):** ରାଉରକେଲା ହକର୍ସ ଆସୋସିଏସନ୍ ବାର୍ଷିକ ବନ୍ଧୁମିଳନ ଓ ଆଲୋଚନାଚକ୍ର ଆଜି ସ୍ଥାନୀୟ ସେକ୍ଟର- ୯ ସ୍ଥିତ ଲୁଗୁନ ପାର୍କଠାରେ ଅନୁଷ୍ଠିତ ହୋଇଯାଇଛି। 'ସମ୍ବାଦପତ୍ରର ସ୍ଥିତି ଓ ସମ୍ବାଦପତ୍ର ବିକ୍ରେତା ମାନଙ୍କ ସମସ୍ୟା' ଶୀର୍ଷକ ଆଲୋଚନାଚକ୍ରରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଯୋଗଦେଇ ଆଗାମୀ ଦିନରେ ତାଙ୍କ ପକ୍ଷରୁ ସମସ୍ତ ପ୍ରକାର ସହାୟତା ପାଇଁ ଆଶ୍ୱାସନା ଦେଇଥିଲେ। ଆସୋସିଏସନର ସଭାପତି ତଥା ସିଆଇଟିୟୁ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବିଷ୍ଣୁ ମହାନ୍ତି ରାଉରକେଲା ହକର୍ସ ଆସୋସିଏସନ୍ ସମଗ୍ର ଓଡ଼ିଶାରେ ଖବରକାଗଜ ବିତରକମାନଙ୍କ ବିଭିନ୍ନ ସମସ୍ୟାକୁ ନେଇ ଓଡ଼ିଶାର ଖବରକାଗଜ ବିତରକମାନଙ୍କୁ ସଂଗଠିତ କରି ବିଗତ ଦିନରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଆଜିର ଦିନରେ ସରକାର ବିଭିନ୍ନ ଅସଙ୍ଗଠିତ ଶ୍ରମିକମାନଙ୍କୁ ବିଭିନ୍ନ ସହାୟତା ପ୍ରଦାନ କରୁଥିଲା ବେଳେ ଖବର କାଗଜ ବିତରକମାନଙ୍କୁ ଉପେକ୍ଷା କରାଯାଇଛି। ୟୁନିୟନର ସାଧାରଣ ସମ୍ପାଦକ ତଥା ସିଆଇଟିୟୁ ରାଜ୍ୟ ଉପସଭାପତି ବିମାନ ମାଇତି ପ୍ରାରମ୍ଭିକ ସୂଚନା ରଖିଥିବା ବେଳେ ଖବର କାଗଜ ମାଲିକମାନଙ୍କ ସହଯୋଗ ରାଶି ବୃଦ୍ଧି କରିବାକୁ ଦାବି କରିଥିଲେ। ପ୍ରଫେସର ଡ. ପ୍ରଭାତ ମଲିକ୍, ସମାଜସେବୀ ଅଭୟ ଦାସ, ଅକ୍ଷୟ ସାମଲ, ବସନ୍ତ ନାୟକ, ସୁକାନ୍ତ ଖୁଣ୍ଟିଆ, ଶ୍ରୀମନ୍ତ ବେହେରା, ସୁରେନ୍ଦ୍ର ଦାଶ, ଆର୍ତ୍ତତ୍ରାଣ ମହାପାତ୍ର, ରାଉରକେଲା ବରିଷ୍ଠ ସାମ୍ବାଦିକ ଲକ୍ଷ୍ମୀ ନାରାୟଣ ହୋତା, ସତ୍ୟାନନ୍ଦ ବେହେରା, ସଂଗ୍ରାମ ଭୂୟାଁ, ବିବେକାନନ୍ଦ ଦାସ ପ୍ରମୁଖ ବିତରକଙ୍କ ସମସ୍ୟାର ସମାଧାନ ଦିଗରେ ଗୁରୁତ୍ୱ ଦେଇଥିଲେ। ଆସୋସିଏସନରର ଉପ ସଭାପତି ମନୋଜ ପଟ୍ଟନାୟକ, ମିହିର ପାତ୍ର, ସମ୍ପାଦକ କିଶୋର ରାଉତ ଓ କୋଷାଧ୍ୟକ୍ଷ ଆର୍ତ୍ତତ୍ରାଣ ବେହେରା ଖବର କାଗଜ ବିତରକଙ୍କ ସମସ୍ୟା ଉପରେ ସରକାରୀ ଉଦାସୀନତାକୁ ନେଇ ଆଗାମୀ ଦିନରେ ଆନ୍ଦୋଳନ ପାଇଁ ଆହ୍ୱାନ ଦେଇଥିଲେ। ଆସୋସିଏସନର ଉପଦେଷ୍ଟା ରାଜ କିଶୋର ପ୍ରଧାନ ଧନ୍ୟବାଦ ଦେଇଥିଲେ।




## ରାଉରକେଲାରେ ୨୫ତମ ଏଣ୍ଟରପ୍ରାଇଜ୍ ଓଡ଼ିଶା ଉଦ୍‌ଘାଟିତ

# 'ଶିଳ୍ପ କ୍ଷମତା ଓ ନିବେଶକ ସୃଷ୍ଟି ପାଇଁ ଏହା ଏକ ପ୍ରମୁଖ ପ୍ଲାଟଫର୍ମ'

ରାଉରକେଲା, ୨୭।୧(ସମିସ

ଓଡ଼ିଶାରେ ଏକ ନୂତନ ଶିଳ୍ପ ପ୍ରତିଷ୍ଠା ପାଇଁ ରାଜ୍ୟ ପ୍ରାୟ ୨୦ ଲକ୍ଷ କୋଟି ଟଙ୍କାର ଶିଳ୍ପ ପ୍ରସ୍ତାବ ରହିଛି। ଏଗୁଡ଼ିକ କାର୍ଯ୍ୟକ୍ଷମ ହେବା ପରେ ପ୍ରାୟ ୧୫ ଲକ୍ଷ ନୂତନ ନିଯୁକ୍ତି ସୃଷ୍ଟି ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ରାଉରକେଲାରେ ୨୫ତମ ଏଣ୍ଟରପ୍ରାଇଜ୍ ଓଡ଼ିଶା - ୨୦୨୬ ଉଦଘାଟନ କରିବା ଅବସରରେ କହିଥିଲେ। ଏଣ୍ଟରପ୍ରାଇଜ୍ ଓଡ଼ିଶା ହେଉଛି ଓଡ଼ିଶାର ଶିଳ୍ପ କ୍ଷମତା ଏବଂ ନିବେଶ ସୁଯୋଗ ପ୍ରଦର୍ଶନ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ଏକ ପ୍ରମୁଖ ଶିଳ୍ପ ପ୍ଲାଟଫର୍ମ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ। ଏହି କାର୍ଯ୍ୟକ୍ରମରେ ୨୮ ଓ ୨୯ ଜାନୁଆରୀରେ ଚାରୋଟି ଉଚ୍ଚ ପ୍ରଭାବଶାଳୀ ବୈଷୟିକ ଅଧିବେଶନ ଆୟୋଜନ କରାଯିବ। ୧.୨୫ ଲକ୍ଷ ବର୍ଗଫୁଟ ପରିବ୍ୟାପ୍ତ ଅଞ୍ଚଳରେ ଅନୁଷ୍ଠିତ ଏହି ତିନି ଦିନିଆ କାର୍ଯ୍ୟକ୍ରମରେ ପ୍ରମୁଖ ଶିଳ୍ପ ସଂଗଠନର ପ୍ରତିନିଧିତ୍ୱ କରୁଥିବା ୨୦୦ରୁ ଅଧିକ ପ୍ରଦର୍ଶକ ଯୋଗଦେବେ। ଯେଉଁମାନେ ଉତ୍ପାଦନ, ଭିତ୍ତିଭୂମି, ଶକ୍ତି, ଏମଏସଏମଇ ଏବଂ ଆନୁଷଙ୍ଗିକ କ୍ଷେତ୍ରଗୁଡ଼ିକରେ ସେମାନଙ୍କର ଉତ୍ପାଦ, ପ୍ରଯୁକ୍ତିବିଦ୍ୟା, ନବସୃଜନ ଏବଂ ସମାଧାନ ପ୍ରଦର୍ଶନ କରିବେ। ଏଥିରେ ବିଭିନ୍ନ କ୍ଷେତ୍ରର ୧୦ ହଜାରରୁ ଉର୍ଦ୍ଧ୍ୱ ବ୍ୟବସାୟୀ ମୁଖ୍ୟ, ଉଦ୍ୟୋଗୀ ପ୍ରତିନିଧିତ୍ୱ କରିବାର ଆଶା କରାଯାଉଛି। ପ୍ରଦର୍ଶନୀ ଏବଂ ସମ୍ମିଳନୀ ଅଧିବେଶନ ବ୍ୟତୀତ ଏହି କାର୍ଯ୍ୟକ୍ରମ ସଂରଚିତ ବି୨ବି ସମ୍ପର୍କ ଏବଂ ବ୍ୟବସାୟ-ସରକାରୀ ପାରସ୍ପରିକ କ୍ରିୟାକୁ ସହଜ କରିବ, ଯାହା ସହଯୋଗ, ନିବେଶ ଏବଂ ନୀତିଗତ ଆଲୋଚନା ପାଇଁ ଅର୍ଥପୂର୍ଣ୍ଣ ସୁଯୋଗ ସୃଷ୍ଟି କରିବ। କାର୍ଯ୍ୟକ୍ରମରେ ୫୦୦ ରୁ ଅଧିକ ଡ୍ରୋନକୁ ନେଇ ଏକ ଡ୍ରୋନ ଶୋ ଆୟୋଜିତ ହୋଇଥିଲା ଯାହା ଓଡ଼ିଶାର ଐତିହ୍ୟ ଏବଂ ପ୍ରଗତିଶୀଳ ଶିଳ୍ପକୁ ପ୍ରଦର୍ଶନ କରିଥିଲା। ଏହି ଉଦଘାଟନୀ ଉତ୍ସବରେ ଶିଳ୍ପ ଓ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଉପବାଚସ୍ପତି ଭବାନିଶଙ୍କର ଭୋଇ, ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତୀ, ଶିଳ୍ପ, ଗୃହ ଏବଂ ଆଇଆଣ୍ଡପି ଆର୍ ବିଭାଗର ଏସିଏସ୍ ହେମନ୍ତ କୁମାର ଶର୍ମା, ସୁନ୍ଦରଗଡ଼ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ବିକାଶ କେବଳ ନିବେଶ କିମ୍ବା ଘୋଷଣା ଦ୍ୱାରା ନୁହେଁ, ବରଂ ଲୋକଙ୍କ ଜୀବନରେ ପ୍ରକୃତ ପରିବର୍ତ୍ତନ ଦ୍ୱାରା ମପାଯାଏ। ଘର ପାଖରେ ନିଯୁକ୍ତି ସୃଷ୍ଟି କରିବା, ଏମଏସଏମଇ ଗୁଡ଼ିକୁ ମଜବୁତ କରିବା, ମୂଲ୍ୟଯୁକ୍ତ ଏବଂ ସବୁଜ ଉତ୍ପାଦନକୁ ପ୍ରୋତ୍ସାହିତ କରିବା ଆମର ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ରାଉରକେଲାରେ ଉଦ୍‌ଘାଟିତ ସିଆଇଆଇ ଏଣ୍ଟରପ୍ରାଇଜ୍ ଓଡ଼ିଶା ପ୍ରଦର୍ଶନୀ - ୨୦୨୬ର ୨୫ତମ ସଂସ୍କରଣରେ ବିଭିନ୍ନ କ୍ଷେତ୍ରର ଅଗ୍ରଣୀ କମ୍ପାନୀଗୁଡ଼ିକ ସେମାନଙ୍କର କ୍ଷମତା, ନବସୃଜନ ଏବଂ ଶିଳ୍ପ ଅଭିବୃଦ୍ଧି ପ୍ରଦର୍ଶନ କରିଥିଲେ। ସନ୍ଧ୍ୟାରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ରାଉରକେଲାର ପ୍ରଥମ ଡ୍ରୋନ ଶୋ ଅନୁଷ୍ଠିତ ହୋଇଥିଲା। ଯାହା ପଶ୍ଚିମ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ, ସାମାଜିକ ଜୀବନ ଏବଂ ଶିଳ୍ପ ପ୍ରଗତିକୁ ପ୍ରଦର୍ଶିତ କରିଥିଲା।



ସକାଳ
THE SAKALA

# ସମ୍ପାଦକୀୟ



ବିଶ୍ୱରେ ପୁରୁଷଙ୍କ ତୁଳନାରେ ମହିଳାଙ୍କ ନିକଟରେ ଅଧିକ ସମୟ ଏବଂ ଅନେକ ଉପାଦାନ ଲୁଚି ରହିଥାଏ।

- ଓସ୍କାର ୱାଇଲ୍ଡ

## ଅପ୍ରସ୍ତୁତ ସଂଗଠନ ମୁଖିଆ

ରାଜ୍ୟରେ ଆଗୁଆ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପ୍ରସ୍ତୁତି ନେଇ ସୃଷ୍ଟି ହୋଇଥିବା ବିବାଦୀୟ ପରିସ୍ଥିତି ଓ ଦ୍ୱନ୍ଦ୍ୱର ଅବସାନ ଘଟିଛି। ରାଜ୍ୟ ମୁଖ୍ୟ ନିର୍ବାଚନ ଆୟୋଗଙ୍କ ସ୍ପଷ୍ଟ ଘୋଷଣା ପରେ ନିର୍ବାଚିତ ପଞ୍ଚାୟତ ପ୍ରତିନିଧି ସେମାନଙ୍କ ୫ ବର୍ଷ କାର୍ଯ୍ୟକାଳ ପୂରଣ କରିପାରିବେ। କିନ୍ତୁ ବିଭିନ୍ନ ସ୍ଥାନରେ ଖାଲି ପଡ଼ିଥିବା ୧୦୪୩ ୱାର୍ଡମେମ୍ବର, ୪୩ ସରପଞ୍ଚ, ୪୦ ସମିତି ସଭ୍ୟ ଓ ୫ ଜିଲ୍ଲା ପରିଷଦ ସଦସ୍ୟ ପଦ କେବେ ପୂରଣ ହେବ ତାହା ସ୍ପଷ୍ଟ ହୋଇନାହିଁ। ବର୍ଷାଧିକ କାଳ ଏହି ପଦ ଶୂନ୍ୟ ପଡ଼ିଥିବା ବେଳେ ତାହାର ପୂରଣ ସକାଶେ ଉପନିର୍ବାଚନର ଆବଶ୍ୟକତାକୁ ଆୟୋଗ ଏଡ଼ାଇ ଯାଇଛନ୍ତି। ତାଙ୍କ ବକ୍ତବ୍ୟରୁ କିନ୍ତୁ ସ୍ପଷ୍ଟ ହେଉଛି ଯେ ଆଗାମୀ ପଞ୍ଚାୟତ ନିର୍ବାଚନ ପର୍ଯ୍ୟନ୍ତ ସେହି ପଦ ଖାଲି ପଡ଼ିବ। ଏକଥା ସତ ଯେ ମୁଖ୍ୟ ନିର୍ବାଚନ ଆୟୋଗ ଉପନିର୍ବାଚନ ପାଇଁ ପ୍ରୟାସ କରିଥିଲେ ମଧ୍ୟ ଶେଷ ମୁହୂର୍ତ୍ତରେ ଘୋଷିତ ବିଜ୍ଞପ୍ତିକୁ ପ୍ରତ୍ୟାହାର କରି ନେଇଥିଲେ। ଗତବର୍ଷ ଜୁନରେ ଏହି ଉପନିର୍ବାଚନ ହେବାର ଥିଲା, ସମ୍ଭାବ୍ୟ ମୌସୁମୀ ବର୍ଷା ଦର୍ଶାଇ ନିଷ୍ପତ୍ତି ବଦଳାଯାଇଛି। ଏମିତି ଦେଖିଲେ, ଗତ ବେଶ କିଛିବର୍ଷ ଧରି ରାଜ୍ୟରେ ମୌସୁମୀ ବର୍ଷା ଜୁନରେ ସେଭଳି ବିପର୍ଯ୍ୟୟ ସୃଷ୍ଟି କରିନାହିଁ। ଏକଥା ଆୟୋଗ ବେଶ ବୁଝିବିଚାରି ବିଜ୍ଞାପ୍ତି ଜାରି କରିଥିଲେ ନିଶ୍ଚୟ। ତେଣିକି କଣ ଅସୁବିଧା ହେଲା ତାହା ଭିନ୍ନ କଥା।

ଦେଶର ବିଭିନ୍ନ ରାଜ୍ୟରେ ଭୋଟର ତାଲିକାର ବ୍ୟାପକ ଯାଞ୍ଚ ପ୍ରକ୍ରିୟା ଜାରି ରହିଛି। ଖୁବ୍‌ଶୀଘ୍ର ଆମ ରାଜ୍ୟରେ ଏସଆଇଆର କାର୍ଯ୍ୟ ଆରମ୍ଭ ହୋଇଯିବାର ସୂଚନା ମିଳିଛି। ଯେତେଦୂର ମନେହୁଏ ଆଗକୁ ଯେକୌଣସି ନିର୍ବାଚନ ହେବ ସେହି ସଂଶୋଧିତ ଭୋଟରତାଲିକା ଆଧାରରେ କାର୍ଯ୍ୟକାରୀ ହେବ। ତେଣୁ ଉପନିର୍ବାଚନ ଓ ନିର୍ବାଚନ ମଧ୍ୟରେ ଯେଉଁ ସୀମିତ ସମୟ ପାର୍ଥକ୍ୟ ରହିବ ସେଥିରେ ପୁରୁଣା ଓ ନୂଆ ଭୋଟର ତାଲିକାର ଭେଦ ଧରାପଡ଼ିଯିବ ଏବଂ ତାହାକୁ ନେଇ ସମ୍ଭାବ୍ୟ ଜନଅସନ୍ତୋଷକୁ ଏଡ଼ାଇ ଯିବା ହିଁ ସବୁଠାରୁ ଚତୁରତାପୂର୍ଣ୍ଣ କାର୍ଯ୍ୟ। ରାଜ୍ୟ ମୁଖ୍ୟ ନିର୍ବାଚନ ଆୟୋଗ ସ୍ପଷ୍ଟ କରିଛନ୍ତି ଆସନ୍ତା ବର୍ଷ ଜାନୁଆରୀ ମାସରେ ପଞ୍ଚାୟତ ନିର୍ବାଚନ ହେବ ଏବଂ ସେସମୟକୁ ଏସଆଇଆର ପ୍ରକ୍ରିୟା ପ୍ରାୟତଃ ଶେଷ ହୋଇଥିବ। ଏହି ବିବାଦ ବା ଦ୍ୱନ୍ଦ୍ୱର ସୂତ୍ରପାତ ହୋଇଥିଲା ବିଜେପି ରାଜ୍ୟ ସଭାପତିଙ୍କ ପକ୍ଷରୁ ଆଗୁଆ ନିର୍ବାଚନ ଇଙ୍ଗିତରୁ। ଦଳୀୟ ନେତା ଓ କର୍ମୀଙ୍କୁ ତୃଣମୂଳ ସ୍ତରରେ ପ୍ରସ୍ତୁତି ଆରମ୍ଭ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ସ୍ୱାଭାବିକ ଭାବେ ଯେ କେହି ମନେ କରିବ ଯେ କ୍ଷମତାସୀନ ଦଳ ନିଶ୍ଚୟ ପ୍ରାକ୍ ସୂଚନା ପାଇ ଏହି ପ୍ରସ୍ତୁତି ପର୍ବ ଆରମ୍ଭ କରିଛନ୍ତି। ଯେଉଁଥି ସକାଶେ ଗୋଟିଏ ଦିନ ଅନ୍ତରରେ ମୁଖ୍ୟ ନିର୍ବାଚନ ଆୟୋଗଙ୍କୁ ପଞ୍ଚାୟତ ନିର୍ବାଚନ ସଂପର୍କରେ ସ୍ପଷ୍ଟ ଘୋଷଣା କରିବାକୁ ପଡ଼ିଲା।

ଏତଦ୍ ବ୍ୟତୀତ ୨୦୨୭ ଫେବୃୟାରୀରୁ ରାଜ୍ୟରେ ଜନଗଣନା ଆରମ୍ଭ ହେଉଥିବାରୁ ସମ୍ଭାବ୍ୟ ପ୍ରତିବନ୍ଧକ ଦୃଷ୍ଟିରୁ ଏଭଳି ଏକ ବିଚାରର ଯଥାର୍ଥତା ମଧ୍ୟ ଥାଇପାରେ। କିନ୍ତୁ ସରକାରୀ ସ୍ତରରେ ନିର୍ବାଚନ ପରିଚାଳନା ପାଇଁ ଆଗୁଆ ପାଣ୍ଠି ବ୍ୟବସ୍ଥା ହୋଇନଥିବାରୁ ହଠାତ୍ ସାଂଗଠନିକ ମୁଖ୍ୟ ଆଗପଛ ନ ବିଚାରି ଏଭଳି ଡେଇଁ ପଡ଼ିବାକୁ ଅପରିପକ୍ୱତା କୁହାଯାଇପାରେ। ●

## ଭାରତର ଇରାନ ନୀତି ଅପରିବର୍ତ୍ତିତ

ପରିବର୍ତ୍ତିତ ବଶ୍ୱ ଭୂରାଜନୈତିକ ଦୃଶ୍ୟପଟ୍ଟରେ ପ୍ରସଙ୍ଗଭିତ୍ତିକ ସମର୍ଥନ ଓ ବିରୋଧ କେତେବେଳେ କେଉଁ ଦିଗକୁ ଯାଉଛି ତାହାକୁ ପର୍ଯ୍ୟାଲୋଚନା କଲାବେଳେ ଯେ କେହି ଆଶ୍ଚର୍ଯ୍ୟଚକିତ ହେବ। ବିଶେଷକରି ଇରାନ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ ସକାଶେ କ୍ଷେତ୍ର ପ୍ରସ୍ତୁତିରେ ଜାତିସଂଘ ମାନବାଧିକାର ପରିଷଦରେ ଆଗତ ପ୍ରସ୍ତାବର ଯେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବ ଏଥିରେ କାହାର ଦ୍ୱିମତ ହେବାର ନାହିଁ। ପରିଷଦର ୩୯ ତମ ଅଧିବେଶନରେ ଇରାନ ବିରୋଧୀ ପ୍ରସ୍ତାବ ଗୃହୀତ ହୋଇଛି। ସପକ୍ଷରେ ୨୫ ଭୋଟ ମିଳିଥିବା ବେଳେ ୧୪ ସଦସ୍ୟ ମତଦାନରୁ ବିରତ ରହିଛନ୍ତି। ବିରୋଧ କରିଥିଲେ ଭାରତ, ଚୀନ, ପାକିସ୍ତାନ, ଇରାକ ଓ ଇଣ୍ଡୋନେସିଆ ସମେତ ୮ ରାଷ୍ଟ୍ର। ମଧ୍ୟପ୍ରାଚ୍ୟରେ ଇସ୍ରାଏଲ ନିଜର ପ୍ରାଧାନ୍ୟ ବିସ୍ତାର କରିବାରେ ପ୍ରମୁଖ ପ୍ରତିବନ୍ଧକ ଇରାନ ହୋଇଥିବା ବେଳେ ଆମେରିକା ସେଠାରେ ନେତୃତ୍ୱ ପରିବର୍ତ୍ତନ କରି ତାହାର ତୈଳସମ୍ପଦ ଅକ୍ତିଆର କରିବାକୁ ଚାହେଁ। ଗ୍ରୀନଲାଣ୍ଡ ପ୍ରସଙ୍ଗରେ ଟ୍ରମ୍ପଙ୍କ ଆଭିମୁଖ୍ୟକୁ ବିରୋଧ କରି ୟୁରୋପୀୟ ରାଷ୍ଟ୍ରସଂଘ ଓ ନାଟୋର ଅନ୍ୟ ସଦସ୍ୟମାନେ ଡାଭୋସ୍ ସମ୍ମିଳନୀରେ ଯେଉଁ ସ୍ୱତନ୍ତ୍ର ବିଚାର ଉପସ୍ଥାପନ କରିଥିଲେ ତାହା ଇରାନ କ୍ଷେତ୍ରରେ ପ୍ରତିଫଳିତ ହୋଇନାହିଁ। କାରଣ ମାନବାଧିକାର ପରିଷଦ ପ୍ରସ୍ତାବ ପ୍ରତି ୟୁରୋପୀୟ ରାଷ୍ଟ୍ରସଂଘର ସଦସ୍ୟ ରାଷ୍ଟ୍ର, ବ୍ରିଟେନ ଓ ଆଇଲାଣ୍ଡର ସମର୍ଥନ ମିଳିଛି।

ଇରାନ ମୁଦ୍ରାର ଦ୍ରୁତ ଅବମୂଲ୍ୟାୟନ ଘଟି ଦରଦାମ ବୃଦ୍ଧି ସୀମା ଅତିକ୍ରମ କରିଯିବାରୁ ତାହାର ତୀବ୍ର ପ୍ରତିବାଦ ଓ ବିକ୍ଷୋଭ ହୋଇଥିଲା। ପ୍ରାରମ୍ଭିକ ସ୍ତରରେ ସରକାର ପ୍ରତିବାଦର ଯଥାର୍ଥତା ଉପଲବ୍ଧି କରି ପରିସ୍ଥିତିକୁ ସୁଧାରିବା ଦିଗରେ କିଛି ପଦକ୍ଷେପ ଗ୍ରହଣ କରୁଥିବା ବେଳେ ହଠାତ୍ ହିଂସାକାଣ୍ଡ ଆରମ୍ଭ ହୋଇଯାଇଥିଲା। ଇରାନ ସରକାର ଏହାର ପୃଷ୍ଠଭାଗରେ ମୋସାଦ ଓ ଆଇଏସଆଇର ଭୂମିକା ଥିବା ଦର୍ଶାଇ କଠୋର ଦମନମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ। ଫଳରେ ହଜାର ହଜାର ଲୋକ ମୃତାହତ ହେବା ସହ ବିପୁଳ ସଂଖ୍ୟାରେ ଲୋକଙ୍କୁ ଗିରଫ କରାଗଲା। ଦେଶରେ ଆଭ୍ୟନ୍ତରୀଣ ଶୃଙ୍ଖଳା ରକ୍ଷା ଦୃଷ୍ଟିରୁ ଏହି କାର୍ଯ୍ୟାନୁଷ୍ଠାନ ଆବଶ୍ୟକତା କେତେ ଦୂର ଥିଲା ତାହା ଭିନ୍ନ କଥା। କିନ୍ତୁ ଏଥିପାଇଁ ଯେ ଇରାନ ବହିଃଶକ୍ତିଙ୍କ ସାମରିକ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବ ତାହାର ଯଥାର୍ଥତା କେତେ? ଇରାନ ବିରୋଧୀ ସାମରିକ କାର୍ଯ୍ୟାନୁଷ୍ଠାନର ପ୍ରସ୍ତୁତିପର୍ବ ଆରମ୍ଭ ହେବା ପରେ ହିଁ ଜାତିସଂଘର ଏହି ପ୍ରସ୍ତାବ ଗୃହୀତ ହୋଇଛି। ଦୁଇ ଘଟଣାକ୍ରମକୁ ସଂଯୋଗ କରି ବିଚାର କଲେ ସ୍ପଷ୍ଟ ପ୍ରତୀୟମାନ ହୁଏ କି ଏହା ଏବେ ଉଦ୍ଦେଶ୍ୟମୂଳକ କାର୍ଯ୍ୟାନୁଷ୍ଠାନ। ଅଥଚ ଇରାନର ଚବାହାର ବନ୍ଦରରେ ଭାରତର ବିପୁଳ ନିବେଶ ଦୃଷ୍ଟିରୁ ବାସନ୍ଦ ବା କଟକଣା ମୁକ୍ତ ପାଇଁ ଆମେରିକା ସହ ନୂଆଦିଲ୍ଲୀ କଥାବାର୍ତ୍ତା ଜାରି ରହିଛି। ଏଭଳି ଏକ ସମ୍ବେଦନଶୀଳ କୂଟନୈତିକ ପରିସ୍ଥିତି ମଧ୍ୟରେ ଭାରତ ଇରାନ ସପକ୍ଷରେ ଭୋଟ ଦେଇଛି। ଭାରତ ମତରେ ଜାତିସଂଘ ମାନବାଧିକାର ପରିଷଦର ଏହି ସ୍ୱତନ୍ତ୍ର ଅଧିବେଶନର କୌଣସି ଆବଶ୍ୟକ ନଥିଲା। ୨୦୨୨ ରେ ମଧ୍ୟ ଅନୁରୂପ ପ୍ରସ୍ତାବ ଆଗତ ବେଳେ ଭାରତ ମତଦାନରୁ ବିରତ ରହିଥିଲା। ●

# ଅପହୃତ ‘ଓ’ ଏବଂ ଅଭିଷିକ୍ତ ‘ବନାମ’

**ଦୁର୍ଗାପ୍ରସାଦ ଆଚାର୍ଯ୍ୟ**

ଦୁଇଟି ଛୋଟ ଶବ୍ଦ - ଗୋଟିଏ ହେଉଛି ‘ଓ’, ଅନ୍ୟଟି ହେଉଛି ‘ବନାମ’। ‘ଓ’ ଯୋଗ କରେ, ସଂପର୍କ ଯୋଡ଼େ, ସହବାସ ବା ସହାବସ୍ଥାନକୁ ସ୍ୱୀକାର କରେ, ଆପଣା ସାଙ୍ଗରେ ଅପରର ମିତ୍ରତା ବା ପରିଚିତିକୁ ପ୍ରତିଷ୍ଠା ଦିଏ। ଅପରପକ୍ଷରେ, ‘ବନାମ’ ଭେଦ ବା ବିରୋଧିତାକୁ ରେଖାଙ୍କିତ କରେ, ଗୋଟିଏ ଶିବିରକୁ ଦୁଇଟି ଶିବିରରେ ଭାଗଭାଗ କରିଦେବାର ସ୍ପର୍ଦ୍ଧିତ ଆଭାସ ଦିଏ ଏବଂ ଏମିତି କରି ତିକ୍ତବାଦାନୁବାଦ ପାଇଁ ମଞ୍ଚମାନ ସଜାଇ ଦେଇଥାଏ। ଆମର ଦୁର୍ଭାଗ୍ୟ, ଆଜି ଆମମାନଙ୍କ ଚିନ୍ତା, ଭାବନା, ଆମମାନଙ୍କ ନୀତି ଆଦର୍ଶ ସବୁଥିରୁ ଏହି ସୁନ୍ଦର, ନିର୍ମଳ ‘ଓ’ କୁ ଆମେ ନିର୍ବାସିତ କରିଦେଇଛେ ଏବଂ ‘ବନାମ’କୁ ସଂଖୋଳି ଆଣିଛେ ଏକ ଦୁର୍ବୋଧ ଆଗ୍ରହାତିଶଯ୍ୟରେ, ଏକ ଉଗ୍ର ଉତ୍ତେଜିତ ମାନସିକତାର ସହ। ଆମେ ଆଜି ସବୁକିଛିକୁ ପରସ୍ପରର ପ୍ରତିଦ୍ୱନ୍ଦ୍ୱୀ, ପ୍ରତିସ୍ପର୍ଦ୍ଧୀ କରି ଠିଆ କରିଦେବା ପାଇଁ ନାନା ନଟକୂଟ କରିଚାଲିଛେ, ସବୁକିଛିକୁ ‘ବନାମ’ର ବିଷମୟ ମାପଦଣ୍ଡରେ ମାପି ଚାଲିଛେ - ଏଇ ଯେମିତି: ‘ମନୁଷ୍ୟ ବନାମ ପ୍ରକୃତି’, ‘ଧର୍ମ ବନାମ ବିଜ୍ଞାନ’, ‘ହିନ୍ଦୁ ବନାମ ମୁସଲମାନ ବା ଖ୍ରୀଷ୍ଟାନ’, ‘ବାମ ବନାମ ଦକ୍ଷିଣ’। ଏତିକିରେ ବି ସୀମିତ ଆଉ ଏବେ ନୁହନ୍ତି ଆଜିର ‘ବନାମ’-ପ୍ରେମୀ ତଥାକଥିତ ବୁଦ୍ଧିଜୀବୀ ଓ ରାଜନେତାମାନେ। ଅମୂର୍ତ୍ତ ଭାବଭାବନା ପ୍ରତ୍ୟେକର ମଝିରେ ‘ବନାମ’ଟି ଥାପି ଦେବାରେ ସନ୍ତୁଷ୍ଟ ନୁହନ୍ତି ସେମାନେ। ସେଥିପାଇଁ ଆଜି ଆମେ ଶୁଣିଚାଲିଛେ ବିଚାରବିମର୍ଶର ଅରୁଚିକର, ଅପ୍ରୀତିକର କୋଳାହଳ।

ଖୁବ୍ ସ୍ପଷ୍ଟତାର ସହ ଆମେ କିନ୍ତୁ ବୁଝିସାରିଲେଣି ଯେ ଏଇ ‘ବନାମ’ ଦୃଷ୍ଟିକୋଣ ସୁସ୍ଥ ଆଲୋଚନାକୁ ସଂଘର୍ଷରେ, ସ୍ୱାଭାବିକ ଭିନ୍ନତାକୁ ଶତ୍ରୁତାରେ, ଉଦାର ଗଣତାନ୍ତ୍ରିକ ମତବାଦକୁ ଘୃଣା ଓ ବିଦ୍ୱେଷରେ ପରିଣତ କରିଦେଇଥାଏ। ଆମେ ଯେତେବେଳେ ‘ବନାମ’ର ଭାଷାରେ ପ୍ରଗଲ୍‌ଭ ଯୁକ୍ତି, ପ୍ରତିଯୁକ୍ତି ବାଢ଼ିଥାଉ, ଯେତେବେଳେ ଗୋଟିଏର ବା ଜଣଙ୍କର ପକ୍ଷ ନେଲେ ହିଁ ଆମ ଶାସନତନ୍ତ୍ରର ପ୍ରୀତିବିଧାନ କରିପାରିବୁ ବୋଲି ଭାବିଥାଉ, ସେତେବେଳେ ଆମ ପାଇଁ ମୂଲ୍ୟହୀନ ହୋଇଯାଇଥାଏ ନ୍ୟାୟସଂଗତ ବିଚାରଶୀଳତା, ନିଷ୍ପାପ ବିଚାର ଉପସ୍ଥାପନା ଏବଂ ମୂଲ୍ୟହୀନ ବି ହୋଇଯାଇଥାଏ ସାମ୍ବିଧାନିକ ଆଦର୍ଶ ତଥା ମୂଲ୍ୟବୋଧ। ଘୋର ଦୁର୍ଭାଗ୍ୟ, ଆଜି ଧାର୍ମିକ, ସାଂସ୍କୃତିକ ଓ ରାଜନୈତିକ ଦୃଶ୍ୟପଟ୍ଟରେ ‘ବନାମ’ର ଅନ୍ଧପ୍ରୟୋଗ ଯୋଗୁଁ ବିଦାୟ ନେଇ ସାରିଲାଣି ତର୍କସିଦ୍ଧ ପ୍ରତ୍ୟେକ ବ୍ୟାଖାନ। ବିଦାୟ ବି ନେଇ ସାରିଲାଣି ସହୃଦୟ, ସହନଶୀଳ ମାନବୀୟ ଅନ୍ତରଙ୍ଗତା। ନିର୍ବାଚନ ଆଜି ଚିହ୍ନଟର ଯୁଦ୍ଧ- କିଏ କାହା ବିରୋଧରେ। ଭୋଟରମାନେ ଆଜି ନାଗରିକ ନୁହନ୍ତି, ନିର୍ବାଚନର ରଣାଙ୍ଗନରେ ସେମାନେ ଗୋଟିଏ ଗୋଟିଏ ପକ୍ଷର ଉଦ୍‌ଭ୍ରାନ୍ତ ସୈନିକ ଭାବରେ ନିୟୋଜିତ। ନିର୍ଦ୍ଦିଷ୍ଟ ଏକ ମତବାଦ, ନିର୍ଦ୍ଦିଷ୍ଟ ଏକ ରାଜନୈତିକ ଆଦର୍ଶର ସର୍ବଜନୀନ, ସର୍ବଭାରତୀୟ ପ୍ରତିଷ୍ଠା ପାଇଁ ଅନ୍ୟ ‘ସର୍ବଜନହିତାୟ’ ଆଦର୍ଶ ସବୁକୁ ନେଇ ସମ୍ବାଦ ନୁହେଁ, ବିତଣ୍ଡା ବିବାଦ କେବଳ ସୂତ୍ରପାତ କରିଚାଲିଛନ୍ତି ତୁଙ୍ଗସ୍ତରୀୟ ନେତା, ଉପନେତାମାନେ। ସମ୍ବାଦ ପାଇଁ, ନିରପେକ୍ଷ ବିଚାର ଆଲୋଚନା ପାଇଁ ‘ଓ’ ର ଆବଶ୍ୟକତା; କିନ୍ତୁ ବିତଣ୍ଡା ବିବାଦ ପାଇଁ ‘ବନାମ’ ହିଁ ଲୋଡ଼ା।

ଅତୀତରେ ଏଇ ‘ବନାମ’ ବିଚାରଣାଟି ଯେ ଆଦୌ ନଥିଲା, ତାହା ନୁହେଁ। ତେବେ ଏକଥା ନିଶ୍ଚୟ ସତ୍ୟ ଯେ ବର୍ତ୍ତମାନର ପାଣିପାଗରେ ଏଇଟି ଏକପ୍ରକାର ଇଷ୍ଟପୂଜନ ପରି ମହତ୍ତ୍ୱ ଲାଭ କରିସାରିଲାଣି ଆମ ପୁରୋହିତମାନଙ୍କ ଆଚରଣ, ଉଚ୍ଚାରଣରେ ଏବଂ ବଶମ୍ବଦ ଯଜମାନମାନଙ୍କ ଚିନ୍ତନ କ୍ଷେତ୍ରରେ। ସବୁଠାରୁ ପ୍ରଦୂଷିତ ହୋଇଚାଲିଛି ଆମର ଧର୍ମ, ଆମର ଧାର୍ମିକ ଚିନ୍ତା ଚେତନା ଓ ଦୃଷ୍ଟିକୋଣ। ଧର୍ମର ସାର ଅର୍ଥ ଆଉ ‘ବସୁଧୈବ କୁଟୁମ୍ବକମ୍’ ନୁହେଁ, ‘ସହନାଭବତୁ, ସହନୌଭୁନକ୍ତୁ, ସହବୀର୍ଯ୍ୟଂ କରବାବହେ’ ନୁହେଁ। ଏହା ଏବେ ଭେଦ, ବିରୋଧିତା ଓ ସଂଘର୍ଷର ବାରୁଦଗୋଳା। ‘ଧର୍ମ ବନାମ ଧର୍ମ’ର ବିଦ୍ୱେଷଭରା କୋଳାହଳ ଭିତରେ ହଜିଯାଇସାରିଲାଣି ମହାନ୍ ଭାରତୀୟ ସନାତନୀ ପରମ୍ପରାର ‘ଯେତେ ମତ, ସେତେ ପଥ’ ଏବଂ ‘ଏକମ୍ ସତ୍, ବିପ୍ରା ବହୁଧା ବଦନ୍ତି’ ପରି ଆର୍ଷବାକ୍ୟମାନ।

ଭାରତୀୟ ଜ୍ଞାନପାଠ ଓ ବିଚାରବିମର୍ଶ ପରମ୍ପରାରେ ସର୍ବଦା ସମଦୃଷ୍ଟି, ସମଚିନ୍ତନ ଏବଂ ସମନ୍ୱିତ ଭିନ୍ନତାକୁ ଆବଶ୍ୟକ ମହତ୍ତ୍ୱ ଦିଆଯାଇଥିଲା। ଭାରତୀୟ ଧର୍ମଦର୍ଶନପାଠରେ ‘ଓ’ ସର୍ବଦା ସୂଚିତ କରୁଥିଲା ‘ଭିନ୍ନ ପଥ’, ‘ଭିନ୍ନ ମତ’ ପ୍ରତି ସମ୍ମାନ ତଥା ଅଙ୍ଗୀକାରବଦ୍ଧତାକୁ; ଆମକୁ ସର୍ବଦା ସ୍ମରଣ କରାଇ ଦେଉଥିଲା ଯେ ‘ସତ୍ୟ’ର ଦିଗନ୍ତ ଅନନ୍ତ ଏବଂ ସେଥିପାଇଁ ଏହାର ପରିପ୍ରକାଶର, ଏହାର ଅବଧାରଣାର ଭାଷା ଓ ମାର୍ଗ ମଧ୍ୟ ଅସୀମିତ। ଯେଉଁ ସନାତନ ଦର୍ଶନ ଓ ଉପନିଷଦୀୟ ଚିନ୍ତାଧାରାରେ ଧର୍ମର ଅର୍ଥ ଥିଲା ମାନବୀୟ ଚେତନାରେ ଅସୀମ, ଅନନ୍ତ ପ୍ରତି ଉନ୍ମୁଖତା ଜାଗରିତ କରିବା, ସେହି ଧର୍ମ ଆଜି ଆମକୁ ସଂକୀର୍ଣ୍ଣ ଧର୍ମାନ୍ଧତାର ଅନ୍ଧାର ମଧ୍ୟକୁ ନିକ୍ଷେପ କରିସାରିଲାଣି। ଏ ଜୀବନ ଓ ଜଗତର ଅପରିମେୟ ଜଟିଳତା, ଅପରିସୀମ ରହସ୍ୟ ପ୍ରତି ଏକ ବିନମ୍ର, ସଂଭ୍ରମ ଆଭିମୁଖ୍ୟ ପୋଷଣ କରିବାର ମାଧ୍ୟମ ଥିଲା ‘ଆସ୍ଥା ଓ ଧାର୍ମିକତା’। ମାତ୍ର ଆଜି ଏହା ଅନୁଦାରତା, ଅସହିଷ୍ଣୁତା ଓ ବହୁସଂଖ୍ୟକବାଦ-ଭିତ୍ତିକ ଅସ୍ମିତାବୋଧର ମାଧ୍ୟମ ପାଲଟି ସାରିଲାଣି।

କେଉଁ ଧର୍ମ, କେଉଁ କର୍ମ, କେଉଁ ଆଦର୍ଶ ଶ୍ରେୟସ୍କର କି ନୁହେଁ, ସେହି ପ୍ରସଙ୍ଗ ସଂପର୍କିତ ପ୍ରଶ୍ନର ଉତ୍ତର ଦେବାକୁ ଯାଇ କବି ‘ରୁମି’ ଚମତ୍କାର କାବ୍ୟିକ ମନ୍ତବ୍ୟଟିଏ ଦେଇଥିଲେ: ‘କେଉଁଟା ଠିକ୍, କେଉଁଟା ଭୁଲ, କ’ଣ ଶ୍ରେୟସ୍କର ଓ କ’ଣ ଶ୍ରେୟସ୍କର ନୁହେଁ - ଏମିତି ଭାବନାର ଊର୍ଦ୍ଧ୍ୱରେ ଅନ୍ୟ ଯେଉଁ ସୁନ୍ଦର, ବିସ୍ତୀର୍ଣ୍ଣ କ୍ଷେତ୍ରଟି ରହିଛି, ଚାଲ ସେଇଠି ଆମେ ପରସ୍ପରକୁ ଭେଟିବା; ସେଇଠି ଚେତନାର ଯେଉଁ ନିତ୍ୟରାସ ଚାଲିଛି, ସେଇଥିରେ ଅବଗାହନ କରିବା’। ହାୟ! ଆଜି ଆମମାନଙ୍କୁ ଏମିତି ଉଦ୍‌ବୁଦ୍ଧ କରିବାର ସତ୍‌ପ୍ରତିଭା କାହାର ଅଛି?

ଏହି ବିମର୍ଷକର ପରିସ୍ଥିତିରୁ ମୁକ୍ତି ପାଇଁ ଆମର ଲୋଡ଼ା ନୂଆ ବ୍ୟାକରଣ, ନୂଆ ସମୀକରଣ - ଯେଉଁଠି କେବଳ ଥିବ ‘ଓ’; କିନ୍ତୁ ‘ବନାମ’ ନୁହେଁ। ‘ଓ’ ଦୁର୍ବଳତା ନୁହେଁ, ଏହା ଗଭୀର ଆତ୍ମବିଶ୍ୱାସର ଚିହ୍ନ। ମହାତ୍ମା ଗାନ୍ଧୀ କେବଳ ନୁହନ୍ତି, ଆମ ବରେଣ୍ୟ ସ୍ୱାଧୀନତା ସଂଗ୍ରାମୀମାନଙ୍କ ମଧ୍ୟରୁ ନେହେରୁ, ପଟେଲ ଓ ସୁଭାଷ ପ୍ରତ୍ୟେକ ସେଇଥିପାଇଁ ଧର୍ମ, ସଂସ୍କୃତି, ରାଜନୀତି ତଥା ମୂଲ୍ୟବୋଧ ସବୁର ଅନୁସରଣ, ଅନୁଶୀଳନ କିମ୍ବା ବ୍ୟାଖାନ କରୁଥିଲେ ଏଇ ‘ଓ’ ର ଭାଷାରେ: ଏଇ ଯେମିତି - ‘ଆମେ ଓ ସେମାନେ’, ‘ଆମ ଧର୍ମ ଓ ସେମାନଙ୍କ ଧର୍ମ’, ‘ଆମ ଆଚାର-ବିଚାର-ଆଦର୍ଶ-ଦର୍ଶନ ଏବଂ ସେମାନଙ୍କ ଆଚାର-ବିଚାର-ଆଦର୍ଶ-ଦର୍ଶନ’। ଏଇଠି ତେଣୁ ଆଫ୍ରିକୀୟ ଜନଜାତିମାନଙ୍କ ‘ଉବୁଣ୍ଟୁ’ର ଆଦର୍ଶ ଖୁବ୍ ଉଲ୍ଲେଖନୀୟ ନିଶ୍ଚୟ। ଏ ଆଦର୍ଶଟି କେବେହେଲେ ପଚାରି ନଥାଏ - କିଏ ବା କେଉଁଟା ଠିକ୍ କି ଭୁଲ; ପଚାରିଥାଏ କେବଳ କେଉଁଟି ହେଉଛି ପାରସ୍ପରିକ ସଦିଚ୍ଛା, ସହଯୋଗ ଓ ସହାବସ୍ଥାନର ମାର୍ଗ। ‘ଉବୁଣ୍ଟୁ’ ଆମକୁ ସର୍ବଦା ସ୍ମରଣ କରାଇଦେଇଥାଏ ‘ଆମେ ଅଛୁ, ସେମାନେ ଅଛନ୍ତି’, ‘ସେମାନଙ୍କ ବିଜୟ ଆମର ବିଜୟ ଏବଂ ସେମାନଙ୍କ ପରାଭବ ଆମର ପରାଭବ’।

ଯିଏ ଭୀରୁ, ଦୁର୍ବଳମନା ଓ ଜ୍ୱରାକ୍ରାନ୍ତ ସ୍ୱାର୍ଥପରତାରେ ପୀଡ଼ିତ, ସିଏ କଳହ, ବିବାଦ, ସଂଘର୍ଷରେ ରତ ହୋଇଥାଏ। କାରଣ ସଂପର୍କ ଗଢ଼ିପାରିବାର କଳାକୌଶଳ ସେ ଜାଣେ ନାହିଁ। ଜାଣେ ନାହିଁ କେଉଁ ଭାବରସରେ ତୋଳା ହୋଇଥାଏ ମାନବୀୟ ସଂପର୍କ-କୋଣାର୍କ। ସେ ଜାଣେ ନାହିଁ ଯେ ‘ନ୍ୟାୟ’ ହୃଦୟ ପରିବର୍ତ୍ତନର ଭାଷା କହେ, ପୁନଃଆସ୍ଥା ସ୍ଥାପନର, ପୁନଃବିନ୍ୟାସର ଭାଷା କହେ, ପ୍ରତିଶୋଧର ଭାଷା ନୁହେଁ ଏବଂ ରାଜନୀତି କହେ ସର୍ବଜନକଲ୍ୟାଣର ଭାଷା, ବହୁସଂଖ୍ୟକଙ୍କ କଲ୍ୟାଣ କେବଳ ମାତ୍ର ନୁହେଁ। ପ୍ରକୃତ ଶାନ୍ତି, ସଂହତି ଆଦୌ ଲୋଡ଼ି ନ ଥାଏ ନୀରବ ବଶମ୍ବଦତା, ବିଚାରହୀନ ସମର୍ପଣ; ଲୋଡ଼ିଥାଏ ଭିନ୍ନମତ, ଭିନ୍ନ ଆଦର୍ଶ ମଧ୍ୟରେ ଥିବା ମଧ୍ୟମ ମାର୍ଗ। ଭିନ୍ନତାର ସକଳ ସୌନ୍ଦର୍ଯ୍ୟ, ଐଶ୍ୱର୍ଯ୍ୟ ଅତୁଟ ରଖି ଐକ୍ୟର ଇସ୍ତାହାର ଯିଏ ଲେଖିପାରେ, ସେ ହିଁ ଲାଭ କରିଥାଏ ‘ଗାନ୍ଧୀତ୍ୱ’। ଆଉ କେଉଁ ଘୃଣାରଂଜିତ ‘ତ୍ୱ’ ବା ‘ତତ୍ତ୍ୱ’ କସ୍ମିନ୍‌କାଳେ ଲୋଡ଼ି ନଥାଏ ସେ। ●

(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ)
କୋଡିଆଁ ବାରଙ୍ଗ, ମୋ: ୯୮୫୩୩୫୫୧୦୭

# ଶିକ୍ଷକଙ୍କ ଧର୍ମ ଓ ଆଧୁନିକତାର ମୋହ

**ଅଖିଳ ତରାଇ**

ଭାରତୀୟ ସଂସ୍କୃତିରେ ଗୁରୁଙ୍କୁ ‘ସାକ୍ଷାତ ପରଂବ୍ରହ୍ମ’ ବୋଲି କୁହାଯାଇଛି। ଶିକ୍ଷକ ହେଉଛନ୍ତି ସେହି ଆଲୋକବର୍ତ୍ତିକା, ଯିଏ ଅଜ୍ଞାନତାର ଅନ୍ଧକାରକୁ ଦୂର କରି ଜ୍ଞାନର ଆଲୋକ ବିଚ୍ଛୁରିତ କରନ୍ତି। ଶିକ୍ଷକଙ୍କର ପ୍ରକୃତ ଧର୍ମ କେବଳ ପାଠ୍ୟପୁସ୍ତକର ସୀମିତ ଜ୍ଞାନ ବାଣ୍ଟିବା ନୁହେଁ, ବରଂ ଜଣେ ଶିକ୍ଷାର୍ଥୀକୁ ନୈତିକତା, ମାନବିକତା ଓ ସାମାଜିକ ଦାୟିତ୍ୱବୋଧରେ ସଜ୍ଜିତ କରି ଜଣେ ‘ଭଲ ମଣିଷ’ ଭାବେ ଗଢ଼ିତୋଳିବା। କିନ୍ତୁ ଆଜିର ପରିବର୍ତ୍ତିତ ସମୟଖଣ୍ଡରେ ଶିକ୍ଷାଦାନର ଏହି ପବିତ୍ର ବ୍ରତ କେଉଁଠି ନା କେଉଁଠି ବ୍ୟକ୍ତିଗତ ପ୍ରଚାର ଓ ପ୍ରସାରର ଅନ୍ଧକାର ଗଳିରେ ହଜିଯିବାକୁ ବସିଲାଣି।

ଡିଜିଟାଲ ବିପ୍ଳବ ଶିକ୍ଷା କ୍ଷେତ୍ରରେ ଅନେକ ସୁଯୋଗ ଆଣିଛି ସତ, କିନ୍ତୁ ଏହା ସହିତ ଆଣିଛି ‘ଆତ୍ମପ୍ରଚାର’ର ଏକ ବିଷାକ୍ତ ପ୍ରତିଯୋଗିତା। ଜଣେ ଆଦର୍ଶ ଶିକ୍ଷକଙ୍କ ପାଇଁ ଛାତ୍ରର ଉନ୍ନତି ହିଁ ପ୍ରକୃତ ପୁରସ୍କାର। କିନ୍ତୁ ବର୍ତ୍ତମାନ ସାମାଜିକ ଗଣମାଧ୍ୟମ ପ୍ରଭାବରେ ଅନେକ ଶିକ୍ଷକ ‘ଲାଇକ୍’ ଓ ‘ଭ୍ୟୁଜ୍’ର ମାୟାଜାଲରେ ଛନ୍ଦି ହୋଇପଡ଼ିଛନ୍ତି। ଅବଶ୍ୟ ଶିକ୍ଷାଦାନ ସରଳ ଓ ସହଜ ହେବା ଜରୁରୀ। କିନ୍ତୁ ଯେତେବେଳେ ଶିକ୍ଷକ ଜଣକ ଛାତ୍ରର ସନ୍ଦେହ ଦୂର କରିବା ଅପେକ୍ଷା ନିଜ ଭିଡିଓରେ କେତେ ‘ଭ୍ୟୁ’ ଓ ‘ଲାଇକ୍’ ଆସିଲା ସେଥିପାଇଁ ଚିନ୍ତିତ ରୁହନ୍ତି, ସେତେବେଳେ ଶିକ୍ଷକତାର ଗରିମା କ୍ଷୁଣ୍ଣ ହୁଏ। ଶିକ୍ଷକମାନେ ଆଜି ଶ୍ରେଣୀଗୃହର ସେହି ଦୁର୍ବଳ ପିଲାଟିର ହାତ ଧରିବା ଅପେକ୍ଷା ନିଜର ‘ଫଲୋଅର୍ସ’ ବଢ଼ାଇବାକୁ ଅଧିକ ପ୍ରାଥମିକତା ଦେଉଛନ୍ତି।

କେବଳ ଶ୍ରେଣୀଗୃହ କାହିଁକି, ଏହି ପ୍ରଚାରର ନିଶା ଆଜି ଖେଳପଡ଼ିଆକୁ ମଧ୍ୟ କବଳିତ କରିସାରିଲାଣି। ଆମର ଅନେକ ଖେଳ ଶିକ୍ଷକ ବା ପ୍ରଶିକ୍ଷକ (କୋଚ୍) ଅଛନ୍ତି, ଯେଉଁମାନଙ୍କ ଉପରେ ଦେଶର ଭବିଷ୍ୟତ ଖେଳାଳି ଗଢ଼ିବାର ଗୁରୁଦାୟିତ୍ୱ ନ୍ୟସ୍ତ। କିନ୍ତୁ ବାସ୍ତବତା ହେଉଛି, ଅନେକ କ୍ରୀଡ଼ା ଶିକ୍ଷକ ପିଲାଙ୍କୁ ଭଲ ପ୍ରଶିକ୍ଷଣ ଦେଇ ଜଣେ ଜଣେ ଦକ୍ଷ ରାଜ୍ୟସ୍ତରୀୟ, ଜାତୀୟ ବା ଅନ୍ତର୍ଜାତୀୟ ଖେଳାଳି ଭାବେ ତିଆରି କରିବା ପରିବର୍ତ୍ତେ ନିଜର ଆତ୍ମପ୍ରଚାରରେ ଅଧିକ ବ୍ୟସ୍ତ ରହୁଛନ୍ତି। ପଡ଼ିଆରେ ପିଲାଙ୍କ ଶାରୀରିକ ସମସ୍ୟା ବୁଝିବା କିମ୍ବା ସେମାନଙ୍କ କୌଶଳର ତ୍ରୁଟି ସଂଶୋଧନ କରିବା ଅପେକ୍ଷା ସେମାନେ ସାମାଜିକ ଗଣମାଧ୍ୟମରେ ନିଜର ‘ୱର୍କଆଉଟ୍’ ଭିଡିଓ ବା ପ୍ରଶିକ୍ଷଣ ଦେଉଥିବାର ଦେଖାଣିଆ ଫଟୋ ପୋଷ୍ଟ କରିବାରେ ଅଧିକ ସମୟ ବିତାଉଛନ୍ତି। ଜଣେ ଖେଳାଳିର ସଫଳତା ପଛରେ କୋଚ୍‌ଙ୍କର ଯେଉଁ ନିରବ ସାଧନା ରହିବା କଥା, ତାହା ଆଜି ‘ଡିଜିଟାଲ୍ ଆଟେନସନ୍’ ପାଇଁ ବଳି ପଡୁଛି।

‘ଲାଇକ୍’ ଓ ‘ଭ୍ୟୁଜ୍’ ପାଇବାର ଅନ୍ଧଦୌଡ଼ ଯୋଗୁଁ ପ୍ରତିଭାବାନ ପିଲାମାନେ ଉପଯୁକ୍ତ ମାର୍ଗଦର୍ଶନ ପାଉନାହାନ୍ତି, ଯାହା ଫଳରେ କ୍ରୀଡ଼ା ଜଗତରେ ଆମର ପ୍ରତିଭାମାନେ ଅକାଳରେ ମଉଳି ଯାଉଛନ୍ତି। ଶିକ୍ଷକ ବା କୋଚ୍ ହେଉଛନ୍ତି ପିଲାଙ୍କ ପାଇଁ ଆଇନା। ପିଲାମାନେ ଶିକ୍ଷକଙ୍କୁ ନିଜର ଆଦର୍ଶ ବୋଲି ମାନନ୍ତି। ଯଦି ସେମାନେ ଦେଖନ୍ତି ଯେ ସେମାନଙ୍କର ଗୁରୁ ଜଣେ ‘କ୍ରିଏଟର’ ବା ‘ବ୍ୟବସାୟୀ’ ଭଳି ବ୍ୟବହାର କରୁଛନ୍ତି, ତେବେ ସେମାନଙ୍କ ମନରୁ ଶ୍ରଦ୍ଧା ଓ ନିଷ୍ଠା ଉଭେଇଯାଏ। ପିଲାମାନେ ମଧ୍ୟ ଗଭୀର ଜ୍ଞାନ ଆହରଣ ପରିବର୍ତ୍ତେ ବାହ୍ୟ ଚକଚକ୍ୟକୁ ଜୀବନର ସଫଳତା ବୋଲି ଧରିନିଅନ୍ତି। ଏହାଦ୍ୱାରା ଦେଶ ଜଣେ ଦକ୍ଷ ନାଗରିକ କିମ୍ବା ଜଣେ କୁଶଳୀ ଖେଳାଳି ପାଇବାରୁ ବଞ୍ଚିତ ହୁଏ। ଆଜିର ଶିକ୍ଷା ଓ କ୍ରୀଡ଼ା ବ୍ୟବସ୍ଥାରେ ବଡ଼ ବଡ଼ କର୍ପୋରେଟ୍ ଅନୁଷ୍ଠାନର ଆଧିପତ୍ୟ ବଢ଼ିଛି। ଶିକ୍ଷକମାନେ ଅଧିକ ଅର୍ଥ ଓ ପ୍ରତିଷ୍ଠା ଲୋଭରେ ବିଜ୍ଞାପନର ମୁହଁ ସାଜୁଛନ୍ତି। ପିଲାମାନଙ୍କୁ କିପରି ଉତ୍ତମ ନାଗରିକ କରାଯିବ ସେ ନେଇ ଆଉ ଚର୍ଚ୍ଚା ହେଉନାହିଁ; ବରଂ କିପରି ଅଧିକରୁ ଅଧିକ ଆଡମିଶନ ହେବ, ତାହା ହିଁ ମୂଳ ଲକ୍ଷ୍ୟ ପାଲଟିଛି। ଶିକ୍ଷକତା ଯେଉଁଠି ମନକୁ ଛୁଇଁବାର କଳା ଥିଲା, ତାହା ଆଜି ପକେଟକୁ ଖାଲି କରିବାର ଏକ ମାଧ୍ୟମ ହୋଇଛି।

ସମୟ ଆସିଛି ଆଜିର ଶିକ୍ଷକ ସମାଜକୁ ଆତ୍ମମନ୍ଥନ କରିବାକୁ ପଡ଼ିବ। ଟେକ୍ନୋଲୋଜିର ବ୍ୟବହାର ଖରାପ ନୁହେଁ। କିନ୍ତୁ ତାହାର ବ୍ୟବହାର କେବଳ ପ୍ରଚାର ପାଇଁ ନୁହେଁ, ବରଂ ଜ୍ଞାନ ଓ ପ୍ରତିଭାର ବିସ୍ତାର ପାଇଁ ହେବା ଉଚିତ୍। ଜଣେ ଶିକ୍ଷକ ପିଲାଙ୍କ ମନରେ ପ୍ରଶ୍ନ କରିବାର ସାହସ ଏବଂ ସତ୍ୟ କହିବାର ଶକ୍ତି ଭରିବା ଉଚିତ୍। ଖେଳ ଶିକ୍ଷକମାନେ ବୁଝିବା ଉଚିତ୍ ଯେ, ସାମାଜିକ ଗଣମାଧ୍ୟମରେ ତାଳି ଅପେକ୍ଷା ଖେଳାଳିର ବିଜୟ ମଞ୍ଚରେ ଜାତୀୟ ପତାକା ଉଡ଼ିବା ହିଁ ସେମାନଙ୍କର ପ୍ରକୃତ ସଫଳତା। ଯଦି ଶିକ୍ଷକ ନିଜର ‘ଧର୍ମ’ ଭୁଲି କେବଳ ‘ବିକ୍ରେତା’ ସାଜିବେ, ତେବେ ଆଗାମୀ ପିଢ଼ି ନୈତିକ ସାହସ ହରାଇବ। ଜଣେ ଭଲ ମଣିଷ ଗଢ଼ିବା ପାଇଁ ଶିକ୍ଷକଙ୍କୁ ପ୍ରଥମେ ନିଜର ଆତ୍ମମୋହ ତ୍ୟାଗ କରିବାକୁ ପଡ଼ିବ।

ଆଜିର ଶିକ୍ଷକ ସମାଜ ନିଜର ଗୌରବମୟ ଅତୀତକୁ ମନେ ପକାଇ ‘ପ୍ରଚାର’ ନୁହେଁ, ବରଂ ‘ପିଲାଙ୍କ ଭବିଷ୍ୟତ’କୁ ଗୁରୁତ୍ୱ ଦେବେ। ପ୍ରଚାର ପାଇଁ ପ୍ରୟାସ ନୁହେଁ, ବରଂ ପ୍ରଭାବ ପାଇଁ ପ୍ରୟାସ କଲେ ହିଁ ଦେଶ ଓ ସମାଜର ମଙ୍ଗଳ ହେବ। ଶିକ୍ଷକତା ଏକ ଚାକିରି ନୁହେଁ, ଏହା ଏକ ପବିତ୍ର ଧର୍ମ। ସମାଜ ଗଠନ ଏବଂ ଉତ୍ତମ ନାଗରିକ ତିଆରି କରିବାରେ ଶିକ୍ଷକଙ୍କ ଭୂମିକା ଅତୁଳନୀୟ। ଯଦି ଆଜିର ଶିକ୍ଷକ ଆତ୍ମପ୍ରଚାରର ମୋହ ତ୍ୟାଗ ନ କରନ୍ତି, ତେବେ ଆଗାମୀ ପିଢ଼ିର ଭବିଷ୍ୟତ ଅନ୍ଧକାରମୟ ହୋଇପଡ଼ିବ। ଆଶା କରାଯାଏ, ଶିକ୍ଷକମାନେ ନିଜର ସେହି ପୁରାତନ ଆଦର୍ଶକୁ ଫେରିବେ ଏବଂ ପ୍ରଚାର ପଛରେ ନଗୋଡ଼ାଇ ପ୍ରତିଭା ଗଢ଼ିବାରେ ମନୋନିବେଶ କରିବେ। କାରଣ ଜଣେ ସଫଳ ଛାତ୍ର ବା ଖେଳାଳି ହିଁ ଜଣେ ଶିକ୍ଷକଙ୍କର ଶ୍ରେଷ୍ଠ ପ୍ରମାଣପତ୍ର। ●

ଗଞ୍ଜାମ, ମୋ: ୭୭୮୭୦୦୧୦୦୧

# କୁମ୍ଭାରପଡ଼ା ଗାଆଁ

**ସ୍ୱପ୍ନେଶ୍ୱର**

ଭୋଜନୀଠାକୁର ଶ୍ରୀଜଗନ୍ନାଥଙ୍କ ରୋଷଶାଳାରେ ଦୈନିକ ଷାଠିଏପଉଟି ଭୋଗ ରନ୍ଧା ହେବା ପାଇଁ ବର୍ଷକୁ ପ୍ରାୟ କୋଡ଼ିଏ ଲକ୍ଷ ମାଟି କୁଡୁଆ ଦରକାର ପଡ଼େ। ଏହି ମାଟି କୁଡୁଆ ପାରମ୍ପରିକ ଭାବେ କୁମ୍ଭାରମାନଙ୍କ ଦ୍ୱାରା ପ୍ରସ୍ତୁତ ହୁଏ। ଶ୍ରୀକ୍ଷେତ୍ରକୁ କେନ୍ଦ୍ର କରି ପ୍ରାୟ କୋଡ଼ିଏ ମାଇଲ ବ୍ୟାସାର୍ଦ୍ଧ ଭିତରେ ଅନେକ କୁମ୍ଭାର ବସ୍ତି ଅବସ୍ଥିତ। ଏହି ଗ୍ରାମବାସୀ କୁମ୍ଭକାର ଶିଳ୍ପୀମାନେ ବର୍ଷସାରା ପରିଶ୍ରମ କରି ମାଟି ଏବଂ କୁଡୁଆ ପୋଡ଼ିବା ପାଇଁ ଝାଟି ସଂଗ୍ରହ କରନ୍ତି, କୁଡୁଆ ଗଢ଼ି ଶୁଖେଇ ପିଟନ୍ତି, ପୁଣି ଶୁଖେଇ ଝାଟିରେ ପୋଡ଼ି ମନ୍ଦିରକୁ ଯୋଗେଇ ଦିଅନ୍ତି। ସାରା ପରିବାରକୁ ଏ କାମ କରିବାରେ ବର୍ଷ ସାରା ଫୁରୁସତ ମିଳେ ନାହିଁ। ତେଣୁ କଥାରେ କହନ୍ତି - ‘କୁମ୍ଭାର ବୋହୂ, ମାଟିକୁ ନ ଗଲେ ଝାଟିକୁ ଯାଉ।’

ନିମି ନାମକ ଜଣେ କୁମ୍ଭାର ସଂପ୍ରଦାୟର ମହିଳା କୌଣସି ଏକ କୁମ୍ଭାର ଗାଆଁରେ ପରିବାର ସହ ରହୁଥିଲେ। ବର୍ଷର ବାରମାସ ତିନିଶହ ପଅଁଷଠି ଦିନ ସେ ନିଜ ପରିବାର ସହ ମହାପ୍ରଭୁଙ୍କ ପାଇଁ କୁଡୁଆ ପ୍ରସ୍ତୁତ କରୁଥିଲେ। କୁଡୁଆ ପ୍ରସ୍ତୁତି କାମରେ ବ୍ୟସ୍ତ ରହି ସେ ଘର ଛାଡ଼ି କୁଆଡ଼େ ହେଲେ ଯାଇ ପାରୁ ନ ଥିଲେ। ହେଳା କରିଦେଲେ ଶ୍ରୀମନ୍ଦିରକୁ ନିରନ୍ତର କୁଡୁଆ ଯୋଗାଣ ପ୍ରଭାବିତ ହେବ ଏବଂ ମହାପ୍ରଭୁ ଉପବାସ ରହିଯିବେ- ଏହି ଚିନ୍ତା ନିମିଙ୍କ ମନରେ ସବୁବେଳେ ଉଙ୍କି ମାରେ। ଦିନେ ଦିନେ ପ୍ରତି କୁଡୁଆରେ ତାଙ୍କୁ ମହାପ୍ରଭୁଙ୍କ ସୁନ୍ଦର ମୁଖମଣ୍ଡଳ ଦେଖାଯାଏ ଏବଂ କୁଡୁଆକୁ ନେଇ ସେ ମୁଣ୍ଡରେ ଲଗାନ୍ତି। ପ୍ରତିଦିନ ଗାଆଁରୁ କେହି ନା କେହି ମହାପ୍ରଭୁଙ୍କ ଦର୍ଶନ ପାଇଁ ପୁରୀ ଯାହାନ୍ତି ଏବଂ କେହି କେହି ନିମିଙ୍କୁ ଯିବା ପାଇଁ ଡାକିଲେ ନିମି କହନ୍ତି, ‘ଠାକୁର ଦର୍ଶନ ମୋ ଭାଗ୍ୟରେ କାହିଁ ? ତାଆରି ପାଇଁ କୁଡୁଆ ତିଆରି କରିବାରେ ମୋର ଆନନ୍ଦ। ମୋ ହାତର କୁଡୁଆ ପୋଖରିଆ ଭିତରକୁ ଗଲେ ଏବଂ ଠାକୁର ସେଥିରେ ଭୋଜନ କଲେ, ମୋର ଆଉ ଦର୍ଶନରେ କି ଲୋଡ଼ା? ସେତିକି ସେବାର ସୁଯୋଗ ପ୍ରଭୁ ଦେଇଛନ୍ତି, ସେତିକି ଯଥେଷ୍ଟ।’

ଅନ୍ତର୍ଯ୍ୟାମୀ ମହାପ୍ରଭୁ ସବୁ କଥା ଜାଣୁଥିଲେ। ତେଣୁ ମହାପ୍ରଭୁ ନିଷ୍ପତ୍ତି ନେଲେ ଯେ ସେ ନିଜେ ଯାଇ ନିମିକୁ ଦେଖି ଆସିବେ। ସେ ଜଣେ ବୁଢ଼ୀ ବେଶରେ ବାଡ଼ି ଖଣ୍ଡିଏ ଧରି ନଇଁ ନଇଁ ଯାଇ ନିମିଙ୍କ ଘରେ

**ଲୋକକଥାରେ ଲୋକଦେବତା**

ପହଞ୍ଚିଲେ। ନିମି ବୁଢ଼ୀଙ୍କୁ ମୁଣ୍ଡିଆ ମାରି ମଶିଣା ପାରି ବସେଇଲେ ଏବଂ ପାଣି ଦେଲେ ପିଇବାକୁ। ତା’ ପରେ ବୁଢ଼ୀ କହିଲେ, ‘ଆଲୋ ମାଆ! ପାଖ ଗାଆଁରେ ମୋ ଘର। ଆଗକୁ ପଛକୁ କେହି ନାହିଁ। ଜଗନ୍ନାଥଙ୍କୁ ଦର୍ଶନ କରିବାକୁ ଭାରି ଇଚ୍ଛା। ବୁଢ଼ୀ ହେଲିଣି। କେତେବେଳେ କୋଉ କଥା। ତେଣୁ ଦର୍ଶନ କରିବାକୁ ବାହାରିଛି। କେବେ ପୁରସ୍ତମ ଯାଇନି। ଏକା ଯିବାକୁ ସାହସ ହେଉନି। ମତେ ଟିକିଏ ନେଇ କାଳିଆ ଦର୍ଶନ କରେଇ ଦିଅନ୍ତୁନି? ତୋର ବହୁତ ଧରମ ହୁଅନ୍ତା।’ ନିମି କହିଲେ, ‘ମୋର ସେମିତିକା ଭାଗ୍ୟ ନାହିଁ। ମୁଁ ତ ନିଜେ ପୁରସ୍ତମ ଦେଖିନି, ତମକୁ ଦେଖେଇବି କ’ଣ? ତାଙ୍କରି କାମରୁ ତ ମୋତେ ଫୁରୁସତ ନାହିଁ। କାଳିଆ ଇଚ୍ଛା କଲେ ତା’ଦର୍ଶନ ମିଳନ୍ତା। ତା’ର ତ ଇଚ୍ଛା ନାହିଁ, ମୁଁ ଛାର କ’ଣ କରିବି?’

ବୁଢ଼ୀ ନିମିଙ୍କୁ ଆଶୀର୍ବାଦ କରି ଚାଲିଗଲେ। ସେ ଦିନ ମହାପ୍ରଭୁ ଭକ୍ତର ଅଭିମାନ ନିଜେ ଶୁଣିଲେ। ରାତିରେ ରାଜାଙ୍କୁ ସ୍ୱପ୍ନରେ ଦର୍ଶନ ଦେଇ କହିଲେ, ‘ରାଉତ! କୁମ୍ଭାର ବିଷୋୟୀମାନେ ବର୍ଷସାରା ମୋ ପାଇଁ କୁଡୁଆ ନିର୍ମାଣରେ ବ୍ୟସ୍ତ ରହି ମୋର ଦର୍ଶନ ପାଇଁ ଆସିପାରୁ ନାହାନ୍ତି। ଆଜି ମୁଁ ମୋର ଭକ୍ତ ନିମିକୁ ଦେଖା କରିବାକୁ ଯାଇଥିଲି। ସେମାନଙ୍କର ସମସ୍ୟା ତା’ଠାରୁ ଶୁଣି ଆସିଲି। ତେଣୁ ତୁ ସେମାନଙ୍କୁ ଆଣି ଅଠରନଳାର ପୂର୍ବ ଦିଗରେ ଗୁଣ୍ଡିଚା ମନ୍ଦିର ନିକଟରେ ଥଇଥାନ କର। କୁଡୁଆ ନିର୍ମାଣ ପାଇଁ ସେମାନଙ୍କୁ ସମସ୍ତ ସୁବିଧା ଯୋଗାଇ ଦେ। ବର୍ଷରେ ଥରେ ମୁଁ ଗୁଣ୍ଡିଚା ମନ୍ଦିର ଯାତ୍ରା ସମୟରେ ଏବଂ ସେଠାରେ ଏକ ସପ୍ତାହ ରହଣି ସମୟରେ ସେମାନେ ଅଳ୍ପ ପରିଶ୍ରମ ଓ ସମୟ ବିନିମୟରେ ମୋର ଦର୍ଶନ କରିପାରିବେ।

ପ୍ରଭୁଙ୍କ ନିର୍ଦ୍ଦେଶିତ ଯାଗାରେ କୁମ୍ଭାର ବିଷୋୟୀମାନଙ୍କୁ ଥଇଥାନ କାର୍ଯ୍ୟକ୍ରମ ଆରମ୍ଭ ହେଲା। ସେଠାରେ ବସବାସ କରି ସେମାନେ ମହାପ୍ରଭୁଙ୍କ ପାଇଁ କୁଡୁଆ ନିର୍ମାଣ କରି ଶ୍ରୀମନ୍ଦିରକୁ ଯୋଗାଇ ଦେଲେ ଏବଂ ଗୁଣ୍ଡିଚା ଯାତ୍ରା ଓ ଆଡ଼ପ ମଣ୍ଡପରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନର ସୁଯୋଗ ପାଇଲେ। ସେମାନେ ବସବାସ କରୁଥିବା ଅଞ୍ଚଳ କୁମ୍ଭାରପଡ଼ା ଗାଆଁ ଭାବରେ ଜଣାଗଲା। ●

ମୋ: ୯୯୦୦୦୮୩୪୩୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. ‘ସକାଳ’ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. ‘ସକାଳ’କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. ‘ସକାଳ’ ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ ‘ସକାଳ’ ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ ‘ସକାଳ’ କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ତିମି ଅସ୍ଥି ସ୍ଥାନାନ୍ତରକୁ ବିରୋଧ

ବାଲିକୁଦା,୨୭।୧(ସମିସ): ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ବନ୍ଦର ଅଞ୍ଚଳରୁ ମିଳିଥିବା ତିମିର ଅସ୍ଥି (କଙ୍କାଳ) ସ୍ଥାନାନ୍ତରକୁ ବିରୋଧ କରିଛନ୍ତି ସ୍ଥାନୀୟଲୋକ। ତିମିଅସ୍ଥିକୁ ସେହି ଅଞ୍ଚଳରେ ଏକ ସଂଗ୍ରହାଳୟ ସ୍ଥାପନ କରି ରଖିବାକୁ ସେମାନେ ଦାବି କରିଛନ୍ତି। ଏନେଇ ଗ୍ରାମବାସୀମାନେ ଦସ୍ତଖତ ଅଭିଯାନ ଆରମ୍ଭ କରିଛନ୍ତି।

## ‘ବନ୍ଦର’ ଅଞ୍ଚଳରେ ସଂଗ୍ରହାଳୟ କରିବାକୁ ଦାବି

ବନ୍ଦର ସାମୁଦ୍ରିକ ଥାନା ଓ ବନ୍ଦର ବନବିଭାଗ ଅଧୀନ ଦେବୀ ନଦୀ ଓ ବଙ୍ଗୋପସାଗଗ ମୁହାଣ ନଡ଼ିଆଖିଆଠାରେ ୪ ଦିନ ତଳେ ଏକ ବିଶାଳ ତିମି ମାଛ ମୃତଦେହ ଦେଖିବାକୁ ମିଳିଥିଲା। ଯାହାକୁ ବନବିଭାଗ ପକ୍ଷରୁ ବ୍ୟବଚ୍ଛେଦ କରାଯାଇ ରିପୋର୍ଟ ପାଇଁ ପଠାଯାଇଥିବା ବେଳେ ଉକ୍ତ ତିମିର ମାଂସକୁ କେମିକାଲ ଯୋଗେ ନଷ୍ଟ କରାଯାଇ ତିମି ଅସ୍ଥିକୁ ନନ୍ଦନକାନନ କିମ୍ବା ଭିତରକନିକାରେ ସ୍ଥାନ ଦେବା ନିଷ୍ପତ୍ତି ନିଆଯାଇଥିବା ବନ୍ଦର ଫରେଷ୍ଟର ପ୍ରିୟବ୍ରତ ଚୌଧୁରୀ ସୂଚନା ଦେଇଥିଲେ। ଏହି ଖବର ପ୍ରସାରିତ ହେବା ପରେ ଅଞ୍ଚଳବାସୀ ପ୍ରତିକ୍ରିୟାଶୀଳ ହେବା ସହ ସେମାନଙ୍କ ଦଶନ୍ଧି ଦଶନ୍ଧି ଦାବି ଥିବା ମା’ ବନ୍ଦରେଇ ପୀଠକୁ ସରକାର ଅଣଦେଖା କରୁଛନ୍ତି ବୋଲି କହିଛନ୍ତି। ପ୍ରତ୍ୟେକ ପର୍ଯ୍ୟଟନ ଋତୁ ଓ ଅନ୍ୟ ସମୟରେ ମା’ ବନ୍ଦରେଇଙ୍କ ଦର୍ଶନ ସହ ବଣଭୋଜିର ଆନନ୍ଦ ଓ ନୌକା ବିହାର କରିବା ସହ ସମୁଦ୍ର କୂଳକୁ ଯିବା ପାଇଁ ହଜାର ହଜାର ପର୍ଯ୍ୟଟକ ଏକତ୍ରିତ ହୋଇଥା’ନ୍ତି। ଏଣୁ ଉକ୍ତ ତିମିର ଅସ୍ଥିକୁ ସରକାର ଏହି ବନ୍ଦର ଅଞ୍ଚଳରେ ଏକ ସଂଗ୍ରହାଳୟ ନିର୍ମାଣ କରି ସେଥିରେ ସ୍ଥାନ ଦେଲେ ଅଧିକରୁ ଅଧିକ ପର୍ଯ୍ୟଟକ ଏହାକୁ ଦେଖିବାକୁ ଏଠାକୁ ଆସିବେ। ଫଳରେ ଏଠାକାର ପର୍ଯ୍ୟଟନ କ୍ଷେତ୍ର ବିକଶିତ ହେବା ସହ ସରକାର ଏହାକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇଁ ଏକ ପ୍ରକାର ବାଧ୍ୟ ହେବେ ବୋଲି ମତ ରଖିଛନ୍ତି ବୁଦ୍ଧିଜୀବୀ।

ଏନେଇ ଜିଲ୍ଲାପାଳଙ୍କ ସମେତ ବିଧାୟକ, ମନ୍ତ୍ରୀ, ସାଂସଦଙ୍କୁ ଭେଟି ଦାବିପତ୍ର ପ୍ରଦାନ ନିମନ୍ତେ ଅଞ୍ଚଳରେ ଦସ୍ତଖତ ଅଭିଯାନ ଚାଲିଥିବା ବେଳେ ସୋସିଆଲ ମିଡିଆ ଯୋଗେ ରାଜ୍ୟ ସରକାରଙ୍କ ନିକଟରେ ଦାବି ଉପସ୍ଥାପନା କରାଯାଉଥିବା ଦେଖିବାକୁ ମିଳିଛି। ଆସନ୍ତାକାଲି ଅଞ୍ଚଳର ଅନେକ ସଂଗଠନ ଓ ବୁଦ୍ଧିଜୀବୀ ଜିଲ୍ଲାପାଳଙ୍କୁ ଭେଟିବା ନେଇ ମତ ଦେଇଛନ୍ତି। ସରକାର ଯଦି ଅଞ୍ଚଳବାସୀଙ୍କ ସ୍ୱାର୍ଥକୁ ଗୁରୁତ୍ୱ ନ ଦିଅନ୍ତି, ତେବେ କୌଣସି ପ୍ରକାରେ ଉକ୍ତ ଅସ୍ଥିକୁ ଆମେ ଛାଡ଼ିବୁ ନାହିଁ ବୋଲି ମାଳ-ମରିଚପୁର ଉନ୍ନୟନ ପରିଷଦ, ତଳମାଳ ବିକାଶ ମଞ୍ଚ, ଭଏସ୍ ଅଫ ବାଲିକୁଦା, ମା’ ବନ୍ଦରେଇ ଯୁଥ ୟୁନିୟନ, କିଣାରାମ ବିଶ୍ୱାଳ ଫାଉଣ୍ଡେସନ, ପ୍ରଗତି ପଥେ ଆମ ସଂଗଠନ, ଲୋଟସ କ୍ଲବ, ଉପକୂଳ କ୍ରିୟାନୁଷ୍ଠାନ କମିଟି ବାଲିକୁଦାର ସଦସ୍ୟମାନେ ଚେତାବନୀ ଦେଇଛନ୍ତି।

# ରାଜ୍ୟରେ ଖୋଲିବ ‘ସହିଦ ଲକ୍ଷ୍ମଣ ନାୟକ ବିଦ୍ୟାଳୟ’

ଭୁବନେଶ୍ୱର, ୨୭ ।୧(ସମିସ): ସହିଦ ଲକ୍ଷ୍ମଣ ନାୟକଙ୍କ ନାମରେ ପ୍ରତି ଜିଲ୍ଲାରେ ନିର୍ମାଣ ହେବ ବିଦ୍ୟାଳୟ। ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି, ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ଅଧୀନରେ ଥିବା ବିଦ୍ୟାଳୟର ଭିତ୍ତିଭୂମି ସୁଦୃଢ଼ କରାଯିବ। ଏନେଇ ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମଙ୍ଗଳବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି ଯେ ଆଦିବାସୀବହୁଳ ଜିଲ୍ଲାରେ ଏହାକୁ ପ୍ରାଥମିକତା ଭିତ୍ତିରେ ନିର୍ମାଣ କରାଯିବ। ପ୍ରଥମ ପର୍ଯ୍ୟାୟରେ ୧୭ଟି “ଆଇଟିଡିଏ’ ଜିଲ୍ଲାର ଅନ୍ତତଃ ଗୋଟିଏ ବିଦ୍ୟାଳୟକୁ ବିକଶିତ କରାଯିବ। ପରବର୍ତ୍ତୀ ପର୍ଯ୍ୟାୟରେ ସାରା ରାଜ୍ୟରେ ସହିଦ ଲକ୍ଷ୍ମଣ ନାୟକ ବିଦ୍ୟାଳୟ ଆରମ୍ଭ କରାଯିବ। ଏଥିପାଇଁ ପ୍ରାୟ ୧୦୦ କୋଟି ଟଙ୍କାର ବଜେଟ୍ ବ୍ୟବସ୍ଥା କରିବାକୁ କାର୍ଯ୍ୟ ଜାରି ରହିଛି। ଆଦିବାସୀ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ପାଇଁ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି।

# ଏଆଇସିସି ଅଧ୍ୟକ୍ଷଙ୍କୁ ଭେଟିଲେ ଆରୋ ପ୍ରସାଦ

ଭୁବନେଶ୍ୱର, ୨୭।୧(ସମିସ): ଅଖିଳ ଭାରତୀୟ କଂଗ୍ରେସ କମିଟିର ରିସର୍ଚ୍ଚ ବିଭାଗର ଜାତୀୟ ସଂଯୋଜକ ଆରୋ ପ୍ରସାଦ ମିଶ୍ର ଏଆଇସିସି ସଭାପତି ମଲିକାର୍ଜୁନ ଖଡ଼୍‌ଗେଙ୍କୁ ଭେଟିଛନ୍ତି। ଶ୍ରୀ ମିଶ୍ର ଏଆଇସିସି ସଭାପତି ଶ୍ରୀ ଖଡଗେଙ୍କ ବାସଭବନରେ ସାକ୍ଷାତ କରି ପ୍ରାୟ ୩୦ମିନିଟ୍‌ରୁ ଊର୍ଦ୍ଧ୍ୱ ସମୟ ଧରି ଆଲୋଚନା କରିଥିଲେ। ଏହି ଆଲୋଚନା ମୁଖ୍ୟତଃ ସଂଗଠନ ଓ ଦଳର ରଣ କୌଶଳ ଉପରେ ହୋଇଥିବା ସୂଚନା ମିଳିଛି। ଜାତୀୟ ରିସର୍ଚ୍ଚ ବିଭାଗ ପକ୍ଷରୁ ଅପରାହ୍ନ ୩ଟା ସମୟରେ ଇନ୍ଦିରା ଭବନଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହେଇଥିଲା। ଏହା ପରେ ଆଗାମୀ କାର୍ଯ୍ୟପନ୍ଥା ଓ ରଣ କୌଶଳ ସମ୍ପର୍କରେ ଏଆଇସିସି ସଭାପତିଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବାସଭବନରେ ଅନୁଷ୍ଠିତ ହୋଇଥିଲା। ଏହି ଆଲୋଚନା ସମୟରେ କଂଗ୍ରେସ ଓଡିଶାକୁ ନେଇ କିଛି କିଛି ଯୋଜନା ବିଷୟରେ ଆଲୋଚନା ହୋଇଥିବା ଜଣାପଡ଼ିଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଆଜିଠାରୁ ସଂସଦର...

ଆଲୋଚନା ବେଳେ ଉପସ୍ଥାପିତ କରିପାରିବେ। ସରକାରଙ୍କର ଏଥିରେ କୌଣସି ଆପତ୍ତି ନାହିଁ। ବୈଠକ ପରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଲେ ଯେ ମନରେଗା ବଦଳରେ ସରକାର ଯେଉଁ ନୂଆ ଆଇନ ଜି-ରାମ-ଜି ଆଣିଛନ୍ତି, ତାହାକୁ ପ୍ରତ୍ୟାହାର କରାଯିବାର ପ୍ରଶ୍ନ ଉଠୁନାହିଁ। ପୁଣି ଏସଆଇଆର ଉପରେ ସଂସଦର ଗତ ଅଧିବେଶନରେ ଆଲୋଚନା ହୋଇଥିବାରୁ ଏଥର ଆଲୋଚନା କରାଯିବାର କୌଣସି ଆବଶ୍ୟକତା ନାହିଁ। ବଜେଟ ଅଧିବେଶନର ଏଜେଣ୍ଡା କାହିଁକି ଦିଆଯାଇ ନାହିଁ ବୋଲି ବିରୋଧୀ ଦଳ ପ୍ରଶ୍ନ କରିଥିଲେ। ଏସଂପର୍କରେ ରିଜିଜୁ କହିଲେ ଯେ ପରବର୍ତ୍ତୀ ସମୟରେ ଏହାକୁ ଦିଆଯିବ। ନିର୍ବାଚନ ହେବାକୁ ଥିବା ରାଜ୍ୟମାନଙ୍କରେ ଚାଲିଥିବା ଏସ୍‌ଆଇଆରକୁ ନେଇ ସମସ୍ୟା ସୃଷ୍ଟି ହୋଇଥିବାରୁ ଏହା ଉପରେ ଆଲୋଜନା ହେବା ଦରକାର ବୋଲି ଡିଏମକେ, ତୃଣମୂଳ କଂଗ୍ରେସ ଓ ବାମପନ୍ଥୀ ଦଳର ପ୍ରତିନିଧି ଦାବି କରିଥିଲେ। ବିରୋଧୀ ଦଳ ଶାସିତ ରାଜ୍ୟମାନଙ୍କରେ ରାଜ୍ୟପାଳଙ୍କ ବିବାଦୀୟ ଭୂମିକା ଉପରେ ଆଲୋଚନା ପାଇଁ ମଧ୍ୟ ଏହି ଦଳ ଦାବି କରିଥିଲେ। ଏହାସହିତ ନୂଆ ୟୁଜିସି ଆଇନକୁ ନେଇ ସୃଷ୍ଟି ହୋଇଥିବା ବିବାଦ ଉପରେ ମଧ୍ୟ ଆଲୋଚନା କରିବାକୁ ଏହି ଦଳ ଦାବି କରିଥିଲେ। କିନ୍ତୁ ଏହାକୁ ନେଇ ସରକାର ନିରବ ରହିଛନ୍ତି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସର୍ବଦଳୀୟ ବୈଠକରେ ଅନେକ ବରିଷ୍ଠ ମନ୍ତ୍ରୀ ଓ ବିଭିନ୍ନ ଦଳର ସଂସଦୀୟ ନେତା ଯୋଗ ଦେଇଥିଲେ।

## ଭାରତ-ଇୟୁ ଐତିହାସିକ...

ଏସବୁବାଦ୍ ଭାରତ ଏବଂ ଇୟୁ ମଧ୍ୟ ସୁରକ୍ଷା ଏବଂ ପ୍ରତିରକ୍ଷା ଉପରେ ଏକ ଚୁକ୍ତିରେ ପହଞ୍ଚିଛନ୍ତି। ଏହି ଚୁକ୍ତିନାମା ଫଳରେ ରସ ଏବଂ ପ୍ରକ୍ରିୟାକୃତ ଖାଦ୍ୟ ଭଳି ୟୁରୋପୀୟ ରପ୍ତାନି ଉପରେ ଶୁଳ୍କ ଉଚ୍ଛେଦ କରାଯିବ।

ଆହୁରିମଧ୍ୟ ଭାରତ-ୟୁରୋପୀୟ ସଂଘର କମ୍ପାନୀଗୁଡ଼ିକ ଭାରତଠାରୁ ଏପରି ଶୁଳ୍କ ଛାଡ଼ ପାଇବେ, ଯାହା ଅନ୍ୟ କୌଣସି ବାଣିଜ୍ୟ ଅଂଶୀଦାର ପାଇନାହାଁନ୍ତି। ଏହା ଭାରତରେ ୟୁରୋପୀୟ ଉତ୍ପାଦଗୁଡ଼ିକୁ ଶସ୍ତା କରିପାରିବ। ଅଟୋମୋବାଇଲ୍ କ୍ଷେତ୍ର ଏକ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିବ। ଚୁକ୍ତିନାମା ଅନୁଯାୟୀ, ୟୁରୋପରୁ ଭାରତକୁ ଆମଦାନୀ ହେଉଥବା ଅଡ଼ି, ମର୍ସିଡ଼ିଜ୍, ଫରାରୀ, ରୋଲ୍ସ ରୟସ, ପୋର୍ସେ, ଫିଏଟ୍, ଜିପ୍, ସ୍କୋଡ଼ା, ଭକ୍ସୱାଗନ, ଜାଗୁଆର ଆଦି ଦାମୀ କାର ଉପରେ ଟିକସ ୧୧୦% ରୁ ୧୦% କୁ ହ୍ରାସ କରାଯିବ। ତେବେ ଏହି ଲାଭ ବାର୍ଷିକ ୨.୫ ଲକ୍ଷ କାରର ଏକ ସ୍ଥିର କୋଟା ପର୍ଯ୍ୟନ୍ତ ସୀମିତ ରହିବ। ସେହିପରି ଆଗାମୀ ୫ ରୁ ୧୦ ବର୍ଷ ମଧ୍ୟରେ କାର ଯନ୍ତ୍ରାଂଶ ଉପରେ ଟିକସ ସମ୍ପୂର୍ଣ୍ଣ ଭାବରେ ଉଚ୍ଛେଦ କରାଯିବ।

ୟୁରୋପୀୟ କମିଶନର ଅଧ୍ୟକ୍ଷ ଉର୍ସୁଲା ଭନ୍ ଡେର୍ ଲେଏନ୍ କହିଛନ୍ତି ଯେ ଏହି ଚୁକ୍ତିନାମା ବାର୍ଷିକ ପ୍ରାୟ ୪ ବିଲିୟନ ୟୁରୋ ୪୩,୦୦୦ କୋଟି ଟଙ୍କା)ର ଶୁଳ୍କ ହ୍ରାସ କରିବ। ଭାରତ ଏବଂ ୟୁରୋପର ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ସେ କହିଛନ୍ତି ଯେ ଭାରତ-ୟୁରୋପୀୟ ସଂଘ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ବିଶ୍ୱକୁ ଏକ ସ୍ପଷ୍ଟ ବାର୍ତ୍ତା ଦେଉଛି ଯେ, ଆଜିର ବିଶ୍ୱ ଚ୍ୟାଲେଞ୍ଜର ସର୍ବୋତ୍ତମ ଉତ୍ତର ହେଉଛି ପାରସ୍ପରିକ ସହଯୋଗ, ପୃଥକ ନିଷ୍ପତ୍ତି ନୁହେଁ। ଏହି ଚୁକ୍ତିନାମା ଉଭୟ ପକ୍ଷ ପାଇଁ ଆର୍ଥିକ ଏବଂ ରଣନୈତିକ ଭାବରେ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି। ଠିକ୍ ଏହି ସମୟରେ ଟ୍ରମ୍ପଙ୍କ ଜଣେ ନିକଟତମ କହିଛନ୍ତି ଯେ, ଏହି ଚୁକ୍ତି କରି ୟୁରୋପ ନିଜ ବିରୁଦ୍ଧରେ ଏକ ଯୁଦ୍ଧକୁ ପାଣ୍ଠି ଦେଉଛି।

## ସାରା ଦେଶରେ...

ଉତ୍ତରଦାୟିତ୍ୱ ଆଣିବା ପାଇଁ ଏହି ପରିବର୍ତ୍ତନ କରାଯାଇଛି। କିନ୍ତୁ ନିୟମ ସାଧାରଣ ବର୍ଗର ବିରୋଧୀ ବୋଲି କହି ଏହାକୁ ବିରୋଧ କରାଯାଉଛି। ସମାଲୋଚକମାନେ କହିଛନ୍ତି ଯେ ଉଚ୍ଚଜାତିର ଛାତ୍ରଛାତ୍ରୀଙ୍କୁ ‘ସ୍ୱାଭାବିକ ଅପରାଧୀ’ ବନାଇ ଦିଆଯାଇଛି। ସାଧାରଣ ବର୍ଗର ଛାତ୍ରଛାତ୍ରୀଙ୍କ ଅନୁଯାୟୀ, ନୂତନ ନିୟମ କଲେଜ କିମ୍ବା ବିଶ୍ୱବିଦ୍ୟାଳୟ ପରିସରରେ ସେମାନଙ୍କ ବିରୋଧରେ ଭେଦଭାବକୁ ଏହି ନିୟମ ପ୍ରୋତ୍ସାହନ ଦେବ। ଏହା କଲେଜରେ ବିଶୃଙ୍ଖଳା ସୃଷ୍ଟି କରିବ। ପୂର୍ବରୁ ଏସ୍‌ସିଏସ୍‌ଟି ଆଇନର ଅପବ୍ୟବହାର କରି ସାଧାରଣ ବର୍ଗର ଲୋକଙ୍କ ବିରୋଧରେ ମିଥ୍ୟା ମାମଲା ଲଗାଇଯାଇଥିବାର ଅନେକ ଘଟଣା ସାମ୍ନାକୁ ଆସିଛି। କିଏ ୩୦ ବର୍ଷ ପରେ ନିର୍ଦ୍ଦୋଷରେ ମୁକ୍ତ ହୋଇଛି ତ ଆଉ କିଏ ୫ ବର୍ଷ ହେଲା କୋର୍ଟ କଚେରି ଧାଇଁ ଧାଇଁ ନୟାନ୍ତ ହୋଇଗଲାଣି। ଜାତିଗତ ଭେଦଭାବର ସଂଜ୍ଞାରେ କୁହାଯାଇଛି ଯେ ଜାତି, ଧର୍ମ, ଲିଙ୍ଗ, ଜନ୍ମ ସ୍ଥାନ, ଅକ୍ଷମତା ଆଧାରରେ କୌଣସି ଅନ୍ୟାୟ କିମ୍ବା ପକ୍ଷପାତ ତଥା ଶିକ୍ଷାରେ ସମାନତା ପାଇଁ ପ୍ରତିବନ୍ଧକ କିମ୍ବା ମାନବ ସମ୍ମାନ ବିରୋଧକୁ ଜାତିଗତ ଭେଦଭାବ ଭାବେ ବିବେଚନା କରାଯିବ।ଏଥିରେ ଅନୁସୂଚିତ ଜାତି/ଜନଜାତି ବ୍ୟତୀତ ଅନ୍ୟ ଓବିସି ଛାତ୍ରଛାତ୍ରୀଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି। ସେମାନଙ୍କ ପ୍ରତି କୌଣସି ଅନ୍ୟାୟ କିମ୍ବା ପକ୍ଷପାତପୂର୍ଣ୍ଣ ଆଚରଣକୁ ଜାତିଭିତ୍ତିକ ଭେଦଭାବ ବିବେଚନା କରାଯିବ। ପ୍ରଥମେ ଦିଆଯାଇଥିବା ପ୍ରସ୍ତାବରେ ମିଥ୍ୟା ଅଭିଯୋଗ ହ୍ରାସ କରିବାର ବ୍ୟବସ୍ଥା ଥିଲା। ଏଥିରେ କୁହାଯାଇଛି ଯେ ଯଦି କାହା ବିରୋଧରେ ମିଥ୍ୟା ଅଭିଯୋଗ କରାଯାଏ ତେବେ ଅଭିଯୋଗକାରୀଙ୍କୁ ଆର୍ଥିକ ଜରିମାନା କିମ୍ବା କଲେଜରୁ ନିଲମ୍ବିତ କରାଯାଇପାରେ। ମାତ୍ର ନୂଆ ନିୟମରେ ଏହି ବ୍ୟବସ୍ଥାକୁ କାଟି ଦିଆଯାଉଛି। ଏହା ବିରୋଧର ମୁଖ୍ୟ କାରଣ ପାଲଟିଛି। ଏହି ବ୍ୟବସ୍ଥା ଫଳରେ ସାଧାରଣବର୍ଗକୁ କେବଳ ଅଭିଯୁକ୍ତ ଧରାଯିବ, ପୀଡ଼ିତ ମନେ କରାଯିବ ନାହିଁ। ଆଉ ମିଥ୍ୟା ଅଭିଯୋଗ ଲଗାଇଥିବା ପିଲାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେବାରୁ ବ୍ୟବସ୍ଥା ମଧ୍ୟ ନାହିଁ। ତେଣୁ ଏହାକୁ ନେଇ ସାମାଜିକ ଗଣମାଧ୍ୟମଠାରୁ ସଡ଼କ ପର୍ଯ୍ୟନ୍ତ ଜୋରଦାର ବିକ୍ଷୋଭ ହେଉଛି।

ଏହି ନିୟମକୁ ବିରୋଧ କରି ଭିନୀତ ଜିନ୍ଦଲ ସୁପ୍ରିମକୋର୍ଟରେ ଆବେଦନ ଦାଏର କରିଛନ୍ତି। ଏଥିରେ ନିୟମ ଉପରେ ରୋକ୍ ଲଗାଇବାକୁ ସେ ଅନୁରୋଧ କରିଛନ୍ତି। ବିଶ୍ୱବିଦ୍ୟାଳୟ ମଞ୍ଜୁରୀ କମିସନ ନିୟମ, ୨୦୨୬ର ସାମ୍ବିଧାନିକ ବୈଧତାକୁ ଚାଲେଞ୍ଜ କରି ସେ କହିଛନ୍ତି ଯେ ନୂଆ ନିୟମ ଯୋଗୁଁ ସାଧାରଣ ବର୍ଗର ଛାତ୍ରଛାତ୍ରୀ ହିଁ ପାତରଅନ୍ତର ଓ ନିର୍ଯାତନାର ଶିକାର ହେବେ।

## ରାଜ୍ୟ ସରକାରଙ୍କୁ...

ବିଭାଗର ଗତ ୨୦୨୫ ଡିସେମ୍ବର ୨୦ର ଏଭଳି ବିଜ୍ଞପ୍ତି ବେଆଇନ ତଥା ସମ୍ବିଧାନ ବିରୋଧୀ ଏବଂ ଏହାକୁ ରଦ୍ଦ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ପ୍ରାର୍ଥନା କରିଥିଲେ। ସେହିଭଳି ଗାଡ଼ି ଗୁଡ଼ିକର ବକେୟା ଚାଲାଣ ପଇଠ କରାନଗଲେ ପିୟୁସି ପ୍ରମାଣପତ୍ର ପ୍ରଦାନ କରାନଯିବା ଦ୍ୱାରା ଗାଡ଼ି ମାଲିକ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହା କେନ୍ଦ୍ର ମୋଟର ଯାନ ଆଇନର ଉଲ୍ଲଂଘନ ବୋଲି ଅଭିଯୋଗ ହୋଇଥିଲା। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ରଞ୍ଜନ କୁମାର ରାଉତ ମାମଲା ପରିଚାଳନା କରୁଛନ୍ତି। ଏହି ମାମଲାରେ ପରିବହନ ବିଭାଗ ସଚିବ, ପରିବହନ କମିସନର, ଉତ୍କଳ ପେଟ୍ରୋଲିୟମ୍ ଡିଲର ଆସୋସିଏସନ୍‌ର ସାଧାରଣ ସମ୍ପାଦକ, ଆଇଓସିଏଲ, ବିପିସିଏଲ୍, ଏଚପିସିଏଲ, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍, ସେଲ୍ ଇଣ୍ଡିଆ ମାର୍କେଟ ପ୍ରାଇଭେଟ୍ ଲିମିଟେଡ୍ ପ୍ରମୁଖ ସଂସ୍ଥାକୁ ପକ୍ଷଭୁକ୍ତ କରାଯାଇଛି।

## ଲୋକେ ଆତଙ୍କିତ...

ଗଠନ ନେଇ ସରକାର ବଡ଼ ଭାଷଣ ଦେଉଛନ୍ତି। ହେଲେ ଆମ ଶିଶୁକନ୍ୟା, ମା’ଭଉଣୀଙ୍କ ସୁରକ୍ଷା ବିନା କ’ଣ ବିକଶିତ ଓଡ଼ିଶା ସମ୍ଭବ ବୋଲି ନବୀନ ପ୍ରଶ୍ନ କରିଛନ୍ତି। ଗଣତନ୍ତ୍ରରେ ସାଧାରଣ ଜନତାଙ୍କ ସୁରକ୍ଷା ହେଉଛି ସର୍ବୋପରି। ସରକାରଙ୍କ ନିଦ ଏବେ ନ ଭାଙ୍ଗିଲେ ସ୍ଥିତି ଆହୁରି ବିପର୍ଯ୍ୟସ୍ତ ହେବ। ଦୁଷ୍କର୍ମ ପରି ହୀନ କାର୍ଯ୍ୟକୁ ରୋକିବା ଦିଗରେ ସରକାର ଦୃଢ଼ ହୁଅନ୍ତୁ। ସଚେତନତାକୁ ବ୍ୟାପକ କରାଯିବା ସହ ଦୋଷୀଙ୍କ ବିରୋଧରେ କଠୋରରୁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ନବୀନ ଦାବି କରିଛନ୍ତି।

## ଆଜି ଓଡ଼ିଶା...

ଜଣାଇବା ସହ ଦୋକାନ ବଜାର ଓ ଯାନବାହନ ଚଳାଚଳ ବନ୍ଦ ରଖିବା ପାଇଁ ନିବେଦନ କରିଛି। ଏହି ସମୟରେ ନବନିର୍ମାଣ ସଙ୍ଗଠନର ପ୍ରଚାରକୁ ଦବାଇ ଦେବା ପାଇଁ ବା ଭୟଭୀତ ହୋଇ ନବନିର୍ମାଣ ଯୁବ ଛାତ୍ର ସଂଗଠନ ଉପରେ ଦମନ ଲୀଳା ଆରମ୍ଭ କରାଯାଇଥିବା ମଧ୍ୟ ସଙ୍ଗଠନ ଅଭିଯୋଗ କରିଛି। ପରିବହନ ବିଭାଗ ପଟିଆ ଅଞ୍ଚଳରେ ରହୁଥିବା ନବନିର୍ମାଣ ଯୁବ ଛାତ୍ର ସଂଗଠନ କର୍ମକର୍ତ୍ତାଙ୍କ ଘରୁ ଗାଡି ଉଠାଇ ଆଣିବା ସହ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରିବାକୁ ଧମକ ଦେଇଛି। ଏହାକୁ ନବନିର୍ମାଣ କୃଷକ ସଂଗଠନର ପ୍ରତିଷ୍ଠାତା ତଥା ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ଏକ ସାମ୍ବାଦିକ ସମ୍ମିଳନୀରେ ଦୃଢ଼ ନିନ୍ଦା କରିବା ସହ ସରକାରଙ୍କୁ ଏଥିରୁ ବିରତ ରହିବା ପାଇଁ ଚେତାବନୀ ଦିଆଯାଇଛି। ସୂଚନା ଥାଉ କି ଏହି ବନ୍ଦ ଡାକରାକୁ ଅନ୍ୟ ପ୍ରମୁଖ ସଂଗଠନ ମଧ୍ୟରେ କିନ୍ନର ସଂଘ, ଆରଟିଆଇ ସଂଘ, ଅଭିଭାବକ ସଂଘ, ବିଭିନ୍ନ ସାମାଜିକ ସଂଗଠନ ଆଦି ସମର୍ଥନ ଜଣାଇଛନ୍ତି।

## ମାନ୍ୟତା ହରାଇଲେଣି...

ଆଶଙ୍କା ରହିଛି। ଏଣୁ ଏହା ପୂର୍ବରୁ ମାନ୍ୟତା ନବୀକରଣ କରିବା ପାଇଁ ଉଚ୍ଚଶିକ୍ଷା ବିଭାଗ ଗୁରୁତ୍ୱାରୋପ କରିଛି। ମାନ୍ୟତା ନ ଥିବା ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କ ସମେତ ପରୀକ୍ଷା ନିୟନ୍ତ୍ରକଙ୍କ ସହ ବୈଠକ କରିଛି। ବିଭାଗୀୟ ନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମାନ୍ୟତା ନବୀକରଣ ପାଇଁ ଆବେଦନ କରି ନ ଥିବା ମହାବିଦ୍ୟାଳୟଗୁଡ଼ିକୁ ତାଗିଦ କରାଯିବା ସହ ତୁରନ୍ତ ଆବେଦନ କରିବା ପାଇଁ ପରାମର୍ଶ ଦିଆଯାଇଛି। ଯେଉଁମାନେ ଆବେଦନ କରିଛନ୍ତି, ୟୁଜିସି ଆବଶ୍ୟକ କରୁଥିବା ଅଧିକ ତଥ୍ୟ ଦାଖଲ କରି ମାନ୍ୟତା ନବୀକରଣ କରିବାକୁ କୁହାଯାଇଛି। ବିଡ଼ମ୍ବନା ହେଉଛି ମାନ୍ୟତା ନଥାଇ ମଧ୍ୟ ଅନେକ କଲେଜ ନିଜର ପରୀକ୍ଷା ନିଜେ ପରିଚାଳନା କରୁଛନ୍ତି। ୟୁଜିସିର କନଫର୍ମେଣ୍ଟ ଅଫ୍ ଅଟୋନୋମସ ଷ୍ଟାଟସ୍ ଓପନ୍ କଲେଜ ଏବଂ ମେଜର୍ସ ଫର୍ ମେଣ୍ଟେନାନ୍ସ ଅଫ୍ ଷ୍ଟାଣ୍ଡାର୍ଡସ ଇନ୍ ଅଟୋନୋମସ କଲେଜ ନିୟମାବଳୀ, ୨୦୨୩ର ଉଲ୍ଲଙ୍ଘନ କରି ଉକ୍ତ କଲେଜଗୁଡ଼ିକୁ ପରୀକ୍ଷା ଆୟୋଜନ ପାଇଁ ବିଶ୍ୱବିଦ୍ୟାଳୟଗୁଡ଼ିକ ଅନୁମତି ଦେଉଛନ୍ତି। ୟୁଜିସି ପକ୍ଷରୁ ଏନେଇ ବାରମ୍ବାର ଦାଗିଦ ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଉ ନଥିବାରୁ ପିଲାଙ୍କ ଶୈକ୍ଷିକ ଭବିଷ୍ୟତ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।


**REQUIRES DIRECTOR**

Jan Shikshan Sansthan, Kendrapara, Odisha | Skill India

The Director would be in charge of providing the organization with leadership, direction and drive. He/she would be fully in charge of all day-to-day activities. The Director is expected to have proven capabilities of motivating and leading a team of professionals. He/she should have good management skills and be a team-builder.

**QUALIFICATION ESSENTIAL:**
1. Graduation from a recognized University / Institution or equivalent
2. Seven years' experience in a supervisory capacity
3. Working knowledge of the local language both written and spoken

**DESIRABLE:**
1. Vocational Degree / Diploma
2. Experience in Administration or Management/Accounts
3. Experience in leading a team
4. Experience in heading an organization
5. Experience in guiding/conducting of research or education

**AGE:** Not exceeding 55 years as on 06/02/2026

**EMOLUMENTS:** Rs. 30,000/- to 40,000/- Consolidated per month (all inclusive). No other allowance will be admissible.

**CONTRACT:** Appointment on contract basis for a period not exceeding five years, out of which the first year will be the probation period. Shortlisted candidates called for interview will be reimbursed to and fro second AC Rail fare on production of railway journey ticket.

Apply within 10 days from the date of publication of this advertisement by post / courier to **The Chairman, Jan Shikshan Sansthan, Upstairs of Bank of India, Tinimuhani, Kendrapara - 754211 (Odisha)** with complete bio-data (Include % of Marks, Present employment, Salary drawn two references of repute & Passport size photo duly signed). Enclose copies of certificates. This advertisement can be modified, substituted or cancelled at any time without assigning any reason thereof.

Phone-06842-253708
E-mail: rw_phulbani@yahoo.co.in

O-2056

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, PHULBANI
No. 386/RWDP, Dated the 15.01.2026
**Government of Odisha e-Procurement Notice**
**Bid Identification No. Online Tender/16/SERWD PHULBANI/ 2025-26**

| | | | |
|---|---|---|---|
| 1 | Name of the work | :: | Building Work (01No.) |
| 2 | Estimated cost | :: | Rs.54.20 Lakhs |
| 3 | Period of Completion | :: | Six Calendar months |
| 4 | Date & Time of availability of Bid documents in the Portal | :: | From 28.01.2026 10.00 AM.to 09.02.2026 Upto 5.00 PM |
| 5 | Last Date/ Time for receipt of Bids in the Portal | :: | 09.02.2026 upto 5.00 PM |
| 6 | Name and address of the Officer Inviting Bid | :: | Superintending Engineer, Rural Works Division, Phulbani |

Further details can be seen from the e-procurement portal website www.tendersodisha.gov.in

Superintending Engineer
Rural Works Division, Phulbani

OIPR-

**ODISHA HYDRO POWER CORPORATION LIMITED.** OHPC

CAD-3096

OFFICE OF THE SENIOR GENERAL MANAGER (ELECTRICAL),
BALIMELA HYDRO ELECTRIC PROJECT, POST: BALIMELA, DIST: MALKANGIRI (ODISHA), PIN: 764 051.
Phones: 06861-232581(O) / 232641(R),FAX – 06861-232541.
Email: unit.head_balimela@yahoo.com / bhep.balimela@gmail.com

‘e’-Procurement Notice
**NOTICE INVITING TENDER NO.: BHEP/59/2025-26, DTD.22.01.2026**

The Unit Head, Balimela Hydro Electric Project, Balimela, Dist-Malkangiri invites percentage rate bids in **double coversystem i.e. Cover-I (Technical Bid) & Cover II (Price bid)** for the work through e-procurement as detailed in the table below.

| Sl No | Name of Work | Estimated cost (Rs) | EMD (Refundable) | Cost of bid documents (Rs) (non-refundable) | Class of Contractor/Firm | Period of Completion |
|---|---|---|---|---|---|---|
| 1 | ANNUAL OPERATION AND MAINTENANCE OF WATER SUPPLY SYSTEM OF BHEP, BALIMELA ON JOB CONTRACT BASIS FOR 01 (ONE) YEAR | 48,55,411.00 | 49,000.00 | 6,000/- + GST @ 18% = 7080/- | ‘B’ /Registered service provider/Agency | 365 days |

Date & Time of availability of bid document in the portal: From 10:00 Hrs of 27.01.2026to 17:00 Hrs of 05.02.2026
Last date & time of submission of bid: Up to 17:00 Hrs of 05.02.2026
The date & Time of opening of the bid: 12:00 Hrs onwards of 06.02.2026
(Only Technical bid)

*Further details can be seen from the e-procurement portal*https://tendersodisha.gov.in

Unit Head
Balimela Hydro Electric Project,
Balimela

OIPR-

O-2143

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, UDALA
e_mail : rw_udala@yahoo.com
e-Procurement Tender Call Notice No. Online 08/RWD/UDALA/2025-26

1. Name of the work : Road works
2. Total No.of works : 7 Nos.
3. Estimated Cost : Approx Estimated Cost Rs.5.04 to Rs.48.45 Lakhs
4. Class of Contractor : ‘D’, ‘C’ & ‘B’
5. EMD : EMD @ 1% of Estimated Cost Put to tender
6. Period of completion : As per Annexure
7. Other details :

Further details can be seen from the website www.tendersorissa.gov.in

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification. | Date & Time of Opening of Tender in O/O S.E, Rural Works Division, Udala. |
|---|---|---|---|---|---|
| 1 | 2 | 3 | 4 | 5 | 6 |
| S.E.R.W Division, Udala. | 08(Online)/ RWD-Udala of 2025-26 | 29.01.26 at 11.00 A.M. | 05.02.26 up to 5.00 P.M. | 05.02.26 up to 3.00 P.M. | 05.02.26 at 5.30 A.M. |

SuperintendingEngineer
RW Division, Udala

OIPR-

OFFICE OF THE PRINCIPAL
SINDHE DEVI (DEGREE) MAHAVIDYALAYA, NANDAPUR.
DIST-KORAPUT, PIN-764037(ODISHA)

*Letter No:- 20/SDDM/2026* *Date:-27.01.2026*

**ADVERTISEMENT**

Interested candidates may apply to the Principal, Sindhedevi Degree Mahavidyalaya, At/Po-Nandapur, Dist-Koraput, Pin-764037 (Odisha) by registered post with Bio-data and certificate for the posts of “DATA ENTRY OPERATOR” on contractual basis, having Graduation with P.G.D.C.A. and knowledge in Accounting, Excel, M.S. word, M.S. power point with excellent type writing and having one year work experience is proficiency. Age as per Govt. of Odisha norms. Salary negotiable and last date of receipt of application is Dt.12.02.2026

Sd-
Principal-cum-Secretary
SindheDevi(Degree) Mahavidyalaya,Nandapur.

**AFFIDAVIT**

By virtue of an affidavit sworn before the Executive Magistrate, Jaleswar, Balasore, Odisha vide Sl. No. 255 on dated 20/01/2026, I, Krupasindhu Mahanta, S/o. Parameswar Mahanta, At. Panchughanta, Po/Ps. Jaleswar, Dist. Balasore, Odisha, declare that I have changed my son name from Jajayantyi Dipti to Riyansh Kumar Mahanta . Henceforth, He will be known as **Riyansh Kumar Mahanta** for all purposes.

**AFFIDAVIT**

By virtue of an affidavit sworn before The Executive Magistrate, Mahakalpara, SL.NO- 1762, dated 01-12-2025 I, **NAMITA DAS,** W/o Jitendra Das, Permanent resident of village At- Ostar (Ghodabandha), Po- Teragan, PS- Marshaghai, Via- Mahakalpara Dist- Kendrapara, State- Odisha, PIN- 754224, declare that I have changed my Son's name from **RUDRA DAS** (Old name) to **AYUSHMAN DAS** (New name), Henceforth, he shall be known as **AYUSHMAN DAS** for all purposes.

**( Sd- NAMITA DAS )**

**AFFIDAVIT**

I, **Tarulata Sahu,** W/o.: Hrushikesh Sahu, Permanent/Currently Resident At.: Dhauragotha, PO.: Tainsi, P.S.: Purunakot, Dist.: Angul (Odisha)-759127, declare by this Affidavit No.: 391, dated: 27.01.2026, that now onwards my minor son will be known as **Siddheswar Sahu** for all future purposes.

**AFFIDAVIT**

I, **Sovabati Naik,** W/o.: Dillip Naik, Permanent/ Currently Resident At/PO.: Gadataras, P.S.: Bantala, Dist.: Angul (Odisha)-759129, declare by this Affidavit No.: 5983, dated: 14.11.2025, that now onwards my minor daughter will be known as **S Madhusmita** for all future purposes.

**ଦଲିଲ ହଜିଛି**

ମୁଁ ସୁବାଶ ଚନ୍ଦ୍ର ଡାକୁଆ ,ପିତା- ରାଧାକୃଷ୍ଣ ଡାକୁଆ , ଗ୍ରାମ - ଚୋରଦା, ଥାନା - ଯାଜପୁର ରୋଡ଼ , ଜିଲ୍ଲା - ଯାଜପୁର ନିବାସୀ ଗତ ୦୬/୧୦/୨୦୨୧ରେ ଯାଜପୁର ରୋଡ କୁ ଯିବା ରାସ୍ତାରେ ମୋରୋ ଲିଙ୍କ ଦଲିଲ ହଜିଯାଇଅଛି, ଯାହାର କ୍ରମିକ ସଂଖ୍ୟା - ୧୦୮୨୧୦୦୩୫୫୩ ଯାହାର ୨୭.୧୦.୨୦୧୦ ରେ ହୋଇଥିଲା. ଯଦି କେହି ସହୃଦୟ ବ୍ୟକ୍ତି ପାଇଥାନ୍ତି ଦୟାକରି ମୋତେ ୯୪୩୮୮୪୧୬୫୦ ରେ ଯୋଗାଯୋଗ କରିବେ

**AFFIDAVIT**

I, **Prabhat Mishra,** W/o.: Dillip Kumar Mishra, Permanent/Currently Resident At.: Susuda, PO.: Ankula, P.S.: Angul, Dist.: Angul (Odisha)-759132, declare by this Affidavit No.: 196, dated: 12.01.2026, that now onwards I will be known as **Prabhati Mishra** for all future purposes.

**AFFIDAVIT**

I, **Kishori Jena,** S/o.: Baikunth Jena, Permanent/ Currently Resident At.: Jhintipal, PO.: Korada, P.S.: Nisha, Dist.: Angul (Odisha)-759127, declare by this Affidavit No.: 6376, dated: 03.12.2025, that now onwards I will be known as **Kishor Chandra Jena** for all future purposes.

**Antares Systems Ltd.**
Ph:080-45982100/033-46046611
e-mail: esale@etenderwizard.com
Tender Wizard

**e-Auction for disposal of Burnt Oil, Old, Used & Unserviceable Items of Mahanadi Coalfields Limited, Sambalpur. Website:** www.tenderwizard.com/ESALE.

**Auction No's**
1) ASL/MCL/DISPOSAL/25-26/09 Auction Date: 04-02-2026
2) ASL/MCL/DISPOSAL/25-26/10 Auction Date: 05-02-2026

For further information, contact Helpdesk at the above address. Refer Sale notice for further details.

**AFFIDAVIT**

By virtue of an affidavit sworn before in the court of Executive Magistrate and Tahasildar Basta, Sl No-902, Dt-11/02/2025 ,I,Bijay Kumar Biswal ,Age-37,S/o-Rabindra Biswal,Of Village-Tikirapada,Po/Ps-Basta,Dist-Balasore,Odisha. Declared that My Son Actual name MANABENDRA BISWAL, But his birth certificate bearing Regd.no-3323/2021 (D.O.B-27/11/2021) his name mentioned as MAANAVENDRA BISWAL instead of Manabendra Biswal. Hence this affidavit the both name as MAANAVENDRA BISWAL and MANABENDRA BISWAL same name and one Person for all future purpose.

**Bijay Kumar Biswal**

**AFFIDAVIT**

By virtue of an affidavit sworn before Executive Magistrate, Rayagada, No. 67 dated 27.01.2026, I, Purna Chandra Huika, aged about 27 years, S/o Chaudhury Huika, resident of At-Adibasi Sahi, Therubali, PO-Therubali, PS-Chandili, Tahasil / Dist-Rayagada-765018, Odisha, declare that I have changed my name from Purna Huika to Purna Chandra Huika. Henceforth, I shall be known as Purna Chandra Huika for all purposes.

**Purna Chandra Huika**

**AFFIDAVIT**

By virtue of an affidavit (CF No. 06, dated 08.01.2026) sworn before the Executive Magistrate, Barkote, I, Lipi Pradhan, W/o Gajendra Kumar Sahoo, resident of At-Baishnaba Pali, P.O.-Kantapali, P.S./Dist.-Deogarh, Odisha, PIN-768108, declare that I have changed my name from Lipi Sahoo to Lipi Pradhan. Henceforth, I shall be known as **Lipi Pradhan** for all purposes.

**AFFIDAVIT**

By virtue of an affidavit sworn before the Executive Magistrate, Rairakhol, vide Cf.No. 121 on dated 27.01.2026, I, Sanjaya Dehury, Vill.: Tribanpur, P.O.-Tribanpur, P.S.-Rairakhol, Dist.-Sambalpur-768106 do hereby declare that I have changed my name from “Sanjay Dehuri” to “Sanjaya Dehury”. Henceforth I shall be known as **“Sanjaya Dehury”** for all purposes.

**AFFIDAVIT**

By virtue of an affidavit (CF No. 07, dtd. 08.01.2026) sworn before the Executive Magistrate, Barkote, I, Gajendra Kumar Sahoo, S/o-Jogeswar Sahoo, resident of At-Baishnaba Pali, P.O.-Kantapali, P.S./Dist.-Deogarh, Odisha, PIN-768108, declare that I have changed my minor daughter's name from Shubhadrangi Sahoo to Saloni Sahoo. Henceforth, she shall be known as **Saloni Sahoo** (New Name) for all purposes.

**AFFIDAVIT**

By virtue of an affidavit sworn before the Notary Public, Sonepur, dtd.27.01.2026, I, Trayambaka Bhoi, formerly known as Trayambak Bhoi, resident of Raksa, Biramaharajpur, Dist. Subarnapur, Odisha, have changed my name from Trayambak Bhoi to Trayambaka Bhoi. Henceforth, I shall be known as **Trayambaka Bhoi** for all purposes.

**AFFIDAVIT**

By virtue of an affidavit sworn before the Executive Magistrate, Bhapur, Nayagarh dated 10.12.2025, I **Rina Pradhan @ Malia Pradhan** age about 50years W/o Sadasiva Pradhan resident of Vill./PO./PS.- Fategarh, Dist- Nayagarh, Aadhaar Card No.- 6294 5159 1539, Voter Card No.- OR/09/063/338380, and Passport No.- S9072800 is one and same person. In my Son's passport No.- N8070653my name is written worngly Malia Pradhan instead of Rina Pradhan. So kindly treat my name as **RINA PRADHAN** instead of Malia Pradhan.

**ହଜିଛି**

ମୁଁ, ଦୀପକ କୁମାର ସାହୁ, ପିତା: ୰ନିଶାକର ସାହୁ, ସା: ସି.ଡି.ଏ, ପ୍ଲଟ୍ ନଂ.:୨ଡି/୭୬୦/୧୩, ସେକ୍ଟର-୧୧, କଟକ-୧୪ ଏହା ଜଣାଇବାକୁ ଚାହେଁ ମୋ ନିକଟରୁ ୧) ମହମ୍ମଦ ହବିବୁଲା ଖାଁଙ୍କ ସପକ୍ଷରେ ଜାରି ଓରି. ପ୍ରୋଭିଜନାଲ ଆଲଟମେଣ୍ଟ ଲେଟର ନଂ.: ୭୪୯୩ ତା.୦୯.୦୮.୧୯୯୪, ୨) ମହମ୍ମଦ ହବିବୁଲା ଖାଁଙ୍କ ସପକ୍ଷରେ ଜାରି ଓରି. ପଜେସନ ହ୍ୟାଣ୍ଡିଙ୍ଗ ମେମୋ ନଂ.: ୧୪୮୧୯ ତା. ୦୨.୧୨.୧୯୮୬, ୩) ମହମ୍ମଦ ହବିବୁଲା ଖାଁଙ୍କ ସପକ୍ଷରେ ଜାରି ଓରି. ଚୂଡାନ୍ତ ଆଲଟମେଣ୍ଟ ଲେଟର ନଂ.: ୨୮୨୧ ତା. ୦୧.୦୩.୧୯୯୬, ୪) ଦୀପକ କୁମାର ସାହୁଙ୍କ ସପକ୍ଷରେ ଓରି. ଟ୍ରାନସି ପରମିଶନ ଲେଟର ନଂ.୧୫୬୭୭/ସିଡିଏ, ତା. ୦୬.୦୬.୨୦୧୩, ୫)ସିଡିଏ ଦ୍ୱାରା ଦୀପକ କୁମାର ସାହୁଙ୍କ ସପକ୍ଷରେ ସମ୍ପାଦିତ ଓରି. ପଞ୍ଜିକୃତ ଲିଜ୍ ଡିଡ୍ ନଂ.: ୧୦୩୯୨୦୦୨୦୯୪, ତା. ୦୨.୦୬.୨୦୨୦, ୬) ଓରି. ସିଡିଏ ଅନୁମୋଦନ ଲେଟର ନଂ.:୨୨୬୨୪, ବିପି ନଂ.: ୧୨୫୦, ତା. ୧୮.୦୯.୨୦୧୩ ମୋ ନିକଟରୁ ବହୁଦିନରୁ ହଜିଯାଇଛି । ଏହାର ମୋର ସେକ୍ଟର-୯, ପ୍ଲଟ୍ ନଂ.: ୨ବି୧୧୦, ସିଡିଏ ସମ୍ପର୍କିତ ଜମିର କାଗଜାତ ଅଟେ । ବହୁ ଖୋଜାଖୋଜି ପରେ ବି ସନ୍ଧାନ ପାଇଲି ନାହିଁ । ବର୍ତ୍ତମାନ ଏହା କାନାରା ବ୍ୟାଙ୍କ, ସି.ଡି.ଏ ଶାଖାରେ ବନ୍ଧକ ଅଛି । ବର୍ତ୍ତମାନ ମୁଁ ଏହାକୁ ଏସ.ବି.ଆଇ ହୋମ ଲୋନ ସେଣ୍ଟର, ମହାନଦୀବିହାର କଟକରେ ବନ୍ଧକ ଦେବାକୁ ଇଚ୍ଛୁକ । ଯଦି କୌଣସି ସହୃଦୟ ବ୍ୟକ୍ତି ସନ୍ଧାନ ପାଇଲେ ମୋ ନଂ.:୯୯୩୮୪୭୬୯୦୦ରେ ଜଣାଇବାକୁ ଅନୁରୋଧ ।

■ ଲଜ୍ଜା: ୫ ବର୍ଷୀୟ ଶିଶୁକନ୍ୟାକୁ ଦୁଷ୍କର୍ମ

## ଗ୍ରାମବାସୀଙ୍କ ମାଡ଼ରେ ଡାକ୍ତରଖାନାରେ ଦୁଷ୍କର୍ମକାରୀ

ଦେବଗଡ଼,୨୭।୧(ସମିସ): ପାଞ୍ଚ ବର୍ଷର ଶିଶୁକନ୍ୟାଙ୍କୁ ଦୁଷ୍କର୍ମ ଭଳି ଲଜ୍ଜାକର ଘଟଣା ଗତ ରବିବାର ଦେବଗଡ଼ ଥାନା ଅଞ୍ଚଳରେ ଘଟିଥିବା ଜଣାପଡିଛି। ତେବେ ଦୁଷ୍କର୍ମକାରୀ ଯୁବକକୁ ଗ୍ରାମବାସୀ ନିର୍ଦ୍ଦୁମ ଛେଚିବା କାରଣରୁ ଅଭିଯୁକ୍ତ ପୁଲିସ ହେପାଜତରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛି ଏବଂ ଏବେ ମଧ୍ୟ ଚିକିତ୍ସାଧୀନ ରହିଛି। ପୀଡିତା ଶିଶୁକନ୍ୟାର ସ୍ୱାସ୍ଥ୍ୟବସ୍ଥା ସାମାନ୍ୟ ରହିଥିବା ସୂଚନା ରହିଛି। ପ୍ରକାଶ ଯେ, ପୀଡିତା ଶିଶୁକନ୍ୟାଙ୍କ ଗାଁ ନିକଟରେ ନାମଯଜ୍ଞ ଚାଲିଥିଲା। ତେଣୁ ସେଠାକୁ ଯିବାକୁ ଶିଶୁକନ୍ୟା ପରିବାର ଲୋକଙ୍କୁ କହିଥିଲା। ପରିବାରର ପରିଚିତ ପଡୋଶୀ ବାଲିରୋଇ ଗାଁର ଉଦିତ ପାତ୍ର (୨୨)ନାମକ ଯୁବକ ସେହି ସମୟରେ ପୀଡିତାଙ୍କ ଘର ସମ୍ମୁଖରେ ରହିଥିଲା। ଏଣୁ ନାବାଳିକାକୁ ନାମଯଜ୍ଞ ସ୍ଥଳୀରେ ଥିବା ଅନ୍ୟ ଶିଶୁଙ୍କ ନିକଟରେ ଛାଡି ଆସିବାକୁ ପରିବାର ଲୋକ କହିଥିଲେ। କିନ୍ତୁ ଉଦିତ ନାବାଳିକାକୁ ନାମଯଜ୍ଞ ସ୍ଥଳୀ ପରିବର୍ତ୍ତେ ନିକଟସ୍ଥ ଜଙ୍ଗଲକୁ ନେଇ ଦୁଷ୍କର୍ମ କରିଥିଲା। ଦୁଷ୍କର୍ମ ପରେ ନାବାଳିକାକୁ ଛାଡି ଅଭିଯୁକ୍ତ ଚାଲି ଯିବାରୁ ନାବାଳିକା ଜଣକ ଘରକୁ ଆସି କାନ୍ଦିକାନ୍ଦି ଘଟଣା ବର୍ଣ୍ଣନା କରିଥିଲା। ପରିବାର ଲୋକେ ଏ ସମ୍ପର୍କରେ ଗ୍ରାମବାସୀଙ୍କୁ ଜଣାଇଥିଲେ। ଗ୍ରାମବାସୀ ଉତ୍ତ୍ୟକ୍ତ ହୋଇ ଅଭିଯୁକ୍ତକୁ ଖୋଜି ଗାଁରେ ନିର୍ଦ୍ଦୁମ ଛେଚିଥିଲେ। ସୂଚନା ପାଇ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଅଭିଯୁକ୍ତ ଯୁବକକୁ ଉଦ୍ଧାର କରିଥିଲା। ଗ୍ରାମବାସୀଙ୍କ ମାଡରେ ଗୁରୁତର ଥିବା ଅଭିଯୁକ୍ତକୁ ପୁଲିସ ନିଜ ହେପାଜତରେ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ସେହିପରି ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ଦୁଷ୍କର୍ମ ଓ ପକ୍ସୋ ଆକ୍ଟରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ସହ ପୀଡିତା ଶିଶୁକନ୍ୟାର ଡାକ୍ତରୀମାଇନା ଓ ବୟାନ ରେକର୍ଡ କରିଛି। ଅନ୍ୟ ପକ୍ଷରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ଅଭିଯୁକ୍ତ ଯୁବକଙ୍କୁ ପୁଲିସ ଜଗିରହିଛି। ଡାକ୍ତରଖାନାରୁ ଡିସଚାର୍ଜ ହେବା ପରେ ଅଭିଯୁକ୍ତର ମଧ୍ୟ ଡାକ୍ତରୀ ମାଇନା କରାଯିବା ସହ ତାକୁ ଗିରଫ କରି କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରୀ ସବ୍ୟସାଚୀ ଶତପଥୀ ସୂଚନା ଦେଇଛନ୍ତି।

**ଅଭିଯୁକ୍ତକୁ ଜଗି ରହିଛି ପୁଲିସ**

● ନବ ଦାସଙ୍କ ତୃତୀୟ ଶ୍ରାଦ୍ଧ ବାର୍ଷିକୀ

## ନବ ଦାସ ଫାଉଣ୍ଡେସନ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ



ଝାରସୁଗୁଡ଼ା,୨୭।୧(ସମିସ): ଓଡ଼ିଶାର ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ସ୍ୱର୍ଗତ ନବ ଦାସଙ୍କ ତୃତୀୟ ଶ୍ରାଦ୍ଧ ବାର୍ଷିକୀ ଅବସରରେ ନବ ଦାସ ଫାଉଣ୍ଡେସନ ତରଫରୁ ଝାରସୁଗଡା ଜିଲ୍ଲାର ବିଭିନ୍ନ ସ୍ଥାନରେ ଅନେକ ଗୁଡିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଝାରସୁଗୁଡ଼ାରେ ଥିବା ବୃଦ୍ଧାଶ୍ରମ, ଭିନ୍ନକ୍ଷମ ଆଶ୍ରମରେ ଭୋଜନ ବ୍ୟବସ୍ଥା କରାଯାଇଥିଲା। ଏହା ସହିତ ଝାରସୁଗୁଡ଼ା ମ୍ୟୁନିସିପାଲଟି ଅଧୀନ ମିଶନ ଆଶାଲୋକ, ଝାଡେଶ୍ୱରୀ ସ୍ପେଶିଆଲ ସ୍କୁଲ, ବୃନ୍ଦାମାଲ ସ୍ପେଶିଆଲ୍ ସ୍କୁଲ, ଆଶାକିରଣ, ସୁଧାର ଗୃହ ଓ ସମସ୍ତ ବୃଦ୍ଧା ଆଶ୍ରମରେ ଭୋଜନ ବ୍ୟବସ୍ଥା ହୋଇଥିଲା। ଏହା ସହିତ ଜିଲ୍ଲାରେ ଅବସ୍ଥିତ ବେଲପାହାଡ ଠକର ବାପା ଆଶ୍ରମ, ଲେପ୍ରୋଷି କଲୋନୀ, ବ୍ରଜରାଜନଗର ସ୍ଥିତ ମିଶନ ଆଶାଲୋକ ୨, ଲେପ୍ରୋଷି କଲୋନୀ, ହଂଶାମୁରା କଣ୍ଟାପାଲି ସ୍ଥିତ ମିଶନ ଆଶ୍ରା ୧ ଓ ୨, ଲଖନପୁର୍ ଗୋବିନ୍ଦପୁର୍ ବୃଦ୍ଧାଶ୍ରମ, ଲାଇକେରା ସାରଙ୍ଗଲୋଇ ବୃଦ୍ଧାଶ୍ରମ, ଧରୁଆଡିହି ବୃଦ୍ଧାଶ୍ରମ, କିରମୀରା ବନ୍ଧପାଲି ବୃଦ୍ଧାଶ୍ରମରେ କମ୍ବଳ ଓ ଖାଦ୍ୟ ବଣ୍ଟନ କରାଯାଇଥିଲା। ଝାରସୁଗୁଡ଼ା ସବ୍‌ଜେଲରେ ଗୋଟିଏ ଟିଭି ଓ ଫଳ ବିତରଣ କରାଯାଇଥିଲା। ଲଖନପୁର ସ୍ଥିତ ପଞ୍ଚଗାଁ ଓ କିରିମୀରାରେ ବିଶାଳ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍ୱର୍ଗତ ନବ ଦାସଙ୍କ ପତ୍ନୀ ମିନତି ଦାସ, ପୁଅ ବିଶାଳ ଦାସ, ପୁତ୍ରବଧୂ ଚାର୍ଭି ଦାସ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଗୁଡିକରେ ହରିଶ ଗଣତ୍ରା, ପିଣ୍ଟୁ ପାଢ଼ୀ, ତାପସ ରାୟ ଚୌଧୁରୀ, ରଘୁମଣି ପଟେଲ, ପ୍ରତାପ ନନ୍ଦ, ସନ୍ଦୀପ ଅବସ୍ଥି, ଅଶୋକ ଦାସ, ତୁଳସୀ ଦାସ, ମଦନ ହାତୀ, ଶଶି ତିୱାରୀ, ଚିରଞ୍ଜିବୀ ପତି, ମୁନା ନାଏକ, ଆଲୋକ ତ୍ରିପାଠୀ, ଦାମୋଦର ନାଥ, ଜଗନ୍ନାଥ ଜେନା, ପବନ୍ ସିଂ ଯାଦବ, ଭରତରାଉତ, ଶିବାଶିଷ ପଟ୍ଟନାୟକ, ରାଜେନ୍ଦ୍ର ବାଗ, ପ୍ରଶାନ୍ତ ମହାନନ୍ଦ, ରାଜୀବ କଳାର, ବାସୁଦେବ ଭଇଁସା, ରାନି ହାତୀ, ଚିତ୍ରେଣି ପଟେଲ, ନବନିତ କୋର, ଗୀତାଞ୍ଜଳି ପଣ୍ଡା, ମଧୁମିତା ଶୁଭନିଲ, ନିତାରାନି ସାହା, ଦୀପା ନାଏକ, ଜୟନ୍ତୀ ବେସନ, ମମତା ଦୀପ, ନିରୁପମା ଦୀପ ପ୍ରମୁଖ ସହଯୋଗ କରିଥିଲେ।

## ଜିଲ୍ଲାପାଳଙ୍କ ଯୁଗ୍ମ ଜନଅଭିଯୋଗ ଶୁଣାଣି

ଦେବଗଡ଼,୨୭।୧(ସମିସ): ରିଆମାଳ ବ୍ଲକ୍ ଆଡସ୍ ପଞ୍ଚାୟତ ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲ୍ଲାପାଳ କବିନ୍ଦ୍ର ସାହୁ ଯୋଗଦେଇ ୧୮ଟି ଅଭିଯୋଗ ଗ୍ରହଣ କରିବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ମଧ୍ୟରେ ୧୦ଟି ବ୍ୟକ୍ତିଗତ ଏବଂ ୮ଟି ସାମୂହିକ ଅଭିଯୋଗ ରହିଥିଲା। ପିଡବ୍ଲ୍ୟୁଡିରୋଡ, ସିସିରୋଡ, ପିଏମରୋଡ ଓ ନୂତନ ଟ୍ରାନସଫର୍ମର ସ୍ଥାପନ ଆଦି ନିମନ୍ତେ ପ୍ରମୁଖ ସମସ୍ୟା ସମାଧାନ ପାଇଁ ଅଭିଯୋଗ ହୋଇଥିଲା। ଶିବିରରେ ଅନ୍ୟ ମାନଙ୍କ ମଧ୍ୟରେ ଆରକ୍ଷୀ ଅଧୀକ୍ଷକ ଅନିଲ ମିଶ୍ର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମିଞ୍ଜ, ଉପଜିଲ୍ଲାପାଳ ପରକ୍ଷିତ ସାହୁ, ଏସିଏଫ୍ ସ୍ୱାଧୀନତା ସାହାଣୀ, ସହକାରୀ ଜିଲ୍ଲାପାଳ ହେମନ୍ତ ସିଂ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଦିତ୍ୟ ପଣ୍ଡା, ଡେପୁଟି କଲେକ୍ଟର ଅଞ୍ଜୁନି କୁଜୁର, ତହସିଲଦାର, ସମେତ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ଆନନ୍ଦ ଉଲ୍ଲାସରେ ସାଧାରଣତନ୍ତ୍ର ଦିବସ ପାଳିତ









ଝାରସୁଗୁଡ଼ା,୨୭।୧(ସମିସ):

ଝାରସୁଗୁଡ଼ା ଜିଲ୍ଲା ସ୍ଥିତ ମନମୋହନ ପଡିଆ ଠାରେ ଜିଲ୍ଲାସ୍ତରୀୟ ୭୭ତମ ସାଧାରଣତନ୍ତ୍ର ଦିବସ ଅତ୍ୟନ୍ତ ଆନନ୍ଦ ଉଲ୍ଲାସ ଓ ଗର୍ବର ସହ ପାଳିତ ହୋଇଯାଇଛି। ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ମୁଖ୍ୟ ଅତିଥି ଭାବେ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ସମ୍ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ପୁଲିସ୍ ଆରଆଇ ଅନିଲ ମୁଖୀଙ୍କ ନେତୃତ୍ୱରେ ଆୟୋଜିତ ପରେଡ୍‌ରେ ସମୁଦାୟ ୨୭ଟି ଦଳ ଅଂଶଗ୍ରହଣ କରିଥିଲେ। ପରେଡ୍‌ରେ ସିନିୟର ବର୍ଗରେ ମହିଳା ମହାବିଦ୍ୟାଳୟ ଶ୍ରେଷ୍ଠ ବିବେଚିତ ହୋଇଥିବା ବେଳେ କନିଷ୍ଠ ବର୍ଗରେ ପିଏମଶ୍ରୀ ସ୍କୁଲ ଜବାହର ନବୋଦୟ ବିଦ୍ୟାଳୟ ଏବଂ କନିଷ୍ଠତର ବର୍ଗରେ ବିଦ୍ୟା ବିକାଶ ଟେକ୍ନୋ ସ୍କୁଲ ବିଜୟୀ ହୋଇଥିଲେ। ଏଥିସହ ବିଭିନ୍ନ ବିଭାଗ ପକ୍ଷରୁ ପ୍ରଦର୍ଶିତ ପ୍ରଜ୍ଞାପନ ମେଢ଼ ମଧ୍ୟରେ ଉଦ୍ୟାନ କୃଷି ବିଭାଗ ପ୍ରଥମ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱିତୀୟ ଏବଂ ପରିବହନ ବିଭାଗର ସଡକ ସୁରକ୍ଷା ଥିମ୍ ଆଧାରିତ ମେଢ଼ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଜିଲ୍ଲାପାଳ ଶ୍ରୀ ଚହ୍ୱାଣ ନିଜ ଅଭିଭାଷଣରେ ସମ୍ବଲପୁରୀ ଭାଷାରେ ଜିଲ୍ଲାବାସୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଜିଲ୍ଲାର ବୀର ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବିଶେଷ କରି ବୀର ସୁରେନ୍ଦ୍ର ସାଏଙ୍କ ଅତୁଳନୀୟ ରଣକୌଶଳ ଏବଂ ଶହୀଦ ମିଟୁ କୁଆଁର, ଶହୀଦ କରୁଣାକର ସିଂହ, ଗଣେଶ ଉପାଧ୍ୟାୟଙ୍କ ସମେତ ଝାରସୁଗୁଡ଼ା ମାଟିର ସମସ୍ତ ସଂଗ୍ରାମୀଙ୍କ ବଳିଦାନକୁ ସ୍ମରଣ କରିଥିଲେ। ଜିଲ୍ଲା ପ୍ରଶାସନର 'ସ୍ନେହ ସେତୁ' ଅଭିଯାନରେ ଏପର୍ଯ୍ୟନ୍ତ ୧୬ଟି ପରିବାରକୁ ପୁନଃ ଏକତ୍ରିତ କରାଯାଇଥିବା ଜିଲ୍ଲାପାଳ ପ୍ରକାଶ କରିଥିଲେ। ଉତ୍ସବ ପରବର୍ତ୍ତୀ ସମୟରେ ଜିଲ୍ଲାପାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଜିଲ୍ଲା କାରାଗାର ପରିଦର୍ଶନ କରି ରୋଗୀ ଏବଂ ଅନ୍ତେବାସୀଙ୍କୁ ଫଳ ଓ ମିଷ୍ଟାନ୍ନ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ଆରକ୍ଷୀ ଅଧୀକ୍ଷକ, ଅତିରିକ୍ତ ଜିଲ୍ଲାପାଳ ଏବଂ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ଏମସିଏଲ୍ ଅଡିଟୋରିୟମଠାରେ ଏକ ବର୍ଣ୍ଣାଢ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ସ୍ଥାନୀୟ କୁନିକୁନି କଳାକାର ଓ ସାଂସ୍କୃତିକ ଗୋଷ୍ଠୀଙ୍କ ଓଡିଶୀ ଏବଂ ଦେଶଭକ୍ତିପୂର୍ଣ୍ଣ ନୃତ୍ୟ ସମସ୍ତଙ୍କ ମନ ମୋହିଥିଲା।

**ଝାରସୁଗୁଡ଼ା:** ଇଜେଭି ଫାଉଣ୍ଡେସନ ପକ୍ଷରୁ ଗଣତନ୍ତ୍ର ଦିବସ ସ୍ଥାନୀୟ ପାଣ୍ଡ୍ରି ପଥର, ରବନା ପଡା ୟୁପି ସ୍କୁଲରେ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ହରପ୍ରିୟା ସିଂ ଓ ସ୍ଥାନୀୟ ମାନ୍ୟଗଣ୍ୟ ବ୍ୟକ୍ତିତ୍ୱଙ୍କ ଉପସ୍ଥିତିରେ ଇଜେଭି ଫାଉଣ୍ଡେସନର ବରିଷ୍ଠ ସଦସ୍ୟ ଗଙ୍ଗାଧର ମେହେର ଓ ଜ୍ୟୋତିର୍ମୟୀ ବେହେରା ପତାକା ଉତ୍ତୋଳନ କରିଥିଲେ। ବିଦ୍ୟାଳୟଟି ଦୟନୀୟ ସ୍ଥିତିରେ ଥିବାରୁ ଏଥିପ୍ରତି ଦୃଷ୍ଟି ଦେବାକୁ ମଧ୍ୟ ସ୍ଥାନୀୟ ବାସିନ୍ଦା ଅନୁରୋଧ କରିଥିଲେ। ଉପସ୍ଥିତ ଅଙ୍ଗନବାଡି ଛାତ୍ରଛାତ୍ରୀ ଓ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଗଲା। ବିଦ୍ୟାଳୟ ପରିସରରେ ସ୍ଥାନୀୟ ମୁଣ୍ଡାପଡାର କିଛି ଗରିବ ଶ୍ରେଣୀର ଲେକଙ୍କୁ କମ୍ବଳ ବଣ୍ଟନ କରାଗଲା, ଏହି କାର୍ଯ୍ୟକ୍ରମରେ ଇଜେଭି ଦୀପ୍ତି ବେହେରା, ସୁରଭି ପଟେଲ, ସୁମିତ୍ରା ପଣ୍ଡା, ସସ୍ମିତା ପଟେଲ, ବିନ୍ଦିୟା ନାୟକ, ସୋଭନା ସୋହେଲା ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବତନ ସରପଞ୍ଚ ଅନିତା ଷଣ୍ଢ ଓ ବିଦ୍ୟାଳୟ ଓ ଅଙ୍ଗନବାଡି ଦିଦି ମାନେ ଉପସ୍ଥିତ ଥିଲେ।

**ଝାରସୁଗୁଡ଼ା:** ଡିଏଭି ପବ୍ଲିକ ସ୍କୁଲ ଆନୁକୂଲ୍ୟରେ ୭୭ତମ ଗଣତନ୍ତ୍ର ଦିବସ ଅଧ୍ୟକ୍ଷ ପ୍ରଦୀପ ହୋତାଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ମହାନଦୀ କୋଲ୍ ଫିଲ୍ଡ ଲିମିଟେଡ୍, ଲଖନପୁରର ଆଞ୍ଚଳିକ କ୍ଷେତ୍ର ମହା ପ୍ରବନ୍ଧକ ଏକେ ପାଣ୍ଡେ ଜାତୀୟ ପତାକା ଉତ୍ତୋଳନ ପୂର୍ବକ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ସମ୍ମାନିତ ଅତିଥି ଭାବେ ସେଣ୍ଟ୍ରାଲ ୱର୍କସପ୍ ଲଖନପୁର ଆଞ୍ଚଳିକ କ୍ଷେତ୍ର ପ୍ରବନ୍ଧକ ସମୀର ତଥା ମହାନଦୀ କୋଲ୍ ଫିଲ୍ଡ ଲିମିଟେଡର ଅନ୍ୟାନ୍ୟ କର୍ମକର୍ତ୍ତା ଓ ମ୍ୟାଡମ୍ ପ୍ରୀତି ହୋତା ଯୋଗ ଦେଇଥିଲେ। ଅତିଥିମାନଙ୍କୁ ଫୁଲତୋଡା ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟ ଅତିଥିଙ୍କ ଦ୍ୱାରା ପତାକା ଉତ୍ତୋଳନ ପରେ ଛାତ୍ରଛାତ୍ରୀ ଜାତୀୟ ସଂଗୀତ ଗାନ କରିଥିଲେ। ଅତିଥିମାନେ ପରେଡ ପରିଦର୍ଶନ କଲାପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଦେଶାତ୍ମବୋଧକ ନୃତ୍ୟଗୀତ ପ୍ରଦର୍ଶନ କରାଯାଇଥିଲା। ଶେଷରେ ଇଂରାଜୀ ବିଭାଗର ବରିଷ୍ଠ ଶିକ୍ଷକ ଭଜମନ ଗଡତିଆ ଧନ୍ୟବାଦ ଅର୍ପଣ କରିଥିଲେ।



### ଦେବଗଡ଼ରେ ସାଧାରଣତନ୍ତ୍ର ଦିବସ

**ଦେବଗଡ଼:** ସ୍ଥାନୀୟ ଇନ୍ଦିରାଗାନ୍ଧୀ ଷ୍ଟାଡିୟମରେ ୭୭ତମ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ କବିନ୍ଦ୍ର ସାହୁ ପତାକା ଉତ୍ତୋଳନ ସହ ସମ୍ମିଳିତ ପରେଡର ଅଭିବାଦନ ଗ୍ରହଣ କରିଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ପ୍ରତ୍ୟୁଷରେ ସହରରେ ରାମଧୁନ ପରିବେଷଣ କରାଯାଇଥିଲା। ସମସ୍ତ ସରକାରୀ, ବେସରକାରୀ କାର୍ଯ୍ୟାଳୟ ଓ ବିଭିନ୍ନ ଶିକ୍ଷା ଅନୁଷ୍ଠାନରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ପରେଡ କମାଣ୍ଡର ହମ୍ବିରା ସୋରେନ ଓ ସେକେଣ୍ଡ ଏଣ୍ଡ କମାଣ୍ଡ ଏସଆଇ ଅରମେଦ ସିଲାସ ଡୁଙ୍ଗଡୁଙ୍ଗଙ୍କ ନେତୃତ୍ୟରେ ଜିଲ୍ଲାସ୍ତରୀୟ ପରେଡରେ ୩୧ଟି ଦଳ ଭାଗ ନେଇଥିଲେ। ୩୧ଟି ଦଳ ମଧ୍ୟରୁ ୟୁନିଫର୍ମ ଦଳରେ ରାଜାବାସୁଦେବ ଉଚ୍ଚ ବିଦ୍ୟାଳୟ ସ୍କାଉଟ ପ୍ରଥମ, ଦେବଗଡ଼ ମହାବିଦ୍ୟାଳୟ ଏନ୍‌ସିସି ବାଳିକା ଦ୍ୱିତୀୟ, ସିଭିଲିଆନ ସିନିୟର୍‌ରେ ଆଦର୍ଶ ମହାବିଦ୍ୟାଳୟ ପ୍ରଥମ, ନଟ୍ରେଡେମ୍ ଏକାଡେମୀ ଦେବଗଡ଼ ଦ୍ୱିତୀୟ, ସିଭିଲିଆନ୍ ଜୁନିଅରରେ ଡିଭାଇନ୍ ପବ୍ଲିକ ସ୍କୁଲ ପ୍ରଥମ, ବାଲ ଭାରତୀ ଇଂଲିଶ ମିଡିଅମ୍ ସ୍କୁଲ ଦ୍ୱିତୀୟ, ଦେବଗଡ଼କୁ ରନିଂ ସିଲ୍ଡ ଓ କପ ମୁଖ୍ୟ ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ, ଜିଲ୍ଲା ପୁଲିସ୍ ବିଭାଗ ପକ୍ଷରୁ ପ୍ରଜ୍ଞାପନ ମେଢ଼ ପ୍ରଦର୍ଶିତ କରାଯାଇଥିଲା। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମାନଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ଟ୍ରଫି ଓ ମାନପତ୍ର ଦିଆଯାଇଥିଲା। ଉପକାରାଗାର ଅନ୍ତବାସୀ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀ ମାନଙ୍କୁ ଫଳ ଓ ମିଷ୍ଟାନ ବଣ୍ଟନ କରାଯାଇଥିଲା। ଅପରାହ୍ଣରେ ପ୍ରଦର୍ଶନୀ ମହିଳା ଫୁଟବଲ ମ୍ୟାଚ୍ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ ହୋଇଥିଲା। ୩ ଘଟିକା ସମୟରେ ଶ୍ରୀ ଜଗନ୍ନାଥ ସାହିତ୍ୟ ସଂସଦ ଓ ବାମଣ୍ଡା ସାହିତ୍ୟ ସଂସଦ ମିଳିତ ଆନୁକୂଲ୍ୟରେ ସଂସ୍କୃତି ଭବନ ଠାରେ କବିତା ପାଠ କରାଯାଇଥିଲା। କାର୍ଯ୍ୟକ୍ରମରେ ଏସ୍‌ପି ଅନିଲ ମିଶ୍ର, ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଅତିରିକ୍ତ ଏସ୍‌ପି ଧିରଜ ଚୋପଦାର, ଉପଜିଲ୍ଲାପାଳ ପରକ୍ଷିତ ସାହୁ, ବହୁ ଜିଲ୍ଲା ସ୍ତରୀୟ ଅଧିକାରୀ, ବରିଷ୍ଠ ନାଗରିକ, ବିଦ୍ୟାଳୟର ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀ, ସାମ୍ବାଦିକ, ନିମନ୍ତ୍ରିତ ଅତିଥି, ଛାତ୍ରଛାତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର କାର୍ଯକ୍ରମକୁ ସଂଯୋଜନା କରିଥିଲେ।

# ଝାରସୁଗୁଡ଼ାରେ ଜାତୀୟ ଶିଶୁକନ୍ୟା ଦିବସ





ଝାରସୁଗୁଡ଼ା,୨୭।୧(ସମିସ): ଜାତୀୟ ଶିଶୁକନ୍ୟା ଦିବସ ପାଳନ ଅବସରରେ ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନର ସମାଜ ମଙ୍ଗଳ ବିଭାଗ ଏବଂ ଜିଲ୍ଲା ନାରୀ ସଶକ୍ତିକରଣ କେନ୍ଦ୍ର ପକ୍ଷରୁ ଏକ ବିଶାଳ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। କନ୍ୟା ସନ୍ତାନମାନଙ୍କ ସୁରକ୍ଷା, ଶିକ୍ଷା ଏବଂ ସମାଜରେ ସେମାନଙ୍କ ସାମଗ୍ରିକ ବିକାଶକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଆୟୋଜିତ କାର୍ଯ୍ୟକ୍ରମକୁ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପଦଯାତ୍ରା ସହରର ବେହେରାମାଳ କିଷାନ ଛକଠାରୁ ବାହାରି ଜିଲ୍ଲା କାର୍ଯ୍ୟାଳୟ ପର୍ଯ୍ୟନ୍ତ ପରିକ୍ରମା କରିଥିଲା। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ବିଭାଗର କର୍ମକର୍ତ୍ତାମାନେ ଅଂଶଗ୍ରହଣ କରିଥିଲେ। ଶୋଭାଯାତ୍ରାରେ 'ବେଟି ବଚାଓ-ବେଟି ପଢ଼ାଓ' ଏବଂ 'ବାଲ୍ୟ ବିବାହ ମୁକ୍ତ ସମାଜ' ଭଳି ସ୍ଲୋଗାନ ଦିଆଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ବ୍ରଜବନ୍ଧୁ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ବିଶ୍ୱରଞ୍ଜନ ନାୟକ ଏବଂ ଉପ-ଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ବ୍ଲକ୍‌ର ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ପୁଲିସ ବିଭାଗର ବରିଷ୍ଠ ଅଧିକାରୀ ଏବଂ ଜିଲ୍ଲା ହବ୍‌ର କର୍ମକର୍ତ୍ତାମାନେ ପଦଯାତ୍ରାରେ ସାମିଲ ହୋଇ ଶୃଙ୍ଖଳାରକ୍ଷା କରିବା ସହ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ପଦଯାତ୍ରାରେ ବିଶେଷ କରି ବେହେରାମାଳ ଆଶ୍ରମ ସ୍କୁଲର ଶିକ୍ଷୟିତ୍ରୀ ଓ ୫୦ରୁ ଅଧିକ ଛାତ୍ରୀଙ୍କ ସମେତ ଅଙ୍ଗନବାଡି କର୍ମୀ, ଓଏସସି, ଏସ୍‌ଏଏଚଇଡିଏ, ମହିଳା ସହାୟତା କେନ୍ଦ୍ର ଏବଂ ଚାଇଲ୍ଡ ହେଲ୍ପଲାଇନର କର୍ମକର୍ତ୍ତାମାନେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ। ସମାଜରେ କନ୍ୟା ସନ୍ତାନମାନଙ୍କ ପ୍ରତି ଥିବା ନକାରାତ୍ମକ ମନୋଭାବ ଦୂର କରିବା ଏବଂ ସେମାନଙ୍କୁ ସମାନ ସୁଯୋଗ ପ୍ରଦାନ କରିବା ପାଇଁ ଶୋଭାଯାତ୍ରା ବାର୍ତ୍ତା ପ୍ରଦାନ କରିଥିଲା। ଶେଷରେ ଜିଲ୍ଲା କାର୍ଯ୍ୟାଳୟ ପରିସରରେ ଏକ ସଙ୍କଳ୍ପ ପାଠ କରାଯାଇ ଆଗାମୀ ଦିନରେ ଝାରସୁଗୁଡ଼ା ଜିଲ୍ଲାକୁ ବାଲ୍ୟ ବିବାହ ମୁକ୍ତ ତଥା କନ୍ୟା ସନ୍ତାନଙ୍କ ପାଇଁ ସୁରକ୍ଷିତ କରିବାକୁ ପ୍ରତିଶ୍ରୁତି ବଦ୍ଧତା ପ୍ରକାଶ ପାଇଥିଲା।

**ଝାରସୁଗୁଡ଼ା:** ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ସ୍ଥାନୀୟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ତୃତୀୟ ମହଲା ସଭା ଗୃହଠାରେ 'ଜାତୀୟ ଶିଶୁ କନ୍ୟା ଦିବସ-୨୦୨୬' ପାଳିତ ହୋଇଯାଇଛି। 'ପ୍ରତ୍ୟେକ କନ୍ୟା ଶିଶୁର ସଶକ୍ତିକରଣ, ଏକ ସୁଦୃଢ଼ ଭାରତ ଗଠନ' ଆଭିମୁଖ୍ୟକୁ ନେଇ ଚଳିତ ବର୍ଷ ସଭା ଆୟୋଜନ କରାଯାଇଥିଲା। କନ୍ୟା ସନ୍ତାନମାନଙ୍କର ଶିକ୍ଷା, ଉତ୍ତମ ସ୍ୱାସ୍ଥ୍ୟ ଏବଂ ସାମାଜିକ ସୁରକ୍ଷା ସମ୍ପର୍କରେ ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରିବା ଉତ୍ସବର ମୁଖ୍ୟ ଲକ୍ଷ୍ୟ ରହିଥିଲା। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ.ମହେଶ ମୋହନ ପଣ୍ଡା ଏଥିରେ ଅଧ୍ୟକ୍ଷତା କରିଥିଲେ। କନ୍ୟା ଭ୍ରୁଣ ହତ୍ୟା ରୋକିବା ଏବଂ ପିସି ଏଣ୍ଡ ପିଏନଡିଟି ଆଇନର କଡାକଡି ଅନୁପାଳନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଶିଶୁ କନ୍ୟାମାନଙ୍କୁ ସମାନ ସୁଯୋଗ ପ୍ରଦାନ କଲେ ହିଁ ଦେଶର ପ୍ରକୃତ ପ୍ରଗତି ସମ୍ଭବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଏଡିପିଏଚଓ (ଏଫ୍‌ଡବ୍ଲ୍ୟୁ) ଡକ୍ଟର ଦୁର୍ଜୟ ଦତ୍ତ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ ପ୍ରତିନିଧି, ଏବଂ ପିସି-ଏଣ୍ଡ-ପିଏନଡିଟି ଜିଲ୍ଲା ପରାମର୍ଶଦାତା କମିଟିର ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ବ୍ଲକ୍‌ରୁ ଆସିଥିବା ସ୍ୱାସ୍ଥ୍ୟ ଅଧିକାରୀ, ଏଡିପିଏଚଏସଓ, ଡିପିଏମୟୁ ଓ ଏନ୍‌ଏଚ୍‌ଏମ୍‌ର କର୍ମଚାରୀଙ୍କ ସମେତ ବହୁ ସଂଖ୍ୟାରେ ସ୍ୱାସ୍ଥ୍ୟ କର୍ମୀ ଉପସ୍ଥିତ ଥିଲେ। ଶେଷରେ ସମାଜରୁ ଲିଙ୍ଗଗତ ବୈଷମ୍ୟ ଦୂର କରି କନ୍ୟାମାନଙ୍କୁ ଏକ ସୁରକ୍ଷିତ ପରିବେଶ ଯୋଗାଇ ଦେବାକୁ ସମସ୍ତେ ସମୂହ ଶପଥ ଗ୍ରହଣ କରିଥିଲେ।

■ ଏପସିଲନ କାର୍ବନ କମ୍ପାନୀକୁ ଡିଏଫଓ, ତହସିଲଦାରଙ୍କ ଅନୁକମ୍ପା ଅଭିଯୋଗ

# ରାଷ୍ଟ୍ରପତି ଓ ମାନବ ଅଧିକାର କମିଶନକୁ ଦାବିପତ୍ର

ଝାରସୁଗୁଡ଼ା,୨୭।୧(ସମିସ):

ଝାରସୁଗୁଡ଼ା ସଦର ବ୍ଲକ୍ ଶ୍ରିପୁରା ପଞ୍ଚାୟତରେ ଥିବା ଏପସିଲନ କାର୍ବନ କମ୍ପାନୀ ବେଆଇନ ଭାବେ ଜଙ୍ଗଲ ଜମିକୁ ଦଖଲ ରଖି ବ୍ୟବହାର କରୁଛି। ଏହାକୁ ନେଇ ଗ୍ରାମବାସୀ ବାରମ୍ବାର ଜିଲ୍ଲା ଝାରସୁଗୁଡ଼ା ଡିଏଫଓ ଏବଂ ତହସିଲଦାରଙ୍କ ଆଗରେ ଅଭିଯୋଗ କରିଆସିଛନ୍ତି। କିନ୍ତୁ ଡିଏଫଓ ଓ ତହସିଲଦାର କମ୍ପାନୀ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରି କମ୍ପାନୀକୁ ପରୋକ୍ଷରେ ସହାୟତା କରୁଥିବା ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି। ଏଣୁ ଶ୍ରିପୁରା ଗ୍ରାମବାସୀ ଜିଲ୍ଲାପାଳଙ୍କ ମାଧ୍ୟମରେ ରାଷ୍ଟ୍ରପତି ଓ ଜାତୀୟ ମାନବ ଅଧିକାର କମିଶନଙ୍କୁ ମଙ୍ଗଳବାର ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ର ଅନୁଯାୟୀ ଗାଁରେ ଥିବା ଏପିସିଲନ କମ୍ପାନୀ ଖାତା ନମ୍ବର ୧୭୮, ପ୍ଲଟ ନମ୍ବର ୪୨୭କୁ ବେଆଇନ ଭାବେ ବ୍ୟବହାର କରୁଛି। ଗ୍ରାମବାସୀ ଉକ୍ତ ଜଙ୍ଗଲ ଜମିରେ ସରକାରଙ୍କ ଯୋଜନା 'ଏକ ପେଡ ମା କେ ନାମ'ରେ ହଜାର ହଜାର ତହସିଲଦାରଙ୍କ ଉପସ୍ଥିତିରେ ଚାରାରୋପଣ କରିଥିଲେ। କିନ୍ତୁ ସେହି ଚାରା ଏବଂ ବ୍ୟାରିକେଡକୁ ହଟାଯାଇଛି। ଏହାକୁ ବିରୋଧ କରି ଗ୍ରାମବାସୀ ତଥା ସରପଞ୍ଚ ଗତ ୨୦୨୫ ଅକ୍ଟୋବର ୧୩ରେ ଜିଲ୍ଲାପାଳଙ୍କୁ କମ୍ପାନୀ ଠାରୁ ଜଙ୍ଗଲ ଜମି ମୁକ୍ତି କରିବା ଏବଂ ସେହି ଜମିରେ ବୃକ୍ଷରୋପଣ କରିବା ପାଇଁ ଦାବି କରିଥିଲେ। ଏହା ସହିତ ବିଭିନ୍ନ ସମୟରେ ଜିଲ୍ଲାପାଳ, ଡିଏଫଓଙ୍କୁ ମଧ୍ୟ ବହୁଥର ବାରମ୍ବାର ଦାବି ଜଣାଇ ଆସିଥିଲେ। କିନ୍ତୁ ଡିଏଫଓ ଏବଂ ତହସିଲଦାର ଏହି ଘଟଣାର ତଦନ୍ତକାରୀ ଅଧିକାରୀ ହୋଇଥିବା ବେଳେ ସେମାନେ କେଉଁ ସ୍ୱାର୍ଥରେ କମ୍ପାନୀକୁ ଅନୁକମ୍ପା ପ୍ରଦର୍ଶନ କରୁଛନ୍ତି ଏବଂ ତଦନ୍ତ ପ୍ରକ୍ରିୟା ବିଳମ୍ବ କରୁଛନ୍ତି, ସେ ନେଇ ଗ୍ରାମବାସୀଙ୍କ ମଧ୍ୟରେ ସନ୍ଦେହ ଜାତ ହୋଇଥିଲା। ଏହାପରେ ଜାନୁଆରୀ ୧୫ରେ ଗ୍ରାମବାସୀ ସ୍ଥାନୀୟ ସରପଞ୍ଚ ଯଶୋବନ୍ତୀ ପାଣ୍ଡେଙ୍କ ସଭାପତିତ୍ୱରେ ଏକ ଗାଁସଭା କରିଥିଲେ। ଜଙ୍ଗଲ ଜମିରେ ବୃକ୍ଷରୋପଣ କରିବା ସହିତ ମାନବ ମଙ୍ଗଳ କାର୍ଯ୍ୟରେ ବ୍ୟବହାର କରିବା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଥିଲା। ଏ ବିଷୟରେ ଜିଲ୍ଲାପାଳଙ୍କୁ ମଧ୍ୟ ଅବଗତ କରାଇବା ପାଇଁ ଗାଁସଭାରେ ନିଷ୍ପତ୍ତି ହୋଇଥିଲା। ଏଣୁ ଜାନୁଆରୀ ୧୯ରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଡିଏଫଓ ଏବଂ ତହସିଲଦାରଙ୍କ ବିରୋଧରେ ଗ୍ରାମବାସୀ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଇଥିଲେ। ହେଲେ ଏଯାଏଁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ତେଣୁ ଆଜି ଶ୍ରିପୁରା ଗ୍ରାମବାସୀ ଝାରସୁଗୁଡ଼ା ଡିଏଫଓ ଓ ତହସିଲଦାରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ଜାତୀୟ ମାନବ ଅଧିକାର କମିଶନଙ୍କୁ ଜିଲ୍ଲାପାଳଙ୍କ ଜରିଆରେ ଦାବିପତ୍ର ପଠାଇଛନ୍ତି। ଏହା ସହିତ ଫେବୃଆରୀ ୨ ତାରିଖ ଜଙ୍ଗଲ ଜମି ଓ ବୃକ୍ଷ ଗୁଡିକର ସୁରକ୍ଷା ପାଇ ସଭା କରିବା ସମୟରେ ଗ୍ରାମବାସୀଙ୍କୁ ପ୍ରଶାସନ ସୁରକ୍ଷା ଦେବାପାଇଁ ନିର୍ଦ୍ଦେଶ ଦେବାପାଇଁ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଦାବିପତ୍ର ଦେବା ସମୟରେ ଗାଁର ଜିଲ୍ଲା ପରିଷଦ ସଦସ୍ୟ ଥିବା ଦିଗାମ୍ବର ଭୋଇ, ଶ୍ରିପୁରା ସରପଞ୍ଚ ଯଶୋବନ୍ତୀ ପାଣ୍ଡେ, ବିରଞ୍ଚି ମାଝୀ, ରୀନା ବାଗ, ମିନତୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏ ନେଇ ଝାରସୁଗୁଡ଼ା ତହସିଲଦାର ସଦାକର କୁମ୍ଭାରଙ୍କୁ ପଚାରିବାରୁ ଘଟଣା ଜଙ୍ଗଲ ଜମି ଉପରେ ଥିବାରୁ ଏହାର ଉତ୍ତର ଡିଏଫଓ ଦେବେ ବୋଲି ପ୍ରକାଶ କରିଥିଲେ। ଝାରସୁଗୁଡ଼ା ଡିଏଫଓ ଅଶୋକ ମନୁ ଭଟ୍ଟଙ୍କ ସହ ଯୋଗାଯୋଗ ହୋଇ ପାରି ନ ଥିଲା। ଏ ନେଇ ଏପସିଲନ କମ୍ପାନୀର ପ୍ଲାଣ୍ଟ ହେଡରାକେଶ ମୋହନଙ୍କୁ ପଚାରିବାରୁ ମତ ଦେବାକୁ ମନା କରିଥିଲେ।



## ଅବସରପ୍ରାପ୍ତ ଶିକ୍ଷକ ନବୀନ ପଟେଲଙ୍କ ପରଲୋକ



କୋଲାବିରା,୨୭।୧(ସମିସ): ଭାତଲଇଡା ଗାଁର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନବୀନ ପଟେଲ(୭୨)ଙ୍କ ପରଲୋକ ଘଟିଛି। ବାର୍ଦ୍ଧକ୍ୟ ଜନୀତ ଅସୁସ୍ଥତା ଯୋଗୁଁ ତାଙ୍କର ପରଲୋକ ଘଟିଛି। ଜଣେ ଧର୍ମପରାୟଣ, ନାଟ୍ୟ କଳାକାର ସହ ଗାଁ ସୁଭାଷ କ୍ଲବ୍‌ର ସଭାପତି ଥିଲେ। ମୃତ୍ୟୁଶଯ୍ୟା ନିକଟରେ ପରିବାର ଲୋକ ଉପସ୍ଥିତ ଥିଲେ। ଗାଁ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା। ପୁଅ ଲିଙ୍କନ ମୁଖାଗ୍ନି ଦେଇଥିଲେ।

## କଲା ଡିଗ୍ରୀ କଲେଜରେ ସଡକ ସୁରକ୍ଷା କର୍ମଶାଳା

ଦେବଗଡ଼,୨୭।୧(ସମିସ): ବାରକୋଟ ପୁଲିସ ଆନୁକୂଲ୍ୟରେ ପଞ୍ଚାୟତ ଡିଗ୍ରୀ କଲେଜ କଲା ଠାରେ ଏକ ସଡକ ସୁରକ୍ଷା ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବାରକୋଟ ଥାନା ଅଧିକାରୀ ସୁଶାନ୍ତ ବଡେଇ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ସଡକ ସୁରକ୍ଷା ସକାଶେ ସରକାରଙ୍କର ବିଭିନ୍ନ ନିୟମ ଓ ତାହାର କାର୍ଯ୍ୟକାରିତା ସମ୍ବନ୍ଧରେ ମାର୍ଗଦର୍ଶନ କରିଥିଲେ। ଅଧ୍ୟକ୍ଷ ସାନ୍ତନୁ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ବାରକୋଟ ଥାନାର ଏସଆଇ ସନାତନ ନାୟକ, ଏସଆଇ ଅରବିନ୍ଦ ବେହେରା, ହାବିଲଦାର ଗିରିଧାରୀ ସାହୁ, ଅଧ୍ୟାପକ ମଦନ ପଲେଇ, ନବକୃଷ୍ଣ ବେହେରା, ଭୁବନ ମହାନ୍ତ, ଆଲୋକ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ଏକ ସଚେତନତା ରାଲି କଲା ଗାଁ ପରିକ୍ରମା କରିବା ସହ ସଡକ ସୁରକ୍ଷା ପ୍ରଚାରପତ୍ର ପଥଚାରୀ ମାନଙ୍କୁ ବଣ୍ଟନ କରାଯାଇଥିଲା।

## ବୌଦ୍ଧ ଜିଲ୍ଲାର ବିଭିନ୍ନ ସ୍ଥାନରେ ୭୭ତମ ସାଧାରଣତନ୍ତ୍ର ଦିବସ

# ଗାଁରୁ ସହର ସବୁଠି ଉଡ଼ିଲା ତ୍ରିରଙ୍ଗା

ବୌଦ୍ଧ, ୨୭ ।୧(ସମିସ)



ବୌଦ୍ଧ ଜିଲ୍ଲା ଷ୍ଟାଡିୟମ ପଡିଆରେ ୭୭ତମ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ବାଇଁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ମନ୍ତ୍ରୀଙ୍କ ସହିତ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରାହୁଲ ଗୋୟଲ ପତାକା ଉତ୍ତୋଳନ ସମୟରେ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲାପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଭାସ ଦଣ୍ଡସନା, ଉପ ଜିଲ୍ଲାପାଳ ବିନୟ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ । ରିଜର୍ଭ ଇନ୍ସପେକ୍ଟର ପ୍ରଦୀପ ଓରାମ ଓ ସର୍ଜେଣ୍ଟ ଖଗେଶ୍ୱର ବିଶ୍ୱାଳ ପରେଡ ପରିଚାଳନା କରିଥିଲେ । ୩୪ଟି ଦଳ ପରେଡ ପ୍ରଦର୍ଶନ କରିଥିଲେ । ଏହି ଅବସରରେ ବାଲ୍ୟବିବାହମୁକ୍ତ ଭାରତ ଉଦ୍ଦେଶ୍ୟରେ ଏକ ସଚେତନତା ସାଇକଲ ଶୋଭାଯାତ୍ରାର ଶୁଭାରମ୍ଭ କରାଯାଇଥିଲା । ପ୍ରତ୍ୟୁଷରୁ ସୂଚନା ଓ ଲୋକସଂପର୍କ କାର୍ଯ୍ୟାଳୟ ତରଫରୁ ବୌଦ୍ଧ ଏନଏସି ଅଞ୍ଚଳରେ ରାମଧୂନ ପ୍ରଚାର ହୋଇଥିଲା । ବିଭିନ୍ନ ସରକାରୀ ବେସରକାରୀ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ପ୍ରଭାତଫେରୀରେ ସାମିଲ ହୋଇଥିଲେ । ସେହିଭଳି ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା । ସହରର ଗାନ୍ଧୀଛକରେ ଥିବା ମହାତ୍ମା ଗାନ୍ଧୀ, ପଣ୍ଡିତ ଗୋପବନ୍ଧୁ ଓ ଉତ୍କଳ ଗୌରବ ମଧୁସୂଦନ, ଡ. ବି. ଆର୍ ଆମ୍ବେଦକର ତଥା ବୌଦ୍ଧ ସହରସ୍ଥିତ ଓଡିଶାର ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ପରେଡ ପରେ ପରେ ପ୍ରଜ୍ଞାପନ ମେଢ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା । ଛାତ୍ରଛାତ୍ରୀଙ୍କ ଦ୍ୱାରା ଶାରିରୀକ କ୍ରୀଡା, କୌତୁକ ବେଶ ପୋଷାକ ପ୍ରଦର୍ଶନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ରୀତାକାନ୍ତି ବଲିୟାରସିଂହ ପରିଚାଳନା କରିଥିଲେ । ଜିଲ୍ଲା ରକ୍ତ ଭଣ୍ଡାର ଠାରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ରୋଗୀଙ୍କୁ, କୁଷ୍ଠାଶ୍ରମ ଓ ଉପକାରାଗାରର ଅନ୍ତେବାସୀଙ୍କୁ ଫଳ ବଣ୍ଟନ କରାଯାଇଥିଲା । ଟାଉନହଲରେ ଉଦ୍ୟାନ ବିଭାଗ ଓ ପ୍ଲାଣ୍ଟ ଲଭର୍ସ ଆସୋସିଏସନ ତରଫରୁ ପୁଷ୍ପ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା । ଅପରାହ୍ନରେ ଜିଲ୍ଲା ଷ୍ଟାଡିୟମରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଟାଉନହଲରେ କବିତା ପାଠୋତ୍ସବ, ମୁକ୍ତ କୁଇଜ ପ୍ରତିଯୋଗିତା, ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।



ସେହିଭଳି ବୌଦ୍ଧ ଜିଲ୍ଲା ସରସରାସ୍ଥିତ ଜିଲ୍ଲା ପୂର୍ବତନ ସୈନିକ ସଂଘର କାର୍ଯ୍ୟାଳୟରେ ୭୭ତମ ସାଧାରଣତନ୍ତ୍ର ଦିବସ ପାଳନ କରାଯାଇଛି । ସଭାପତି ସୁବେଦାର୍ ସରୋଜ ଭଞ୍ଜ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଏହାପରେ ସଂଘର ବୈଠକ ଅନୁଷ୍ଠିତ ହୋଇଥିଲା । ପୂର୍ବତନ ସଂପାଦକ ରଞ୍ଜିତ ଅମାତ ବିବରଣୀ ପାଠ କରିଥିଲେ । ନବ ଗଠିତ ସଂଘର କର୍ମକର୍ତ୍ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରାଯାଇଥିଲା । ନୂଆ ସଭାପତି ରମାକାନ୍ତ ଚାନ୍ଦ ଦାୟିତ୍ୱ ଗ୍ରହଣ କରିଥିଲେ । ଶଙ୍କର ପାତ୍ରଙ୍କୁ ସଂଘକୁ ସ୍ୱାଗତ କରାଯାଇଥିଲା । ମୁଖ୍ୟ ଉପଦେଷ୍ଟା ସୁବେଦାର୍ ଲଳିତ ସାହୁ, ନବ ନିର୍ବାଚିତ ସଂପାଦକ ଅଂଜନ ଯୋଶୀ, କୋଷାଧ୍ୟକ୍ଷ ପଞ୍ଚାନନ ଆପଟ, ସୂର୍ଯ୍ୟନାରାୟଣ ପଣ୍ଡା, ପ୍ରମୋଦ ମହାକୁଡ଼, ରାଜୀବ ପଣ୍ଡା, ଗିରିସ ପ୍ରଧାନ, ଶମ୍ଭୁ ବେହେରା, ନାରାୟଣ ବାରିକ, ଅଭିଳାଷ ସାହୁ, ଉତ୍କଳ ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ହୋତା ପ୍ରମୁଖ ସହଯୋଗ କରିଥିଲେ ।

**ଜହ୍ନାପଙ୍କ** : ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ନାରାୟଣନଗର ଗ୍ରାମରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ସରପଞ୍ଚ ଭୋଳାଗିରି ସାହୁ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ଅଭିବାଦନ ଗ୍ରହଣ କରିଥିଲେ । ଏଥିରେ ଓଡିଶା ଷ୍ଟେଟ ବ୍ରିଗେଡ ସ୍କୁଲ, ଲକ୍ଷ୍ମୀପ୍ରସାଦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଜହ୍ନାପଙ୍କ ସରକାରୀ ଉଚ୍ଚ ବିଦ୍ୟାଳୟ, ଶିଶୁ ମନ୍ଦିର ଛାତ୍ରଛାତ୍ରୀ ପରେଡରେ ଅଂଶଗ୍ରହଣ କରିଥିଲେ । ଛାତ୍ରଛାତ୍ରୀ ଜହ୍ନାପଙ୍କରୁ ବାହାରି ନାରାୟଣନଗରରେ ପ୍ରଭାତ କରି ବିଦ୍ୟାଳୟରେ ପହଞ୍ଚିଥିଲେ । କାର୍ଯ୍ୟକ୍ରମରେ ନାରାୟଣନଗର ଗ୍ରାମବାସୀ ଓ ଗ୍ରାମ୍ୟ ଶାନ୍ତି କମିଟିର ସଦସ୍ୟ ସହଯୋଗ କରିଥିଲେ । ବିଭିନ୍ନ ବିଦ୍ୟାଳୟରେ ହୋଇଥିବା ପ୍ରତିଯୋଗିତାରେ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଏହାସହ ବିଭିନ୍ନ କ୍ଲବ, ସରକାରୀ ଉଚ୍ଚ ବିଦ୍ୟାଳୟରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା ।

## ମହିବାହାଲ ପ୍ରାଥମିକ ବିଦ୍ୟାଳୟରେ ଜାତୀୟ ପତାକାକୁ ଅସମ୍ମାନ

**ବୌଦ୍ଧ,୨୭ ।୧(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍ ରାମଗଡ କ୍ଲଷ୍ଟର ମହିବାହାଲ ପ୍ରାଥମିକ ବିଦ୍ୟାଳୟରେ ସାଧାରଣତନ୍ତ୍ର ଦିବସ ଦିନ ଜାତୀୟ ପତାକା ଉତ୍ତୋଳନକୁ ନେଇ ବିବାଦୀୟ ପରିସ୍ଥିତି ଉପୁଜିଛି । ତ୍ରିରଙ୍ଗା ପତାକାକୁ ପ୍ରଧାନ ଶିକ୍ଷୟିତ୍ରୀ ଅସନମାନ କରିବା ଜଣାପଡିବା ପରେ ଆଲୋଚନାର ବିଷୟ ପାଲଟିଛି ।

ପ୍ରଧାନ ଶିକ୍ଷୟତ୍ରୀ ବୈଜୟନ୍ତୀ କହଁର ସକାଳ ୮ଟାରେ ଜାତୀୟ ପତାକା ଉତୋଳନ କରିଥିଲେ । ଘଣ୍ଟାଏ ପରେ ୯ଟାରେ ସ୍କୁଲ ପରିଚାଳନା ସମିତି ସଭାପତିଙ୍କୁ ଡାକି ଖୁଣ୍ଟି ସହ ଜାତୀୟ ପତାକା କାଢିଦେଇ ସ୍କୁଲ ଭିତରେ ରଖି ତାଲା ପକାଇ ଘରକୁ ପଳାଇଥିଲେ ।

- **ଘଣ୍ଟାଏ ପରେ ବାହାର କରିଦେଲେ**
- **ପୁଣି ଦିନ ୨ଟାରେ ବାନ୍ଧିଲେ**

ଏହା ପ୍ରଚାରିତ ହେବା ପରେ ପୁଣି ଦିନ ୨ଟାରେ ଆଉ ଥରେ ଖୁଣ୍ଟି ପୋତି ଜାତୀୟ ପତାକା ଉଡାଇଥିଲେ । ତେବେ ଏ ନେଇ ତାଙ୍କୁ ପଚାରିବାରୁ ପତାକା ଉତ୍ତୋଳନ ପରେ ଖୋଲି ଦେଇଥଲେ । ଲୋକେ କହିବା ପରେ ପୁଣି ଅପରାହ୍ନରେ ଆଉଥରେ ବାନ୍ଧିଥିଲେ ବୋଲି ସ୍ୱୀକାର କରିଥିଲେ । ସନ୍ଧ୍ୟା ପର୍ଯ୍ୟନ୍ତ କେତେ ଜଗିବେ । ଏଣୁ ସ୍କୁଲ କମିଟି ସଭାପତିଙ୍କୁ କହି ଖୋଲିଦେଇଥିଲେ ବୋଲି ମାନିଛନ୍ତି । ସେହିଭଳି ପରିଚାଳନା କମିଟି ସଭାପତି ଧନୁ ପ୍ରଧାନଙ୍କୁ ପଚାରିବାକରୁ ଉପରବେଳା ଭୋଜି ଖାଇବାକୁ ଅନ୍ୟ ଗାଁକୁ ଯିବାର ଥିଲା । ଏଣୁ ଜାତୀୟ ପତାକା ଖୋଲି ଦେଇଥିଲେ ବୋଲି କହିଥିଲେ । ଏ ସମ୍ପର୍କରେ ବ୍ଲକ୍ ଶିକ୍ଷା ଅଧିକାରୀ ହାଡିବନ୍ଧୁ ବେହେରାଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଜାତୀୟ ପତାକାକୁ ଅବମାନନା କରିବା ଅକ୍ଷମଣୀୟ ଅପରାଧ ବୋଲି କହିଛନ୍ତି । ଘଟଣାର ତଦନ୍ତ କରି ଶିକ୍ଷୟିତ୍ରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବେ ବୋଲି ପ୍ରକାଶ କରିଛନ୍ତି ।

## ମନମୁଣ୍ଡା ବନ ବିଭାଗର ପ୍ଲାଷ୍ଟିକମୁକ୍ତ ଅଭିଯାନ

**ମନମୁଣ୍ଡା,୨୭ ।୧(ସମିସ):** ମନମୁଣ୍ଡା ବନ ବିଭାଗ ସୌଜନ୍ୟରେ ଶଗଡ଼ା ସେକ୍ସନର ପର୍ଯ୍ୟଟନ ସ୍ଥଳ ଖଣ୍ଡିକନପାରେ ପ୍ଲାଷ୍ଟିକମୁକ୍ତ ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ମନମୁଣ୍ଡା ରେଞ୍ଜ ଅଧିକାରୀ ଶ୍ରୀବତ୍ସ କୁମୁରାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏସିଏଫ୍ ମିନାକ୍ଷୀ କୁମୁରା ଏବଂ ଶଗଡ଼ା ସରପଞ୍ଚ ସନ୍ଧ୍ୟାରାଣୀ ମହାକୁଡ ଅତିଥି ଭାବେ ଯୋଗ ଦେଇଥିଲେ ।




ଖଣ୍ଡିକନପା ଏସଏଚଜି ସଦସ୍ୟା ଓ ବନ ବିଭାଗର ମିଳିତ ଉଦ୍ୟମରେ ଖଣ୍ଡିକନପା ପର୍ଯ୍ୟଟନ ସ୍ଥଳରେ ସଫେଇ କରାଯାଇଥିଲା । ଅଞ୍ଚଳକୁ ପ୍ଲାଷ୍ଟିକ ମୁକ୍ତ କରିବାକୁ ସଚେତନତା କରାଯାଇଥିଲା । ଖଣ୍ଡିକନପା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ଅବସରରେ ଛାତ୍ରଛାତ୍ରୀ, ବନ ବିଭାଗ କର୍ମଚାରୀ ପ୍ଲାଷ୍ଟିକମୁକ୍ତ ପାଇଁ ଗ୍ରାମରେ ସଚେତନତା ଶୋଭାଯାତ୍ରା କରିଥିଲେ । ଶଗଡ଼ା ବନପାଳ ଦେବକାନ୍ତ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## କର୍ମଚାରୀଙ୍କ ଧର୍ମଘଟ ଯୋଗୁ ବ୍ୟାଙ୍କ ସେବା ବାଧାପ୍ରାପ୍ତ

ବୌଦ୍ଧ,୨୭ ।୧(ସମିସ): ବୌଦ୍ଧ ସମବାୟ କେନ୍ଦ୍ର ବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟ ଆଗରେ ବ୍ୟାଙ୍କ କର୍ମଚାରୀ ୟୁନିଅନ ପକ୍ଷରୁ ଧର୍ମଘଟ କରାଯାଇଛି । ଏହାଫଳରେ ବୌଦ୍ଧ ଓ କନ୍ଧମାଳ ଜିଲ୍ଲାରେ ଥିବା ସମସ୍ତ ଶାଖାରେ ବ୍ୟଙ୍କ ସେବା ବାଧାପ୍ରାପ୍ତ ହୋଇଥିଲା । କ୍ଷୀରୋଦ ମିଶ୍ରଙ୍କ ନେତୃତ୍ୱରେ ଏହା ପରିଚାଳିତ ହୋଇଥିଲା ।

## ନୂତନ ପାଠ୍ୟପୁସ୍ତକ ପ୍ରୟୋଗାତ୍ମକ ପ୍ରଶିକ୍ଷଣ ଶିବିର

ବୌଦ୍ଧ,୨୭ ।୧(ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଲୁଣିବାହାଲ ପଲ୍ଲୀ ବିକାଶ ଉଚ୍ଚ ବିଦ୍ୟାଳୟରେ ପଞ୍ଚଦିବସୀୟ ନୂତନ ପାଠ୍ୟପୁସ୍ତକ ପ୍ରାୟୋଗାତକ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଛି । ହରଭଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀ ହାଡିବନ୍ଧୁ ବେହେରା ଏଥିରେ ଅଧକ୍ଷତା କରିଥିଲେ । ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଚୂଡ଼ାମଣି ବାରିକ,ଗୋଷ୍ଠୀ ଶିକ୍ଷା ଅଧିକାରୀ ବିସିକେଶନ ବେହେରା, ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ତ୍ତିକେଶ୍ୱର ନାୟକ ଏବଂ ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ତଥା ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭୁବନେଶ୍ୱର ସେଠୀ ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ତାଲିମ ଶିବିରରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ପ୍ରଥମ ପର୍ଯ୍ୟାୟରେ ୧୦୦ ଶିକ୍ଷକ ଶିକ୍ଷୟିତ୍ରୀ ତାଲିମ ନେଉଛନ୍ତି । ବାଣୀଭୂଷଣପୁର ଆଞ୍ଚଳିକ ସାଧନ କର୍ମୀ ହରମୋହନ ଦାନାୟକ ମଞ୍ଚ ପରିଚାଳନା କରିଥିଲେ । ଶେଷରେ ରାଧାନଗର ଆଞ୍ଚଳିକ ସାଧନ କର୍ମୀ ପ୍ରଶାନ୍ତ କୁମାର ସାହୁ ଧନ୍ୟବାଦ ଜଣାଇଥିଲେ ।

## ପଲଶାଗୋରା ପଞ୍ଚାୟତରେ ରକ୍ତଦାନ ଶିବିର



**ପଲଶାଗୋରା,୨୭ ।୧(ସମିସ):** କଣ୍ଟାମାଳ ବ୍ଲକ ପଲଶାଗୋରା ପଞ୍ଚାୟତ କାର୍ଯ୍ୟାଳୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ପରିଷଦ ସଭ୍ୟା ପଦ୍ମାଳୟା ପ୍ରଧାନ, ଡାକ୍ତର ସୁବ୍ରତ ମିଶ୍ର, ପଲଶାଗୋର ସରପଞ୍ଚ ସୁଶ୍ରୀ ସୌଦାମିନୀ ମଲ୍ଲିକ, ଶିତିକଣ୍ଠ ମିଶ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଶିବିରରେ ସ୍ୱତନ୍ତ୍ର ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଦିବ୍ୟଶଙ୍କର ରାଉତ, ଜୟ କୁମାର ମହାରଣା, ପୂର୍ଣ୍ଣଚରଣ ସାହୁ, ଅନନ୍ତ ଖମାରୀ, ଦେବାଶିଷ ମଲିକ ଯୋଗ ଦେଇଥିଲେ । ୪୨ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା । ବୁର୍ଲା ଭୀମସାରର ଡାକ୍ତର ଶାଶ୍ୱତ ଦାସ, ଲାଲୁ ବିଶ୍ୱାସ, ପାଇନୁ ଭୋଇ, ଜନକ ବେହେରା, କରୁଣାକର ସାହୁ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ । ପଞ୍ଚାୟତ ନିର୍ବାହୀ ଅଧିକାରୀ ଅମ୍ବିତା ପ୍ରିତମ, ରକ୍ତଦାତା ପ୍ରବର୍ତ୍ତକ ସୁମନ୍ତ ମିଶ୍ର, ଅସୀମ ଅଭିଷେକ ପଣ୍ଡା,ଜୟକୃଷ୍ଣ ପାତ୍ର, ମୁନା ସାହୁ, ବିଶ୍ୱମ୍ବର ପାଣ୍ଡେ, ଶ୍ରୀକାନ୍ତ ମହାକୁଡ଼ ପ୍ରମୁଖ ସହଯୋଗ କରିଥିଲେ ।

## ଅନନ୍ତପାଲି ବନ ସୁରକ୍ଷା ସମିତି ସମ୍ବର୍ଦ୍ଧିତ

ବିନିକା/ ଉଲୁଣ୍ଡା,୨୭।୧(ସମିସ): ପୁଣି ଥରେ ଅନନ୍ତପାଲି ବନ ସୁରକ୍ଷା ସମିତି ସମ୍ବର୍ଦ୍ଧିତ ହୋଇଛି । ପୂର୍ବରୁ ୨ଥର ସମ୍ବର୍ଦ୍ଧିତ ହୋଇଥିଲା । ଦୀର୍ଘ ୨୬ବର୍ଷ ହେଲା ବନ ସୁରକ୍ଷା ଦିଗରେ କାର୍ଯ୍ୟକରି ଆସୁଥିବା ଏହି ସମିତି ସଦସ୍ୟମାନେ ଚଳିତ ବର୍ଷ ପୁନର୍ବାର ସୁବର୍ଣ୍ଣପୁର ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସରେ ଜିଲ୍ଲାର ଶ୍ରେଷ୍ଠ ସମିତି ଭାବେ ପ୍ରଶାସନ ଠାରୁ ପୁରସ୍କୃତ ହୋଇଥିବାରୁ ସମ୍ପ୍ରତି ଉଲୁଣ୍ଡା ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି । ସମିତିର ସଭାପତି ତଥା ପ୍ରକୃତି ବନ୍ଧୁ ମନୋଜ ମହାନ୍ତି ଉକ୍ତ ପୁରସ୍କାର ଗ୍ରହଣ କରିଥିଲେ ।

## ‘ରାଷ୍ଟ୍ର ନିର୍ମାଣରେ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ’



**ତରଭା,୨୭।୧(ସମିସ):** ଶିକ୍ଷା ହେଉଛି ସମାଜର ଦର୍ପଣ, ଅଭିଜ୍ଞତା ହେଉଛି ଶିକ୍ଷାର ଜନନୀ ଓ ଶିକ୍ଷକ ହେଉଛନ୍ତି ସମାଜର ନିର୍ମାତା । ଏଣୁ ରାଷ୍ଟ୍ର ନିର୍ମାଣରେ ଶିକ୍ଷକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ପ୍ରାଥମିକ ଶିକ୍ଷକ ମହୋତ୍ସବ ଓ ବିଦାୟ ସମ୍ବର୍ଦ୍ଧନା ଉତ୍ସବରେ ଯୋଗଦେଇ ଏଇଏସ କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଗୋପାଳଚନ୍ଦ୍ର ମିଶ୍ର କହିଥିଲେ । ତରଭା ଏନଏମ କଲ୍ୟାଣ ମଣ୍ଡପରେ ମହୋତ୍ସବ କମିଟି ସଭାପତି ପ୍ରକାଶ ଦଳ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅନ୍ୟମାନଙ୍କ ମଧ୍ୟରେ ଲୋକ କବି ଦିଲ୍ଲୀପ କୁମାର ଦୀପ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଶିକ୍ଷକ ଏକତା ବଜାୟ ରଖିବାକୁ ଆହ୍ୱାନ ଦେଇଥିଲେ । ସିଆରସିସି ସାରଙ୍ଗ ପଧାନ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷୟିତ୍ରୀ ସୁନୀତି ଛତ୍ରିଆ ଗଣେଶ ବନ୍ଦନା ଓ ମନ୍ତ୍ର ପାଠ କରିଥିଲେ । ଶିକ୍ଷକ ରୋହିତ କୁଆଁର ଚଳିତ ବର୍ଷ ଇହଧାମ ତ୍ୟାଗ କରିଥିବା ଶିକ୍ଷକ ଭୋଜରାଜ ବାରିକଙ୍କ ଉଦ୍ଦେଶ୍ୟରେ ଶୋକ ପ୍ରସ୍ତାବ ଆଗତ କରିଥିଲେ । ପରେ ଅମର ଆତ୍ମାର ସଦଗତି ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା । ଶିକ୍ଷକ ନୀଳକଣ୍ଠ ବଗର୍ତ୍ତି ସ୍ୱାଗତ ଭାଷଣ ଦେଇଥିଲେ । ଅବସରପ୍ରାପ୍ତ ଶିକ୍ଷକ ପ୍ରଭଞ୍ଜନ ପାଢ଼ୀ, ଶିକ୍ଷୟିତ୍ରୀ ଶୁଭ୍ରକାନ୍ତି ପଟ୍ଟନାୟକ, ଜ୍ୟୋତି ମଞ୍ଜରୀ ପୁଜାହାରୀ, ଆଭାମୟୀ ମିଶ୍ର, ମିନତୀ ନାଏକ, କମଳିନୀ ମହାଣା ଓ ସ୍ୱର୍ଗତ ଭୋଜରାଜ ବାରିକଙ୍କ ଦାୟାଦଙ୍କୁ ସମ୍ମାନିତ କରାଯାଇଥିଲା । ନୂତନ ଭାବେ ଯୋଗଦାନ କରିଥିବା ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ରାଧେଶ୍ୟାମ କୁଅଁର ଓ ନୀଳକଣ୍ଠ ବଗର୍ତ୍ତି ମଞ୍ଚ ପରିଚାଳନା କରିଥିଲେ । ଶିକ୍ଷକ ସୁଶାନ୍ତ ମେହେର ଧନ୍ୟବାଦ ଅର୍ପଣ କରିଥିଲେ । ଏଲିମେଣ୍ଟାରୀ ସଂଘ ସଭାପତି ସୁରେଶ ଚନ୍ଦ୍ର ପାଣ୍ଡେ, ଏନପିଏସ୍ ସଭାପତି ପ୍ରହଲ୍ଲାଦ ଚୌହାନ, ଏକ୍ସ କ୍ୟାଡର ସଂଘ ସଭାପତି ଧ୍ରୁବଲ ପଧାନ, ଶିକ୍ଷକ ସୁରେନ୍ଦ୍ର ସୁନା, ନୀଳାଞ୍ଚଳ ଭୋଇ, ଶରତ ସୁନା ଭରତ ମଲ୍ଲିକ, ରବିନାରାୟଣ ସାହୁ ଶରତ ଦୀପ, ସରୋଜ ସାହୁ, ଜ୍ୟୋତି ପ୍ରକାଶ ସାହୁ, ସାରଙ୍ଗ ପଧାନ, ଜ୍ୟୋତିର୍ମୟୀ ସରାଫ, ପ୍ରମିଳା ସାହୁ, ଚିତ୍ରସେନ ରଣା, କରୁଣା ପାଣ୍ଡେ, ଆଶିଷ ସେଠ, ମୋହନ ବିଶିଙ୍କ ସମେତ ବ୍ଲକ୍‌ର ସମସ୍ତ ସିଆରସିସି, ଶିକ୍ଷକ, ଶିକ୍ଷୟିତ୍ରୀ ସହଯୋଗ କରିଥିଲେ ।

## ଦୁଇ ବାଇକ୍ ମୁହାଁମୁହିଁ ଧକ୍କାରେ ଜଣେ ମୃତ, ୨ ଗୁରୁତର

**ଶଗଡା,୨୭ ।୧(ସମିସ):** ବୌଦ୍ଧ ଜିଲ୍ଲା ମନମୁଣ୍ଡା-ଶଗଡ଼ା ରାସ୍ତାର ଗୁଡ଼ଭେଲିପଦର ହାଇସ୍କୁଲ ଛକରେ ୨ଟି ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି । ଦୁଇ ବାଇକ୍‌ରେ ଥିବା ୩ ଜଣ ଯୁବକଙ୍କ ମଧ୍ୟରୁ ଜଣକର ମୃତ୍ୟୁ ଘଟିଛି । ୨ ଜଣ ଗୁରୁତର ଆହତ ହୋଇଛନ୍ତି । ଗୁଡଭେଲିପଦର୍ ଗ୍ରାମର ମୀନକେତନ ମେହେର (୩୫) ଓ ବିନାୟକ ମହାକୁଡ(୨୮) ମନମୁଣ୍ଡା ପଟୁ ଏକ ବାଇକରେ ସେମାନଙ୍କ ଗାଁକୁ ଫେରୁଥିଲେ । ମହେନ୍ଦ୍ର ନାଏକ (୨୮) ତାଙ୍କ ଗାଁ ଗୁଡଭେଲିପଦରରୁ କୌଣସି କାମରେ ମନମୁଣ୍ଡା ପଟକୁ ଯାଉଥିଲେ । ଗୁଡଭେଲି ପଦର ହାଇସ୍କୁଲ ଛକରେ ଦ୍ରୁତଗତିରେ ଯାଉଥିବା ବେଳେ ଉଭୟ ବାଇକ ମୁହାଁମୁହିଁ ଧକ୍କା ହୋଇଥିଲା । ସ୍ଥାନୀୟ ଲୋକେ ଉଦ୍ଧାର କରି ୩ ଗୁରୁତରଙ୍କୁ ସୁବର୍ଣ୍ଣପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ । ସେଠାରେ ଡାକ୍ତର ମୀନକେତନ ଓ ବିନାୟକଙ୍କୁ ଉଚ୍ଚତର ଚିକିତ୍ସା ପାଇଁ ବୁର୍ଲା ସ୍ଥାନାନ୍ତର କରିଥିଲେ । ମହେନ୍ଦ୍ରଙ୍କୁ ମୃତ ଘୋଷଣା କରିଥିଲେ ।

## ପ୍ରାକ୍ତନ ପ୍ରଧାନ ଶିକ୍ଷକଙ୍କ ପରଲୋକ



ମନମୁଣ୍ଡା,୨୭ ।୧(ସମିସ): କଣ୍ଟାମାଳ ବ୍ଲକ୍ ଖଟଖଟିଆ ସରକାରୀ ଉପ୍ରା ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ଗଣେଶ ପ୍ରସାଦ ମିଶ୍ରଙ୍କ ପରଲୋକ ହୋଇଯାଇଛି । ମନମୁଣ୍ଡା (ଦେଉଳି) ବାସଭବନରେ ହୃଦଘାତରେ ତାଙ୍କ ଦେହାନ୍ତ ହୋଇଥିଲା । ଦେଉଳି ତେଲ ନଦୀଘାଟରେ ଅନ୍ତିମ ସତ୍କାର କରାଯାଇଛି । ଏକ ମାତ୍ର ପୁଅ ବିଦ୍ୟାସାଗର (ରକି)ମୁଖାଗ୍ନି ଦେଇଥିଲେ । ତାଙ୍କ ବିୟୋଗରେ ଖଟଖଟିଆ ସରକାରୀ ଉପ୍ରା ବିଦ୍ୟାଳୟରେ ଏକ ଶୋକ ସଭା ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ ଲକ୍ଷ୍ମୀ ଶତପଥୀ ଅଧ୍ୟକ୍ଷତା କରିଥିଲେ । ଶିକ୍ଷକ ସୁରେନ୍ଦ୍ର କମ୍ପ, ସମୀର ପ୍ରଧାନ ଗଂଜୁ ଅମାତ, ନୃପମଣି ମହାଲିକ, ଶୈଳେନ୍ଦ୍ର ବସ୍ତିଆ, ବନୀତା ମେହେର, ଦୀପ୍ତିମୟୀ ବୈଠାରୁ ପ୍ରମୁଖ ଯୋଗଦେଇ ଶୋକ ବ୍ୟକ୍ତ କରିଥିଲେ ।

## ଜମୁଛି ଅସୁରଗଡ଼ ଲୋକ ମହୋତ୍ସବ



**ମନମୁଣ୍ଡା,୨୭ ।୧(ସମିସ):** ତେଲ ନଦୀ ଉପକଣ୍ଠ ସୁବର୍ଣ୍ଣଭୂମି ସୁବର୍ଣ୍ଣପାଲି ସୁବର୍ଣ୍ଣମେରୁ ମଞ୍ଚରେ ତୃତୀୟ “ଅସୁରଗଡ ଲୋକ ମହୋତ୍ସବ -୨୦୨୬’ ବେଶ୍ ଜମିଛି । ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଉଦ୍‌ଘାଟନୀ ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ବୌଦ୍ଧ ବିଧାୟକ ସରୋଜ ପ୍ରଧାନ, ବୀରମହାରାଜପୁର ବିଧାୟକ ରଘୁନାଥ ଜଗଦଲା, ବୌଦ୍ଧ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ, ସୁଧୀର ମହାକୁଡ ପ୍ରମୁଖ ଯୋଗ ଦେଇଥିଲେ । ସେହିଭଳି ଦ୍ୱିତୀୟ ଦିବସ ସନ୍ଧ୍ୟାରେ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର ସମ୍ବଲପୁର ମଣ୍ଡଳ ମୁଖ୍ୟ ଅଜିତ ମେହେର, ଜିଲ୍ଲା ପରିଷଦ ସଭ୍ୟା ପଦ୍ମାଳୟା ପ୍ରଧାନ, ସଭ୍ୟ ଇଞ୍ଜିନିୟର ରାକେଶ ତ୍ରିପାଠୀ, ଗ୍ଲୋବାଲ ଗ୍ରୀନର ମୁଖ୍ୟ ସମ୍ବିତ ନନ୍ଦ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ମହୋତ୍ସବ କମିଟି ସଭାପତି ଆଶିଷ ସାହୁ ଅଧ୍ୟକ୍ଷତା କରିଥିଲେ । କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ବରିଷ୍ଠ ସାମ୍ବାଦିକ ବୈଦ୍ୟନାଥ ହୋତା ଅତିଥି ପରିଚୟ ସହ ପ୍ରାରମ୍ଭିକ ଭାଷଣ ଦେଇଥିଲେ । ଶିକ୍ଷକ ବିଜୟ କୁମାର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ୮୭ କେଜି ଗଞ୍ଜେଇ ଜବତ, ୩ ଗିରଫ

**ବୌଦ୍ଧ,୨୭ ।୧ (ସମିସ):** ଘଣ୍ଟାପଡ଼ା ପୁଲିସ ଥାନା ସମ୍ମୁଖରେ ଯାଉଥିବା ଏକ ଗଞ୍ଜେଇ ଭର୍ତ୍ତି ପଲସର୍ ବାଇକ (ଓଡି ୩୧ ପି ୦୩୨୩)କୁ ଯାଞ୍ଚ କରି ସେଥିରୁ ୭କେଜି ଗଞ୍ଜେଇ ଜବତ କରିଛି । ଏଥିରେ ସଂପୃକ୍ତ ୨ ଜଣ ଗଞ୍ଜେଇ ବେପାରୀ ନିଗମାନନ୍ଦ ସାହୁ ଓ ପ୍ରଶାନ୍ତ ମହଲାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେହିପରି ନାରାୟଣପ୍ରସାଦ ପଞ୍ଚାୟତର ଦୁର୍ଗମ ତଥା ଉପାନ୍ତ ଲଣ୍ଡନପଡ଼ା ନିକଟ ଜଙ୍ଗଲରେ ଗଞ୍ଜେଇ ଚୋରା ଚାଲାଣ ପାଇଁ ପ୍ରସ୍ତୁତି ଚାଲିଥିବା ଖବର ପାଇ ଘଣ୍ଟାପଡ଼ା ଥାନାଧିକାରୀ ସୌମ୍ୟ ରଞ୍ଜନ ପାତ୍ର ପୁଲିସ ଟିମ୍ ନେଇ ସେଠାରେ ଚଢ଼ଉ କରି ୮୦କେଜି ଗଞ୍ଜେଇ ଜବତ କରିଥିଲେ । ଏ ନେଇ ଏକ ମାମଲା ରୁଜୁ କରି ସୁଦର୍ଶନ ମଲ୍ଲିକକୁ ଗିରଫ କରାଯାଇଛି ।

## ହରଭଙ୍ଗା ଲୋକ ମହୋତ୍ସବ ଉଦ୍‌ଘାଟିତ

ହରଭଙ୍ଗା,୨୭ ।୧(ସମିସ)



ରାଜ୍ୟସ୍ତରୀୟ ଚତୁର୍ଥ ହରଭଙ୍ଗା ଲୋକ ମହୋତ୍ସବ ମଙ୍ଗଳବାର ଉଦ୍‌ଘାଟିତ ହୋଇଛି । ପ୍ରଥମେ ମାଁ ରୁଦ୍ରକାଳୀଙ୍କ ଆଜ୍ଞାମାଳ ଓ ମଶାଲ ପୂଜାର୍ଚ୍ଚନା କରାଯାଇଥିଲା । ମାଁଙ୍କ ମନ୍ଦିରରୁ ଏକ ବିରାଟ ସାଂସ୍କୃତିକ ଶୋଭାଯାତ୍ରାରେ ବାହାରିଥିଲା । ଏହା ଗ୍ରାମ ପରିକ୍ରମା କରି ମହୋତ୍ସବ ପଡିଆରେ ପହଞ୍ଚି ଥିଲା । ମଶାଲ ଶୋଭାଯାତ୍ରାରେ ପାରମ୍ପରିକ ଲୋକ ନାଚ, ବାଦ୍ୟ, କୃଷ୍ଣଗୁରୁ, ଶବର ନାଚ, ଦଣ୍ଡନାଚ, ପୁରୀର ଗୋଟିପୁଅ, ସମ୍ବଲପୁରୀ ଦୁଲଦୁଲି, ଅଘୋରୀ ନୃତ୍ୟ ସାମିଲ ହୋଇଥିଲା । ହରିବୋଲ, ହୁଳହୁଳିରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା । ଶୋଭାଯାତ୍ରାରେ ମହୋତ୍ସବ କମିଟିର ସଭାପତି ସଂଗ୍ରାମ କେଶରୀ ବେହେରା, ସମ୍ପାଦକ ସରୋଜ ଭୋକ୍ତା, ଗ୍ରାମ୍ୟ ଗୌନ୍ତିଆ ନାରାୟଣ ଦନାୟକ, ସରପଞ୍ଚ ଶକୁନ୍ତଳା ବେହେରା, ସମିତିସଭ୍ୟ ଚିତ୍ତ ରଞ୍ଜନ ସେଠି, ଅନିଲ ସିଂ, ସୁଶୀଳ ଗୁପ୍ତା, ପ୍ରମୋଦ ଖମାରି, ମାନ ରଞ୍ଜନ ନାଏକ ପ୍ରମୁଖ ସାମିଲ ହୋଇଥିଲେ । ବୌଦ୍ଧ ବିଧାୟକ ସରୋଜ ପ୍ରଧାନ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ । ମହୋତ୍ସବ କମିଟିର ସଭାପତି ସଂଗ୍ରାମ କେଶରୀ ବେହେରା ସଭାପତିତ୍ୱ କରିଥିଲେ । ୩୧ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲିବ ।

# ‘ଏକ ସାମ୍ ଇଣ୍ଡିଆନ ଆର୍ମି କେ ନାମ’ କାର୍ଯ୍ୟକ୍ରମ




ଭବାନୀପାଟଣା,୨୭ ।୧(ସମିସ): ବିକାଶ ଉଇସ ଡମ୍ ପାର୍କରେ ବନ୍ଦେ ମାତରମ ର ୧୫୦ ବର୍ଷ ପୂର୍ତ୍ତି ଓ ସାଧାରଣ ତନ୍ତ୍ର ଦିବସ ପାଳନ ଅବସରରେ ଏକ ସାମ ଇଣ୍ଡିଆନ ଆର୍ମି କେ ନାମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମରେ ଜନ୍ମେଜୟ ମିଶ୍ର (କମାଣ୍ଡିଂ ଅଫିସର ଭାରତୀୟ ସେନା ) ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପୂର୍ବତନ ନୌବାହିନୀ ଅଧିକାରୀ ତଥା ବର୍ତ୍ତମାନ ଜୋନ ଅଫିସର, ଅମିତ କୁମାର ମଲ୍ଲିକ , ମେଜର ଡ ଜୟଦେବ ସାହୁ, ଆନନ୍ଦ ଜୈନ, ଜେସିଆଇ ସୋହନ ଅଗ୍ରୱାଲ, ଡି. ଶ୍ୟାମ, ଡି. ରାମ କୁମାର, ଡି ବିଜୟା, ବିବିଏ ବିସିଏ ଅଧ୍ୟକ୍ଷ ଡ. ସୁଦୀପ୍ତ ଜେନା , ସୁବ୍ରମନ୍ୟମ, ଯୁବରାଜ ନାୟକ , ଆରତୀ ମିଶ୍ର, ନାରାୟଣ ମହାନ୍ତି, ଗୁପ୍ତେଶ୍ୱର ଖୁଣ୍ଟିଆ ପ୍ରମୁଖ ମଞ୍ଚାସୀନ ଥିଲେ । ଅଧ୍ୟକ୍ଷା ଆରତୀ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ, ଉପାଧ୍ୟକ୍ଷ ନାରାୟଣ ମହାନ୍ତି ଗେଷ୍ଟ ପ୍ରୋଫାଇଲ ପାଠ କରିଥିଲେ । ଏହି ଅବସରରେ ଗତବର୍ଷ ଦିଲ୍ଲୀରେ ଅନୁଷ୍ଠିତ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ' ଗିନିଜ ବୁକ ଅଫ ୱାର୍ଲ୍ଡ ରେକର୍ଡ' ରେ ସ୍ଥାନ ପାଇଥିବା ''ସମ୍ବଲପୁରୀ ଲୋକନୃତ୍ୟ'ରେ ଅଂଶ କରିଥିବା ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଦ୍ୱିତୀୟ ବର୍ଷର ଛାତ୍ରୀ ଜୁଲି ସା ଓ ପୂର୍ଣିମା ସାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ସହଯୋଗୀଙ୍କ ସହ କୁକୁଡ଼ା ଚାଷୀ ଗିରଫ

କଣ୍ଟାବାଞ୍ଜି/ମୁରିବାହାଲ,୨୭ ।୧(ସମିସ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ଥାନା ବାଗବାହାଲି ଗାଁର କୁକୁଡ଼ା ଚାଷୀ ଭୋଜରାଜ ମହାକୁଡକୁ ପୁଲିସ ଗିରଫ କରିଛି । ତାଙ୍କ ସହଯୋଗୀ ବେଲପଡା ଥାନା ଖଳିଆପାଲିର ସୁବଳ ରାଣା ମଧ୍ୟ ଗିରଫ ହୋଇଛନ୍ତି ।

କଟକର ପ୍ରିମିୟମ୍ ଚିକ୍ ଫିଡ୍ସ ପ୍ରାଇଭେଟ୍ ଲିମିଟେଡ ସହ ଚୁକ୍ତି କରି ଭୋଜରାଜ କୁକୁଡ଼ା ଚାଷ କରୁଥିଲେ । ଚୁକ୍ତି ଅନୁଯାୟୀ କମ୍ପାନୀ ତାଙ୍କୁ ବ୍ରଏଲର ଛୁଆ, ଔଷଧ ଓ ଅନ୍ୟାନ୍ୟ ସାମଗ୍ରୀ ଦେଇଥିଲା । ବ୍ରଏଲର ବଢିଲା ପରେ ସେ କୁକୁଡ଼ା ସବୁ କମ୍ପାନୀକୁ ଦେବା କଥା; କିନ୍ତୁ ଚୁକ୍ତି ଉଲ୍ଲଂଘନ କରିଥିଲେ । ସହଯୋଗୀ ସୁବଳ ସହ ମିଶି ପ୍ରାୟ ୨୨୦୦ ବ୍ରଏଲର ଅନ୍ୟତ୍ର ବିକ୍ରି କରିଥିଲେ । ଏହି ଘଟଣାକୁ ଭିନ୍ନ ଦିଗ ଦେବାକୁ ନିଜ ପୋଲ୍ଟ୍ରି ଫାର୍ମରେ ନିଆଁ ଲଗାଇ ଦେଇଥିଲେ । ଅଜଣା ବ୍ୟକ୍ତି ନିଆଁ ଲଗାଇଥିବା ମୁରିବାହାଲ ଥାନାରେ ଅଭିଯୋଗ କରିଥିଲେ; ହେଲେ ଏହାକୁ ତାଙ୍କ ଉପରେ ସନ୍ଦେହ କରି ମୁରିବାହାଲ ଥାନାରେ ଅଭିଯୋଗ କରିଥିଲା । ତଦନ୍ତ ବେଳେ ଭୋଜରାଜଙ୍କ ଅଭିଯୋଗ ମିଛ ବୋଲି ପୁଲିସ ଜାଣିବାକୁ ପାଇଥିଲା । ଅଭିଯୁକ୍ତ ଭୋଜରାଜ ଶେଷରେ ପୁଲିସ ଆଗରେ ନିଜ ଦୋଷ ସ୍ୱୀକାର କରିଥିଲା । ପୁଲିସ ଏହାପରେ ଉଭୟଙ୍କୁ ଗିରଫ କରିଥିଲା । ସେମାନଙ୍କଠାରୁ ୨,୬୩,୦୦୦ ଟଙ୍କା ଜବତ କରି କୋର୍ଟ ଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠେଇ ଦିଆଯାଇଛି । ମୁରିବାହାଲ ଥାନା ଅଧିକାରୀ ବୁଲୁ ମୁଣ୍ଡା ଏହି ସୂଚନା ଦେଇଛନ୍ତି ।

# ଶ୍ରୀ ଏଜୁକେସନ୍‌ର ବାର୍ଷିକ ଉତ୍ସବ

ମ.ରାମପୁର,୨୭ ।୧(ସମିସ): କଳାହାଣ୍ଡି ଜିଲ୍ଲା ମ.ରାମପୁର ତୁଜୁଙ୍ଗ ଠାରେ ଥିବା ଶ୍ରୀ ଏଜୁକେଶନ ଏକାଡେମୀର ବାର୍ଷିକ ଉତ୍ସବ ପାଳିତ ହୋଇ ଯାଇଛି । ପରିଚାଳନା ନିର୍ଦ୍ଦେଶକ ସରୋଜ କୁମାର ପତିଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ, ମୁଖ୍ୟ ବକ୍ତା ଡ. ଉମେଶ ଚନ୍ଦ୍ର ଶତପଥୀ, ସମ୍ମାନିତ ଅତିଥି ମ,ରାମପୁର ବିଡିଓ ଶରତ କୁମାର ସେଠୀ, ପରିଚାଳନା କମିଟିର ସଭାପତି ସପନ କୁମାର ପଟ୍ଟନାୟକ, ସଂଯୋଜିକା ସସ୍ମିତା ପତି ଉପସ୍ଥିତ ଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗୀତାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା ।

# ଶରତ ଚନ୍ଦ୍ର ସ୍ମାରକୀ ଜାତୀୟସ୍ତରୀୟ ଫୁଟବଲ୍

କୋକସରା,୨୭ ।୧(ସମିସ): ଶରତଚନ୍ଦ୍ର ସ୍ମାରକୀ ଜାତୀୟସ୍ତରୀୟ ଫୁଟବଲ୍ ମହାକୁମ୍ଭ ସୋମବାର କୋକସରା ସ୍ପୋର୍ଟସ କ୍ଲବ୍ ଆନୁକୂଲ୍ୟରେ ଉଦ୍‌ଘାଟିତ ହୋଇଛି । ଏଥିରେ କୋକସରା ପଞ୍ଚାୟତ ସମିତି ଅଧ୍ୟକ୍ଷା ରିତା ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । କୋକସରା ଥାନା ଆଇଆଇସି ସୁଜ୍ଞାନ ବାରିକ, ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ଡ. ତତ୍ୱଦର୍ଶୀ ଦାସ, କୋକସରା ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀ, ପୁରୁଷୋତ୍ତମ ଗୁପ୍ତା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ । ଉଦ୍‌ଘାଟନୀ ମ୍ୟାଚ୍ ଛତିଶଗଡ଼ ଭିଲାଇ ଓ ବଲାଙ୍ଗିର ଟିଟିଲାଗଡ଼ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । କେହି କାହାରିକୁ ଗୋଲ ସ୍କୋର କରିବାରେ ସଫଳ ହୋଇ ପାରି ନଥିଲେ । ପରେ ଟ୍ରାଇବେକ୍ ରେ ଟିଟିଲାଗଡ଼ ଟିମ୍ ଭିଲାଇ ଟିମକୁ ୧/୦ ଗୋଲରେ ହରାଇ ମ୍ୟାଚ୍ ବିଜୟୀ ହୋଇଥିଲା । ରେଫରି ଭାବେ ନବୀନ ବଗର୍ତ୍ତି, ଲାଇନମେନ ଭାବେ ଶଙ୍କର ପୋଢ଼, ପିଙ୍କୁ ଚିନ୍ଦା ଓ ୪ ର୍ଥ ରେଫରି ଅମିତ ମହାନ୍ତି, ଚିତ୍ତରଞ୍ଜନ ଠାକୁର ପରିଚାଳନାରେ ସହଯୋଗ କରିଥିଲେ । ଧାରା ବିବରଣୀ ବାବୁଲାଲ ଶବର ପ୍ରଦାନ କରିଥିଲେ । ସ୍ପୋର୍ଟସ କ୍ଲବ ସଭାପତି ତ୍ରିମୋହନ ନାଏକ, ସମ୍ପାଦକ କ୍ଷୀରସିନ୍ଧୁ ନେଗୀ, ସହ ସମ୍ପାଦକ ମହେଶ ଗୁପ୍ତା, ଉପସଭାପତି କାମାକ୍ଷ ନାଏକ, କୋଷାଧ୍ୟକ୍ଷ ସଚିନ ଗୁପ୍ତା, ସିଦ୍ଧାର୍ଥ ଶଙ୍କର ପ୍ରଧାନୀ, ମୋହନ ବାଗ, ମାନସ ବେହେରା, ସୁରଜ ନାଏକ, ଅମିତ ସୁନା, ଜିତାମିତ୍ର ପ୍ରଧାନୀ ସମେତ ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ ।

# ବାଲ୍ୟବିବାହ ସଚେତନତା ଶୋଭାଯାତ୍ରା

ଥୁଆମୂଳ ରାମପୁର,୨୭ ।୧(ସମିସ): କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ଜେ.ଏମ୍. ଏଫ୍.ସିର ତତ୍ୱାବଧାନରେ ତାଲୁକ ଆଇନ୍ ସେବା କମିଟି ପକ୍ଷରୁ ଜେ.ଏମ୍.ଏଫ୍.ସି ମାଜିଷ୍ଟ୍ରେଟ ଡକ୍ଟର ତାରିଣୀ ପ୍ରସାଦ ସାହୁଙ୍କ ଅଧ୍ୟକ୍ଷତାରେ ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଆୟୋଜିତ ଏହି କାର୍ଯ୍ୟକ୍ରମରେ କୋର୍ଟ ଠାରୁ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପର୍ଯ୍ୟନ୍ତ ହୋଇଥିବା ସଚେତନତା ଶୋଭାଯାତ୍ରାରେ କର୍ତ୍ତବ୍ୟ ଅନୁଷ୍ଠାନ ସଂଯୋଜକ ସନ୍ତୋଷ କୁମାର ଦାଶ, ସୁଦର୍ଶନ ନାଏକ, ଆଇନଜୀବୀ ମନୋରଞ୍ଜନ ନାଏକ, ଆଇନଜୀବୀ ଦିଲୀପ ନାଏକ, ଏପିପି ପ୍ରିୟଙ୍କା ମାଝୀ, ବରିଷ୍ଠ କିରାଣି ଅଶୋକ କୁମାର ସାହୁ ଏବଂ କର୍ମଚାରୀ ଅଂଶଗ୍ରହଣ କରିଥିଲେ ।

## କାଠ ଶିଳ୍ପୀ ପୁଷ୍ପାଞ୍ଜଳି ମହାନନ୍ଦ ସମ୍ମାନିତ

# କାଠ କଳାକୃତି ଦ୍ୱାରା ସମ୍ବିଧାନର ପ୍ରସ୍ତାବନା ପ୍ରଦର୍ଶିତ

ନୂଆପଡ଼ା,୨୭ ।୧(ସମିସ)



ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ଅବସରରେ କାଠ ଶିଳ୍ପୀ ପୁଷ୍ପାଞ୍ଜଳି ମହାନନ୍ଦଙ୍କ ଦ୍ୱାରା ଭାରତୀୟ ସମ୍ବିଧାନର ପ୍ରସ୍ତାବନାକୁ କାଠରେ ନିର୍ମିତ କଳାକୃତି ଦ୍ୱାରା ପ୍ରଦର୍ଶିତ କରାଯାଇଥିଲା । ଏଥିପାଇଁ ପୁଷ୍ପାଞ୍ଜଳି ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସରେ ସମ୍ମାନିତ ହୋଇଛନ୍ତି । ଏହି କଳାକୃତିର ଆକାର ୧୮ ସ ୨୬ ଫୁଟ, ଯାହା ଗଣତନ୍ତ୍ର ଦିବସର ପ୍ରତୀକ ରୂପେ ନିର୍ଦ୍ଧାରିତ । ଏହି ବିଶାଳ କାଠ ନିର୍ମିତ ପ୍ରସ୍ତାବନା କାର୍ଯ୍ୟ ୨୬ ନଭେମ୍ବର ୨୦୨୫, ଭାରତୀୟ ସମ୍ବିଧାନର ପ୍ରସ୍ତାବନା ଗ୍ରହଣ ଦିବସକୁ ସ୍ମରଣକରି ଆରମ୍ଭ ହୋଇଥିଲା ଏବଂ ଆଜି ସମ୍ପୂର୍ଣ୍ଣ ହୋଇ ଜନସାଧାରଣଙ୍କ ପାଇଁ ପ୍ରଦର୍ଶିତ କରାଯାଇଛି । ଏହି କଳାକୃତି ମାଧ୍ୟମରେ ନ୍ୟାୟ, ସ୍ୱାଧୀନତା, ସମତା ଓ ଭାଇଚାରାର ସମ୍ବିଧାନିକ ମୂଲ୍ୟବୋଧକୁ ସୁନ୍ଦର ଭାବରେ ଉପସ୍ଥାପନ କରାଯାଇଛି । ଏହି ଅବସରରେ ଶ୍ରୀମତୀ ପୁଷ୍ପାଞ୍ଜଳି ମହାନନ୍ଦଙ୍କୁ ଜିଲ୍ଲାପାଳ ମଧୁସୂଦନ ଦାସ, ଏସ୍‌ପି ଅମୃତପାଲ ସିଂହ ମଞ୍ଚରେ ସମ୍ମାନିତ କରିଥିଲେ । ୨୬ ନଭେମ୍ବର ୨୦୨୫ରୁ ୨୬ ଜାନୁଆରୀ ୨୦୨୬ ପର୍ଯ୍ୟନ୍ତ ଭାରତୀୟ ସମ୍ବିଧାନର ପ୍ରସ୍ତାବନାକୁ ୨୬ ଫୁଟ କାଠରେ ତିଆରି କରି ଆକାର ଦେଇଥିବା କଳାକାର ପୁଷ୍ପାଞ୍ଜଳିଙ୍କ ଏହି କାର୍ଯ୍ୟ ସମ୍ବିଧାନ ପ୍ରତି ତାଙ୍କର ଗଭୀର ସମର୍ପଣ ଦର୍ଶାଉଥିଲା । ୨୬-୨୬-୨୬ ର ଏହି ଅନନ୍ୟ ସଂଯୋଗ ସମ୍ବିଧାନ, କଳା ଓ ଜାତୀୟ ଭାବନାକୁ ଏକ ସୂତ୍ରରେ ବାନ୍ଧିଛି ।

ସୂଚନାଯୋଗ୍ୟ ଯେ ୨୦୧୩ରୁ କାଠ ଶିଳ୍ପ କ୍ଷେତ୍ରରେ କାର୍ଯ୍ୟରତ ଶ୍ରୀମତୀ ମହାନନ୍ଦ ବିଭିନ୍ନ ସରକାରୀ ବେସରକାରୀ ସଂସ୍ଥା ସହ କାର୍ଯ୍ୟ କରିଆସୁଛନ୍ତି । ଏହି କାର୍ଯ୍ୟ ସଫଳତାର ସହିତ ସମ୍ପନ୍ନ କରିବାରେ ତାଙ୍କ ଟିମ ସଦସ୍ୟ ଅନୀଲ ଯାଦବ, ଉଦେଶ, ନାରାୟଣ , ତୁଳସୀ ଗଙ୍ଗା ପହରେ, ବିଦ୍ୟାଂଶୀ, ଏକତା, ରୁପାକ୍ଷୀ, ଦୀପିକା, ଲୋକେଶ, ଲକ୍ଷ୍ମୀକାନ୍ତ ଓ ସମୀରଙ୍କ ସହଯୋଗ ରହିଥିଲା । ଏହି ପ୍ରୟାସ ସାମ୍ବିଧାନିକ ସଚେତନତା ପ୍ରଚାରରେ ଏକ ଉଲ୍ଲେଖନୀୟ ଓ ପ୍ରଶଂସନୀୟ ପଦକ୍ଷେପ ବୋଲି ମତ ପ୍ରକାଶ ପାଇଛି ।

# ଟେମରୀ ଗ୍ରାମରେ ପ୍ରବାସୀ ଶ୍ରମିକ ସଚେତନତା ସଭା

ନୂଆପଡ଼ା,୨୭ ।୧(ସମିସ): ନୂଆପଡ଼ା ଜିଲ୍ଲା ବୋଡ଼େନ ବ୍ଲକ ଟେମରୀ ଗ୍ରାମରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ସଭାପତିତ୍ୱରେ ପ୍ରବାସୀ ଶ୍ରମିକ ନିରାକରଣ ପାଇଁ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଛି । ଏଥିରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ସୁର୍ମି ସୋରେନ, ସିଡିଏମଓ ଡା.ଧନେଶ୍ୱର ସେଠୀ, ବିଡିଓ ସୁଶାନ୍ତ କୁମାର ରଣା, ତହସିଲଦାର ସରିତା ଗୁପ୍ତା, ସ୍ଥାନୀୟ ସରପଞ୍ଚ ରଶ୍ମୀତା ସିହ୍ନା ପ୍ରମୁଖ ଯୋଗଦେଇ ଥିଲେ । ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ସମସ୍ତ ଅତିଥି, ଅଧିକାରୀ ତଥା ଜନସାଧାରଣଙ୍କୁ ସ୍ୱାଗତ କରିଥିଲେ । ସଭାରେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗଦେଇ ଥିଲେ । ଜିଲ୍ଲାପାଳ ସମସ୍ତଙ୍କୁ ଉଦବୋଧନ ଦେଇ କହିଲେ ଯେ ଜିଲ୍ଲା ପ୍ରଶାସନ ଲୋକଙ୍କର, ଲୋକଙ୍କ ଦ୍ୱାରା ଏବଂ ଲୋକଙ୍କ ପାଇଁ । ପ୍ରଶାସନ ଆପଣମାନଙ୍କ ପାଖକୁ ଆସିଛି ଆପଣଙ୍କ ସମସ୍ୟା ବୁଝିବା ପାଇଁ । ଏଥିପାଇଁ ଆପଣମାନଙ୍କ ସହଯୋଗ ଦରକାର । ଜିଲ୍ଲାପାଳ ନବ ଜାତକ ଶିଶୁ କନ୍ୟା ରୁଦ୍ରାକ୍ଷୀ ମାଝୀକୁ କୋଳରେ ଧରି ତାହାର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଶିଶୁର ପିତାମାତାଙ୍କୁ ଉପହାର ସହିତ ନୂତନ ବୃକ୍ଷ ଚାରା ପ୍ରଦାନ କରିଥିଲେ । ଏହି ଅବସରରେ, ମହୁଲପଡ଼ା ସେବାଶ୍ରମର ଛାତ୍ରୀମାନଙ୍କ ଦ୍ୱାରା ପ୍ଲାଷ୍ଟିକ ମୁକ୍ତ ଅଭିଯାନ ଉପରେ ଏକ କ୍ଷୁଦ୍ର ନାଟିକା ପରିବେଷଣ କରାଯାଇଥିଲା । ଶିବିରରେ ୫ ଜଣ ନିର୍ମାଣ ଶ୍ରମିକଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା । ଅମ୍ବିକା ମାଝୀ, ଠାକୁର ଜଗତ ଓ ବିମଳେ ମାଝୀଙ୍କୁ ୩ ଲକ୍ଷ ଟଙ୍କା ଲେଖାଏଁ ମୃତ୍ୟୁକାଳୀନ ସହାୟତା ପ୍ରଦାନ କରାଯାଇଥିଲା । ସେହିପରି ୯ ଟି ଶ୍ରମିକ ପରିବାରକୁ ୫୦ ହଜାର ଟଙ୍କା ଲେଖାଏଁ ବିବାହ ସହାୟତା, ଦୁଇଟି ପରିବାରକୁ ୭ ହଜାର ଟଙ୍କା ଲେଖାଏଁ ଶିକ୍ଷା ସହାୟତା ଓ ୫ ଜଣଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ମାତୃତ୍ୱ ସହାୟତା ପ୍ରଦାନ କରାଯାଇଥିଲା । ଏହି ଶିବିରକୁ ବୋଡ଼େନ ବିଡିଓ, ଜିଲ୍ଲା ସମାଜମଙ୍ଗଳ ବିଭାଗ ପ୍ରୋଗ୍ରାମ ଅଫିସର ନମିତା ପାଢ଼ୀ, ବୋଡେନ ସିଡିପିଓ ଅର୍ଚ୍ଚନା ରାଉତ ପ୍ରମୁଖ ଆୟୋଜନ କରିଥିଲେ ।

# ରେଗଡାରେ ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ



କର୍ଲାମୁଣ୍ଡା:୨୭ ।୧(ସମିସ): କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ରେଗଡା ପଞ୍ଚାୟତର ରେଗଡା ଭୋଇପଡା ଠାରେ ମାଣ୍ଡିଆ ମଣ୍ଡି ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି ।

ଏହି ଅବସରରେ ଜିଲ୍ଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀ ମୁଖ୍ୟ ଅତିଥି, ବ୍ଲକ କୃଷି ଅଧିକାରୀ ଜିତେନ୍ଦ୍ର କୁମାର ସିଂ, କଳାହାଣ୍ଡିର ଟିଡିସିସି ଶାଖା ପରିଚାଳକ ଶୈଳେଶ କୁମାର ସାହୁ, ଏଫଓ ବିପିନ ରଥ, ଏଏମଓ ସୌଭାଗ୍ୟ ସାହୁ, ୱାସନ୍‌ର ଅତିରିକ୍ତ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜିକ ସୌମ୍ୟରଞ୍ଜନ ମିଶ୍ର, କେସିଙ୍ଗା ଏଏଓ ନିରୂପମା ଗୌଡ଼ିଆ, ଜଗଦୀଶ ପ୍ରସାଦ ରଣା, ପ୍ରଦୀପ କୁମାର ସାହୁ, ମଧୁସୂଦନ ସାହୁ, ଡୋଲାମଣି ସାହୁ, ବିପ୍ର ସିଂ ମାଝୀ, କୃଷକ ସାଥୀ ଅଜୁ ରଣା ପ୍ରମୁଖ ଯୋଗ ଦେଇ ମାଣ୍ଡିଆମଣ୍ଡି ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସିଆରପି ଭାନୁମତି ପଧାନ, କମଳ ସୁନା, ଜୀବର୍ଦ୍ଧନ ସାହୁ, ପ୍ରବୀଣ ଭୋଇ, ବାଲ୍ମୀକି ଛତ୍ରୀଆ, ପ୍ରଫୁଲ୍ଲ ସାହୁ, ଧୁରାବନ ବାଗ ସହଯୋଗ କରିଥିଲେ ।

● ମର୍ଣ୍ଣିଂ -୧୧ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ଡେଡ଼େଙ୍ଗାକୁ ହରାଇ ନୂଆପଡା ଏକେ -୪୭ ଚାମ୍ପିଅନ

ନୂଆପଡ଼ା,୨୭ ।୧(ସମିସ): ସ୍ଥାନୀୟ ନୂଆପଡ଼ା ଏସ୍‌ପି ନିବାସ ଖେଳ ପଡ଼ିଆରେ ଚାଲିଥିବା ମର୍ଣ୍ଣିଂ-୧୧କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି ।

ଏଥିରେ ନୂଆପଡ଼ା ଡେଡେଙ୍ଗା ଦଳକୁ ହରାଇ ଚାମ୍ପିଅନ ହୋଇଛି । ଉଦ୍‌ଘାଟନୀ ଉତ୍ସବରେ କେଜିଏନ୍ଟି ନିର୍ଦ୍ଦେଶକ ଜୟ ନାରାୟଣ ଘୋଷ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିଲେ । ୧୬ ଟି ଦଳ ଭାଗ ନେଇଥିଲେ । ଫାଇନାଲ ଖେଳ ଡେଡ଼େଙ୍ଗା ଏବଂ ନୂଆପଡା ଏକେ ଫର୍ଟିସେଭେନ ମଧ୍ୟରେ ହୋଇଥିଲା । ଡେଡେଙ୍ଗା ଦଳ ୮୯ ରନ୍ ସଂଗ୍ରହ କରିଥିବାବେଳେ ନୂଆପଡ଼ା ଦଳ ସହଜରେ ବିଜୟ ଲକ୍ଷ ହାସଲ କରିଥିଲା ।

ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶା କ୍ରିକେଟ ଆସୋସିଏସନ ପୂର୍ବତନ ଉପସଭାପତି ସରୋଜ କୁମାର ସାହୁ ମୁଖ୍ୟ ଅତିଥି, ନୂଆପଡା ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଧନୀରାମ ସାହୁ, ରବୀନ୍ଦ୍ର ମଙ୍ଗରାଜ ପ୍ରମୁଖ ଯୋଗ ଦେଇଥିଲେ ।

# କର୍ଲାପାଟ ଅଞ୍ଚଳରେ ଅଜଣା ଜନ୍ତୁ ଆତଙ୍କ

## ଖାଇଲାଣି ଅନେକ ଛେଳି ଓ ମେଣ୍ଢା

ଥୁଆମୂଳ ରାମପୁର,୨୭ ।୧(ସମିସ): ଭେଜିଗୁଡ଼ା ଗାଁରେ ଗତ ୧୫ ଦିନ ମଧ୍ୟରେ ଅଞ୍ଚଳର ବହୁ ଛେଳି ମେଣ୍ଢା ନିକଟସ୍ଥ ଜଙ୍ଗଲ ତଳକୁ ଚରିବାକୁ ଯାଇ ଜଙ୍ଗଲୀ ଜନ୍ତୁର ଶିକାର ହୋଇଛନ୍ତି । ଗ୍ରାମର ସୁମନ୍ତ ନାଏକଙ୍କ ସୂଚନା ମୁତାବକ ତାଙ୍କ ନିଜର ଗୋଟିଏ ଛେଳି ଦୁଇଦିନ ହେବ ଚରିବାକୁ ଯାଇ ଫେରି ନ ଥିଲା । ରବିବାର ନିକଟସ୍ଥ ଜଙ୍ଗଲରେ ଅଜଣା ଜନ୍ତୁର ଶିକାର ହୋଇ ମୁଣ୍ଡ ଓ କଲିଜା ନ ଥିବା ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ । ଏହି ସମୟରେ ଆଉ ଜଣକର ଛେଳିଛୁଆ ମଧ୍ୟ କ୍ଷତାକ୍ତ ଅବସ୍ଥାରେ ପଡ଼ିଥିବା ବେଳେ ତାକୁ ସେଠାରୁ ଉଦ୍ଧାର କରି ନିଜ ଘରେ ତାକୁ ଦେଖାରେଖା କରୁଛନ୍ତି । ହେଲେ ଏଇ ଘଟଣା ସମ୍ପର୍କରେ ସମ୍ପୃକ୍ତ ଅଞ୍ଚଳର ବନବିଭାଗକୁ ଖବର ଦେବାରେ ଅବହେଳା କରିଥିବା ବେଳେ ଗ୍ରାମବାସୀ ସେଇ ମୃତ ଛେଳିର ମାଂସ



କାଟି ରୋଷେଇ କରି ଖାଇଥିବା କହିଛନ୍ତି ସୁମନ୍ତ । ଏନେଇ ସକାଳ ଖବରକାଗଜ ପ୍ରତିନିଧି ପ୍ରଦୀପ କୁମାର ପଣ୍ଡା କର୍ଲାପାଟ ବନବିଭାଗ ସହିତ ଯୋଗାଯୋଗ କରିଥିଲେ । ମଙ୍ଗଳବାର ବନବିଭାଗ କର୍ମଚାରୀ ଗାଁକୁ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହିତ ଆହତ ଛେଳିଛୁଆକୁ ଦେଖିଥିଲେ ଏବଂ ପରବର୍ତ୍ତୀ ସମୟରେ ଯଦି ଏଭଳି କିଛି ଘଟେ ତେବେ ସୂଚନା ଦେବାକୁ କହି ଫେରିଛନ୍ତି । ହେଲେ ଏମିତି ନିଜ ଗାଁ ସମେତ ଅମଠାଗୁଡା ଏବଂ କୁଆଙ୍ଗ ଗାଁର ମଧ୍ୟ ଅନେକ ଛେଳି ସେଇ ଅଜଣା ଜନ୍ତୁର ଶିକାର ହୋଇଥିବା ସୂଚନା ଦେଇଛନ୍ତି । ଭେଜିଗୁଡା ଗାଁର ପଦ୍ମ ନାଏକଙ୍କ ୩ଟି ଛେଳି, ରାଜୀବ ନାଏକଙ୍କ ୨ ଟି, ଘେନୁ ନାଏକଙ୍କ ୨ଟି, ଟାଙ୍ଗରୁ ମାଝୀଙ୍କ ଗୋଟିଏ, ବୁଡୁ ନାଏକଙ୍କ ୨ଟି ଏବଂ ପୁରୁନ୍ଦର ନାଏକଙ୍କ ୨ଟି ଛେଳି ଏବଂ ଅମଠାଗୁଡା ଗାଁର ରଞ୍ଜିତଙ୍କ ସୂଚନା ମୁତାବକ ତାଙ୍କ ଗାଁର ସତ୍ୟ ନାରାୟଣ ମାଝୀଙ୍କ ୨ଟି ତିନି ଦିନ ହେବ ନିଖୋଜ ଥିବା ବେଳେ ହିମାଞ୍ଚଳ ମାଝୀଙ୍କ ଗୋଟିଏ ଏବଂ କୁଆଙ୍ଗ ଗାଁର ଚିକନୁ ମାଝୀ, କାଳିଦେଇ ମାଝୀ ଏବଂ ଅର୍ଜୁନ ମାଝୀଙ୍କ ଗୋଟିଏ ଲେଖାଏଁ ଛେଳି ଅଜଣା ଜନ୍ତୁର ଶିକାର ହୋଇ ପ୍ରାଣ ହରାଇଛନ୍ତି । କର୍ଲାପାଟ ଅଭୟାରଣ୍ୟର ପାଦଦେଶରେ ଥିବା ବିଭିନ୍ନ ଗାଁର ଗ୍ରାମବାସୀ ସଚେତନତା ଅଭାବ ଯୋଗୁଁ ଏଭଳି କ୍ଷୟକ୍ଷତିର ସରକାରୀ ସହାୟତାରୁ ବଞ୍ଚିତ ହେଉଛନ୍ତି ।

# ସମ୍ପର୍କ ପକ୍ଷରୁ ଜିଲ୍ଲାପାଳଙ୍କୁ ସମ୍ବର୍ଦ୍ଧନା

ନୂଆପଡ଼ା,୨୭ ।୧(ସମିସ): ନୂଆପଡ଼ା ବିଧାନସଭା ଉପନିର୍ବାଚନ ସମୟରେ ପରିଚାଳନା ସହ ଲଜିଷ୍ଟିକ ସହାୟତା ପାଇଁ ନୂଆପଡ଼ା ଜିଲ୍ଲା ଜାତୀୟସ୍ତରରେ ଶ୍ରେଷ୍ଠ ଜିଲ୍ଲା ଭାବରେ ସମ୍ମାନିତ ହୋଇଛି । ଏହି ଅବସରରେ ନୂଆପଡ଼ା କଲ୍ୟାଣମଣ୍ଡପରେ ସ୍ୱେଚ୍ଛାସେବୀ ସଂଗଠନ ସମ୍ପର୍କ ତରଫରୁ ଜିଲ୍ଲାପାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଏଥିରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ମଞ୍ଚାସୀନ ଥିଲେ । ସମ୍ପର୍କ ତରଫରୁ ସଭାପତି




ଘନଶ୍ୟାମ ଭୋଇଙ୍କ ନେତୃତ୍ୱରେ ଏକ ଟିମ୍ ଜିଲ୍ଲାପାଳଙ୍କୁ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ଅନୁଷ୍ଠାନ ତରଫରୁ ସହ ସମ୍ପାଦକ ଶରତ ପଣ୍ଡା କହିଥିଲେ ଯେ ନୂଆପଡ଼ା ଭଳି ଜିଲ୍ଲାରେ ସଫଳ ଭାବେ ଉପନିର୍ବାଚନ ପରିଚାଳନା କରିଥିବାବେଳେ ଜିଲ୍ଲାକୁ ଜାତୀୟସ୍ତରରେ ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିଥିବା ଜିଲ୍ଲାପାଳ ମଧୁସୂଦନ ଦାଶ ଜିଲ୍ଲାପାଇଁ ଗର୍ବ ଓ ଗୌରବ ଆଣି ଦେଇଛନ୍ତି । ଜିଲ୍ଲା ଶିକ୍ଷକ ସଂଘ ସଭାପତି ଅମିଲାଲ ଶବର, ରାଜ୍ୟ ସେଘର ବରିଷ୍ଠ କାର୍ଯ୍ୟକର୍ତ୍ତା ସଞ୍ଜୟ ପାଢ଼ୀ, ବିଶ୍ୱଦେବ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

# ଜଙ୍ଗଲ ଅଗ୍ନି ନିର୍ବାପନ ସଚେତନତା କାର୍ଯ୍ୟକ୍ରମ

ଭବାନୀପାଟଣା, ୨୭।୧ (ସମିସ): କଳାହାଣ୍ଡି ଦକ୍ଷିଣ ବନଖଣ୍ଡ ଅନ୍ତର୍ଗତ ଧର୍ମଗଡ ବନାଞ୍ଚଳର ଆମପାଣି ସେକ୍‌ସନ୍ ଦ୍ୱାରା ଭାଲୁଚଞ୍ଚରା ଗ୍ରାମଠାରେ ‘ଜଙ୍ଗଲ ଅଗ୍ନି ନିର୍ବାପନ ସମ୍ବନ୍ଧିୟ ସଚେତନତା କାର୍ଯ୍ୟକ୍ରମ' ଅନୁଷ୍ଠିତ ହୋଇଛି । କାର୍ଯ୍ୟକ୍ରମରେ ନିକଟସ୍ଥ ସାହାଜଖୋଲ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ବିଷୟରେ ଗ୍ରାମବାସୀଙ୍କୁ ଏହାର ଉପକାରୀତା ଓ ଅପକାରୀତା ସମ୍ବନ୍ଧରେ ଆମ ଜଙ୍ଗଲ ଯୋଜନାର ଟିମ୍ ଲିଡର୍ ଦୁର୍ଗା ପ୍ରସାଦ ମିଶ୍ର ବୁଝାଇଥିଲେ ଏବଂ ବନପାଳ ରାଜେନ୍ଦ୍ର କୁମାର ନାଏକ ଜଙ୍ଗଲ ସୁରକ୍ଷା ଉପରେ ବୁଝାଇଥିଲେ । କାର୍ଯ୍ୟକ୍ରମକୁ ଆମ ଜଙ୍ଗଲ ଯୋଜନାର ବିକାଶ କର୍ମୀ ତ୍ରିବିକ୍ରମ ନାଏକ, ରାହୁଲ ସେଠୀ ଏବଂ ଫରେଷ୍ଟର ପ୍ରତିକ ରଞ୍ଜନ ସାଗର, ଫରେଷ୍ଟଗାର୍ଡ ସରୋଜ କୁମାର କାଣ୍ଡାମାକା ପ୍ରମୁଖ ସହଯୋଗ କରିଥିଲେ ।

# ଗୋକଲମାରେ ଭୈରବ ଦେବଙ୍କ ଝାମୁଯାତ୍ରା

ଥୁଆମୂଳ ରାମପୁର,୨୭ ।୧(ସମିସ): କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ଗୁଣପୁର ପଞ୍ଚାୟତର ଗୋକଲମାରେ ମଙ୍ଗଳବାର ଭୈରବ ଦେବଙ୍କ ଝାମୁଯାତ୍ରା ପର୍ବ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ପୂଜକ ତଥା ମନ୍ଦିରର ପ୍ରତିଷ୍ଠାତା ରୋହିତ ନାଏକଙ୍କୁ କାଳିସୀ ଲାଗି ହେଲା ପରେ କଣ୍ଟା ଦୋଳିରେ ଝୁଲିଥିଲେ ଏବଂ ଶେଷରେ ଅଗ୍ନି ପରୀକ୍ଷା ହୋଇଥିଲା । ଏହି ଯାତ୍ରାରେ ଆଖପାଖ ଅଞ୍ଚଳ ସମେତ କାଶୀପୁର ଅଞ୍ଚଳରୁ ବହୁ ମାନସିକ ଧାରୀ ଓ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା ।

# କୋକସରାରେ ୮୫ ଅଭିଯୋଗର ଶୁଣାଣି

କୋକସରା,୨୭ ।୧(ସମିସ)




କଳାହାଣ୍ଡି ଜିଲ୍ଲାପାଳଙ୍କ ବ୍ଲକ୍‌ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର ମଙ୍ଗଳବାର କୋକସରା ବ୍ଲକ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଛି । ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ଅନୁପସ୍ଥିତିରେ ଶିବିର ଅନୁଷ୍ଠିତ ହୋଇଥିବାରୁ ଜନ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଅତିରିକ୍ତ ଜିଲ୍ଲାପାଳ ତନ୍ମୟ ଦରୱାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅଭିଯୋଗ ଶୁଣାଣି ଶିବିରରେ ପ୍ରକଳ୍ପ ନିର୍ଦ୍ଦେଶକ ଦୟାମୟ ପାଢ଼ୀ, ଧର୍ମଗଡ଼ ଉପଜିଲ୍ଲାପାଳ ପ୍ରେକ୍ଷା ଅଗ୍ରୱାଲ, ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଡୋଳାମଣି ଭୋଇ, ଡିପିଓ ଦୁର୍ଯ୍ୟୋଧନ ଭୋଇ, ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ, ବିଡ଼ିଓ ହିମାଞ୍ଚଳ ମାଝୀ, ତହସିଲଦାର ଚୌଡ଼ଗଙ୍ଗ ପ୍ରଧାନ, ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, କୋକସରା ଥାନା ଅଧିକାରୀ ସୁଜ୍ଞାନ କୁମାର ବାରିକ ସମେତ ଶିକ୍ଷା, ସ୍ୱାସ୍ଥ୍ୟ, ଗ୍ରାମ୍ୟଉନ୍ନୟନ, ପୂର୍ତ୍ତ ବିଭାଗ, କୃଷି ବିଭାଗ, ଉଦ୍ୟାନ କୃଷି, ବିଦ୍ୟୁତ୍, ଉଠା ଜଳସେଚନ, ଅବକାରୀ ବିଭାଗ ସମେତ ବିଭିନ୍ନ ବିଭାଗର ଅଧିକାରୀ ମାନେ ଯୋଗଦେଇ ଥିଲେ । ଶିବରେ ମୋଟ ୮୫ଟି ଅଭିଯୋଗ ଆସିଥିବା ବେଳେ ବ୍ୟକ୍ତିଗତ ୫୯ ଓ ସାମୂହିକ ୨୬ ଗୋଟି ଅଭିଯୋଗ ଆସିଥିଲା । ସେଥି ମଧ୍ୟରୁ କାଳାହାଣ୍ଡି-ନବରଙ୍ଗପୁର ରେଲ ପ୍ରକଳ୍ପ ଅର୍ଥ ଅନୁମୋଦନ ହୋଇଥିଲେ ସୁଦ୍ଧା କଳାହାଣ୍ଡିରେ କୌଣସି ପ୍ରକ୍ରିୟା ଆରମ୍ଭ ହୋଇ ନଥିବା, ସାହାଜଖୋଲ ଜଙ୍ଗଲ ସୁରକ୍ଷା ସହ ଦିର୍ଘ ବର୍ଷରୁ ରହିଥିବା ରେଞ୍ଜର ଓ ଫରେଷ୍ଟ କୁ ବଦଳି ଦାବି, ରେଙ୍ଗାଲପାଲି (ନାହାଲପଡ଼ା) ପ୍ରାଥମିକ ବିଦ୍ୟାଳୟକୁ ନିଜ ଗ୍ରାମକୁ ସ୍ଥାନାନ୍ତର କରିବା, କୋକସରା ମାଝୀଗୁଡା ଛକରୁ ପର୍ଯ୍ୟଟନସ୍ଥଳୀ ଡୋକରୀ ଚଞ୍ଚରାକୁ ସଂଯୋଗ କରୁଥିବା ପିଡବ୍ଲୁଡି ରାସ୍ତା ମଞ୍ଜୁର କାର୍ଯ୍ୟ ଚାଲିଥିବା ଏବଂ ବିଭିନ୍ନ ରାସ୍ତା ଘାଟ ଆଦି ସମସ୍ୟାଗୁଡ଼ିକ ଶିବିରକୁ ଆସିଥିଲା ।

# ବୋଡେନରେ ୬୩ ଅଭିଯୋଗର ଶୁଣାଣି

ନୂଆପଡ଼ା,୨୭ ।୧(ସମିସ): ନୂଆପଡ଼ା ଜିଲ୍ଲା ବୋଡେନ ବ୍ଲକ୍‌ରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଜିଲ୍ଲାପାଳଙ୍କ ସହ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ସୁର୍ମି ସୋରେନ, ଜିଲ୍ଲା ମୁଖ୍ୟ ଚିକତ୍ସାଧିକାରୀ ଡା. ଧନେଶ୍ୱର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ । ଶିବିରରେ ମୋଟ ୬୩ଟି ଅଭିଯୋଗର ଶୁଣାଣି ଜିଲ୍ଲାପାଳ କରିଥିଲେ ।




ସେହିପରି ଫରସରା ପଞ୍ଚାୟତର ପଟୁପଡ଼ା ଗ୍ରାମର ଅସହାୟା ଦୁତିକା ଜଗତ ଓ କେରାପଦର ଗ୍ରାମର ଶିବ ହରିଜନଙ୍କୁ ଜୀବିକା ସହାୟତା ପାଇଁ ରେଡକ୍ରସ ପାଣ୍ଠିରୁ ୫,୦୦୦ ଟଙ୍କା ଲେଖାଏଁ ର ଚେକ୍ ପ୍ରଦାନ କରିଥିଲେ । ବିଡିଓ ସୁଶାନ୍ତ କୁମାର ରଣା , ତହସିଲଦାର ସରିତା ଗୁପ୍ତା ,ଡେପୁଟି କଲେକ୍ଟର ଶେଖ ନସିମ, ଚିନ୍ମୟ ସାଗର ଶିବିର ପରିଚାଳନାରେ ସହଯୋଗ କରିଥିଲେ । ସେହିପରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗୋଟିଏ ରକ୍ତଦାନ ଶିବିର ଆୟୋଜନ କରାଯାଇ ଥିଲା । ରକ୍ତଦାନ କରିଥିବା ବିଦ୍ୟୁତ ବିଭାଗ କର୍ମଚାରୀମାନଙ୍କୁ ଜିଲ୍ଲାପାଳ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ଟେମରୀ ଗ୍ରାମରେ ପ୍ରବାସୀ ଶ୍ରମିକ ସଚେତନତା ଶିବିର, ଝିଅ ପାଇଁ ଗଛ ଟିଏ, ଗର୍ଭସ୍ଥ ଶିଶୁ ପାଇଁ ଦିନ ଟିଏ, ପ୍ରାଣୀ ପାଇଁ ଦିନ ଟିଏ ଓ ପ୍ଲାଷ୍ଟିକ ମୁକ୍ତ ଅଭିଯାନ ଉପରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ଆଜିର ରାଶିଫଳ

**ମେଷ:** ବ୍ୟବସାୟରୁ ସଫଳତା ମିଳିବ। ସନ୍ତାନଙ୍କ ପ୍ରଗତିରେ ଅଭିଭାବକ ଖୁସି ହେବେ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିପାରନ୍ତି।

**ବୃଷ:** ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ବହୁତ ଭଲ। ବିଦ୍ୟାର୍ଥୀମାନେ କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ।

**ମିଥୁନ:** କୌଣସି କ୍ଷେତ୍ରରୁ ଆଘାତ ପାଇ ପାରନ୍ତି। ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ। ବିଦ୍ୟାର୍ଥୀମାନେ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ।

**ସିଂହ:** ଶତ୍ରୁଙ୍କୁ ଦୁର୍ବଳ ମନେ କରନ୍ତୁନି। ଅଟକି ଥିବା କାର୍ଯ୍ୟ ସମାପନ ହେବ। ବିଦ୍ୟାର୍ଥୀମାନେ ଖେଳମନସ୍କ ହେବେ। ବ୍ୟବସାୟ ଦୃଷ୍ଟିରୁ ଦିନଟି ବହୁତ ଭଲ। ମହିଳାମାନେ ଘରକାର୍ଯ୍ୟରେ ବ୍ୟସ୍ତ ରହିବେ।

**କର୍କଟ:** ଜୀବନସାଥୀଙ୍କ ସାନ୍ନିଧ ମିଳିବ। ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ପରିବାରବର୍ଗଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ପ୍ରଭୁ ମହାଦେବଙ୍କ ଆରାଧନା କରନ୍ତୁ।

**କନ୍ୟା:** ପ୍ରେମ ବ୍ୟାପାରରେ ସମସ୍ୟା ଦେଖାଦେବ। ଗୁରୁଜନଙ୍କ ପରାମର୍ଶ ନେଇ ନୂତନ କାର୍ଯ୍ୟରେ ଯୋଗ ଦିଅନ୍ତୁ। ପିଲାମାନେ ଖେଳକୁଦରେ ସମୟ ବିତାଇବେ।

**ତୁଳା:** ଭୂମି, ଯାନବାହନ କିଣିବାର ଅଧିକ ସମ୍ଭାବନା ରହିଛି। ଅଭିଭାବକମାନେ ସନ୍ତାନଙ୍କ କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପ୍ରତିକୂଳ ପରିସ୍ଥିତିରେ ଧୈର୍ଯ୍ୟହରା ହୁଅନ୍ତୁନି।

**ବିଛା:** ସ୍ୱାସ୍ଥ୍ୟ ଭଲ ରହିବ। ସନ୍ତାନଙ୍କ ଖୁସିରେ ଖୁସି ହେବେ। ଅଚାନକ ଖୁସି ଖବର ମିଳିପାରେ। ବିଦ୍ୟାର୍ଥୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ। ମହିଳାମାନଙ୍କୁ ମୁଖ୍ୟ ଦାୟିତ୍ୱ ମିଳିବ।

**ଧନୁ:** ସୃଜନଶୀଳତା ବୃଦ୍ଧି ପାଇବ। ପ୍ରେମ ବ୍ୟାପାରରେ ସଫଳ ହେବେ। କର୍ମକ୍ଷେତ୍ରରେ ବଡ଼ ଦାୟିତ୍ୱ ମିଳିପାରେ। ସନ୍ତାନଙ୍କ କ୍ୟାରିୟରକୁ ନେଇ ଅଭିଭାବକ ଚିନ୍ତାରେ ରହିବେ।

**ମକର:** ସରକାରୀ ଚାକିରିଆଙ୍କ ପାଇଁ ଆଜି ଦିନଟି ବହୁତ ଭଲ। ବନ୍ଧୁଙ୍କ ସହିତ ମନୋରଞ୍ଜନ କରିବେ। ପିଲାମାନେ ପଢ଼ାପ୍ରତି ଅଧିକ ଧ୍ୟାନ ଦେବେ। ଦିନଟି ବେଶ୍ ହସଖୁସିରେ ବିତିବ।

**କୁମ୍ଭ:** ଅଚାନକ ମନ ଭିତରେ ପରିବର୍ତ୍ତନ ଆସିବ। ଆର୍ଥିକ ସମସ୍ୟା ରହିବନି। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଆୟ ଅନୁସାରେ ଅଧିକ ବ୍ୟୟ ହେବ। ଭଗବାନଙ୍କ ପୂଜାର୍ଚ୍ଚନା କରନ୍ତୁ।

**ମୀନ:** ଜମି କିଣାବିକା ଯୋଗ ରହିଛି। ଅଧିକ ଲାଭ ପାଇବା ଆଶାରେ ଭୁଲ୍ କରନ୍ତୁନି। ପାରିବାରିକ ସମସ୍ୟା ସମାଧାନ ହେବ। ମହିଳାମାନେ ଘର କାମରେ ବ୍ୟସ୍ତ ରହିବେ।

## ଆଜିର ଇତିହାସ

- ୧୮୬୫- ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଲାଲା ଲଜପତ ରାୟଙ୍କ ଜନ୍ମ।
- ୧୯୩୨- ସଂଘାଇ ଉପରେ ଜାପାନୀ ସେନାର ଆକ୍ରମଣ।
- ୧୯୪୮-ଆକାଶବାଣୀ କଟକ କେନ୍ଦ୍ରର ସ୍ଥାପନା।
- ୧୯୬୫- ବ୍ରିଟିଶ୍ ଟେଲିଭିଜନରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ପ୍ରଥମ କାର୍ଯ୍ୟକ୍ରମ।



## ମହିଳାଙ୍କ ଅଜବ ସଉକ
# ନାକରେ ଖାଦ୍ୟଗ୍ରହଣ

ଅନେକେ ସେମାନଙ୍କ ନିଆରା ଖାଦ୍ୟରୁଚି ପାଇଁ ଚର୍ଚ୍ଚାରେ ଥାଆନ୍ତି। ଏହି କ୍ରମରେ ଆମେରିକାର ଭର୍ଜିନିଆ ବାସିନ୍ଦା କ୍ୟାଥରିନ୍ ପାଟି ବଦଳରେ ନାକରେ ଖାଦ୍ୟ ଗ୍ରହଣ କରନ୍ତି। ସେ ପାଟିରେ ଖାଦ୍ୟକୁ ଚୋବାଇ ଖାଇବା ପରିବର୍ତ୍ତେ, ତାକୁ ବ୍ଲେଣ୍ଡ କରି ନାକ ସାହାଯ୍ୟରେ ଶରୀରକୁ ନେଇଥାନ୍ତି। ଆମେରିକୀୟ ଟିଭି ଚ୍ୟାନେଲ୍ 'ମାଇ ଷ୍ଟ୍ରେଞ୍ଜ୍ ଆଡିକ୍ସନ'ରେ କ୍ୟାଥରିନ୍‌ଙ୍କ ଏଭଳି ଅଭ୍ୟାସ କଥା ସାମ୍ନାକୁ ଆସିଛି। ଏହି ଶୋ'ରେ କ୍ୟାଥରିନ୍ କହିଥିଲେ, "ପ୍ରଥମେ ତାଙ୍କ ଖାଦ୍ୟ ଖାଇବା ପ୍ରକ୍ରିୟା ସାଧାରଣ ଥିଲା। କମ୍ୟୁନିଟି କଲେଜରେ ପଢ଼ିବା ପରେ ତାଙ୍କର ଏହି ଅଭ୍ୟାସ ହୋଇଯାଇଥିଲା। ଥରେ ସେ ସାଙ୍ଗମାନଙ୍କ ସହ ଚ୍ୟାଲେଞ୍ଜ କରି ଫଳରସକୁ ନାକରେ ନେବାକୁ ଚେଷ୍ଟା କରିଥିଲେ। ଏଥିରେ ତାଙ୍କର ମୁଣ୍ଡ ହାଲୁକା ବୁଲାଇବା ସହ ଏକ ନିଆରା ଅନୁଭୂତି ମିଳିଥିଲା। ଏହା ପରଠୁ ସେ ଏହି ପ୍ରକ୍ରିୟାକୁ ସବୁଦିନ ପାଇଁ ଆପଣାଇବାକୁ ଇଚ୍ଛା କରିଥିଲେ। ସେ ବିଗତ ପାଞ୍ଚବର୍ଷ ହେଲାଣି ନାକ ମାଧ୍ୟମରେ ଖାଦ୍ୟ ଖାଇ ଆସୁଛନ୍ତି। ଆମଲେଟ୍, ପାଳଙ୍ଗ, ଛତୁ ଆଦିକୁ ବାଟି ଦେଇ ତରଳ ମିଶ୍ରଣ ଭାବେ ନାକ ବାଟେ ସେବନ କରନ୍ତି। ଏପରିକି କଫି ମଧ୍ୟ ସେ ନାକବାଟେ ସେବନ କରନ୍ତି।" କ୍ୟାଥରିନ୍‌ଙ୍କ କହିବାନୁସାରେ, ତାଙ୍କୁ ସାଧାରଣ ଖାଦ୍ୟ ଖାଇବା ପ୍ରକ୍ରିୟା ଅସହଜ ମନେ ହୋଇଥାଏ। ନାକରେ ଖାଦ୍ୟ ଗ୍ରହଣ କରିବା ତାଙ୍କୁ ବେଶ୍ ସହଜ ମନେ ହୋଇଥାଏ। ଏପରି ଅଭ୍ୟାସ ଦ୍ୱାରା ତାଙ୍କର ଗଳାରେ ଖାଦ୍ୟ ଅଟକିବା ସମସ୍ୟା ମଧ୍ୟ ନ ଥାଏ। ଅବଶ୍ୟ ତାଙ୍କର ଏହି ଅଭ୍ୟାସ ଯୋଗୁ ପରିବାର ଲୋକ ସାଙ୍ଗସାଥୀ ଅସହଜ ଅନୁଭବ କରିଥାନ୍ତି। ସେହିପରି ତାଙ୍କର ଏହି ଅଭ୍ୟାସ ତାଙ୍କ ବ୍ୟକ୍ତିଗତ ସମ୍ପର୍କ ଉପରେ ମଧ୍ୟ ପ୍ରଭାବ ପକାଉଛି ବୋଲି କ୍ୟାଥରିନ୍ କୁହନ୍ତି। ତାଙ୍କ ସାଥୀ ଜଷ୍ଟିନ୍ କ୍ୟାଥରିନଙ୍କୁ ଏପରି ଖାଦ୍ୟ ଖାଉଥିବାର ଦେଖି ବେଶ୍ ଅସହଜ ମନେ କରନ୍ତି। ଡାକ୍ତର ମଧ୍ୟ କ୍ୟାଥରିନ୍‌ଙ୍କୁ ନାକରେ ଖାଦ୍ୟ ନେବା ଦ୍ୱାରା ହେଉଥିବା ସମସ୍ୟା ବାବଦରେ ମଧ୍ୟ ଅବଗତ କରାଇଛନ୍ତି। ଡାକ୍ତରଙ୍କ କହିବାନୁଯାୟୀ, ତରଳ କିମ୍ବା ଗ୍ରାଇଣ୍ଡିଂ ହୋଇଥିବା ଖାଦ୍ୟ ମଧ୍ୟ ଶ୍ୱାସନଳୀରେ ଅଟକି ଯାଇ ଏଥିରେ ମୃତ୍ୟୁ ହେବା ଆଶଙ୍କା ଥାଏ। ରାଗ ଜିନିଷ ନାକ ଏବଂ ଗଳାର ପତଳା ଝିଲ୍ଲୀର ପୋଡ଼ାଜଳା ଏବଂ ରକ୍ତସ୍ରାବର କାରଣ ଥାଏ। ସେହିପରି ତରଳ ଖାଦ୍ୟ ଫୁସ୍‌ଫୁସ୍‌ରେ ପହଞ୍ଚି ସଂକ୍ରମଣ କରିବା ସହ ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ଉପୁଯାଇବା ଆଶଙ୍କା ଥାଏ।

# ରାଣୀ ପୁଣି ଆକ୍ସନ ମୋଡ୍‌ରେ





ବଲିଉଡ୍ ଅଭିନେତ୍ରୀ ରାନୀ ମୁଖାର୍ଜୀ ଏବେ ତାଙ୍କ ଆଗାମୀ ଫିଲ୍ମ 'ମର୍ଦ୍ଦାନୀ ୩'କୁ ନେଇ ଚର୍ଚ୍ଚାରେ ଅଛନ୍ତି। ନିକଟରେ ଏହାର ଟ୍ରେଲର୍ ରିଲିଜ୍ ହୋଇଛି। ଏହାକୁ ଦର୍ଶକେ ଖୁବ୍ ପସନ୍ଦ କରିଛନ୍ତି। ଏହାର ଟ୍ରେଲର୍‌କୁ ଅନେକ ସେଲିବ୍ରିଟି ମଧ୍ୟ ପ୍ରଶଂସା କରିଛନ୍ତି। ଅଭିନେତ୍ରୀ ଅନୁଷ୍କା ଶର୍ମା ଫିଲ୍ମର ଟ୍ରେଲର୍‌କୁ ସାମାଜିକ ଗଣମାଧ୍ୟମରେ ସେୟାର୍ କରି ଲେଖିଛନ୍ତି- "ରାନୀ ଶୁଭେଚ୍ଛା ଆପଣଙ୍କୁ। ଆପଣଙ୍କ କାମକୁ ମୁଁ ସବୁବେଳେ ପ୍ରଶଂସା କରିଛି। ଆପଣ ଆଗକୁ ଯାହା କରିଛନ୍ତି ତାକୁ ଦେଖିବାକୁ ମୁଁ ଉତ୍ସାହିତ ଅଛି।" 'ମର୍ଦ୍ଦାନୀ ୩' ଜରିଆରେ ରାନୀ ପୁଣିଥରେ ପୁଲିସ୍ ଅଫିସର ଶିବାନୀ ଶିବାଜୀ ରୟ ଭୂମିକାରେ ନଜର ଆସିବେ। ଏହି ଫିଲ୍ମରେ ଚାଇଲ୍ଡ ଟ୍ରାଫିକିଂ ଗ୍ୟାଙ୍ଗ ବିରୋଧୀ ମିଶନରେ ଶିବାନୀଙ୍କୁ ଦର୍ଶକେ ଦେଖିବାକୁ ପାଇବେ। 'ମର୍ଦ୍ଦାନୀ' ସିରିଜ୍‌ର ପୂର୍ବ ଦୁଇଟି ଫିଲ୍ମକୁ ଦର୍ଶକେ ଖୁବ୍ ପସନ୍ଦ କରିଥିଲେ। 'ମର୍ଦ୍ଦାନୀ ୨' ରିଲିଜ୍ ହେବାର ସାତ ବର୍ଷ ପରେ ଏହାର ତୃତୀୟ ଫିଲ୍ମ ରିଲିଜ୍ ହେବ। ଏହାର ପ୍ରଯୋଜନା ଦାୟିତ୍ୱରେ ଆଦିତ୍ୟ ଚୋପ୍ରାଙ୍କ ଯଶରାଜ ବ୍ୟାନର୍ ରହିଛି। ଅଭିରାଜ ମୀନାୱାଲା ଏହାର ନିର୍ଦ୍ଦେଶନା ଦେଇଛନ୍ତି। ଆସନ୍ତା ୩୦ ତାରିଖରେ ଏହା ପରଦାକୁ ଆସିବ। ଏହାର ବଜେଟ୍ ରହିଛି ୭୫ କୋଟି।

# ୨୫ ଲକ୍ଷର ବିବାହ କାର୍ଡ

ଆଜିକାଲିର ଯୁବକଯୁବତୀମାନେ ନିଜ ବିବାହକୁ ସ୍ୱତନ୍ତ୍ର ଏବଂ ସ୍ମରଣୀୟ କରିବା ପାଇଁ ବେଶ୍ ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରୁଛନ୍ତି। ଏହି କ୍ରମରେ ରାଜସ୍ଥାନ ଜୟପୁରର ବ୍ୟବସାୟୀ ଶିବ ଜୋହରି ତାଙ୍କ ଝିଅର ବାହାଘର ପାଇଁ ଏକ ଦାମୀ ନିମନ୍ତ୍ରଣ କାର୍ଡ ଛାପି ଚର୍ଚ୍ଚାରେ ଅଛନ୍ତି। ଝିଅକୁ ପାରମ୍ପରିକ ଭାବେ ବିଦା ଦେବା ବଦଳରେ ଏହାକୁ ସେ ବିଶ୍ୱାସ, ପରମ୍ପରା ଏବଂ ଭାବନାର ଉତ୍ସବରେ ପରିଣତ କରିବାକୁ ନିଷ୍ପତ୍ତି ନେଇ ଶୁଦ୍ଧ ରୂପାର ଏକ ବକ୍ସ ଆକାରର ବିବାହ ନିମନ୍ତ୍ରଣ କାର୍ଡ ତିଆରି କରିଛନ୍ତି। ଏହି କାର୍ଡର ଓଜନ ପାଖାପାଖି ତିନି କେଜି ହୋଇଥିବାବେଳେ ଏହାର ମୂଲ୍ୟ ୨୫ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ। ସମ୍ପୂର୍ଣ୍ଣ ରୂପାରେ ନିର୍ମିତ ଏହି ବିବାହ ନିମନ୍ତ୍ରଣ କାର୍ଡର ଆକାର ୮x୬.୫ ଇଞ୍ଚ ଏବଂ ୩ ଇଞ୍ଚ ଗଭୀର। କାର୍ଡରେ ୬୫ ଦେବଦେବୀଙ୍କ ଚିତ୍ର ଅଙ୍କା ଯାଇଛି। କାର୍ଡର ସବୁଠୁ



ଉପରେ ଶ୍ରୀଗଣେଶ, ଗୋଟିଏ ପାର୍ଶ୍ୱରେ ଦେବୀ ପାର୍ବତୀ ଏବଂ ଅନ୍ୟପାର୍ଶ୍ୱରେ ଭଗବାନ ଶିବ ବିରାଜିତ। ତାଙ୍କ ତଳକୁ ଦେବୀ ଲକ୍ଷ୍ମୀ ଏବଂ ବିଷ୍ଣୁ, ତିରୁପତି ବାଲାଜିଙ୍କ ଦୁଇଟି ରୂପ ଏବଂ ତାଙ୍କ ଦ୍ୱାରପାଳ ରହିଛନ୍ତି। ଦୀପ ସାଙ୍ଗକୁ ଶଙ୍ଖ ଢୋଲ ବଜାଉଥିବା ଅନ୍ୟ ଦେବଦେବୀଙ୍କ ଚିତ୍ର ମଧ୍ୟ ଅଙ୍କିତ ହୋଇଛି। କାର୍ଡ ମଝିରେ ବରକନିଆ ଶ୍ରୁତି ଜୋହରି ଏବଂ ହର୍ଷ ସୋନିଙ୍କ ନାଁ କାବ୍ୟିକ ଶୈଳୀରେ ଲେଖାଯାଇଛି। ଏହି କାର୍ଡର ସ୍ୱତନ୍ତ୍ରତା ହେଉଛି, ଭଗବାନ କୃଷ୍ଣଙ୍କ ଜନ୍ମଠୁ ନେଇ ବାଲ୍ୟଜୀବନ ବେଶ୍ ନିଆରା ଶୈଳୀରେ ଚିତ୍ରିତ କରାଯାଇଛି। କାର୍ଡଧାରରେ ଭଗବାନ ବିଷ୍ଣୁଙ୍କ ଦଶ ଅବତାରକୁ ଦର୍ଶାଯାଇଛି। ରୂପାର ୧୨୮ ଖଣ୍ଡକୁ ଯୋଡ଼ି ଏହି କାର୍ଡ ତିଆରି କରାଯାଇଛି। ଏହାକୁ ପ୍ରସ୍ତୁତ କରିବାକୁ ତାଙ୍କୁ ପାଖାପାଖି ଏକ ବର୍ଷ ଲାଗିଯାଇଥିଲା। ଏହି କାର୍ଡଟିକୁ ସେ ଝିଅର ଭାବି ଶାଶୂଙ୍କୁ ଦେଇଛନ୍ତି। ତେବେ ସାମାଜିକ ଗଣମାଧ୍ୟମରେ ଏହି ବିବାହ ନିମନ୍ତ୍ରଣ କାର୍ଡକୁ ନେଇ ବେଶ୍ ଚର୍ଚ୍ଚା ଲାଗି ରହିଛି।

# ଦକ୍ଷତା ବୃଦ୍ଧି ପାଇଁ ସଂକ୍ଷିପ୍ତ ପାଠ୍ୟକ୍ରମ

**ଆଜିକାଲି ଯୁବକଯୁବତୀମାନେ ସେମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ବିଭିନ୍ନ ପ୍ରକାର କୋର୍ସ କରୁଥିବାର ଦେଖିବାକୁ ମିଳୁଛି। ତେବେ ସେମାନେ ସ୍ୱଳ୍ପ ସମୟ ମଧ୍ୟରେ କିଛି ସଂକ୍ଷିପ୍ତ କୋର୍ସ କରି ନିଜର ଦକ୍ଷତା ବୃଦ୍ଧି କରିପାରିବେ।**

**ଲାଙ୍ଗୁଏଜ୍ କୋର୍ସ:** କୌଣସି ନୂଆ ଭାଷା ଶିଖିବା ଦ୍ୱାରା ଦକ୍ଷତା ବୃଦ୍ଧି ପାଏ। ଇଂରାଜୀରେ ଦୁର୍ବଳ ଥିଲେ ସ୍ପୋକନ ଇଂଲିଶ୍ କୋର୍ସ କରିପାରିବେ। ଏହାବାଦ୍ ଅନ୍ୟ ଭାଷାର କୋର୍ସ ମଧ୍ୟ କରିପାରିବେ।

**ଭଏସ୍ ମଡ୍ୟୁଲେସନ୍:** ଆର୍‌ଜେ କିମ୍ବା ଡବିଂରେ କ୍ୟାରିୟର କରିବାକୁ ଚାହୁଁଥିଲେ, ଏ ପ୍ରକାର କୋର୍ସ କରିବା ଭଲ। ଏହି କୋର୍ସ କରିବା ଦ୍ୱାରା ରେଡିଓ, ଫିଲ୍ମ, ଷ୍ଟୁଡିଓ ଆଦିରେ କାମ କରିବାର ସୁଯୋଗ ମିଳେ।

**ଫେଶନ ଡିଜାଇନିଂ:** ଯଦିଓ ଏ ଲାଗି ଡିପ୍ଲୋମା କୋର୍ସ କରିବାର ଆବଶ୍ୟକତା ଅଛି, ଜଣେ ଚାହିଁଲେ ଏଥିରେ ତିନିମାସର ଏକ ଛୋଟ କୋର୍ସ ମଧ୍ୟ କରିପାରିବେ।

**ଗ୍ରାଫିକ୍ ଡିଜାଇନିଂ:** ଏବେ ଗ୍ରାଫିକ୍ ଡିଜାଇନର୍‌ଙ୍କ ଚାହିଦା ଅଧିକ। ଏଣୁ ଗ୍ରାଫିକ୍ ଡିଜାଇନିଂ କୋର୍ସ କରି ଉତ୍ତମ କ୍ୟାରିୟର ଗଢ଼ିପାରିବେ।

**ସ୍କ୍ରିପ୍ଟ ରାଇଟିଂ:** ଲେଖାଲେଖିରେ ରୁଚି ଥିଲେ, ସ୍କ୍ରିପ୍ଟ ରାଇଟିଂର କୋର୍ସ କରିପାରିବେ। ଏହାଦ୍ୱାରା ସୃଜନଶୀଳତା ବୃଦ୍ଧି ପାଏ।

**ଫଟୋଗ୍ରାଫି:** ସେହିପରି ଫଟୋ ତଥା ଭିଡିଓ ଗ୍ରାଫିରେ ସଉକ ଥିଲେ, ଏହି କୋର୍ସରେ ନିଜକୁ ସାମିଲ କରନ୍ତୁ।



## ସମ୍ଭାବନା



# କୋଚିଂ କ୍ଲାସ୍ ପ୍ରତି ବଢ଼ୁଛି ଆଗ୍ରହ

**ବର୍ତ୍ତମାନ କୋଚିଂ କ୍ଲାସ୍‌ରେ ପଢ଼ିବାକୁ ପିଲାମାନେ ବେଶି ଆଗ୍ରହ ପ୍ରକାଶ କରୁଛନ୍ତି। କୋଚିଂ କ୍ଲାସ୍ କେତେ ଗୁରୁତ୍ୱପୂର୍ଣ୍ଣ ଓ ଏହା ପ୍ରତି କାହିଁକି ଆଗ୍ରହ ବଢ଼ୁଛି, ନିମ୍ନ ପ୍ରଦତ୍ତ ଟିପ୍ସରୁ ଜାଣନ୍ତୁ।**



- କୋଚିଂ କ୍ଲାସ୍‌ରେ ପିଲାଙ୍କୁ ପଢ଼ାଇବା ପାଇଁ ଶିକ୍ଷକଶିକ୍ଷୟିତ୍ରୀମାନେ ନୂଆ ତଥା ମଜାଦାର ତରିକା ଖୋଜନ୍ତି। ଯେଉଁଥିପାଇଁ ଛାତ୍ରଛାତ୍ରୀ କୋଚିଂ କ୍ଲାସ୍ ଯିବାକୁ ଆଗ୍ରହ ପ୍ରକାଶ କରନ୍ତି।
- ପରୀକ୍ଷା ପୂର୍ବରୁ ଅନେକ ରିଭିଜନ କ୍ଲାସ୍ କରାଯାଏ। ଯଦ୍ୱାରା ପିଲାଙ୍କୁ ପରୀକ୍ଷାରେ ଭଲ ମାର୍କ ରଖିବାରେ ସାହାଯ୍ୟ କରେ।
- କୋଚିଂ କ୍ଲାସ୍‌ରୁ ଅତିରିକ୍ତ ନୋଟ୍ ମିଳିଥାଏ।
- ସ୍କୁଲ ତୁଳନାରେ କୋଚିଂ କ୍ଲାସରେ ପିଲାଙ୍କ ଉପରେ ଅଧିକ ଧ୍ୟାନ ଦିଆଯାଏ।
- ଏଠାରେ ଏକାଧିକ ପିଲା ପଢ଼ୁଥିବାରୁ ଅନ୍ୟମାନଙ୍କ ତୁଳନାରେ ପିଲାଟି କେଉଁ ବିଷୟରେ ଦୁର୍ବଳ ଅଛି ତାହା ଜାଣିପାରି ସେଥିରେ ସୁଧାର ଆଣେ।

# ହ୍ୱାଟ୍ସଆପ୍‌ର ନୂଆ ଫିଚର୍

ହ୍ୱାଟ୍ସଆପ୍ ଗ୍ରୁପ୍ ଚାଟ୍‌କୁ ଅଧିକ ଉପଯୋଗୀ କରିବା ଲାଗି ଏକ ନୂଆ ଫିଚର୍ ଉପରେ ପରୀକ୍ଷା କରୁଛି। ଏହାର ନାଁ 'ରିସେଣ୍ଟ ହିଷ୍ଟ୍ରି ସେୟାରିଂ'। ଏହାଦ୍ୱାରା ଗ୍ରୁପ୍‌ରେ ଥିବା ସଦସ୍ୟ ନୂଆ ସଦସ୍ୟଙ୍କ ସହିତ ପୁରୁଣା ଚାଟ୍‌ର ଅଂଶକୁ ସେୟାର୍ କରିପାରିବେ। ଏହା ମାଧ୍ୟମରେ ୧୪ ଦିନ ମଧ୍ୟରେ ପଠାଯାଇଥିବା ୧୦୦ଟି ମେସେଜକୁ ବ୍ୟବହାରକାରୀ ସେୟାର୍ କରିପାରିବେ। ଏହି ମେସେଜ ଅଲଗା ରଙ୍ଗରେ ପ୍ରତିଫଳିତ ହେବ। ଫଳରେ ନୂଆ ଓ ପୁରୁଣା ମେସେଜ ସହଜରେ ଜଣାପଡ଼ିବ। ସେହିପରି ଏହି ଫିଚର ନୂଆ ସଦସ୍ୟଙ୍କୁ ଗ୍ରୁପ୍‌ର ଉଦ୍ଦେଶ୍ୟ ଏବଂ ପୁରୁଣା କଥାର ସନ୍ଦର୍ଭକୁ ବୁଝାଇବାରେ ସାହାଯ୍ୟ କରିବ। ଅନ୍ୟପଟେ ଉକ୍ତ ଫିଚର୍ ସମ୍ପୂର୍ଣ୍ଣ ଭାବେ ଅଟୋମେଟିକ୍ ହେବ ନାହିଁ, ବରଂ ବ୍ୟବହାରକାରୀଙ୍କ ନିୟନ୍ତ୍ରଣରେ ରହିବ। ସେହିପରି ବର୍ତ୍ତମାନ ଏହି ଫିଚର୍ ଆଇଫୋନ ବ୍ୟବହାରକାରୀଙ୍କ ଲାଗି ଟେଷ୍ଟଫ୍ଲାଇଟ୍ ବିଟା କାର୍ଯ୍ୟକ୍ରମ ମାଧ୍ୟମରେ ଉପଲବ୍ଧ। ଅବଶ୍ୟ ଏହା ଏବେ ପରୀକ୍ଷଣ ପର୍ଯ୍ୟାୟରେ ଅଛି। ତେଣୁ ସାଧାରଣ ବ୍ୟବହାରକାରୀଙ୍କ ଲାଗି ଏହାକୁ କେବେ ଜାରି କରାଯିବ, ସେ ସମ୍ପର୍କରେ କିଛି କୁହାଯାଇ ନାହିଁ।




# ସଫଳ ହେବା ପାଇଁ ସଫଳତାର ଯାତ୍ରା



ସମସ୍ତେ ଜୀବନରେ ସଫଳତାର ସହ ନିରନ୍ତର ଭାବେ ଆଗକୁ ବଢ଼ିବାକୁ ଚାହାନ୍ତି। ତେବେ ଏହି ଯାତ୍ରା ସେତେଟା ସହଜ ନୁହେଁ। ସଫଳତା ଓ ବିଫଳତା ଜୀବନର ଗୁରୁତ୍ୱପୂର୍ଣ୍ଣ ଅଂଶ। ସଫଳତା ପାଇବା ପାଇଁ ବିଫଳ ହେବା ବି ଜରୁରି। ଜୀବନରେ ସେହି ମଣିଷ ସଫଳ ହୁଏ, ଯିଏ ବିଫଳତାକୁ ଭୟ କରି ନ ଥାଏ। ବରଂ ବିଫଳତାକୁ ସାମ୍ନା କରି ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ପ୍ରଚେଷ୍ଟା ଜାରି ରଖେ। ବିଫଳତାରେ ନିରାଶ ହେବା ପରିବର୍ତ୍ତେ ନିଜ ଭୁଲ୍‌ରୁ ଶିକ୍ଷା ଲାଭ କରିବା ଉଚିତ। ତା'ସହ ସେହି ବିଫଳତାକୁ ସଫଳତାରେ ପରିଣତ କରିବାକୁ ଚେଷ୍ଟା କରିବା ଦରକାର। ଅବଶ୍ୟ ଏଥିପାଇଁ ଆବଶ୍ୟକ ସକାରାତ୍ମକ ଚିନ୍ତାଧାରା। ସକାରାତ୍ମକ ଚିନ୍ତାଧାରାରୁ ଦିନଚର୍ଯ୍ୟା ଆରମ୍ଭ କରିବା ଆବଶ୍ୟକ। ସେହିପରି ସଫଳ ହେବା ପାଇଁ ନିଜକୁ ଅନ୍ୟ ସହ ତୁଳନା କରିବାରୁ ଦୂରେଇ ରୁହନ୍ତୁ। ଅନ୍ୟସହ ନିଜକୁ ତୁଳନା ନ କରି ନିଜ ଦକ୍ଷତା ଉପରେ ବିଶ୍ୱାସ ରଖନ୍ତୁ। ତା'ସହ ବିଫଳତାକୁ ନେଇ ଯେଉଁମାନେ ତାଚ୍ଛଲ୍ୟ କରନ୍ତି, ସେମାନଙ୍କଠାରୁ ଦୂରେଇ ରୁହନ୍ତୁ। ଅନ୍ୟପଟେ ଜୀବନରେ ସଫଳତା ପାଇବା ପାଇଁ ଜ୍ଞାନୀ, ଗୁଣୀ ଲୋକଙ୍କ ସଂସ୍ପର୍ଶରେ ଆସିବା ସହ ସୁସ୍ଥ ଜୀବନଶୈଳୀ ଉପରେ ଗୁରୁତ୍ୱ ଦିଅନ୍ତୁ।

ସକାଳ
THE SAKALA
www.sakalaepaper.com

## ହକି ଇଣ୍ଡିଆ ଲିଗ୍: ଅମନଦୀପ୍ ଶ୍ରେଷ୍ଠ ଖେଳାଳି

# ରୟାଲ୍ସକୁ ହରାଇ 'କଳିଙ୍ଗ'ରେ ଲାନ୍ସର୍ସ ଚାମ୍ପିଅନ୍



ଭୁବନେଶ୍ୱର, ୨୭ ।୧ (ସମିସ): ଦୀର୍ଘ ବର୍ଷର ପ୍ରତୀକ୍ଷାର ଅନ୍ତ ଘଟିଛି। ଘରୋଇ ପରିବେଶରେ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ଦ୍ୱିତୀୟଥର ଲାଗି ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍) ଟାଇଟଲ୍ ଜିତିବାର ସୌଭାଗ୍ୟ ଲାଭ କରିଛି। ସାଧାରଣତନ୍ତ୍ର ଦିବସ ଅବସରରେ ସୋମବାର ଆଇକନିକ କଳିଙ୍ଗ ଷ୍ଟାଡିୟମରେ ଖେଳାଯାଇଥିବା ଗ୍ରାଣ୍ଡଫାଇନାଲରେ ଘରୋଇ କଳିଙ୍ଗ ଲାନ୍ସର୍ସ ୩-୨ ଗୋଲରେ ରାଞ୍ଚି ରୟାଲ୍ସକୁ ପରାସ୍ତ କରି ଚାମ୍ପିଅନ ହେବାର ସୌଭାଗ୍ୟ ଲାଭ କରିଥିଲା। ଆଲେକ୍ସଜାଣ୍ଡର ହେଣ୍ଡ୍ରିକ୍ସ ଡବଲ୍ ଗୋଲ୍‌ସ୍କୋର କରି ଦଳର ବିଜୟରେ ନାୟକ ସାଜିଥିଲେ। କଳିଙ୍ଗ ଲାନ୍ସର୍ସ ଏଥିପୂର୍ବରୁ ୨୦୧୭ ସଂସ୍କରଣରେ ପ୍ରଥମଥର ଏହି ସମ୍ମାନଜନକ ଫ୍ରାଞ୍ଚାଇଜଭିତ୍ତିକ ହକି ଟୁର୍ଣ୍ଣାମେଣ୍ଟରେ ଟାଇଟଲ୍ ଜିତିଥିଲା। ସେହିଭଳି ଗତ ସଂସ୍କରଣରେ ୬ଷ୍ଠ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା।

ସାଧାରଣତନ୍ତ୍ର ଦିବସରେ ଘରୋଇ ପରିବେଶରେ କଳିଙ୍ଗ ଲାନ୍ସର୍ସ ଫାଇନାଲ ଖେଳୁଥିବା କଳିଙ୍ଗ ଷ୍ଟାଡିୟମ ପୁରା ଖଚାଖଚ୍ ଭିଡ ରହିଥିଲା। ଘରୋଇ ଦର୍ଶକଙ୍କୁ ନିରାଶ ନ କରି ବେଲ୍‌ଜିୟମ ତାରକା ହେଣ୍ଡ୍ରିକ୍ସ ୪ର୍ଥ ମିନିଟ୍‌ରେ ଲାନ୍ସର୍ସର ଗୋଲ୍‌ଖାତା ଖୋଲିଥିଲେ। ଲାନ୍ସର୍ସକୁ ମିଳିଥିବା ପେନାଲ୍ଟି କର୍ଣ୍ଣର (ପିସି)ର ଭରପୁର ଫାଇଦା ଉଠାଇ ହେଣ୍ଡ୍ରିକ୍ସ ବଲ୍‌କୁ ରାଞ୍ଚି ରୟାଲ୍ସର ଗୋଲ୍‌ପୋଷ୍ଟ ମଧ୍ୟକୁ ପଠାଇଦେଇଥିଲେ। ତେବେ କଳିଙ୍ଗର ଏହି ଖୁସି ବେଶି ସମୟ ରହି ନ ଥିଲା। ମାତ୍ର ୫ ମିନିଟ୍ ପରେ ଅରଜିତ୍ ସିଂହ ହୁଣ୍ଡାଲଙ୍କ ଦମ୍‌ଦାର ଫିଲ୍ଡ ଗୋଲ୍ ବଳରେ ରାଞ୍ଚି ମ୍ୟାଚକୁ ୧-୧'ର ବରାବର୍‌ସ୍ତରକୁ ଆଣିଥିଲା। ପ୍ରଥମ କ୍ୱାର୍ଟରରେ ଏହି ସ୍ଥିତି ବଳବତ୍ତର ରହିଥିଲା। କିନ୍ତୁ ଲାନ୍ସର୍ସ ଦ୍ୱିତୀୟ କ୍ୱାର୍ଟରରେ ସମ୍ପୂର୍ଣ୍ଣ ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ଦୁଇ ମିନିଟ୍ ବ୍ୟବଧାନରେ ୨ଟି ଗୋଲ୍ ଦେଇ ମ୍ୟାଚକୁ ନିଜ ନିୟନ୍ତ୍ରଣକୁ ନେଇଥିଲା ଘରୋଇ କଳିଙ୍ଗ ଲାନ୍ସର୍ସ। ୨୫ତମ ମିନିଟ୍‌ରେ ମିଳିଥିବା ଏକ ପେନାଲ୍ଟି କର୍ଣ୍ଣରକୁ କୌଣସି ତ୍ରୁଟି ନ କରି ଦିଲପ୍ରୀତ୍ ସିଂହ କଳିଙ୍ଗର ଅଗ୍ରଣୀକୁ ୨-୧କୁ ବୃଦ୍ଧି କରିଥିଲେ। ଏହାର ଗୋଟିଏ ମିନିଟ୍ ପରେ କଳିଙ୍ଗକୁ ଆଉ ଏକ ପିସି ମିଳିଥିଲା। ଏଥର ପୁଣିଥରେ ହେଣ୍ଡ୍ରିକ୍ସ ତାଙ୍କ ଷ୍ଟିକ୍‌ର ଯାଦୁ ଦେଖାଇ ବଲ୍‌କୁ ପ୍ରତିପକ୍ଷ ନେଟ୍ସ ମଧ୍ୟକୁ ପଠାଇ ଦେଇଥିଲେ। ଫଳରେ ପ୍ରଥମାର୍ଦ୍ଧ ଶେଷ ସୁଦ୍ଧା କଳିଙ୍ଗ ଲାନ୍ସର୍ସ ୩-୧ ଗୋଲ୍‌ରେ ଆଗୁଆ ରହି ରାଞ୍ଚିକୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲା।

### ଦ୍ୱିତୀୟାର୍ଦ୍ଧରେ ଗୋଟିଏ ଗୋଲ୍

ଏହାପରେ ଦ୍ୱିତୀୟାର୍ଦ୍ଧ ତଥା ୩ୟ କ୍ୱାର୍ଟରରେ ରାଞ୍ଚି ମ୍ୟାଚକୁ ଫେରିବାକୁ ଆପ୍ରାଣ ଉଦ୍ୟମ କରିଥିଲା। କିନ୍ତୁ ଲାନ୍ସର୍ସର ଡିଫେଣ୍ଡର ରାଞ୍ଚିର କୌଣସି ପ୍ରୟାସକୁ ସଫଳ ହେବାକୁ ଦେଇ ନ ଥିଲେ। ଫଳରେ ଏହି କ୍ୱାର୍ଟର ଗୋଲ୍‌ଶୂନ୍ୟ ରହିଥିଲା। ଅନ୍ତିମ ତଥା ୪ର୍ଥ କ୍ୱାର୍ଟର ଆହୁରି ରୋମାଞ୍ଚ ରହିଥିଲା। ଅଗ୍ରଣୀ ରହିଥିବା ଲାନ୍ସର୍ସ ପ୍ରତିପକ୍ଷ ରାଞ୍ଚିକୁ ଗୋଲ ଶୁଝାଇବାକୁ କୌଣସି ସୁଯୋଗ ଦେଇ ନ ଥିଲା। ତେବେ ମ୍ୟାଚ ଶେଷ ହେବାକୁ ଗୋଟିଏ ମିନିଟ୍ ବାକି ରହିଥିବାବେଳେ ରାଞ୍ଚିର ତାରକା ଖେଳାଳି ଟମ୍ ବୁନ ଗୋଟିଏ ଗୋଲ୍ ଶୁଝାଇ ଦେଇଥିଲେ। ଫଳରେ ମ୍ୟାଚ ୩-୨ ସ୍ଥିତିକୁ ଆସିଯାଇଥିଲା। ଟମ୍‌ଙ୍କ ଏହି ଗୋଲ୍ କିନ୍ତୁ ଫଳାଫଳ ଉପରେ କୌଣସି ପ୍ରଭାବ ପକାଇ ନ ଥିଲା। ଶେଷରେ କଳିଙ୍ଗ ଲାନ୍ସର୍ସ ୩-୨ ଗୋଲରେ ବିଜୟୀ ହୋଇ ଚାମ୍ପିଅନ ହୋଇଥିଲା। ଘରୋଇ ପରିବେଶରେ ଟାଇଟଲ୍ ଜିତିବା ପରେ ଲାନ୍ସର୍ସର ଖେଳାଳିଙ୍କ ସମେତ ଦର୍ଶକ ବିଜୟ ଉତ୍ସବ ମନାଇ ପରିବେଶକୁ ଆହୁରି ରୋମାଞ୍ଚକ କରିଦେଇଥିଲେ।


ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ। ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଚାମ୍ପିଅନ୍ କଳିଙ୍ଗ ଲାନ୍ସର୍ସ ଦଳକୁ ଅଭିନନ୍ଦନ ଜଣାଇଛନ୍ତି।

### ତୁଫାନ୍ସଙ୍କୁ କାଂସ୍ୟ ପଦକ

ଅପରପକ୍ଷରେ ୩ୟ ଓ ୪ର୍ଥ ସ୍ଥାନ ପାଇଁ ଖେଳାଯାଇଥିବା ମ୍ୟାଚରେ ହାଇଦରାବାଦ୍ ତୁଫାନ୍ସ ବାଜିମାତ୍ କରିନେଇଛି। ସୋମବାର ଅପରାହ୍ଣରେ ଅନୁଷ୍ଠିତ ଏହି କଡ଼ା ସଂଘର୍ଷପୂର୍ଣ୍ଣ ମ୍ୟାଚରେ ତୁଫାନ୍ସ ୪-୩ ଗୋଲରେ ଏଚ୍‌ଆଇଏଲ୍ ଗଭର୍ଣ୍ଣିଂ କାଉନସିଲ (ଜିସି) ଦଳକୁ ପରାସ୍ତ କରିଛି। ତୁଫାନ୍ସର ଓଡ଼ିଆ ଖେଳାଳି ଅମନଦୀପ୍ ଲାକ୍ରା ୨ଟି ଗୋଲ୍ ଦେଇ ଦଳକୁ ଚାମ୍ପିଅନ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

### ପୁରସ୍କାର

ଚାମ୍ପିଅନ: କଳିଙ୍ଗ ଲାନ୍ସର୍ସ- ୩ କୋଟି
ରନର୍ସଅପ୍: ରାଞ୍ଚି ରୟାଲ୍ସ- ୨ କୋଟି
ତୃତୀୟ ସ୍ଥାନ: ହାଇଦରାବାଦ୍- ୧ କୋଟି
ଫେୟାର ପ୍ଲେ ଆୱାର୍ଡ- ଏଚ୍‌ଆଇଏଲ୍ ଜିସି
ଶ୍ରେଷ୍ଠ ଗୋଲ୍‌କିପର: ପ୍ରିନ୍ସଦୀପ୍ ସିଂହ- ୧୦ ଲକ୍ଷ
ଉଦୀୟମାନ ଖେଳାଳି: ତାଲେମା ପ୍ରିୟବ୍ରତ- ୧୦ ଲକ୍ଷ
ଟପ୍ ସ୍କୋରର: ଟମ୍ ବୁନ (୧୯ ଗୋଲ୍) - ୧୦ ଲକ୍ଷ
ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି: ଅମନଦୀପ୍ ଲାକ୍ରା- ୨୦ ଲକ୍ଷ



ଅମନଦୀପ୍ ଲାକ୍ରା

## ବ୍ରାଡ୍‌ମ୍ୟାନଙ୍କ କ୍ୟାପ୍ ୪.୨୧ କୋଟିରେ ନିଲାମ

ସିଡନୀ, ୨୭ ।୧ (ଏଜେନ୍ସି): କିମ୍ବଦନ୍ତୀ ଅଷ୍ଟ୍ରେଲୀୟ ବ୍ୟାଟର୍ ଡନ୍ ବ୍ରାଡ୍‌ମ୍ୟାନଙ୍କ ପ୍ରସିଦ୍ଧ 'ବ୍ୟାଗୀ ଗ୍ରୀନ' କ୍ୟାପ୍ ନିଲାମୀରେ ୪୬୦,୦୦୦ ଡଲାରରେ ବିକ୍ରି ହୋଇଛି। ଯାହାକି ଭାରତୀୟ ମୁଦ୍ରାରେ ୪.୨୧ କୋଟି ଟଙ୍କା ହେବ। ବ୍ରାଡ୍‌ମ୍ୟାନ ୧୯୪୭-୪୮ ସିଜନରେ ଭାରତ ବିପକ୍ଷ ସିରିଜରେ ଏହି ଟୋପିକୁ ପରିଧାନ କରି ଖେଳିଥିଲେ। ଏହାପରେ ବ୍ରାଡ୍‌ମ୍ୟାନ ଏହି ଟୋପିକୁ ଭାରତୀୟ କ୍ରିକେଟର୍ ରଙ୍ଗା ସୋହନିଙ୍କୁ ଉପହାର ଆକାରରେ ଦେଇଥିଲେ। ବିଗତ ୭୫ ବର୍ଷ ଧରି ରଙ୍ଗାଙ୍କ ପରିବାର ଏହାକୁ ସୁରକ୍ଷିତ ରଖିଥିଲେ। ବର୍ତ୍ତମାନ ଏହି ଟୋପି ବର୍ତ୍ତମାନ ଅଷ୍ଟ୍ରେଲିଆ ମ୍ୟୁଜିୟମରେ ରଖାଯାଇ ସର୍ବସାଧାରଣଙ୍କ ଲାଗି ପ୍ରଦର୍ଶିତ କରାଯିବ ବୋଲି ଜଣାପଡ଼ିଛି। ପ୍ରକାଶଯୋଗ୍ୟ ୯୨ ବର୍ଷରେ ପ୍ରାଣ ହରାଇଥିବା ବ୍ରାଡ୍‌ମ୍ୟାନ ଅଷ୍ଟ୍ରେଲିଆ ପାଇଁ ୫୨ଟି ଟେଷ୍ଟ ଖେଳିଥିଲେ। ଟେଷ୍ଟରେ ତାଙ୍କ ଆଭରେଜ ୯୯.୯୪ ରହିଥିଲା।

■ ରଣଜୀ ଟ୍ରଫି ପ୍ଲେଟ୍ ଫାଇନାଲ

## ମଣିପୁରକୁ ୫୬୮ ରନରେ ହରାଇ ବିହାର ଚାମ୍ପିଅନ

ପାଟନା, ୨୭ ।୧ (ଏଜେନ୍ସି): ରଣଜୀ ଟ୍ରଫିର ପ୍ଲେଟ୍ ଡିଭିଜନରେ ବିହାର ଚାମ୍ପିଅନ ହୋଇଛି। ପାଟନାରେ ଅନୁଷ୍ଠିତ ଫାଇନାଲରେ ଶାକିବୁଲ୍ ଗାନିଙ୍କ ନେତୃତ୍ୱାଧୀନ ବିହାର ୫୬୮ ରନର ବିଶାଳ ବ୍ୟବଧାନରେ ମଣିପୁରକୁ ପରାସ୍ତ କରିଛି। ଏଥିସହ ଆସନ୍ତା ରଣଜୀ ସିଜନରୁ ବିହାର ଏଲିଟ୍ ପର୍ଯ୍ୟାୟରେ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛି। ଏହି ମ୍ୟାଚରେ ବିହାର ପ୍ରଥମ ପାଳିରେ ୫୨୨ ରନ କରିଥିବାବେଳେ ମଣିପୁର ୨୬୪ରେ ସୀମିତ ରହିଥିଲା। ଏହାପରେ ଦ୍ୱିତୀୟ ପାଳିରେ ୬ ୱିକେଟରେ ୫୦୫ ରନ କରି ବିହାର ପାଳି ଘୋଷଣା କରିଥିଲା। ଫଳରେ ମଣିପୁର ସାମ୍ନାରେ ୭୬୪ ରନର ଟାର୍ଗେଟ୍ ଧାର୍ଯ୍ୟ ହୋଇଥିଲା। ଏହାକୁ ପିଛା କରି ମଣିପୁର ୪ର୍ଥ ଦିବସରେ ସୋମବାର ଦ୍ୱିତୀୟ ପାଳିରେ ୧୯୫ ରନରେ ସୀମିତ ରହିଥିଲା।

## ଜାତୀୟ କ୍ରୀଡ଼ା ପ୍ରଶାସନ ଅଧିନିୟମକୁ ଓଏର ସ୍ୱାଗତ

କଟକ,୨୭।୧(ସମିସ): ଭାରତ ସରକାରଙ୍କ ଦ୍ୱାରା ପ୍ରଣୀତ ନୂତନ କ୍ରୀଡା ଆଇନ "ଜାତୀୟ କ୍ରୀଡା ପ୍ରଶାସନ ଅଧିନିୟମ-୨୦୨୫' କୁ ଓଡ଼ିଶା ଅଲିମ୍ପିକ୍ ଆସୋସିଏସନ(ଓଏ) ପକ୍ଷରୁ ସ୍ୱାଗତ କରାଯାଇଛି। ଆସୋସିଏସନର ସଭାପତି ସମୀର ମହାନ୍ତି, ସମ୍ପାଦକ ଅଭିଜିତ ପାଲ୍ ଏବଂ ସମସ୍ତ ସଦସ୍ୟ ଏହି ପଦକ୍ଷେପକୁ ପ୍ରଶଂସା କରିବା ସହ ଏହା ଅନ୍ତର୍ଜାତୀୟ ଖେଳାଳିମାନଙ୍କୁ ସିଧାସଳଖ କ୍ରୀଡା ପ୍ରଶାସନର ମୁଖ୍ୟ ସ୍ରୋତରେ ସାମିଲ କରିବାରେ ସହାୟକ ହେବ ବୋଲି ମତବ୍ୟକ୍ତ କରିଛନ୍ତି। ନୂତନ ଅଧିନିୟମ ଅନୁଯାୟୀ, କ୍ରୀଡା ସଙ୍ଗଠନଗୁଡ଼ିକରେ ସଭାପତି, ସମ୍ପାଦକ ଓ କୋଷାଧ୍ୟକ୍ଷ ମୁଖ୍ୟ କର୍ମକର୍ତ୍ତା ଭାବେ ବିବେଚିତ ହେବେ ଏବଂ ଅନ୍ତର୍ଜାତୀୟ ସ୍ତରର ଖେଳାଳିମାନେ ସିଧାସଳଖ ଏହି ପଦବୀ ତଥା କାର୍ଯ୍ୟକାରୀ କମିଟି ପାଇଁ ନିର୍ବାଚନ ଲଢ଼ିପାରିବେ। କାର୍ଯ୍ୟକାରୀ କମିଟିରେ ସଦସ୍ୟ ସଂଖ୍ୟା ସର୍ବାଧିକ ୧୫ ମଧ୍ୟରେ ସୀମିତ ରହିବା ସହ ସେଥିମଧ୍ୟରୁ ୪ ଜଣ ମହିଳା ରହିବା ବାଧ୍ୟତାମୂଳକ କରାଯାଇଛି, ଯାହା କ୍ରୀଡା କ୍ଷେତ୍ରରେ ମହିଳା ସଶକ୍ତିକରଣକୁ ପ୍ରୋତ୍ସାହିତ କରିବ। ଏଥିସହ କମିଟିରେ ଆନ୍ତର୍ଜାତୀୟ ଖେଳାଳି ଓ ଆଥଲେଟିକ୍ସ କମିଟିରୁ ଜଣେ ଲେଖାଏଁ ମହିଳା ଓ ପୁରୁଷ ସଦସ୍ୟ ରହିବେ। ନିୟମ ଅନୁଯାୟୀ, ଜଣେ ବ୍ୟକ୍ତି ସର୍ବାଧିକ ତିନିଥର ପାଇଁ ପଦବୀରେ ରହିପାରିବେ ଏବଂ ପ୍ରାର୍ଥୀଙ୍କ ବୟସ ସୀମା ୭୦ ବର୍ଷ ଧାର୍ଯ୍ୟ କରାଯାଇଛି। ପୁନଃ ନିର୍ବାଚିତ ହେବା ପାଇଁ ଏକ ପୂର୍ଣ୍ଣାଙ୍ଗ କୁଲିଂ-ଅଫ୍ ପିରିୟଡ୍ ବା ବିରତି ରହିବା ଆବଶ୍ୟକ। ସରକାରଙ୍କ ନିର୍ଦ୍ଦେଶନାମା ମୁତାବକ, ସମସ୍ତ ଜାତୀୟ ଓ ରାଜ୍ୟ କ୍ରୀଡା ସଙ୍ଗଠନଗୁଡ଼ିକୁ ୩୦ ଜୁନ୍ ୨୦୨୬ ମଧ୍ୟରେ ସେମାନଙ୍କ ସମ୍ବିଧାନରେ ସଂଶୋଧନ ଆଣିବାକୁ ପଡ଼ିବ। ଯେଉଁ ସଙ୍ଗଠନଗୁଡ଼ିକର ନିର୍ବାଚନ ବାକି ଅଛି ସେମାନେ ଏହି ନୂତନ ଆଇନ ଅନୁଯାୟୀ ସମ୍ବିଧାନ ସଂଶୋଧନ କରି ୩୧ ଡିସେମ୍ବର ସୁଦ୍ଧା ନିର୍ବାଚନ ଶେଷ କରିବେ।

## ସନ୍ତୋଷ ଟ୍ରଫି: ଓଡ଼ିଶାର ଦ୍ୱିତୀୟ ପରାଜୟ

କଟକ,୨୭।୧(ସମିସ): ୭୯ତମ ଜାତୀୟ ସିନିଅର ପୁରୁଷ ଫୁଟବଲ ଚାମ୍ପିଅନସିପ୍ ସନ୍ତୋଷ ଟ୍ରଫିର ଫାଇନାଲ ରାଉଣ୍ଡରେ ଓଡ଼ିଶା ଦ୍ୱିତୀୟ ପରାଜୟର ସମ୍ମୁଖୀନ ହୋଇଛି। ଆସାମରେ ମଙ୍ଗଳବାର ଖେଳାଯାଇଥିବା ତୃତୀୟ ଲିଗ୍ ମ୍ୟାଚ୍‌ରେ ଓଡ଼ିଶା ୦-୧ ଗୋଲରେ କେରଳଠାରୁ ପରାସ୍ତ ହୋଇଛି। ଫରୱାର୍ଡ ଟି ସିଜିନ କେରଳ ନିମନ୍ତେ ଏକମାତ୍ର ଗୋଲ ସ୍କୋର କରିଥିଲେ। ପ୍ରଥମ ମ୍ୟାଚ୍‌ରେ ଓଡ଼ିଶା ୦-୧ ଗୋଲରେ ମେଘାଳୟ ଠାରୁ ହାରିବା ପରେ ସର୍ଭିସେସ ବିପକ୍ଷ ଡ୍ର' ରଖିଥିଲା। ୨୯ ତାରିଖରେ ରେଲୱେ ବିପକ୍ଷରେ ଓଡ଼ିଶା ୪ର୍ଥ ଲିଗ ମ୍ୟାଚ୍ ଖେଳିବ।

### ୧୯ ବର୍ଷରୁ କମ୍ ବିଶ୍ୱକପ୍

## ବିହାନଙ୍କ ଶତକରେ ଭାରତ ବିଜୟୀ

ବୁଲାୱାୟୋ, ୨୭ ।୧ (ଏଜେନ୍ସି): ଜିମ୍ବାୱେ ଓ ନାମିବ୍ୟାରେ ଚାଲିଥିବା ୧୯ ବର୍ଷରୁ କମ୍ ଆଇସିସି ବିଶ୍ୱକପ୍‌ରେ ଭାରତ ସୁପର୍-୬ରେ ପ୍ରଥମ ବିଜୟ ସ୍ୱାଦ ଚାଖିଛି। ମଙ୍ଗଳବାର ଖେଳାଯାଇଥିବା ଏକ ମ୍ୟାଚରେ ଭାରତ ୨୦୪ ରନର ବିଶାଳ ବ୍ୟବଧାନରେ ଘରୋଇ ଜିମ୍ବାୱେକୁ ମାତ୍ ଦେଇଛି। ଫଳରେ ସୁପର-୬'ରେ ଭାରତ ପଏଣ୍ଟ ଖାତା ଖୋଲିଛି। ଭାରତ ପରବର୍ତ୍ତୀ ମ୍ୟାଚରେ ଫେବୃଆରୀ ୧ରେ ପାକିସ୍ତାନକୁ ଭେଟିବ।

ସ୍ଥାନୀୟ କୁଇନ୍ସ ସ୍ପୋର୍ଟ୍ସ କ୍ଲବ ଗ୍ରାଉଣ୍ଡରେ ଖେଳାଯାଇଥିବା ଏହି ମ୍ୟାଚରେ ଟସ୍ ହାରି ଭାରତ ବ୍ୟାଟିଂ ଆମନ୍ତ୍ରଣ ପାଇଥିଲା। ଓପନର୍ ବୈଭବ ସୂର୍ଯ୍ୟବଂଶୀ ଓ ଆରୋନ ଜର୍ଜ ପ୍ରଥମ ୱିକେଟ୍‌ରେ ୨୫ ବଲରୁ ୪୪ ରନ ସଂଗ୍ରହ କରି ଭଲ ପ୍ରାରମ୍ଭ ଦେଇଥିଲେ। ୧୬ ବଲରେ ୨୩ ରନ କରିଥିବାବେଳେ ଆରୋନ ଆଉଟ୍ ହୋଇଥିଲେ। ଏହାପରେ ବୈଭବ ଓ ଅଧିନାୟକ ଆୟୁଷ ମହାତ୍ରେ ଯୋଡ଼ି ଦଳୀୟ ସ୍କୋରକୁ ୧୦୦ ରନରେ ପହଞ୍ଚାଇଥିଲେ। ତେବେ ୨ଟି ବଲ ବ୍ୟବଧାନରେ ଉଭୟଙ୍କୁ ଆଉଟ୍ କରି ବାମହାତୀ ଦ୍ରୁତ ବୋଲର ତାତେନ୍ଦା ଚିମୁଗୋରୋ ଘରୋଇ ଜିମ୍ବାୱେକୁ ଡବଲ୍ ବ୍ରେକ୍ ଥ୍ରୁ ଦେଇଥିଲେ। ମହାତ୍ରେ ୨୧ ଓ ସୂର୍ଯ୍ୟବଂଶୀ ୩୦ ବଲରେ ୫୨ ରନ କରିଥିଲେ। ଏହି ଅର୍ଦ୍ଧଶତକୀୟ ପାଳିରେ ସେ ୪ଟି ଲେଖାଏ ଚୌକା ଓ ଛକା ମାରିଥିଲେ। ଏହାପରେ ବିହାନ ମାଲହୋତ୍ରାଙ୍କ ସହ ୱିକେଟ୍‌କିପର ଅଭିଜ୍ଞାନ କୁଣ୍ଡୁ ଦମ୍‌ଦାର ବ୍ୟାଟିଂ କରିବାରୁ ଭାରତୀୟ ଯୁବ ଦଳ ୫୦ ଓଭରରେ ୮ ୱିକେଟ୍ ହରାଇ ୩୫୨ ରନର ବିଶାଳ ସ୍କୋର ଠିଆ କରାଇଥିଲା। ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିବା ବାମହାତୀ ବ୍ୟାଟର୍ ମାଲହୋତ୍ରା ୧୦୭ ବଲରୁ ୧୦୯ ରନ କରିଥିଲେ। ସେହିଭଳି କୁଣ୍ଡୁ ୫ଟି ଚୌକା ଓ ଗୋଟିଏ ଛକା ବଳରେ ୬୨ ବଲରୁ ୬୧ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଜବାବରେ ଏହି ବିଶାଳ ଲକ୍ଷ୍ୟକୁ ପିଛା କରିଥିବା ଜିମ୍ବାୱେ ୩୭.୪ ଓଭରରେ ୧୪୮ ରନରେ ଅଲ୍‌ଆଉଟ୍ ହୋଇଥିଲା। ଭାରତ ପକ୍ଷରୁ ଉଦ୍ଧବ ମୋହନ ଓ ଆୟୁଷ୍ ମହାତ୍ରେ ୩ଟି ଲେଖାଏଁ ଏବଂ ଆରଏସ୍ ଆମ୍ବ୍ରିସଙ୍କୁ ୨ଟି ୱିକେଟ୍ ମିଳିଥିଲା।



● ଚତୁର୍ଥ ଟି-୨୦ ଆଜି

## ବିଜୟଧାରା ବଜାୟ ଲକ୍ଷ୍ୟରେ ଭାରତ


ବିଶାଖାପାଟନା, ୨୭ ।୧ (ଏଜେନ୍ସି): ଘରୋଇ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଚାଲିଥିବା ଟି-୨୦ ସିରିଜର ୪ର୍ଥ ମ୍ୟାଚ ବୁଧବାର ବିଶାଖାପାଟନାରେ ଖେଳାଯିବ। ପୂର୍ବରୁ ପ୍ରଥମ ୩ଟି ମ୍ୟାଚକୁ ଯଥାକ୍ରମେ ୪୮ ରନ, ୭ ୱିକେଟ୍ ଓ ୮ ୱିକେଟରେ ଜିତି ଭାରତ ୩-୦ରେ ଆଗୁଆ ସିରିଜ କବ୍‌ଜା କରିସାରିଛି। ବିଶ୍ୱକପ୍ ପୂର୍ବରୁ ସିରିଜ ବିଜୟୀ ହୋଇସାରିଥିବାରୁ ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱାଧୀନ ଭାରତୀୟ ଖେଳାଳିଙ୍କ ମନୋବଳ ବେଶ୍ ଦୃଢ଼ ରହିଛି। ତେଣୁ ଭାରତ ବିଶ୍ୱକପ୍ ପୂର୍ବରୁ ଏହାର ଶେଷ ଦୁଇଟି ମ୍ୟାଚ୍‌ରେ କମ୍ବିନେସନ ଉପରେ ଗୁରୁତ୍ୱ ଦେବ। ବିଶେଷ କରି ବିଶ୍ୱକପ୍ ଦଳରେ ସ୍ଥାନ ପାଇଥିବା ବରିଷ୍ଠ ୱିକେଟକିପର ସଞ୍ଜୁ ସାମସନଙ୍କ ଫର୍ମକୁ ନେଇ ଟିମ୍ ମ୍ୟାନେଜମେଣ୍ଟ ଚିନ୍ତିତ ରହିଛି। ସାମସନ ପ୍ରଥମ ଦୁଇଟି ମ୍ୟାଚରେ ୧୦ ଓ ୬ ରନ କରିଥିବାବେଳେ ଶେଷ ଟି-୨୦ରେ 'ଗୋଲ୍ଡେନ ଡକ୍'ରେ ଆଉଟ୍ ହୋଇଥିଲେ। ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ୱିକେଟ୍‌କିପର ଇଶାନ କିଶାନ ୨ୟ ଟି-୨୦ରେ ୩୨ ବଲରେ ୭୬ ରନର ବିସ୍ଫୋରକ ପାଳି ଖେଳି ସଫଳ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଅପରପକ୍ଷରେ ଚଳିତ ସିରିଜରେ ଦୁଇ ଅଭିଜ୍ଞ ସ୍ପିନର କୁଲଦୀପ୍ ଯାଦବ ଓ ବରୁଣ ଚକ୍ରବର୍ତ୍ତୀଙ୍କ ଶ୍ରେଷ୍ଠ ଫର୍ମକୁ ଫେରିବା ଲାଗି ସଂଘର୍ଷ କରୁଛନ୍ତି। ତେଣୁ ଶେଷ ଦୁଇ ମ୍ୟାଚ ଉଭୟଙ୍କ ଲାଗି ବେଶ୍ ଗୁରୁତ୍ୱବହନ କରୁଛି। ସେହିଭଳି ସିରିଜ ବିଜୟୀ ହୋଇସାରିଥିବାରୁ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଟିମ୍ ମ୍ୟାନେଜମେଣ୍ଟ ଶେଷ ଦୁଇ ମ୍ୟାଚରେ ବିଶ୍ରାମ ଦେଇପାରନ୍ତି ବୋଲି ରିପୋର୍ଟ ପ୍ରକାଶ ପାଇଛି। ଅପରପକ୍ଷରେ ମିଚେଲ ସାଣ୍ଟନରଙ୍କ ନେତୃତ୍ୱାଧୀନ ଭ୍ରମଣକାରୀ ନ୍ୟୁଜିଲାଣ୍ଡ ସିରିଜ ହାରିସାରିଛି। କିନ୍ତୁ ଶେଷ ଦୁଇ ମ୍ୟାଚରେ ବିଜୟୀ ହୋଇ ଦଳ ମନୋବଳ ଦୃଢ଼ ମନୋବଳ ସହ ବିଶ୍ୱକପ୍ ଖେଳିବାକୁ ଲକ୍ଷ୍ୟ ରଖିଛି। ତେବେ ପ୍ରଥମ ୩ଟି ମ୍ୟାଚରେ କିୱି ଦଳର ବୋଲିଂ ବିଭାଗ ଫେଲ୍ ମାରିବା ଦଳ ପାଇଁ ଚିନ୍ତାର କାରଣ ପାଲଟିଛି।

ମ୍ୟାଚ୍ ଆରମ୍ଭ: ରାତି ୭ଟା
ସ୍ଥାନ: ବିଶାଖାପାଟନା
ପ୍ରସାରଣ: ସୋନି ସ୍ପୋର୍ଟ୍ସ ନେଟୱର୍କ/ ଜିଓ ହଟଷ୍ଟାର

ମହିଳା ପ୍ରିମିଅର ଲିଗ୍

## ବ୍ରଣ୍ଟଙ୍କ ଶତକରେ ମୁମ୍ବାଇର ବାଜିମାତ୍

ଭଦୋଦରା, ୨୭ ।୧ (ଏଜେନ୍ସି): ଇଂଲଣ୍ଡର ଅଭିଜ୍ଞ ଖେଳାଳି ନାଟାଲୀ ସ୍କିଭର-ବ୍ରଣ୍ଟଙ୍କ ଦମଦାର ଶତକ ବଳରେ ଚଳିତ ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ରେ ମୁମ୍ବାଇ ଇଣ୍ଡିଆନ୍ସ ୩ୟ ବିଜୟ ହାସଲ କରିଛି। ସୋମବାର ଖେଳାଯାଇଥିବା ଏକ ମ୍ୟାଚରେ ମୁମ୍ବାଇ ୧୫ ରନରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)କୁ ପରାସ୍ତ କରିଛି। ଫଳରେ କ୍ରମାଗତ ୫ଟି ମ୍ୟାଚ୍ ଜିତିଥିବା ଆର୍‌ସିବି ଲଗାତର ୨ଟି ମ୍ୟାଚ ହାରିଯାଇଛି। ଏହାସତ୍ତ୍ୱେ ସ୍ମୃତି ମନ୍ଧାନାଙ୍କ ନେତୃତ୍ୱାଧୀନ ଆରସିବି ୭ ମ୍ୟାଚରୁ ୧୦ ପଏଣ୍ଟ ପାଇ ଟେବଲ୍ ଶୀର୍ଷରେ ଦୃଢ଼ ସ୍ଥିତିରେ ରହିଛି। ସପ୍ତମ ମ୍ୟାଚରୁ ୩ୟ ବିଜୟ ହାସଲ କରିଥିବା ମୁମ୍ବାଇ ୬ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନକୁ ଉଠିଛି।





କୋଟାମ୍ବି ଷ୍ଟାଡିୟମରେ ଖେଳାଯାଇଥିବା ଲିଗର ଏହି ୧୬ତମ ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ମୁମ୍ବାଇ ୩ୟ ଓଭରରେ ଓପନର୍ ସଞ୍ଜୀବନ ସଜନା (୭ ରନ)ଙ୍କ ୱିକେଟ୍ ହରାଇଥିଲା। ତେବେ ଅନ୍ୟତମ ଓପନର୍ ଆଲିସେ ହେଲୀଙ୍କ ସହ ମିଶି ନାଟାଲୀ ସ୍କିଭର-ବ୍ରଣ୍ଟ ଦ୍ୱିତୀୟ ୱିକେଟ୍‌ରେ ସ୍ଥିତି ସମ୍ଭାଳିଥିଲେ। ଦ୍ୱିତୀୟ ୱିକେଟ ଭାଗୀଦାରିରେ ମାଥ୍ୟୁସ ଓ ବ୍ରଣ୍ଟ ଯୋଡ଼ି ୭୩ ବଲକୁ ୧୩୧ ରନ ଉଠାଇ ଦଳକୁ ଏକ ବିଶାଳ ସ୍କୋର ଅଭିମୁଖେ ଅଗ୍ରସର କରାଇଥିଲେ। ତେବେ ମାଥ୍ୟୁସ (୩୯ ବଲରେ ୫୬ ରନ)ଙ୍କୁ ଆଉଟ୍ କରି ଲୌରାନ ବେଲ୍ ଏହି ଯୋଡ଼ି ଭାଙ୍ଗିଥିଲେ। ତେବେ ବ୍ରଣ୍ଟ ବିସ୍ଫୋରକ ବ୍ୟାଟିଂ ଜାରି ରଖି ଡବ୍ଲ୍ୟୁପିଏଲ୍ ଇତିହାସରେ ତାଙ୍କର ପ୍ରଥମ ଶତକୀୟ ପାଳି ଖେଳିଥିଲେ। ବ୍ରଣ୍ଟ ୫୭ ବଲରେ ୧୦୦ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଏହି ପାଳିରେ ସେ ୧୬ ଚୌକା ଓ ଗୋଟିଏ ଛକା ମାରିଥିଲେ। ଫଳରେ ମୁମ୍ବାଇ ୨୦ ଓଭରରେ ୪ ୱିକେଟ୍‌ରେ ୧୯୯ ରନର ବିଶାଳ ସ୍କୋର କରିଥିଲା। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟିକା ହରମନପ୍ରୀତ୍ କୌର ୨୦, ଅମନଜୋତ୍ କୌର ୪ ଓ ଆମେଲିଆର କେର ୧ ରନ କରିଥିଲେ। ଜବାବରେ ୱିକେଟ୍‌କିପର ରିଚା ଘୋଷଙ୍କ ବିସ୍ଫୋରକ ବ୍ୟାଟିଂ ସତ୍ତ୍ୱେ ଆରସିବି ୯ ୱିକେଟ୍‌ରେ ୧୮୪ ରନ କରିବାକୁ ସମର୍ଥ ହୋଇଥିଲା। ରିଚା ୬ଟି ଛକା ଓ ୧୦ଟି ଚୌକା ସହାୟତାରେ ୫୦ ବଲରେ ୯୦ ରନ କରିଥିଲେ। ବୋଲିଂରେ ମାଥ୍ୟୁସ ୩ଟି ଏବଂ କେର୍ ଓ ସବନିମ ଇସମାଇଲ ୨ଟି ଲେଖାଏ ୱିକେଟ୍ ନେଇଥିଲେ। ବ୍ରଣ୍ଟଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ହୋଇଥିଲେ।

ଅଷ୍ଟ୍ରେଲିଆନ ଓପନ୍

## ପ୍ରଥମଥର ପାଇଁ ସେମିରେ ଆଲ୍‌କାରାଜ

ମେଲବୋର୍ଣ୍ଣ, ୨୭ ।୧ (ଏଜେନ୍ସି): ଟପ୍ ସିଡ୍ କାର୍ଲୋସ ଆଲ୍‌କାରାଜ ଓ ଆରିନା ସାବାଲେଙ୍କା ଚଳିତ ଅଷ୍ଟ୍ରେଲିଆନ୍ ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ଖେଳାଯାଇଥିବା ପୁରୁଷ ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲ ଲଢ଼େଇରେ ସ୍ପାନିଶ ତାରକା ଆଲ୍‌କାରାଜ ୭-୫, ୬-୨, ୬-୧ ସେଟ୍‌ରେ ଘରୋଇ ଅଷ୍ଟ୍ରେଲିଆର ୬ଷ୍ଠ ସିଡ୍ ଆଲେକ୍ସ ଡି ମିନାଉରନଙ୍କୁ ପରାସ୍ତ କରିଥିଲେ। ଛଅଟି ଗ୍ରାଣ୍ଡସ୍ଲାମ ଟାଇଟଲ୍ ବିଜୟୀ ହୋଇଥିବା ୨୨ ବର୍ଷୀୟ ଆଲ୍‌କାରାଜ ଏଥିସହ କ୍ୟାରିୟରରେ ପ୍ରଥମଥର ଲାଗି ଏହି ସମ୍ମାନଜନକ ପ୍ରତିଯୋଗିତାର ସେମିଫାଇନାଲରେ ପ୍ରବେଶ କରିବାର ସୌଭାଗ୍ୟ ଲାଭ କରିଛନ୍ତି। ଫଳରେ ଅନ୍ୟ ୩ଟି ଗ୍ରାଣ୍ଡସ୍ଲାମ ଜିତି ସାରିଥିବା ଆଲ୍‌କାରାଜଙ୍କ ନିକଟରେ ପ୍ରଥମ ଅଷ୍ଟ୍ରେଲିଆନ୍ ଓପନ ଟ୍ରଫି ଜିତିବାର ସୁଯୋଗ ସୃଷ୍ଟି ହୋଇଛି। ସେମିଫାଇନାଲରେ ତାଙ୍କର ମୁକାବିଲା ଗତ ସଂସ୍କରଣର ଉପବିଜେତା ଜର୍ମାନୀର ଆଲେକ୍ସଜାଣ୍ଡର ଜ୍ୱେରେଭଙ୍କ ସହ ହେବ। ତୃତୀୟ ସିଡ୍ ଜ୍ୱେରେଭ ଅନ୍ୟ ଏକ କ୍ୱାର୍ଟରରେ ୬-୩, ୬-୭ (୫), ୬-୧, ୭-୬ (୩) ସେଟରେ ଆମେରିକାର ଲିର୍ନର ତିଏନଙ୍କୁ ପରାସ୍ତ କରିଥିଲେ।





### ୩ୟ ଟାଇଟଲ୍ ଅଭିମୁଖେ ସାବାଲେଙ୍କା; ଗଫ୍ ନିରାଶ

ଅପରପକ୍ଷରେ ମହିଳା ବିଭାଗରେ ବେଲାରୁଷ ତାରକା ଆରିନା ସାବାଲେଙ୍କା ୩ୟ ଅଷ୍ଟ୍ରେଲିଆନ ଓପନ୍ ଜିତିବା ଅଭିମୁଖେ ଅଗ୍ରସର ହୋଇଛନ୍ତି। ମଙ୍ଗଳବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ସାବାଲେଙ୍କା ୬-୩, ୬-୦ ସିଧାସଳଖ ସେଟ୍‌ରେ ୨୯ତମ ସିଡ୍ ଇଭା ଜୋଭିକଙ୍କୁ ହରାଇ ସେମିରେ ପହଞ୍ଚିଛନ୍ତି। ସେମିଫାଇନାଲରେ ସାବାଲେଙ୍କାଙ୍କ ମୁକାବିଲା ୧୨ତମ ସିଡ୍ ୟୁକ୍ରେନର ଏଲିନା ସ୍ୱିତୋଲିନାଙ୍କ ସହ ହେବ। ଅନ୍ୟ ଏକ କ୍ୱାର୍ଟରରେ ଏଲିନା ୬-୧, ୬-୨ ସେଟ୍‌ରେ ୩ୟ ସିଡ୍ କୋକୋ ଗଫଙ୍କୁ ହରାଇ ବିପର୍ଯ୍ୟୟ ଘଟାଇଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS